R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୨୨
ତିଥି: ଦ୍ୱିତୀୟା
୧୮ ମେ ୨୦୨୬, ସୋମବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 222
18 May 2026, Monday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# କଳବଳ କରୁଛି ତାତି

- ଆର୍ଦ୍ରତା ଯୋଗୁ ବଢୁଛି ଗୁଳିଗୁଳି
- ୪୦ ଡିଗ୍ରୀ ଉପରେ ୧୧ ସହର ପାରଦ

ଭୁବନେଶ୍ୱର,୧୭।୫,(ସବ୍ୟୁ) : ରାଜ୍ୟରେ ତାତି ବୃଦ୍ଧି ପାଇଛି । ରବିବାର ୧୧ ସହରରେ ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ଆଭ୍ୟନ୍ତରରେ ବହୁ ଅଞ୍ଚଳର ପାରଦ ୪୦ ଉପରେ ରହିଥିବା ବେଳେ ଉପକୂଳରେ ଆର୍ଦ୍ରତା ବୃଦ୍ଧି ଯୋଗୁ ଅସହ୍ୟ ଗୁଳିଗୁଳି ନାକେଦମ କରିଛି । ଘରେ କିମ୍ବା ବାହାରେ ରହି ହେଉନି । ଶରୀରରୁ ଅନବରତ ଝାଳ ସୁଖୁନି । ଫଳରେ ଅଂଶୁଘାତ ଭୟ ବଢ଼ିଛି । ଆସନ୍ତା ସପ୍ତାହେ ଯାଏଁ ପାଗ ଏଭଳି ରହିପାରେ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ, ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ତାପମାତ୍ରା ଆହୁରି ବୃଦ୍ଧି ପାଇବ । ଦିନର ତାପମାତ୍ର ୨ରୁ ୩ ଡିଗ୍ରୀ ଯାଏଁ ବଢ଼ିବାରେ ସମ୍ଭାବନା ଅଛି । ଫଳରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ । ଦିନରେ ଝାଞ୍ଜି ମାଡ଼ ଲୋକଙ୍କୁ କଳବଳ କରିବ । ରାତ୍ରୀରେ ମଧ ଆର୍ଦ୍ରତା ବୃଦ୍ଧି ଯୋଗୁ ଗରମ ସହ ଗୁଳୁଗୁଳି ଅନୁଭୂତ ହେବ । ତେବେ କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ହେବାର ସମ୍ଭାବନା ଅଛି ।



ରବିବାର ବୌଦ୍ଧରେ ସର୍ବାଧିକ ତାପମାତ୍ର ୪୨.୯ ଡିଗ୍ରୀ ଥିବା ବେଳେ ଅନୁଗୁଳ ଓ ସୋନପୁରରେ ୪୨.୧ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ସେହିପରି ତାଳଚେରରେ ୪୧ ଡିଗ୍ରୀ, ଝାରସୁଗୁଡାରେ ୪୧.୪ ଡିଗ୍ରୀ, ସମ୍ବଲପୁରରେ ୪୧ ଡିଗ୍ରୀ, ନୟାଗଡ଼ରେ ୪୦.୪ ଡିଗ୍ରୀ, ହୀରାକୁଦରେ ୪୦.୫ ଡିଗ୍ରୀ, ଟିଟିଲାଗଡ଼ ଓ ଖୋର୍ଦ୍ଧାରେ ୪୦ ଡିଗ୍ରୀ ତାପମାତ୍ର ରହିଛି । ଭୁବନେଶ୍ୱରରେ ତାପମାତ୍ରା ୩୭.୭ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଆର୍ଦ୍ରତା ଅଧିକା ରହିବା ଯୋଗୁ ୪୫ ଡିଗ୍ରୀର ଅନୁଭୂତ ହୋଇଥିଲା ।

ଆସନ୍ତାକାଲି (ସୋମବାର) କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ସେହିପରି ମଙ୍ଗଳବାର ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡା, କୋରାପୁଟ ଓ ମାଲକାନାଗିରି ଜିଲ୍ଲା ପାଇଁ କାଳବୈଶାଖୀ ସତର୍କତା ଜାରି ହୋଇଛି । ଏହି ସବୁ ଜିଲ୍ଲା ଗୁଡିକରେ ଝଡ଼ତୋଫାନ ବର୍ଷା ସହ ପବନ ଘଣ୍ଟା ପ୍ରତି ୪୦ ଓ ୫୦ କିମି ରହିପାରେ । ତେବେ ୨୦ ତାରିଖରେ କାଳବୈଶାଖୀ ପ୍ରଭାବ ବଢ଼ିବ । ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ ଜିଲ୍ଲାକୁ କାଳବୈଶାଖୀ ବର୍ଷା ଲାଗି ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହି ସବୁ ଜିଲ୍ଲାରେ କାଳବୈଶାଖୀ ବର୍ଷାର ପ୍ରଭାବ ଅଧିକା ରହିବା ସହ ପବନ ଘଣ୍ଟା ପ୍ରତି ୫୦ରୁ ୬୦ କିମି ପ୍ରଭାହିତ ହେବ । ଏହାସହ ଝାରସୁଗୁଡା, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢ଼େଙ୍କାନାଳ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, କୋରାପୁଟ, ରାୟଗଡ଼ା, ମାଲକାନାଗିରି ଓ ଗଜପତି ଜିଲ୍ଲା ଲାଗି କାଳବୈଶାଖୀ ବର୍ଷା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ହର୍ମୁଜରେ ତୈଳ ଜାହାଜକୁ ଇରାନର ଟାର୍ଗେଟ

# ଜାତିସଂଘରେ ଅସନ୍ତୋଷ ପ୍ରକାଶ କଲା ଭାରତ






ନ୍ୟୁୟର୍କ,୧୭।୫: ମଧ୍ୟପ୍ରାଚ୍ୟ ସଂଘର୍ଷରୁ ସୃଷ୍ଟି ହୋଇଥିବା ତୈଳ ସଙ୍କଟ ଅନ୍ୟ ଦେଶଗୁଡ଼ିକ ପରି ଭାରତ ପାଇଁ ମଧ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଏହା ପେଟ୍ରୋଲ, ଡିଜେଲ ଏବଂ ସିଏନ୍ଜିର ମୂଲ୍ୟକୁ ପ୍ରଭାବିତ କରୁଛି । ହର୍ମୁଜ୍ ପ୍ରଣାଳୀରେ ଇରାନର ଆକ୍ରମଣ ଭାରତୀୟ ଜାହାଜ ପାଇଁ ମଧ ଅସୁବିଧା ସୃଷ୍ଟି କରିଛି । ଅନେକ ଥର, ଇରାନୀ ସେନା ତେଲ ଏବଂ ଗ୍ୟାସ ଟ୍ୟାଙ୍କର ପରିବହନ କରୁଥିବା ଭାରତୀୟ ଜାହାଜକୁ ଟାର୍ଗେଟ କରିଛି । ଭାରତ ଏହା ଉପରେ ପୂର୍ବରୁ ଆପତ୍ତି ପ୍ରକାଶ କରିସାରିଛି, କିନ୍ତୁ ଏଥର, ଜାତିସଂଘରେ ଭାରତର ପ୍ରତିନିଧି ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଭାରତର ସ୍ଥାୟୀ ପ୍ରତିନିଧି ପି. ହରିଶ ଜାତିସଂଘ ମଞ୍ଚରୁ କଡ଼ା ଶବ୍ଦରେ କହିଛନ୍ତି ଯେ, ଭାରତ ହର୍ମୁଜ୍ ପ୍ରଣାଳୀରେ ନିଜ ଜାହାଜ ଉପରେ ଆକ୍ରମଣକୁ ସହ୍ୟ କରିପାରିବ ନାହିଁ । ହର୍ମୁଜ୍ ପ୍ରଣାଳୀରେ ଭାରତୀୟ ଜାହାଜ ଉପରେ ଆକ୍ରମଣ ଉପରେ ତୀବ୍ର ଅସନ୍ତୋଷ ପ୍ରକାଶ କରି ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ପି. ହରିଶ କହିଛନ୍ତି, ବାଣିଜ୍ୟ ଜାହାଜକୁ ଟାର୍ଗେଟ କରିବା ଏବଂ ହର୍ମୁଜ୍ ପ୍ରଣାଳୀରେ ନୌପରିବହନ ବାଧାକୁ ଆମେ ସ୍ୱୀକାର କରିବୁ ନାହିଁ । ଭାରତ କହିଛି, ବିଶ୍ୱକୁ ଏହାର ଅଧିକାର ମିଳିବା ଉଚିତ ।

# କାଣ୍ଡଲାରେ ପହଞ୍ଚିଲା ଏଲ୍‌ପିଜି ବୋଝେଇ ଜାହାଜ

ନୂଆଦିଲ୍ଲୀ,୧୭।୫: ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ ମଧରେ ଗୁରୁତ୍ୱପୂର୍ଣ୍ଣ ହର୍ମୁଜ ପ୍ରଣାଳୀ ପାର କରି ଏକ ଏଲ୍ପିଜି ବୋଝେଇ ଜାହାଜ କାଣ୍ଡଲାର ଦୀନଦୟାଲ ବନ୍ଦରରେ ପହଞ୍ଚିଛି । ସେଥିରେ ୨୦ ହଜାର ଟନ୍ର ତରଳ ପ୍ରୋପେନ୍ ଓ ବ୍ୟୁଟେନ୍ ରହିଛି ଯାହା ଏଲ୍ପିଜି ଗ୍ୟାସର ପରିଣତ ହେବ । ଶ୍ୟାମି ନାମକ ମାର୍ସଲ ଦ୍ୱୀପର ଏହି ଜାହାଜ ଚଳିତ ମାସ ୧୩ରେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଥିଲା । ସେଥିରେ ୨୧ ଜଣ କ୍ରୁ ସଦସ୍ୟ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଆଠ ଜଣ ୟୁକ୍ରେନ ଓ ୧୩ ଜଣ ଫିଲିପାଇନ୍ସର ନାଗରିକ ।ଯୁଦ୍ଧ ପାଇଁ ହର୍ମୁଜ ପ୍ରଣାଳୀ ଉପରେ ତୀକ୍ଷ୍ଣ ନଜର ରଖାଯାଇଥିବା ବେଳେ ଏହା ହେଉଛି ଏକାଦଶତମ ଜାହାଜ ଯାହା ଆଗକୁ ବଢ଼ିଛି ।ଜାହାଜ ଚଳାଚଳ ମହାନିର୍ଦ୍ଦେଶାଳୟ ଏବଂ ବୈଦେଶିକ ବ୍ୟାପାର, ପ୍ରତିରକ୍ଷା, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ମିଳିତ ଉଦ୍ୟମରେ ଏହି ଜାହାଜ ଭାରତରେ ଆସି ପହଞ୍ଚିପାରିଛି । ସାରା ବିଶ୍ୱରେ ଶକ୍ତି ସଙ୍କଟ ଏବେ ଗମ୍ଭୀର ରୂପ ଧାରଣ କରିଥିବା ବେଳେ ଏହି ଜାହାଜ ଆସିବା ଭାରତ ପାଇଁ ଗୁରୁତ୍ୱପୂର୍ଣ୍ଣ ଆଶ୍ୱସ୍ତି ଆଣିଦେଇଛି । ମଧ୍ୟପ୍ରାଚ୍ୟ ସଙ୍କଟ ପାଇଁ ଗତ ୭୫ ଦିନ ଧରି ତୈଳ ଯୋଗାଣ ପ୍ରଭାବିତ ହୋଇଛି । ଫଳରେ ଦେଶରେ ଗଚ୍ଛିତ ତୈଳ ଭଣ୍ଡାରରେ ୧୫ ପ୍ରତିଶତର ହ୍ରାସ ଘଟିଛି ।ଚଳିତ ବର୍ଷ ଫେବ୍ରୁଆରିରେ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଦେଶରେ ୧୦୭ ନିୟୁତ ବ୍ୟାରେଲ୍ ତେଲ ଗଚ୍ଛିତ ଥିଲା । ବର୍ତ୍ତମାନ ତାହା ୯୧ ନିୟୁତ ବ୍ୟାରେଲ୍କୁ ହ୍ରାସ ପାଇଛି । ଏହି ସବୁ ତେଲ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ, ବିଶୋଧନାଗାର ଓ ବାଣିଜ୍ୟିକ



ସଂରକ୍ଷଣ ସ୍ଥଳଗୁଡ଼ିକରେ ରହିଛି । ବର୍ତ୍ତମାନ ଦେଶରେ ଦିନକୁ ୫ ନିୟୁତ ବ୍ୟାରେଲ୍ ତେଲ ବ୍ୟବହାର ହେଉଛି । ସେହି ହିସାବ ଅନୁସାରେ ଦେଶରେ ଯେତିକି ତେଲ ଅଛି ତାହା ୧୮ ଦିନର ଆବଶ୍ୟକତା ପୂରଣ କରିପାରିବ । ଆମଦାନି ହ୍ରାସ ସତ୍ତ୍ୱେ ତୈଳ ବିଶୋଧନାଗାରଗୁଡ଼ିକରେ ବିଶୋଧନ ଅବ୍ୟାହତ ରହିଛି । ଯଦି ଯୁଦ୍ଧ ଆହୁରି ଚାଲିବ ତେବେ ସେମାନଙ୍କୁ ଉତ୍ପାଦନ ହ୍ରାସ କରିବାକୁ ପଡ଼ିପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି ।

## ଭାରତ- ନେଦରଲ୍ୟାଣ୍ଡ ମିଳିତ ବିବୃତ୍ତି

# ରଣନୈତିକ ସହଭାଗିତାର ରୋଡମ୍ୟାପକୁ ସ୍ୱୀକୃତି

ନୂଆଦିଲ୍ଲୀ,୧୭।୫: ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ରବ ଜେଟେନଙ୍କ ନିମନ୍ତ୍ରଣ କ୍ରମେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୬-୧୭ ମେ ୨୦୨୬ ରେ ନେଦରଲ୍ୟାଣ୍ଡକୁ ସରକାରୀ ଗସ୍ତ କରିଥିଲେ । ଏହା ପ୍ରଧାନମନ୍ତ୍ରୀ ମୋଦୀଙ୍କର ନେଦରଲ୍ୟାଣ୍ଡକୁ ଦ୍ୱିତୀୟ ଗସ୍ତ ଥିଲା ।

୧୬ ମେ ସକାଳେ, ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ହେଗ୍ର ରାଜପ୍ରାସାଦ ହୁଇସ୍ ଟେନ୍ ବୋଶ୍ରେ ନେଦରଲ୍ୟାଣ୍ଡର ମହାରାଜ ୱିଲେମ୍ ଆଲେକଜାଣ୍ଡର ଏବଂ ମହାରାଣୀ ମ୍ୟାକ୍ସିମା ଏକ ଦ୍ୱିପାକ୍ଷିକ ବୈଠକ ପାଇଁ ଆତିଥ୍ୟ ଦେଇଥିଲେ । ନେଦରଲ୍ୟାଣ୍ଡର ମହାରାଜ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପାଇଁ ଏକ ମଧାହ୍ନ ଭୋଜନ ମଧ ଆୟୋଜନ କରିଥିଲେ । ନେଦରଲ୍ୟାଣ୍ଡର ପ୍ରଧାନମନ୍ତ୍ରୀ ଜେଟେନ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ପ୍ରତିବନ୍ଧିତ ତଥା ପ୍ରତିନିଧିସ୍ତରୀୟ ଆଲୋଚନା ପାଇଁ ସାକ୍ଷାତ କରିଥିଲେ, ତା'ପରେ ୧୬ ମଇ ସନ୍ଧ୍ୟାରେ ଏକ ରାତ୍ରୀଭୋଜନ ଅନୁଷ୍ଠିତ ହୋଇଥିଲା । ଉଭୟ ପ୍ରଧାନମନ୍ତ୍ରୀ ଦୁଇ ଦେଶ ମଧ୍ୟରେ ଦୀର୍ଘକାଳୀନ ଏବଂ ଐତିହାସିକ ବାଣିଜ୍ୟ ସମ୍ପର୍କ, ଗଭୀର ଜନ ସମ୍ପର୍କ ଏବଂ ଦୃଢ଼ ଦ୍ୱିପାକ୍ଷିକ ସମ୍ପର୍କକୁ ମନେ ପକାଇଥିଲେ ଏବଂ ଏହି ବହୁମୁଖୀ ସମ୍ପର୍କକୁ ଆହୁରି ବିସ୍ତାର ଏବଂ ଗଭୀର କରିବା ପାଇଁ ସେମାନଙ୍କର ଇଚ୍ଛା ପ୍ରକାଶ କରିଥିଲେ । ଏହି ପରିପ୍ରେକ୍ଷୀରେ, ଉଭୟ ନେତା ଗତ କିଛି ବର୍ଷ ଧରି ନିୟମିତ ( ୯ ପୃଷ୍ଠାରେ)



# କୁଖ୍ୟାତ ଅପରାଧୀକୁ ଏନ୍‌କାଉଣ୍ଟର, ୩ ସହଯୋଗୀ ଗିରଫ

ସମ୍ବଲପୁର,୧୭।୫,(ସବ୍ୟୁ) : ସମ୍ବଲପୁର ଜିଲ୍ଲା ବୁର୍ଲା ଥାନା ଅଞ୍ଚଳରେ ପୋଲିସ ଏନ୍କାଉଣ୍ଟରରେ ଜଣେ କୁଖ୍ୟାତ ଅପରାଧି ଆହତ ହୋଇଛି । ଏଥିସହ ୩ଜଣ ସହଯୋଗୀଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କ ଠାରୁ ଗୋଟିଏ ପିସ୍ତଲ, ଗୋଟିଏ ଜୀବନ୍ତ ଗୁଳି, ୩ଟି ଖାଲି ଖୋକା, ଗୋଟିଏ କାର, ୫ଟି ମୋବାଇଲ ଫୋନ୍ ଓ ୧୦ କାର୍ଟୁନ୍ କୋରେକ୍ସ ଜବତ ହୋଇଛି । ଏନେଇ ୨୩୧/୨୬ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ବୁର୍ଲା ଥାନା ପୋଲିସ ପକ୍ଷରୁ ପ୍ଲାନଟୋରିୟମ ଛକ ନିକଟରେ ରବିବାର ସକାଳେ ଯାନବାହାନ ଯାଞ୍ଚ କରାଯାଉଥିଲା । ଏହି ସମୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପାଶର୍ବରୁ ଏକ ସ୍ୱିଫଟ କାର ଗାଡି ନମ୍ବର( ଓଡ଼ି୧୫ଏସି-୩୦୧୮) ଦ୍ରୁତ ଗତି ଆସୁଥିବା ବେଳେ ପୋଲିସ ପକ୍ଷରୁ ଅଟକାଇବାକୁ ସଙ୍କେତ ଦିଆଯାଇଥିଲା । ମାତ୍ର କାରଟି ନଅଟକି ଡାଇକ୍ ରାସ୍ତା ଆଡ଼କୁ ପଳାଇ ଯାଇଥିଲା । ପୋଲିସ ଟିମ କାରକୁ ଅନୁସରଣ କରି ଫିସେରୀ ଛକ ନିକଟରେ ଅଟକାଇଥିଲା । ଏଭଳିସ୍ଥଳେ ଜଣେ ଅଭିଯୁକ୍ତ କାରରୁ ଡେଇଁ ପଳାଇବା ସହ ପୋଲିସ ଉପରକୁ ତିନି ରାଉଣ୍ଡ ଗୁଳି ଚଳାଇଥିଲା । ଆତ୍ମରକ୍ଷା ପାଇଁ ପୋଲିସ ମଧ ଦୁଇ ରାଉଣ୍ଡ ପାଲଟା ଗୁଳି ଚାଳନା କରିଥିଲା । ଫଳରେ ( ୯ ପୃଷ୍ଠାରେ )



# କନିଷ୍ଠ ଯନ୍ତ୍ରୀ, ସହଯୋଗୀଙ୍କୁ ବାନ୍ଧିଲା ଭିଜିଲାନ୍ସ

ଭାପୁର,୧୭।୫,(ସବ୍ୟୁ) : ନୟାଗଡ଼ର ଭାପୁର ଆରଡବ୍ଲ୍ୟୁ ସେକ୍ସନର କନିଷ୍ଠ ଯନ୍ତ୍ରୀ କେଶବ ସୁବୁଦ୍ଧି ଏବଂ ତାଙ୍କ ସହଯୋଗୀ ଆଶୁତୋଷ ବଳିଆରସିଂଙ୍କୁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି । ନୟାଗଡ଼ ଜିଲାର ଖଣ୍ଡପଡ଼ା ଅଞ୍ଚଳରେ ୨୦୨୧-୨୨ ବର୍ଷ ପାଇଁ ଏମଏମଏସଓ୍ୱାୟି (ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା) ଅନ୍ତର୍ଗତ ନିର୍ମାଣ ଏବଂ ରକ୍ଷଣାବେକ୍ଷଣ କାମର ବିଲ କ୍ଲିୟରିଂ ଏବଂ ସିକ୍ୟୁରିଟି ଜମା ଫେରସ୍ତ କରିବା ପାଇଁ ଶିବ ପ୍ରସାଦ ଖଣ୍ଡା ନାମକ ଜଣେ ଠିକାଦାରଙ୍କ ଠାରୁ ୧ଲକ୍ଷ୩୬ ହଜାର ଟଙ୍କା ଲାଞ୍ଚ ନେଉଥିବା ସମୟରେ ଓଡ଼ିଶା ଭିଜିଲାନ୍ସ ଗିରଫ କରିଛି ।ସରକାରଙ୍କ ସର୍ତ୍ତ ଅନୁଯାୟୀ, ରକ୍ଷଣାବେକ୍ଷଣ ଅବଧି ସମାପ୍ତ ହେବା ପରେ ସୁରକ୍ଷା ଜମା ସହିତ ପ୍ରାରମ୍ଭିକ ସୁରକ୍ଷା ଜମା (ଆଇଏସଡ଼ି) ଠିକାଦାରଙ୍କୁ ଫେରସ୍ତ କରାଯାଏ । ଏହା ବ୍ୟତୀତ ରକ୍ଷଣାବେକ୍ଷଣ କାର୍ଯ୍ୟ ପାଇଁ ମାପ ନିଆ ନ ଗଲେ ଆଇଏସଡ଼ି ଏବଂ ସୁରକ୍ଷା ଜମା ବାଜ୍ୟାପ୍ତ ହୋଇଯାଏ । ଠିକାଦାର ଗତ ୩/୪ ମାସ ଧରି ରକ୍ଷଣାବେକ୍ଷଣ କାର୍ଯ୍ୟ ସମାପ୍ତ ହେବା ପରେ ଅଭିଯୁକ୍ତ ସୁବୁଦ୍ଧିଙ୍କୁ ମାପ ନେବାକୁ ଏବଂ ତାଙ୍କ ସପକ୍ଷରେ ସୁରକ୍ଷା ଟଙ୍କା ପ୍ରଦାନ କରିବାକୁ ଅନୁରୋଧ କରି ଆସୁଥିଲେ । କିନ୍ତୁ ସୁବୁଦ୍ଧି ଠିକାଦାର ( ୯ ପୃଷ୍ଠାରେ)





## ପାକିସ୍ତାନକୁ ଭାରତର ତାଗିଦ

# ଶିବିର ସଂଯମତା ରକ୍ଷା କର

ନୂଆଦିଲ୍ଲୀ,୧୭।୫: ଭାରତୀୟ ସେନା ମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ଏକ ଶାଣିତ ବୟାନ ପଡ଼ୋଶୀ ପାକିସ୍ତାନ ସେନାକୁ ଗଭୀର ଭାବେ ବିଚଳିତ କରିଦେଇଛି । ଶନିବାର ନୂଆଦିଲ୍ଲୀରେ ଆୟୋଜିତ ଏକ ଆଲୋଚନା ଚକ୍ରରେ 'ଅପରେସନ୍ ସିନ୍ଦୂର' ଭଳି ପରିସ୍ଥିତିର ପୁନରାବୃତ୍ତି ଓ ଆତଙ୍କବାଦକୁ ପାକିସ୍ତାନର ସମର୍ଥନ ପ୍ରସଙ୍ଗରେ ଜେନେରାଲ ଦ୍ୱିବେଦୀ ଏକ ସ୍ପଷ୍ଟ ଚେତାବନୀ ଦେଇଥିଲେ । ସେ କହିଥିଲେ ଯେ ପାକିସ୍ତାନକୁ ଏବେ ନିଷ୍ପତ୍ତି ନେବାକୁ ହେବ ଯେ ସେ 'ଭୂଗୋଳର ଏକ ଅଂଶ ହୋଇ ରହିବାକୁ ଚାହୁଁଛି ନା ନିଜେ ଏକ ଇତିହାସ ପାଲଟିଯିବାକୁ ଚାହୁଁଛି' । ଭାରତୀୟ ଜେନେରାଲଙ୍କ ଏହି କଡ଼ା ତାଗିଦ୍ ପରେ ସବୁବେଳେ ପରି ପାକିସ୍ତାନ ପୁଣି ଥରେ ନିଜର ପରମାଣୁ ଶକ୍ତିର ଦାମ୍ଭିକତା ଦେଖାଇବା ଆରମ୍ଭ କରିଛି ।ପାକିସ୍ତାନୀ ଗଣମାଧମ 'ଡନ୍'ର ରିପୋର୍ଟ ଅନୁଯାୟୀ, ପାକିସ୍ତାନ ସେନାର ଜନସମ୍ପର୍କ ବିଭାଗ ରବିବାର ଏକ ବିବୃତ୍ତି ଜାରି କରି ଜେନେରାଲ ଦ୍ୱିବେଦୀଙ୍କ ବକ୍ତବ୍ୟକୁ ଏକ ଉତ୍ତେଜନାପୂର୍ଣ୍ଣ ବୟାନ ବୋଲି କହିଛି । ଏଥିସହ ଭାରତର ଏହି ଆଭିମୁଖ୍ୟ ଦକ୍ଷିଣ ଏସିଆକୁ ଏକ ବଡ଼ ସଂଘର୍ଷ ଆଡ଼କୁ ଠେଲି ଦେଉଛି ଏବଂ ଏହାର ପରିଣାମ 'ବିନାଶକାରୀ' ହେବ ବୋଲି ପାକିସ୍ତାନ ଧମକପୂର୍ଣ୍ଣ ସ୍ୱରରେ କହିଛି । ନିଜକୁ ଏକ ଘୋଷିତ ପରମାଣୁ ଶକ୍ତି ସମ୍ପନ୍ନ ରାଷ୍ଟ୍ର ବୋଲି ଦାବି କରି ଜନସମ୍ପର୍କ ବିଭାଗ କହିଛି ଯେ ଯଦି ପାକିସ୍ତାନ ଉପରେ ଆକ୍ରମଣ ହୁଏ, ତେବେ ଉଭୟ ପକ୍ଷର ବ୍ୟାପକ କ୍ଷତି ହେବ । ବିଶ୍ୱ ଆତଙ୍କବାଦର ଭୂସ୍ୱର୍ଗ ଏବଂ ମିଛ ଖବର ପ୍ରସାର କରିବାରେ ମାହିର ଥିବା ପାକିସ୍ତାନ ଓଲଟା ଭାରତ ଉପରେ ଅସ୍ଥିରତା ସୃଷ୍ଟିର ଭିତ୍ତିହୀନ ଅଭିଯୋଗ ଆଣି ସଂଯମତା ଓ ରଣନୈତିକ ସନ୍ତୁଳନ ରକ୍ଷା କରିବାକୁ କହିଛି, ଯାହା ଅତ୍ୟନ୍ତ ହାସ୍ୟାସ୍ପଦ ମନେହେଉଛି ।

# ସିଏନ୍‌ଜି ଦର ଦୁଇ ଟଙ୍କା ବଢ଼ିଲା

ଭୁବନେଶ୍ୱର( ସବ୍ୟୁ) :ପୋଟ୍ରୋଲ, ଡିଜେଲ ପରେ ଏବେ ମହଙ୍ଗା ହେଲା ସିଏନଜ । କେଜି ପିଛା ଏକାଥରକେ ୨ଟଙ୍କା ବଢ଼ିଛି । ଏହାକୁ ନେଇ ଚିନ୍ତାରେ ଗ୍ରାହକ । ତେଲ ସଂକଟ ପରେ ପେଟ୍ରୋଲ ଓ ଡିଜେଲ ପାଇଁ ପମ୍ପରେ ଲାଇନ ଲଗାଇ ହନ୍ତସନ୍ତ ହୋଇଥିଲେ ଗ୍ରାହକ । ଏହାରି ଭିତରେ ପେଟ୍ରୋଲ ଓ ଡିଜେଲର ଦାମ ୩ଟଙ୍କା ବଢ଼ିଛି । ଏହାକୁ ନେଇ ଗ୍ରାହକ ଅସନ୍ତୋଷ ପ୍ରକାଶ କରିଥିଲେ । ଏବେ ସିଏନଜି ଦର ବୃଦ୍ଧି ଗ୍ରାହକଙ୍କ ଚିନ୍ତା ବଢ଼ାଇ ଦେଇଛି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ଅଶୋଧିତ ତୈଳ ଦର ବଢ଼ିଛି । ଫଳରେ ତୈଳ କମ୍ପାନୀ ଦର ବୃଦ୍ଧି କରିଛନ୍ତି । ଏହାର ସିଧାସଳଖ ପ୍ରଭାବ ଗ୍ରାହକଙ୍କ ଉପରେ ପଡୁଛି । ପ୍ରଥମେ ରନ୍ଧନ ଗ୍ୟାସ ଦର ବୃଦ୍ଧି ହୋଇଥିଲା । ( ୯ ପୃଷ୍ଠାରେ)

# ଇବୋଲା ସଂକ୍ରମଣ ଭୟ : ଜରୁରୀ ପରିସ୍ଥିତି ଘୋଷଣା କଲା 'ହୁ'

ନ୍ୟୁୟର୍କ,୧୭।୫: ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍ଓ) କଙ୍ଗୋ ଏବଂ ଉଗାଣ୍ଡାରେ ଦ୍ରୁତ ଗତିରେ ବ୍ୟାପିଥିବା ଇବୋଲା ସଂକ୍ରମଣକୁ ଏକ ବିଶ୍ୱ ସ୍ୱାସ୍ଥ୍ୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛି । ଉଭୟ ଦେଶରେ କ୍ରମାଗତ ଭାବରେ ବଢୁଥିବା ମାମଲା ଏବଂ ମୃତ୍ୟୁକୁ ଦୃଷ୍ଟିରେ ରଖି ଡବ୍ଲୁଏଚ୍ଓ ଏହି ନିଷ୍ପତ୍ତି ନେଇଛି । ଯଦିଓ ସ୍ୱାସ୍ଥ୍ୟ ସଂଗଠନ କହିଛି ଯେ, ବର୍ତ୍ତମାନ ପରିସ୍ଥିତି ଏପରି ନୁହେଁ ଯେ ଏହାକୁ ମହାମାରୀ ଭାବରେ ବିବେଚନା କରାଯାଇପାରିବ, କିନ୍ତୁ ଏହା ନିଶ୍ଚିତ ଭାବରେ ସମଗ୍ର ବିଶ୍ୱ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି । ରିପୋର୍ଟ ଅନୁଯାୟୀ, କଙ୍ଗୋର ଇଟୁରି ପ୍ରଦେଶର ପରିସ୍ଥିତି ସବୁଠାରୁ ଖରାପ ବୋଲି ରିପୋର୍ଟ କରାଯାଇଛି । ବୁନିଆ, ରୱାମ୍ପାରା ଏବଂ ମୋଙ୍ଗବୱାଲୁ ଭଳି ଅଞ୍ଚଳରେ ଏପର୍ଯ୍ୟନ୍ତ ପ୍ରାୟ ୮୦ ଜଣଙ୍କର ମୃତ୍ୟୁ ସନ୍ଦେହଜନକ ବୋଲି ରିପୋର୍ଟ କରାଯାଇଛି । ଏହା ସହିତ, ଅନେକ ଲୋକଙ୍କ ମଧ୍ୟରେ ସଂକ୍ରମଣର ଲକ୍ଷଣ ଦେଖାଯାଇଛି, ଯାହା ମଧ୍ୟରୁ କିଛି ଲୋକଙ୍କ ନମୁନା ଲ୍ୟାବ୍ ପରୀକ୍ଷା ଦ୍ୱାରା ପଜିଟିଭ୍ ଆସିଛି । ସେମାନେ ଆକ୍ରାନ୍ତ ବୋଲି ନିଶ୍ଚିତ ହୋଇଛି । ଅଧିକ ଚିନ୍ତାର ବିଷୟ ହେଉଛି ଯେ, ସ୍ୱାସ୍ଥ୍ୟସେବା କର୍ମୀମାନେ ମଧ ଏହି ଭାଇରସ ଦ୍ୱାରା ପ୍ରଭାବିତ ହେଉଛନ୍ତି, ଏପର୍ଯ୍ୟନ୍ତ ଚାରି ଜଣ ସ୍ୱାସ୍ଥ୍ୟସେବା କର୍ମଚାରୀଙ୍କ ମୃତ୍ୟୁ ହୋଇଛି । କଙ୍ଗୋ ପରେ, ଏହି ଭାଇରସ୍ ଉଗାଣ୍ଡାରେ ମଧ ପହଞ୍ଚିଛି । ଏପର୍ଯ୍ୟନ୍ତ, ଉଗାଣ୍ଡାର ରାଜଧାନୀ କାମ୍ପାଲାରେ ଦୁଇଜଣ ସଂକ୍ରମିତ ରୋଗୀ ମିଳିଛନ୍ତି । ଯଦିଓ ପ୍ରାଥମିକ ସୂଚନା ଅନୁଯାୟୀ ଉଭୟ ବ୍ୟକ୍ତି କଙ୍ଗୋରୁ ଯାତ୍ରା କରିଥିଲେ, ସେମାନଙ୍କ ମଧ୍ୟରେ କୌଣସି ସିଧାସଳଖ ସମ୍ପର୍କ ନାହିଁ । ଡାକ୍ତରମାନେ ସନ୍ଦେହ କରୁଛନ୍ତି ଯେ, ଏହି ସଂକ୍ରମଣ ପାଇଁ ବୁଣ୍ଡିବୁଗ୍ୟୋ ଭାଇରସ ଦାୟୀ ହୋଇପାରେ । ଇବୋଲାକୁ ଏକ ଅତ୍ୟନ୍ତ ବିପଦପୂର୍ଣ୍ଣ ରୋଗ ଭାବରେ ବିବେଚନା କରାଯାଏ, ଏହା ସଂକ୍ରମିତ ବ୍ୟକ୍ତିଙ୍କ ରକ୍ତ, ଝାଳ, ବାନ୍ତି କିମ୍ବା ଅନ୍ୟାନ୍ୟ ଶରୀର ତରଳ ପଦାର୍ଥ ସହିତ ସଂସ୍ପର୍ଶରେ ଆସି ବ୍ୟାପିଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏବେ ଅନ୍ତର୍ଜାତୀୟ ସ୍ତରରେ ପରିସ୍ଥିତି ଉପରେ ନଜର ରଖିଛି । ସଂକ୍ରମଣର ପ୍ରସାରକୁ ରୋକିବା ପାଇଁ ରଣନୀତି ପ୍ରସ୍ତୁତ କରିବା ପାଇଁ ବିଭିନ୍ନ ଦେଶ ସହିତ କାମ କରିବା ପାଇଁ ଖୁବ୍ ଶୀଘ୍ର ଡବ୍ଲୁଏଚ୍ଓ ( ୯ ପୃଷ୍ଠାରେ)



# ଅନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ



ଆମର ଅତୀତର ଗୌରବମୟ ଇତିହାସ, ସଂସ୍କୃତି, କଳା ଏବଂ ସଭ୍ୟତାର ଅମୂଲ୍ୟ ସମ୍ପଦକୁ ସାଇତି ରଖୁଥିବା ସଂଗ୍ରହାଳୟଗୁଡ଼ିକର ମହତ୍ତ୍ୱକୁ ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ମେ' ୧୮ ତାରିଖକୁ ସମଗ୍ର ବିଶ୍ୱରେ 'ଆନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ' ଭାବେ ବହୁ ଉତ୍ସାହର ସହ ପାଳନ କରାଯାଉଛି । ୧୯୭୭ ମସିହାରେ 'ଆନ୍ତର୍ଜାତୀୟ ସଂଗ୍ରହାଳୟ ପରିଷଦ' ଦ୍ୱାରା ଏହି ଦିବସ ପାଳନର ଶୁଭାରମ୍ଭ କରାଯାଇଥିଲା । ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସମାଜର ବିକାଶ, ସାଂସ୍କୃତିକ ଆଦାନପ୍ରଦାନ ଏବଂ ବିଭିନ୍ନ ସମୁଦାୟ ମଧ୍ୟରେ ପାରସ୍ପରିକ ବୁଝାମଣା ଓ ଶାନ୍ତି ପ୍ରତିଷ୍ଠା ଦିଗରେ ସଂଗ୍ରହାଳୟଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା । ସଂଗ୍ରହାଳୟଗୁଡ଼ିକ କେବଳ ପୁରୁଣା ଜିନିଷ ରଖିବାର ସ୍ଥାନ ନୁହଁନ୍ତି, ବରଂ ଏହା ଆମ ପୂର୍ବପୁରୁଷଙ୍କ ଜ୍ଞାନକୌଶଳ ଓ ଜୀବନଶୈଳୀର ପ୍ରେରଣାଦାୟୀ ଦର୍ପଣ ଏବଂ ଆଗାମୀ ପିଢ଼ି ପାଇଁ ଶିକ୍ଷାର ଏକ ମାଧ୍ୟମ ହୋଇଥିବାରୁ ଏହି ଦିବସର ତାତ୍ପର୍ଯ୍ୟ ଅତି ବ୍ୟାପକ । ପ୍ରତିବର୍ଷ ଏକ ନିର୍ଦ୍ଦିଷ୍ଟ 'ଥିମ୍'କୁ ନେଇ ଏହି ଦିବସ ପାଳିତ ହୋଇଥାଏ । ଏହି ଅବସରରେ ବିଶ୍ୱର ପ୍ରାୟ ସମସ୍ତ ପ୍ରମୁଖ ସଂଗ୍ରହାଳୟରେ ସାଧାରଣ ଜନତା ଓ ବିଶେଷ କରି ଛାତ୍ରଛାତ୍ରୀମାନଙ୍କ ପାଇଁ ମାଗଣା ପ୍ରବେଶ ସୁବିଧା ଯୋଗାଇ ଦିଆଯାଇଥାଏ । ସଂଗ୍ରହାଳୟଗୁଡ଼ିକ ପକ୍ଷରୁ ସ୍ୱତନ୍ତ୍ର ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ, କଳା ଉତ୍ସବ, ଆଲୋଚନାଚକ୍ର, କାହାଣୀ କହିବା ପ୍ରତିଯୋଗିତା ଏବଂ ଗାଇଡେଡ୍ ଟୁର୍ ବା ସଂଗ୍ରହାଳୟ ପରିକ୍ରମାର ଆୟୋଜନ କରାଯାଏ । ଯାହା ଲୋକଙ୍କୁ ସେମାନଙ୍କ ଜେଜେବାପା-ଜେଜେମା'ଙ୍କ ସମୟର ଇତିହାସ ସହ ସିଧାସଳଖ ଯୋଡ଼ିବାର ସୁଯୋଗ ଦେଇଥାଏ । ଆଧୁନିକ ଡିଜିଟାଲ୍ ଯୁଗରେ ଅନେକ ସଂଗ୍ରହାଳୟ ଏବେ 'ଭର୍ଚୁଆଲ୍ ଟୁର୍'ର ମଧ୍ୟ ବ୍ୟବସ୍ଥା କରୁଛନ୍ତି, ଯାହାଦ୍ୱାରା ଘରେ ବସି ମଧ୍ୟ ଲୋକେ ବିଶ୍ୱର ବିଭିନ୍ନ ପ୍ରାନ୍ତର ଐତିହ୍ୟକୁ ଦେଖିପାରୁଛନ୍ତି । ତେଣୁ, ଆନ୍ତର୍ଜାତୀୟ ସଂଗ୍ରହାଳୟ ଦିବସ କେବଳ ଏକ ଔପଚାରିକ ପାଳନ ନୁହେଁ, ବରଂ ଏହା ଆମର ସାଂସ୍କୃତିକ ମୂଳଦୁଆକୁ ସୁରକ୍ଷିତ ରଖିବା ଏବଂ ବିଶ୍ୱ ଐତିହ୍ୟର ସଂରକ୍ଷଣ ପାଇଁ ସମସ୍ତଙ୍କୁ ସଂକଳ୍ପବଦ୍ଧ ହେବାକୁ ଆହ୍ୱାନ ଦେଇଥାଏ ।

## ହାଃହାଃ

ଡାକ୍ତର: ଆପଣଙ୍କୁ ରୋଗରୁ ବଞ୍ଚିବାକୁ ହେଲେ ସମସ୍ତଙ୍କଠାରୁ ଦୂରତା ରଖିବାକୁ ପଡ଼ିବ ।
ରୋଗୀ: ସାର୍, ତାହା ତ ମୁଁ ସବୁବେଳେ କରେ ।
ଡାକ୍ତର: କେମିତି?
ରୋଗୀ: ମୁଁ ସମସ୍ତଙ୍କୁ ଟଙ୍କା ଧାର ମାଗିବା ଆରମ୍ଭ କରିଦିଏ, ଲୋକେ ଆପେ ଆପେ ମୋଠାରୁ ଦୂରେଇ ଯାଆନ୍ତି ।





## ଦର୍ଶକଙ୍କ ଦାବି

ପ୍ରଖ୍ୟାତ ଚଳଚ୍ଚିତ୍ର ନିର୍ମାତା ମୀରା ନାୟାର୍ ନିକଟରେ ଜଣାଶୁଣା ଚିତ୍ରଶିଳ୍ପୀ ଅମୃତା ଶେରଗିଲ୍‌ଙ୍କ ଜୀବନୀ ଉପରେ ଆଧାରିତ ତାଙ୍କର ନୂଆ ଫିଲ୍ମ 'ଅମିରୀ'ର ଘୋଷଣା କରିଥିଲେ । ବିଗତ ଅନେକ ବର୍ଷ ଧରି ଅମୃତା ପ୍ରୀତମଙ୍କ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକର ଜୀବନୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ କରିବାକୁ ବଲିଉଡର ପ୍ରତିଷ୍ଠିତ ନିର୍ମାତାମାନେ ଚେଷ୍ଟା କରିଆସୁଛନ୍ତି । ତେବେ ବିଶିଷ୍ଟ ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଂସାଲୀ ଏହାକୁ ନିଜର ଏକ ଡ୍ରିମ୍ ପ୍ରୋଜେକ୍ଟ ଭାବେ ଗ୍ରହଣ କରି 'ଗୁସ୍ତାଖିୟାଁ' ନାମରେ ଏକ ସ୍କ୍ରିପ୍ଟ ଉପରେ ଦୀର୍ଘ ସମୟ ଧରି କାମ କରୁଥିଲେ । ଏହି ପ୍ରୋଜେକ୍ଟ ପାଇଁ ପ୍ରଥମେ ଐଶ୍ୱର୍ଯ୍ୟା ରାୟ ବଚ୍ଚନ ଏବଂ ପରେ କରିନା କପୁର ଖାନଙ୍କ ନାମ ମଧ୍ୟ ସାମ୍ନାକୁ ଆସିଥିଲା । କିନ୍ତୁ ମୁଖ୍ୟ ନାୟକ ଚୟନ ଓ ଡେଟ୍‌ସ ସମସ୍ୟା କାରଣରୁ ଏହି ପ୍ରୋଜେକ୍ଟ ଆଗକୁ ବଢ଼ିପାରିନଥିଲା । ଏହା ବ୍ୟତୀତ ନିର୍ଦ୍ଦେଶକ ଜସମୀତ୍ କେ. ରୀନ ମଧ୍ୟ ଅମୃତା ପ୍ରୀତମ ଏବଂ ସାହିର ଲୁଧିଆନଭୀଙ୍କ ଅପୂର୍ଣ୍ଣ ପ୍ରେମ କାହାଣୀ ଉପରେ କାର୍ଯ୍ୟ ଆରମ୍ଭ କରିଥିଲେ, ଯାହାକୁ ଶାହରୁଖ ଖାନଙ୍କ 'ରେଡ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ' ପ୍ରଯୋଜନା କରିବା ସହ ନିଜେ ଶାହରୁଖ ସାହିରଙ୍କ ଚରିତ୍ରରେ ଏବଂ ପ୍ରିୟଙ୍କା ଚୋପ୍ରା ଜୋନାସ ଅମୃତା ପ୍ରୀତମଙ୍କ ମୁଖ୍ୟ ଚରିତ୍ରରେ ଅଭିନୟ କରିବା ନେଇ ଜୋରଦାର ଚର୍ଚ୍ଚା ହେଉଥିଲା । ସମୀକ୍ଷକଙ୍କ ମତରେ, ଅମୃତା ପ୍ରୀତମଙ୍କ ଜୀବନରେ ଥିବା ପ୍ରେମ, ଯନ୍ତ୍ରଣା, ବିଦ୍ରୋହ ଏବଂ ସାହିତ୍ୟର ଅପୂର୍ବ ମିଶ୍ରଣ, ବିଶେଷ କରି ସାହିର ଲୁଧିଆନଭୀଙ୍କ ପ୍ରତି ତାଙ୍କର ଅହେତୁକ ଭଲପାଇବା ଏବଂ ପରବର୍ତ୍ତୀ ସମୟରେ ଇମରୋଜଙ୍କ ସହ ତାଙ୍କର ସମ୍ପର୍କ ସିନେମା ଜଗତ ସହ ଦର୍ଶକଙ୍କ ପାଇଁ ଅତ୍ୟନ୍ତ ଆକର୍ଷଣୀୟ ସାବ୍ୟସ୍ତ ହେବ । ତେବେ ବର୍ତ୍ତମାନ ମୀରା ନାୟାର୍‌ଙ୍କ ଘୋଷଣା ପୁଣି ଚର୍ଚ୍ଚାର ବିଷୟ ପାଲିଛି । ତେବେ ଦର୍ଶକ ଏହାର ମୁଖ୍ୟ ଚରିତ୍ରରେ ପ୍ରିୟଙ୍କାଙ୍କୁ ଦେଖିବାକୁ ଚାହୁଁଥିବା ସୋସିଆଲ ମିଡିଆରୁ ଜଣା ପଡୁଛି ।

## ସୋସିଆଲ କୋଟ୍ସ



ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ । ମନ କୀ ବାତରେ ଦେଶର ନେତା ସିଧା ସଳଖ ଜନସାଧାରଣଙ୍କ ସହ କଥାବାର୍ତ୍ତା ହୋଇଥାଆନ୍ତି । ଏହା କମ୍ୟୁନିକେସନର ଏକ ଭଲ ମାଧ୍ୟମ ।

**ଅମିର ଖାନ୍, ଅଭିନେତା**



ବଲିଉଡରେ ଏଣ୍ଟ୍ରି ପାଇଁ ମୁଁ ବହୁତ କିଛି ସାକ୍ରିଫାଏଜ୍ କରିଛି । ଅନେକ ଭଲ ପ୍ୟାକେଜ୍ ଥିବା ଟିଭି ଶୋ'କୁ ମୁଁ ମନା କରିଛି କେବଳ ବଡ ସ୍କ୍ରିନ୍‌ରେ ନିଜକୁ ଦେଖିବି ବୋଲି ।

**ବିବେକ ଧଇୟା, ଅଭିନେତା**



ମୁଁ ସବୁବେଳେ ଏହା ଭାବି ଷ୍ଟ୍ରେସ୍‌ରେ ରୁହେ କି କାମ ସହ ମୁଁ ରାହାର ଧ୍ୟାନ ରଖିପାରିବି କି ନାହିଁ । ମହିଳାଙ୍କ ଉପରେ ଉଭୟ ବିଷୟକୁ ନେଇ ଖୁବ ପ୍ରେସର୍ ରହିଥାଏ ।

**ଆଲିୟା ଭଟ୍ଟ, ଅଭିନେତ୍ରୀ**

## ବାୟୋ ବସ୍



ବ୍ରିଟେନର ବ୍ରିଷ୍ଟଲ୍ ସହରରେ 'ଜିଇନେକୋ' କମ୍ପାନୀ ପକ୍ଷରୁ ଏକ ଅଭିନବ ବସ୍ ଚଳାଯାଇଛି, ଯାହା ଡିଜେଲ କିମ୍ବା ବିଦ୍ୟୁତ ଶକ୍ତିରେ ନୁହେଁ, ବରଂ ମଣିଷର ମଳରୁ ପ୍ରସ୍ତୁତ ଗ୍ୟାସରେ ଚାଲୁଛି । 'ବାୟୋ-ବସ୍' ନାମରେ ନାମିତ ଏହି ବିଶେଷ ବସ୍‌ରେ ବ୍ୟବହୃତ ଗ୍ୟାସକୁ ସ୍ୱେରେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟରୁ ବାହାର କରାଯାଉଛି । ମଣିଷର ମଳ ଏବଂ ନଷ୍ଟ ହୋଇଯାଇଥିବା ଖାଦ୍ୟ ସାମଗ୍ରୀକୁ ପଚାଇ ଏହି 'ବାୟୋମିଥେନ୍ ଗ୍ୟାସ' ପ୍ରସ୍ତୁତ କରାଯାଉଛି, ଯାହା ପରିବେଶ ପାଇଁ ଅତ୍ୟନ୍ତ ଲାଭଦାୟକ ବୋଲି ପ୍ରମାଣିତ ହୋଇଛି । ସାଧାରଣ ଡିଜେଲ ବସ୍ ତୁଳନାରେ ଏହି ବାୟୋ-ବସ୍ ବହୁତ କମ୍ ପ୍ରଦୂଷଣ କରିଥାଏ, ଯେଉଁଥିରୁ ନାଇଟ୍ରୋଜେନ୍ ଅକ୍ସାଇଡ୍ ପ୍ରାୟ ୮୦ ପ୍ରତିଶତ କମ୍ ନିର୍ଗତ ହେବା ସହ କାର୍ବନ ଡାଇଅକ୍ସାଇଡ୍ ନିର୍ଗମନ ମଧ୍ୟ ୨୦ ରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥାଏ । କମ୍ପାନୀର ଦାବି ଅନୁଯାୟୀ, ସେମାନଙ୍କ ସ୍ୱେରେଜ୍ ପ୍ଲାଣ୍ଟରୁ ଏତେ ପରିମାଣର ବାୟୋମିଥେନ୍ ଗ୍ୟାସ ଉତ୍ପନ୍ନ ହେଉଛି ଯେ, ଏହାଦ୍ୱାରା ପ୍ରାୟ ୮୩୦୦ ଘରକୁ ଗ୍ୟାସ ଯୋଗାଣ କରାଯାଇପାରିବ' ତେବେ ଏହି ବ୍ୟବସ୍ଥାରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଯେ, ବର୍ତ୍ତମାନ ବସ୍‌ଗୁଡ଼ିକରେ ଗ୍ୟାସ୍ ଭରିବା ପାଇଁ ସହରଠାରୁ ବହୁ ଦୂରରେ ଥିବା ସ୍ୱେରେଜ୍ ପ୍ଲାଣ୍ଟକୁ ଯିବାକୁ ପଡୁଛି, ଯେଉଁ କାରଣରୁ ଏହି ବାୟୋ-ବସ୍ ଚଳାଇବା ବର୍ତ୍ତମାନ ପରିସ୍ଥିତିରେ ସାମାନ୍ୟ ବ୍ୟୟବହୁଳ ବା ମହଙ୍ଗା ସାବ୍ୟସ୍ତ ହେଉଛି ।

## ଏଆଇ ତିଆରି କରୁଛି ଏଆଇ

ଦୀର୍ଘ ଦଶନ୍ଧି ଧରି ଯେଉଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ନିଜେ ନିଜର ଡିଜାଇନ୍, ସମୀକ୍ଷା ଓ ପୁନର୍ନିର୍ମାଣ କରିପାରିବ ବୋଲି ଯେଉଁ ଚର୍ଚ୍ଚା ହେଉଥିଲା, ତାହାକୁ ଏବେ ବାସ୍ତବତାରେ ରୂପାନ୍ତରିତ କରିବାକୁ ଯାଉଛି ସାନ ଫ୍ରାନ୍ସିସ୍କୋର ଏକ ନୂତନ ଷ୍ଟାର୍ଟଅପ୍ । ସୂଚନା ଅନୁଯାୟୀ ଷ୍ଟାର୍ଟଅପ କମ୍ପାନୀ 'ରିକର୍ସିଭ୍ ସୁପରଇଣ୍ଟେଲିଜେନ୍ସ' 'ୟୁ କମ୍' ଏହି କାର୍ଯ୍ୟ କରିବାକୁ ଯାଉଛି । ଏହି ସଂସ୍ଥାର ମୁଖ୍ୟ ଲକ୍ଷ୍ୟ ହେଉଛି 'ରିକର୍ସିଭ୍ ସେଲ୍ଫ-ଇମ୍ପ୍ରୁଭମେଣ୍ଟ'କୁ ଉପଯୋଗ କରିବା । ଏହା ଏକ ଏଭଳି ସ୍ୱୟଂଚାଳିତ ପ୍ରକ୍ରିୟା ଯେଉଁଠାରେ ଏକ ଏଆଇ ସିଷ୍ଟମ୍ କୌଣସି ମାନବୀୟ ସହାୟତା ବିନା ନିଜର ଦୁର୍ବଳତାକୁ ଚିହ୍ନଟ କରି, ନିଜର ଆଭ୍ୟନ୍ତରୀଣ ସଂରଚନାକୁ ବଦଳାଇ ଏକ ନିରନ୍ତର ଚକ୍ରରେ ନିଜକୁ ଅଧିକ ପାୱାରଫୁଲ କରିଥାଏ । ଏହି ବୈଷୟିକ ଜ୍ଞାନକୌଶଳ ଜୈବିକ ବିବର୍ତ୍ତନ ବା 'ଓପନ୍-ଏଣ୍ଡେଡ୍‌ନେସ୍' ଉପରେ ଆଧାରିତ, ଯେଉଁଠାରେ 'ରେନ୍‌ବୋ ଟିମିଂ' ପଦ୍ଧତି ଦ୍ୱାରା ଦୁଇଟି ଏଆଇ ବ୍ୟବସ୍ଥା ଏକାସଙ୍ଗେ ବିକଶିତ ହୋଇ ପରସ୍ପରର ଦୁର୍ବଳତାକୁ ପରୀକ୍ଷା କରି ମାନବ ସମାଜଠାରୁ ଅଧିକ ସୁରକ୍ଷିତ ତଥା ଦୃଢ଼ ଏଆଇ ପ୍ରସ୍ତୁତ କରିପାରିବେ । ବିଶେଷଜ୍ଞଙ୍କ ମତରେ ଏହି ଟେକ୍ନୋଲୋଜି ସଫଳ ହେବା ପରେ ଏହା ମାନବ ସମାଜର ସବୁଠାରୁ ବଡ଼ ସମସ୍ୟା, ଯେପରିକି ମାରାତ୍ମକ ରୋଗର ନିରାକରଣ ଓ ଅନ୍ୟାନ୍ୟ ସଙ୍କଟର ସମାଧାନ କରିବାରେ ପୃଥିବୀର ପ୍ରଧାନ ମାଧ୍ୟମ ସାଜିବ । ଯାହାକୁ ନେଇ ସୋସିଆଲ ମିଡିଆରେ ଖୁବ ଆଲୋଚନା ହେଉଛି ।



## ଇତିହାସ

୧୮୪୮ - ଜର୍ମାନୀରେ ପ୍ରଥମ ନ୍ୟାସନାଲ ଆସେମ୍ବ୍ଲିର ଉଦ୍‌ଘାଟନ ।
୧୯୧୨- ପ୍ରଥମ ଭାରତୀୟ ଫିଚର ଫିଲ୍ମ "ଶ୍ରୀ ପୁଣ୍ଡାଲିକ୍'ର ରିଲିଜ୍ ।
୧୯୭୪- ରାଜସ୍ଥାନର ପୋଖରାନରେ ପ୍ରଥମ ଭୂମିଗତ ପରମାଣୁ ପରୀକ୍ଷା କରି ପରମାଣୁ ଶକ୍ତିସମ୍ପନ୍ନ ଦେଶ ହେଲା ଭାରତ ।
୨୦୦୬- କରଭୁକ୍ତ ହେଲେ ନେପାଳ ନରେଶ ।
କ୨୦୦୮ - ଭାରତୀୟ ଲେଖକ ଇନ୍ଦ୍ରା ସିହ୍ନା କବିତା "ଆନିମଲ ପିପୁଲ' ପାଇଁ କମନେଓ୍ୱଲ୍‌ଥ ସମ୍ମାନରେ ସମ୍ମାନିତ ।
୨୦୧୭- ବଲିଉଡ୍ ଅଭିନେତ୍ରୀ ରିମା ଲାଗୁଙ୍କ ଜନ୍ମ ।



ମେଷ:- ଦୂରଯାତ୍ରା, ଶୁଭଖବର, ଅନୁଷ୍ଠାନକୁ ଲାଭ, ବନ୍ଧୁମିଳନ, ଗୃହେ ଉତ୍ସବ, ପାରିବାରିକ ସହଯୋଗ, ସନ୍ତାନ ସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ଶରୀର ସୁସ୍ଥ, ମାମଲା ସମାଧାନ, ଦ୍ୱିଜା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ- ନୀଳ, ସଂଖ୍ୟା- ୮, ଆରାଧନା- ମା' ଭଗବତୀ ।

**ବୃଷ:-** ଆର୍ଥିକ ଚିନ୍ତା, ଶାରୀରିକ ଅସୁସ୍ଥ, ବ୍ୟବସାୟରେ ସାମାନ୍ୟ ଲାଭ, ଶୁଭ ସମାଚାର, କର୍ମକ୍ଷେତ୍ରେ ବିରୋଧ, ଆଶା ବିଫଳ, ପାରିବାରିକ ଖୁସି, ବନ୍ଧୁମିଳନ, ନୂତନ କାର୍ଯ୍ୟ ଲାଭ, ବିଦ୍ୟାରେ ସଫଳତା, ରୋହିଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ- ଧଳା, ସଂଖ୍ୟା- ୬, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:-** ସମ୍ମାନ ହାନି, ଅର୍ଥଚିନ୍ତା, ପାରିବାରିକ ସମସ୍ୟା, ନୂତନ ନିଯୁକ୍ତିରେ ବିଳମ୍ବ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସାହାଯ୍ୟ, ସମ୍ପତ୍ତି ଗଣ୍ଡଗୋଳ, ପୁନର୍ବସୁ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ- ଲାଲ୍, ସଂଖ୍ୟା- ୭, ଆରାଧନା- ପ୍ରଭୁ ହନୁମାନ ।

**କର୍କଟ:-** ଆର୍ଥିକ ଖୁସି, ଶୁଭଖବର, ନୂତନ କର୍ମେ ଆନନ୍ଦ, ଦ୍ରବ୍ୟ ପ୍ରାପ୍ତି, ନୂତନ ବନ୍ଧୁ ଲାଭ, ବିଦେଶ ଭ୍ରମଣ, ମାମଲା ସମାଧାନ, ବ୍ୟବସାୟରେ ସନ୍ତୁଷ୍ଟ, ଶତ୍ରୁ ସମାଧାନ, ଭୂସମ୍ପତ୍ତି ଲାଭ, ଆଶା ପୂର୍ଣ୍ଣ, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ- ବାଇଗଣୀ, ସଂଖ୍ୟା- ୧୦, ଆରାଧନା- ଲକ୍ଷ୍ମୀନାରାୟଣ ।

**ସିଂହ:-** ଦୂରଯାତ୍ରା, ଲୋକସମ୍ପର୍କରେ ଉନ୍ନତି, କର୍ମେ ଅସନ୍ତୋଷ, ଶତ୍ରୁ ସମସ୍ୟା, ଅର୍ଥ ଖର୍ଚ୍ଚ, ନୂତନ କର୍ମ ଆରମ୍ଭ, ଯାତ୍ରାରେ ସତର୍କ, କାର୍ଯ୍ୟେ ବିଳମ୍ବ, ଅନୁଷ୍ଠାନରୁ ଲାଭ, ବନ୍ଧୁ ଲାଭ, ଶାରୀରିକ ସୁସ୍ଥ, ପୂର୍ବାଫାଲ୍ଗୁନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭ ରଙ୍ଗ- ଧଳା, ସଂଖ୍ୟା- ୭, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**କନ୍ୟା:-** ନୂତନ ଆୟ, ମାମଲାରେ ବିଜୟୀ, ନୂତନ କାର୍ଯ୍ୟ ଆରମ୍ଭ, ପାରିବାରିକ ସହାୟତା, ଗୃହ କଳହ ଶାରୀରିକ ସୁସ୍ଥ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ । ଶୁଭ ରଙ୍ଗ- ସବୁଜ, ସଂଖ୍ୟା- ୧୨, ଆରାଧନା- ଲକ୍ଷ୍ମୀ ନୃସିଂହ ।

**ତୁଳା:-** ଚିନ୍ତା ବୃଦ୍ଧି, ଅର୍ଥ ସମସ୍ୟା, ପାରିବାରିକ ଅସନ୍ତୋଷ, ଆଶାରେ ବିଫଳ, ଶାରୀରିକ ସୁସ୍ଥ, ନୂତନ କର୍ମେ ଉନ୍ନତି, ଦୂରଯାତ୍ରା, ଶୁଭକାର୍ଯ୍ୟ , ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ । ଶୁଭ ରଙ୍ଗ- ଧଳା, ସଂଖ୍ୟା- ୬, ଆରାଧନା- ଶଙ୍କର ଭଗବାନ ।

**ବିଛା:-** ବନ୍ଧୁ ମିଳନ, ବ୍ୟବସାୟରେ ଲାଭ, ଶୁଭଖବର, ଅର୍ଥ ସମସ୍ୟା ସମାଧାନ, ପରିବହନ କ୍ଷେତ୍ରେ ଲାଭ, ବନ୍ଧୁ ଲାଭ, ଗୃହେ ଉତ୍ସବ, ପୁରୁଣା ମାମଲା ସମାଧାନ, ଦ୍ରବ୍ୟ ଲାଭ, ଲୋକସମ୍ପର୍କ ବୃଦ୍ଧି, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ । ଶୁଭ ରଙ୍ଗ- ହଳଦୀ, ସଂଖ୍ୟା- ୯, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:-** କାର୍ଯ୍ୟ ବିଳମ୍ବ, ଅର୍ଥ ସମସ୍ୟା, ଅତ୍ୟଧିକ ପରିଶ୍ରମ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଆଶାରେ ବିଳମ୍ବ, ନୂତନ କାର୍ଯ୍ୟ ଆରମ୍ଭ, ବନ୍ଧୁ ଲାଭ, ମାମଲାରେ କଷ୍ଟ, ଦୂରଯାତ୍ରା, ଉତ୍ତରା ଷାଢା ନକ୍ଷତ୍ର ସତର୍କ ରୁହନ୍ତୁ । ଶୁଭ ରଙ୍ଗ- ଧଳା, ସଂଖ୍ୟା- ୩, ଆରାଧନା- ପ୍ରଭୁ ହନୁମାନ ।

**ମକର:-** କାର୍ଯ୍ୟ ସଫଳ, ନୂତନ ନିଯୁକ୍ତି, ପାରିବାରିକ ସୁଖ, ଦୂରଯାତ୍ରା, ଶୁଭକାର୍ଯ୍ୟ ଖର୍ଚ୍ଚାନ୍ତ, ନୂତନ ବାଣିଜ୍ୟ ଲାଭ, ଦ୍ରବ୍ୟ ଲାଭ, ମାମଲା ସମାଧାନ, ଶୁଭଖବର, ସନ୍ତାନ ଲାଭ, କ୍ଷତି, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ । ଶୁଭ ରଙ୍ଗ- ନୀଳ, ସଂଖ୍ୟା- ୧୦, ଆରାଧନା- ପ୍ରଭୁ ଲିଙ୍ଗରାଜ ।

**କୁମ୍ଭ:-** ନୂତନ ଆୟ, ଶତ୍ରୁ ପରାଜିତ, ଦ୍ରବ୍ୟ ଲାଭ, ଶାରୀରିକ ସୁସ୍ଥ, ବନ୍ଧୁ ଲାଭ, କାର୍ଯ୍ୟ ସଫଳ, ଦୂରଯାତ୍ରା, ସନ୍ତାନ ସୁଖ, ଶୁଭ ସମାଚାର, ପୁରାତନ ମାମଲାର କଷ୍ଟ ବ୍ୟବସାୟିକ ସୁଖ, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ । ଶୁଭ ରଙ୍ଗ- ବାଇଗଣୀ, ସଂଖ୍ୟା- ୮, ଆରାଧନା- ମା' ମଙ୍ଗଳା ।

**ମୀନ:-** ବନ୍ଧୁ ସାହାଯ୍ୟ, ଉତ୍ସବ ପାଇଁ ଆଲୋଚନା, ବ୍ୟବସାୟରେ ମଧ୍ୟମ ଲାଭ, ଶତ୍ରୁ ସମସ୍ୟା, ଲୋକସମ୍ପର୍କ ବୃଦ୍ଧି, ଯାନବାହନେ ସତର୍କ, ବଶିଷ୍ଟ ବ୍ୟକ୍ତି ସହାୟତା, ବିଦ୍ୟାରେ ସଫଳତା, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ । ଶୁଭ ରଙ୍ଗ- ନାଲି, ସଂଖ୍ୟା- ୬, ଆରାଧନା- ମା ଦକ୍ଷୀଣ କାଳୀ ।

ଜ୍ୟେଷ୍ଠ ଶୁକ୍ଲପକ୍ଷ(ମଳ) ଦ୍ୱିତୀୟା
୧୮.୫.୨୦୨୬ ସୋମବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ପ୍ରଧାନମନ୍ତ୍ରୀଙ୍କ "ଫିଟ୍ ଇଣ୍ଡିଆ" ଦୃଷ୍ଟିକୋଣକୁ ଆଗେଇ ନେଉଛି "ସାଇକେଲରେ ରବିବାର" : କ୍ରୀଡ଼ା ମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଏକ ସୁସ୍ଥ, ସବୁଜ ଏବଂ ଫିଟ୍ ଓଡ଼ିଶାର ପରିକଳ୍ପନାକୁ ଅଧିକ ସୁଦୃଢ଼ କରି 'ଫିଟ୍ ଓଡ଼ିଶା' ଅଭିଯାନ ଅଧୀନରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ 'ସାଇକେଲରେ ରବିବାର' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମାନ୍ୟବର କ୍ରୀଡ଼ା ଓ ଯୁବସେବା




ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅର୍ଜୁନ ପୁରସ୍କାର ବିଜେତା ମିନତି ମହାପାତ୍ର, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳ ଏବଂ କ୍ରୀଡ଼ା ନିର୍ଦ୍ଦେଶକ ଡା. ୟେଦୁଲା ବିଜୟ ପ୍ରମୁଖ ଏହି କାର୍ଯ୍ୟକ୍ରମର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସି.ଆଇ.ଏସ୍.ଏଫ୍. , ସି.ଆର୍.ପି.ଏଫ୍. , ମାଇଁ ଭାରତ, ଏନ୍.ଏସ୍.ଏସ୍. ଓଡ଼ିଶାର ସ୍ୱେଚ୍ଛାସେବୀ, ଏନ୍.ସି.ସି. କ୍ୟାଡେଟ୍, ବିଶିଷ୍ଟ କ୍ରୀଡ଼ାବିତ୍, ସାଇକେଲ ଚାଳନାର ପ୍ରସାର କରୁଥିବା ବ୍ୟକ୍ତିବିଶେଷ, ଯୁବପିଢ଼ି, ସ୍ୱାସ୍ଥ୍ୟ ସଚେତନ ବ୍ୟକ୍ତି ଏବଂ ସମାଜର ବିଭିନ୍ନ ବର୍ଗର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସାଇକେଲ ଚାଳନା ମାଧ୍ୟମରେ ସୁସ୍ଥ ଜୀବନଶୈଳୀ, ପରିବେଶ ସଚେତନତା ଏବଂ ଗୋଷ୍ଠୀଗତ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତେ ଏହି ଅଭିଯାନରେ ସାମିଲ ହୋଇଥିଲେ, ଯାହା ଅନ୍ୟମାନଙ୍କ ପାଇଁ ଅପୂର୍ବ ପ୍ରେରଣା ଏବଂ ଗୌରବ ସୃଷ୍ଟି କରିଥିଲା। ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ନିକଟରୁ ଆରମ୍ଭ ହୋଇଥିବା ଏହି ସାଇକେଲ ଶୋଭାଯାତ୍ରା ଅଭିଯାନଟି ବୈଭବ ୱେଲନେସ୍ ସେଣ୍ଟର ଛକ, ଉତ୍କଳ ହସ୍ପିଟାଲ୍ ଏବଂ ପଣ୍ଡିତ ରଘୁନାଥ ମୁର୍ମୁ ପାର୍କ ଦେଇ ପୁନର୍ବାର ବୈଭବ ୱେଲନେସ୍ ସେଣ୍ଟର ଛକରେ ପହଞ୍ଚି ଶେଷ ହୋଇଥିଲା ।

ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ମାନ୍ୟବର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, 'ସାଇକେଲରେ ରବିବାର' କେବଳ ଏକ ସାଇକେଲ୍ ଚାଳନା କାର୍ଯ୍ୟକ୍ରମ ନୁହେଁ, ବରଂ ଏହା 'ଫିଟ୍ ଇଣ୍ଡିଆ ମିଶନ' ଅଧୀନରେ ଏକ ଦେଶବ୍ୟାପୀ ସ୍ୱାସ୍ଥ୍ୟ ଏବଂ ଫିଟନେସ୍ ଆନ୍ଦୋଳନ। ଏହା କେବଳ ଶାରୀରିକ ସୁସ୍ଥତା ନୁହେଁ, ବରଂ ସ୍ଥାୟୀ ଜୀବନଶୈଳୀ ଏବଂ ସାମୂହିକ ସାମାଜିକ ଦାୟିତ୍ୱବୋଧ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ମଧ୍ୟ ଉଦ୍ଦିଷ୍ଟ। ଏହି କାର୍ଯ୍ୟକ୍ରମ ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଫିଟ୍ ଇଣ୍ଡିଆ' ଆହ୍ୱାନ ସହ ତାଳ ମିଳାଇ ମୋବାଇଲ୍ ବ୍ୟବହାର ହ୍ରାସ କରିବା, ସୁସ୍ଥ ଜୀବନଯାପନ ପ୍ରଣାଳୀ ଆପଣାଇବା, ଫିଟନେସକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ସହ ପରିବେଶ ଅନୁକୂଳ ଜୀବନଶୈଳୀକୁ ଗ୍ରହଣ କରିବା ଦିଗରେ କାର୍ଯ୍ୟ କରୁଛି। 'ସାଇକେଲରେ ରବିବାର' ଭଳି ଅଭିଯାନ ମାଧ୍ୟମରେ ଓଡ଼ିଶା ସରକାର ନାଗରିକମାନଙ୍କୁ ପେଟ୍ରୋଲ ଓ ଡିଜେଲ ଚାଳିତ ପରିବହନ ଉପରେ ନିର୍ଭରଶୀଳତା କମାଇବା, ମିତବ୍ୟୟିତା ଆପଣାଇବା ଏବଂ ଏକ ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନରେ ଯୋଗଦାନ ଦେବା ପାଇଁ କ୍ରମାଗତ ଭାବେ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଡିସେମ୍ବର ୨୦୨୪ରେ ଦେଶବ୍ୟାପୀ ଆରମ୍ଭ ହୋଇଥିବା 'ଫିଟ୍ ଇଣ୍ଡିଆ - ସାଇକେଲରେ ରବିବାର' ଅଭିଯାନ ସମାଜରେ ଏକ ବଡ଼ ରୂପାନ୍ତରୀକରଣ ଆଣିବା ସହ ଏକ ବ୍ୟାପକ ଗଣ ଆନ୍ଦୋଳନରେ ପରିଣତ ହୋଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା, ବିଜୟ କୁମାର ସ୍ୱାଇଁ ଓ ଶ୍ରୀ ସୁଧାକର ନାୟକ; ଉପଶାସନ ସଚିବ ଅମିତ କୁମାର ନାୟକ; ଓଏସଡି ଧିରୋଜ କୁମାର ପଟ୍ଟନାୟକ ଓ ସୋନାଲି ଶୁଭଦର୍ଶିନୀ; ବିଶିଷ୍ଟ କ୍ରୀଡ଼ାବିତ୍ ଅନୁପମା ସ୍ୱାଇଁ ଓ ଲୋମା ସ୍ୱାଇଁ ଏବଂ ବିଶିଷ୍ଟ ପାରା କ୍ରୀଡ଼ାବିତ୍ କମଳାକାନ୍ତ ନାୟକ, ସୁଚିତ୍ରା ପରିଡ଼ା ଓ ସୁନୀଲ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ମୃତ୍ୟୁର ତିନିଦିନ ପରେ ନିଜଘର ପଛପଟ ମାଟିତଳୁ ଉଦ୍ଧାର ହେଲା ନବ ବଧୂର ମୃତଦେହ : ସ୍ୱାମୀ ଗିରଫ

ଚଣ୍ଡିଖୋଲ(ସବ୍ୟୁ): ଯାଜପୁର ଜିଲ୍ଲାର ଜେନାପୁର ଥାନା ଅନ୍ତର୍ଗତ ବୃନ୍ଦାଡେଇପୁର ପଞ୍ଚାୟତ ଦଣ୍ଡସଣା(କେଳା ସାହି)ରେ ମୃତ୍ୟୁର ତିନିଦିନ ପରେ ମାଟିତଳେ ପୋତାଯାଇଥିବା ଜଣେ ନବ ବଧୂର ମୃତ ଦେହକୁ ରବିବାର ଦିନ ପୋଲିସ ଉଦ୍ଧାର କରିଛି। ଉକ୍ତ ନବ ବଧୂଙ୍କ ବୟଷ ଓ ମୃତ୍ୟୁର କାଳଣକୁ ନେଇ ସାଧାରଣରେ ଭିନ୍ନ ଭିନ୍ନ କଥା ଆଲୋଚନା ହେଉଥିବାରୁ ଜେନାପୁର ଥାନା ପୋଲିସ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ରବିବାର ସକାଳୁ ଶାଶୁଘର ବାଡିପଟେ ପୋତାଯାଇଥିବା ନବବଧୂର ମୃତଦେହକୁ ମାଟିତଳୁ ଉଦ୍ଧାର କରିଥିଲା। ମୃତକଙ୍କ ଶବ ମାଟିତଳୁ ଉଦ୍ଧାର ହେବାପରେ ତା'ର ବ୍ୟବଚ୍ଛେଦ ଓ ଫୋରେସିକ ପରିକ୍ଷା ପାଇଁ ପୋଲିସ ପଠାଇଥିଲା! ଜେନାପୁର ଥାନା ବୃନ୍ଦାଦେଇପୁର ପଞ୍ଚାୟତ ଦଣ୍ଡସେଣା ଗ୍ରାମପାଖ ରେଳ ଲାଇନ ପାର୍ଶ୍ୱରେ ଦୀର୍ଘ ଦିନହେବ କେତେକ କେଳା ଜାତିର ଲୋକ ରହୁଛନ୍ତି। ଉକ୍ତ କେଳା ସାହିର ଶରତ ଦାସଙ୍କ ଝିଅ ପ୍ରମିଳା ଦାସ ସେହି ଗ୍ରାମର ରଞ୍ଜନ ଦାସକୁ ଗତ କିଛିଦିନ ତଳେ ଗାଁ ପାଖ ମଣି ମନ୍ଦିରରେ ବିବାହ କରିଥିଲେ! କୌଣସି କରଣରୁ ନବ ବିବାହିତ ଦମ୍ପତିଙ୍କ ମଧ୍ୟରେ କଳହ ହୋଇଥିଲା। ଯାହାକୁ କେନ୍ଦ୍ର କରି ପ୍ରମିଳା ଗତ ଶୁକ୍ରବାର ଦିନ ମୂଷାମରା ବିଷ ଖାଇ ଆତ୍ମହତ୍ୟା କରିଥିଲେ। ସେ ମରିଯିବା ପରେ ତାଙ୍କ ସ୍ୱାମୀ ଓ ଶାଶୁଘର ଲୋକେ କାହାକୁ କିଛି ନ ଜଣାଇ ତରବରିଆ ଭାବେ ନିଜ ବାଡିପଟେ ଥିବା ବାଉଁଶ ବଣରେ ଗାତଖୋଳି ପ୍ରମିଳାର ମୃତଦେହକୁ ମାଟିତଳେ ପୋତି ଦେଇଥିଲେ। ସ୍ଥାନୀୟ ଲୋକେ ଏହା ଜାଣିବା ପରେ ସନ୍ଦେହ ହେବାରୁ ପୋଲିସକୁ ଖବର ଦେଇଥିଲେ! ଏ ସମ୍ପର୍କରେ ପୋଲିସ ତନାଘନା ଆରମ୍ଭ କରିବାରୁ ଶନିବାର ଦିନ ପ୍ରମିଳାଙ୍କ ବାପା ତାଙ୍କ ୧୯ବର୍ଷର ଝିଅ ବିଷପିଇ ଆତ୍ମହତ୍ୟା କରିଛି ବୋଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ପ୍ରମିଳା ଶାଶୁଘରେ ମୃତ୍ୟୁ ବରଣ କରିଥିବା ବେଳେ ତାଙ୍କ ବାପା ତାଙ୍କ ନିଜ ଘରେ ଥାଇ କିପରି ମୃତ୍ୟୁର କାରଣ ଜାଣିଲେ ବୋଲି ସାଧାରଣରେ ସନ୍ଦେହ ସୃଷ୍ଟି କରିଥିଲା! ଏପରିକି ଝଗଡା ପରେ ସ୍ୱାମୀ ପ୍ରମିଳାକୁ ବାଡେଇପିଟି ମାରି ଦେଇଥିବା ଓ ପ୍ରମିଳାର ବୟଷ ୧୨ ରୁ ୧୫ ବର୍ଷ ମଧ୍ୟରେ ହୋଇଥିଲେ ମଧ୍ୟ ତାଙ୍କୁ ପୂର୍ବରୁ ଅନ୍ୟ ଦୁଇଜଣଙ୍କୁ ବିବାହ କରିଥିବା ଜଣେ ଯୁବକ ସହିତ ଯୋର ଜବରଦସ୍ତ ବିବାହ ଦିଆଯାଇଥିଲା ବୋଲି ସାଧାରଣରେ ଅଭିଯୋଗ ହୋଇଥିଲା। ଏପରିକି ପ୍ରମିଳାର କୌଣସି ବୟଷ ପ୍ରମାଣପତ୍ର ନଥିବାରୁ ତାହା ମଧ୍ୟ ଘଟଣାକୁ ଅଧିକ ଗୋଳମାଳିଆ କରିଥିଲା। ଫଳରେ ଯାଜପୁର ଏସପି ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ନିର୍ଦ୍ଦେଶ ଦେବାପରେ ଯାଜପୁରରୋଡ ଏସଡିପିଓ ଶରତଚନ୍ଦ୍ର ପାତ୍ର ଶନିବାର ଘଟଣା ସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ ସହିତ ତଦନ୍ତ ଆରମ୍ଭ କରିଥିଲେ। ମୃତ୍ୟୁର କାରଣ ଓ ମୃତକର ସଠିକ ବୟସ ବିଷୟରେ ଜାଣିବା ପାଇଁ ଜେନାପୁର ଥାନା ପୋଲିସ ରବିବାର ଦିନ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମାଟିଖୋଳି ପ୍ରମିଳାଙ୍କ ମୃତଦେହ ଉଦ୍ଧାର କରି ତାର ବ୍ୟବଚ୍ଛେଦ ଓ ଫୋରେନସିକ ପରିକ୍ଷା ପାଇଁ ପଠାଇଥିଲା। ତେବେ ରିପୋର୍ଟ ମିଳିବାପରେ ମୃତ୍ୟୁର କାରଣ ଜଣାପଡିବ ଓ ସଠିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସଡିପିଓ ଶ୍ରୀ ପାତ୍ର କହିଛନ୍ତି। ଗତକାଲି ଠାରୁ ଥାନାରେ ଅଟକଥିବା ପ୍ରମିଳାର ଅଭିଯୁକ୍ତ ସ୍ୱାମୀ ରଞ୍ଜନକୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

## ଲୁଟେରା ଗିରଫ, ମୁକ୍ତା ଲକେଟ୍ ଲାଗିଥିବା ୨୫ ଗ୍ରାମର ଚେନ୍ ଜବତ

ଭୁବନେଶ୍ୱର, (ସବ୍ୟୁ) : ଲିଙ୍ଗରାଜ ଥାନା ପୋଲିସ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତା ନିକଟରୁ ମୁକ୍ତା ଲକେଟ୍ ଲାଗିଥିବା ୨୫ ଗ୍ରାମ ଓଜନର ସୁନା ଚେନ୍ ଜବତ କରିଛି। ଶୁକ୍ରବାର ଦିନ ସକାଳ ୮ ଟା ସମୟରେ ଅଭିଯୁକ୍ତ ମୁନା ଘଡେଇ ଗେଟ୍ ଡେଇଁ ଅଭିଯୋଗକାରିଣୀଙ୍କ ଘର ଭିତରକୁ ପଶିଥିଲା। ସେ ସମୟରେ ବରିଷ୍ଠ ନାଗରିକ ଅଭିଯୋଗକାରିଣୀ ଘରେ ଏକାକି ଥିଲେ। ପ୍ରଥମେ ଅଭିଯୁକ୍ତ ଓଡିଆରେ ପଚାରିଥିଲା ତାଙ୍କ ଦିଅର ଘରେ ଅଛନ୍ତି କି ନାହିଁ। ଘରେ କେହି ନଥିବା ସୁଯୋଗରେ ହଠାତ୍ ଅଭିଯୋଗକାରିଣୀଙ୍କୁ ଧମକ ଦେଇ ତାଙ୍କ ବେକରୁ ମୁକ୍ତା ଲକେଟ୍ ଲାଗିଥିବା ୨୫ ଗ୍ରାମ ଓଜନର ସୁନା ଚେନ୍ ଛିଡାଇ ନେଇ ସ୍କୁଟର ଯୋଗେ ଘଟଣାସ୍ଥଳରୁ ପଳାଇଥିଲା। ଏସମ୍ପର୍କରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ନିର୍ଦ୍ଦିଷ୍ଟ ସୂଚନା ଆଧାରରେ ପୁରୁଣା ଭୁବନେଶ୍ୱର ଅଞ୍ଚଳର କପିଳେଶ୍ୱର ରାମ ଭୋଇସାଇ ନିକଟରୁ ଅଭିଯୁକ୍ତକୁ କାବୁ କରିବାରେ ସମର୍ଥ ହୋଇଛି। ଅଭିଯୁକ୍ତ ମୁନା ଘଡେଇ ଓରଫ କୁନା (୨୭) କୁ ରବିବାର କୋର୍ଟ ଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିରୋଧରେ ଭୁବନେଶ୍ୱରର ଖଣ୍ଡଗିରି , ଧଉଳି ,ବାଲିଅନ୍ତା ଓ ମୈତ୍ରୀ ବିହାର ଥାନାରେ ବହୁ ମାମଲା ପଞ୍ଜିକୃତ ଥିବା ପୋଲିସ କହିଛି।

# ଅଢେଇ ଲକ୍ଷ ଟପିନି ଇଭି ପଞ୍ଜିକରଣ

ଭୁବନେଶ୍ୱର,(ତଥ୍ୟ) ତୈଳ ସଙ୍କଟ ଯୋଗୁଁ ଖୋଦ୍ ରାଜ୍ୟ ସରକାର ଇଭି ଚଳାଚଳ ଉପରେ ଗୁରୁତ୍ୱ ଦେଉଥିବାବେଳେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଇଭି ପଞ୍ଜିକରଣ ଅଢେଇ ଲକ୍ଷ ବି ଅତିକ୍ରମ କରିପାରି ନାହିଁ। ସମସ୍ତ ପ୍ରକାର ପ୍ରୋତ୍ସାହନ, ପଞ୍ଜିକରଣ ଫି ଛାଡ ଓ ସୁଧ ମୁକ୍ତ ଅଗ୍ରିମ ଯୋଗାଣ ସତ୍ୱେ ବି ରାଜ୍ୟରେ ଇଭି ପ୍ରତି ଯେଭଳି ଆଗ୍ରହ ପ୍ରକାଶ ପାଇବାକଥା ତାହା ହୋଇପାରୁ ନାହିଁ। ମିଳିଥିବା ସୂଚନା ଅନୁଯାୟୀ ଚଳିବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ରାଜ୍ୟରେ ବିଭିନ୍ନ କିସମର ୨ଲକ୍ଷ ୩୮ ହଜାର ଇଭି ବିକ୍ରି ହୋଇଛି। ଏଥି ମଧ୍ୟରେ ଦୁଇ ଚକିଆ ଇଭିର ସଂଖ୍ୟା ୨ଲକ୍ଷ ୧୩ହଜାରରୁ ଅଧିକ ରହିଛି। ପାଖାପାଖି ୧୪ ହଜାର ତିନି ଚକିଆ ଇଭି ଯାନ ପଞ୍ଜିକୃତ ହୋଇଥିବାବେଳେ ଚାରି ଚକିଆ ଇଭି ପଞ୍ଜିକରଣ ସଂଖ୍ୟା ୧୧ହଜାର ପାଖାପାଖି ରହିଛି। ଇଭି ବସ୍ ସଂଖ୍ୟା ୪ଶହ ରହିଥିବାବେଳେ ୩୨ଟି ଇଭି ଟ୍ରକ ଓ ଅନ୍ୟାନ୍ୟ ଇଭି ଯାନ ସଂଖ୍ୟା ୫୧ଟି ରହିଛି। ଏହି ଅନ୍ୟାନ୍ୟ ଯାନବାହାନ ମଧ୍ୟରେ ଖଣି ଅଞ୍ଚଳରେ କାର୍ଯ୍ୟରତ ଇଭିଚାଳିତ ବିଭିନ୍ନ କିସମର ଯାନ ରହିଛି। ୨୦୨୧ ମସିହାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଇଭି ଯାନ ଉପରେ ସବସିଡ୍ ପ୍ରଦାନ କରୁଛନ୍ତି। ଯେଉଁମାନେ ଇଭି ଯାନ କିଣୁଛନ୍ତି ସେମାନଙ୍କ ପ୍ରଥମ ପାହ୍ୟାରେ ଗାଡି ପିଛା ପ୍ରୋତ୍ସାହନ ରାଶି ଯୋଗାଇ ଦିଆଯାଉଥିବାବେଳେ ଏବେ କିଲୋୱାଟ ପିଛା ପ୍ରୋତ୍ସାହନ ରାଶି ମିଳୁଛି। ଏହାଛଡା ପଞ୍ଜିକରଣ ଓ ସଡକ ଟିକସ ଫି ବି ଛାଡ କରାଯାଇଛି। ଏଥିଯୋଗୁଁ ଗୋଟିଏ ଗୋଟିଏ ଦୁଇ ଚକିଆ ଯାନ କିଣୁଥିବା ବ୍ୟକ୍ତି ପ୍ରୋତ୍ସାହନ ରାଶି ବାବଦରେ ପ୍ରାୟ ୨୦ହଜାର ଟଙ୍କା ପାଉଥିବାବେଳେ ପଞ୍ଜିକରଣ ଓ ସଡକ ଟିକସ ଛାଡ ସୁବିଧା ବି ପାଉଛନ୍ତି।

ଏହାଛଡା ରାଜ୍ୟ ସରକାର ମଧ୍ୟ ସେମାନଙ୍କ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଘୋଷଣା କରିଥିଲେ। ଇଭି ଯାନ ଖରିଦ ପାଇଁ କର୍ମଚାରୀମାନଙ୍କୁ ସୁଧମୁକ୍ତ ଅଗ୍ରିମ ପ୍ରଦାନ କରାଯାଉଥିଲା ଓ କର୍ମଚାରୀମାନେ ଏହାକୁ ସରଳ କିସ୍ତିରେ ପରିଶୋଧ କରୁଥିଲେ। ଅବଶ୍ୟ ଇତି ମଧ୍ୟରେ ରାଜ୍ୟ ସରକାର ଏହି ପ୍ରୋତ୍ସାହନ ବ୍ୟବସ୍ଥାକୁ ପ୍ରତ୍ୟାହାର କରିନେଇଛନ୍ତି। କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ସତ୍ୱେ ସେମାନେ ଏଥିପ୍ରତି ବିଶେଷ ଆଗ୍ରହ ପ୍ରକାଶ କରିନାହାନ୍ତି। ଅନ୍ୟ ପକ୍ଷରେ ବର୍ତ୍ତମାନ ତୈଳ ସଙ୍କଟର ମୁକାବିଲା ପାଇଁ ରାଜ୍ୟ ସରକାର ଲୋକମାନଙ୍କୁ ଇଭି ବ୍ୟବହାର ପାଇଁ ପ୍ରବର୍ତ୍ତାଇବା ସହିତ ନିଜେ ମଧ୍ୟ ଇଭି ଖରିଦ ପାଇଁ ଆଗଭର ହୋଇଛନ୍ତି। ତେବେ ୫ବର୍ଷ ମଧ୍ୟରେ କାଁ ଭାଁ କେତୋଟି ସରକାରୀ ବିଭାଗକୁ ବାଦ୍ ଦେଲେ ରାଜ୍ୟ ସରକାର ନିଜ ନିଜ ବିଭାଗର ମନ୍ତ୍ରୀ, ଅଫିସରମାନଙ୍କ ପାଇଁ କାହିଁକି ଇଭିଯାନ ଖରିଦ କରିନାହାନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ହୋଇଛି। ଖୋଦ୍ ରାଜ୍ୟପାଳ ତାଙ୍କର ସମସ୍ତ ଯାନ ଇଭିକୁ ପରିବର୍ତ୍ତନ କରିଥିବାବେଳେ ସରକାରୀ ବିଭାଗଗୁଡ଼ିକର ଏଭଳି ମନୋଭାବ ଏବେ ରାଜ୍ୟରେ ଇଭି ପ୍ରତି ଲୋକଙ୍କ ଆଗ୍ରହ ହ୍ରାସର କାରଣ ବୋଲି କୁହାଯାଉଛି।

## ଟ୍ରଲର୍ - କାର୍ ମୁହାଁମୁହିଁ ଦୁଇ ମହିଳା ମୃତ, ତିନି ଗୁରୁତର

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁରଜିଲ୍ଲା ପାପଡାହାଣ୍ଡି ବ୍ଲକ ଝିଟିକିଗୁଡା ଜାତୀୟ ରାଜପଥଠାରେ ଟ୍ରଲର୍ ଓ କାର୍ ମୁହାଁମୁହିଁ ଧକ୍କାରେ ଦୁଇ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ତିନି ଜଣ ଗୁରୁତର ହୋଇଛନ୍ତି । ସମସ୍ତଙ୍କୁ ଉଦ୍ଧାର କରାଯାଇ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୂଚନା ଅନୁଯାୟୀ, ଆନ୍ଧ୍ରର ଗୋଟିଏ ପରିବାରର ଦୁଇ ମହିଳା, ଦୁଇ ପୁରୁଷ ଓ ଜଣେ ଶିଶୁ କାର୍ ଯୋଗେ ପୁରୀ ଠାରୁ ନବରଙ୍ଗପୁର କଳାହାଣ୍ଡି ଅଭିମୁଖେ ଯାଉଥିବା ସମୟରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ତୁରନ୍ତ ପୁଲିସ ଓ ଅଗ୍ନିଶ୍ରମ ବିଭାଗ ବିଭାଗ ପହଞ୍ଚି ୫ ଜଣଙ୍କୁ ଉଦ୍ଧାର କରିଥିଲେ । ସମସ୍ତଙ୍କୁ ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ଦୁଇ ମହିଳାଙ୍କୁ ମୃତ ଘୋଷଣା କରିଥିଲେ । ଆଉ ତିନି ଜଣଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସଙ୍କଟାପନ୍ନ ରହିଥିବାରୁ ସେମାନଙ୍କୁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

# ଭିଡ଼ହିଂସା ରୋକିବାକୁ ପୋଲିସର ମକ୍‌ଡ୍ରିଲ

କଟକ,(ସବ୍ୟୁ) ବାଲିଅନ୍ତା ଭିଡ଼ ହିଂସା ଘଟଣା ପରେ କଟକ କମିଶନରେଟ ପୋଲିସ ସଜାଗ ହୋଇପଡ଼ିଛି। ସହରରେ ଅପରାଧ ରୋକିବା ପାଇଁ ଶନିବାର ଠାରୁ କନଭେ



ପାଟ୍ରୋଲିଂ ଆରମ୍ଭ କରାଯାଇଛି। ଏହି କ୍ରମରେ ରବିବାର ସମ୍ଭାବ୍ୟ ଭିଡ଼ ହିଂସା ଘଟଣାକୁ କିଭଳି ରୋକାଯିବ ସେନେଇ ମକଡ୍ରିଲ ମଧ୍ୟ କରାଯାଇଛି। କଟକ ଯୁପିଡ଼ିର ଜୋନ ୫ ଏସିପି ସୁଧାଂଶୁ ଜେନାଙ୍କ ନେତୃତ୍ୱରେ ଏହି ମକଡ୍ରିଲ କରାଯାଇଥିଲା। ଏଥିରେ ଜୋନ ୫ ଅଧିନ ଚାଉଳିଆଗଞ୍ଜ ଥାନା, ସିଆରଆରଆଇ ଥାନା ଓ କନ୍ଦରପୁର ଥାନା ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ।

ମକଡ୍ରିଲ ଅନୁଯାୟୀ, ରବିବାର ମଧ୍ୟାହ୍ନରେ ନୂଆ ବଜାର ଛକ ଠାରେ ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ ହେଉଥିଲା। ଏହି ସୂଚନା ପାଇ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଅପରାଧୀଙ୍କୁ କାବୁ କରିଥିଲେ । ତତସହିତ ଆହତ ବ୍ୟକ୍ତିଙ୍କୁ ମେଡିକାଲ ପଠାଇବା ସହିତ କିଭଳି ଭିଡକୁ ନିୟନ୍ତ୍ରଣ କରାଯାଉଛି ତାହାର ଡେମୋ ଦେଖାଇଥିଲେ। ସୂଚନା ଥାଉକି, ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ଘଟଣା ପରେ କଟକ ଡିସିପିଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଠାରୁ ସହରରେ ପୁଣି ଥରେ କନଭେ ପାଟ୍ରୋଲିଂ ଆରମ୍ଭ ହୋଇଛି। ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ ଏକାଠି ଗୋଟିଏ ରାସ୍ତାରେ ଯାଇ ପାଟ୍ରୋଲିଂ କରୁଛନ୍ତି । ଅସାମାଜିକ ଓ ଅପରାଧୀଙ୍କୁ ସାବାଡ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଛି । ବିଳମ୍ବିତ ରାତି ପର୍ଯ୍ୟନ୍ତ ଶହଶହ ଯୁବକ ରାସ୍ତା କଡରେ ବସି ମଦ ପିଇବା ସହିତ ରୁଣ୍ଡ ହୋଇ ଖଟି କରୁଛନ୍ତି । ମଦୁଆ ଓ ଖଟି କରୁଥିବା ଯୁବକଙ୍କୁ ଘଉଡାଇବା ପାଇଁ ଏହି ପାଟ୍ରୋଲିଂ କରାଯାଉଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଆଗକୁ ଅନ୍ୟ ଜୋନ ଗୁଡିକରେ ମଧ୍ୟ ଏଭଳି ପାଟ୍ରୋଲିଂ କରାଯିବ । ସେହିପରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଯେଉଁ ଦୋକାନ ଗୁଡିକ ମନଇଚ୍ଛା ଖୋଲୁଛନ୍ତି ସେମାନଙ୍କୁ ମଧ୍ୟ ରାତି ସାଢେ ୧୦ ଭିତରେ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଗତ ବର୍ଷ ଦଶହରା ଭସାଣି ଗଣ୍ଡଗୋଳ ପରେ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା ପାଇଁ ପ୍ରଥମ ଥର କନଭେ ପାଟ୍ରୋଲିଂ ଆରମ୍ଭ ହୋଇଥିଲା ।

## "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍'ରେ ସୁବର୍ଣ୍ଣପୁରର ଶିଶୁ ଅଭିକ ପଧାନ

ସୋନପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ କୁହିବାହାଲ ଗ୍ରାମର ସୁରେନ୍ଦ୍ର ପଧାନ ଓ ରୁଲୀ ପଧାନଙ୍କ ୨ ବର୍ଷ ୫ ମାସର ଶିଶୁ ଅଭିକ ପଧାନଙ୍କ ନାମ "ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍'*ରେ ସ୍ଥାନ ପାଇଛି । ଅଭିକ ପଧାନଙ୍କ ଜନ୍ମ ୮ ନଭେମ୍ବର ୨୦୨୩ ରେ ହୋଇଥିଲା । ତାଙ୍କୁ "ଆଇବିଆର ଆଚିଭର୍ ' ଉପାଧିରେ ସମ୍ମାନିତ କରାଯାଇଛି । ଅଭିକ ନିଜର ଅସାଧାରଣ ସ୍ମୃତିଶକ୍ତି ଓ ପ୍ରତିଭା ଦ୍ୱାରା ଏହି ସଫଳତା ହାସଲ କରିଛନ୍ତି । ସେ ୧୦ଟି ଜାତୀୟ ପ୍ରତୀକ, ୫ଟି ଆଙ୍ଗୁଠି, ୧୭ଟି ଶରୀରର ଅଂଶ, ୧୦ଟି ମୁହଁର ଭାବଭଙ୍ଗୀ, ୨୧ଟି ଯାନବାହନ, ୧୩ଟି ଆକୃତି, ୧୭ଟି ପନିପରିବା, ୧୪ଟି ଫଳ, ୨୫ଟି ପଶୁ, ୯ଟି ରଙ୍ଗ ଏବଂ ୬ଟି ସମୁଦ୍ର ପ୍ରାଣୀ ଚିହ୍ନଟ କରି ସେମାନଙ୍କ ନାମ କହିପାରନ୍ତି । ଏହା ସହିତ ସେ ସପ୍ତାହର ଦିନ, ବର୍ଷର ମାସ, ୧୦ ଜଣ ସମାଜସେବୀ/ ସହାୟକ ବ୍ୟକ୍ତି, ୭ଟି ଇଂରାଜୀ ବିପରୀତ ଶବ୍ଦ ଏବଂ ଅ ରୁ କ୍ଷ ପର୍ଯ୍ୟନ୍ତ ୨୬ଟି ଇଂରାଜୀ ଅକ୍ଷର ସମ୍ବନ୍ଧୀୟ ଶବ୍ଦ ମଧ୍ୟ ଉଚ୍ଚାରଣ କରିପାରନ୍ତି । ଅଭିକ ୧୬ଟି କାର୍ଯ୍ୟ ପ୍ରଦର୍ଶନ କରିବା ସହ ୩ଟି ଇଂରାଜୀ ନର୍ସରୀ ରାଇମ୍ସ ମଧ୍ୟ ପାଠ କରିଛନ୍ତି । ତାଙ୍କର ଏହି ସଫଳତାକୁ ୧୦ ଏପ୍ରିଲ ୨୦୨୬ ରେ ନିଶ୍ଚିତ କରାଯାଇଥିଲା । ଏହି ସଫଳତା ପରେ ଅଭିକଙ୍କ ପରିବାର ସହିତ ସୁବର୍ଣ୍ଣପୁର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି । ଏତେ କମ୍ ବୟସରେ ଏପରି ଅସାଧାରଣ ପ୍ରତିଭା ଦେଖାଇ ଅଭିକ ସମସ୍ତଙ୍କ ପାଇଁ ଗର୍ବର କାରଣ ହୋଇଛନ୍ତି ।

## ସରିଲା ୪ ଦିନର ତେଲ ସଂଘର୍ଷ

# ଭିଡ଼ ଥିଲା ଏବେ ଖାଁଖାଁ ପେଟ୍ରୋଲ ପମ୍ପ

ଭୁ ବ ନେ ଶ୍ୱ ର ( ସ ବ୍ୟୁ ) : ଉପକୂଳରେ ସରିଲା ତେଲ ଟେନସନ । ଗଲା ୪ ଦିନ ଧରି ଟାଙ୍କିରେ ପ୍ରବଳ ଗହଳି ପରେ ଆଜି(ରବିବାର) ବଦଳିଛି ପରିସ୍ଥିତି । ପେଟ୍ରୋଲ ପମ୍ପରେ ଆଉ ଆଗ ଭଳି ଭିଡ଼ ନାହିଁ । ରାଜଧାନୀ ଭୁବନେଶ୍ୱର ସମେତ କଟକ ଓ ଅନ୍ୟ ଅଞ୍ଚଳରେ ସ୍ଥିତି ସ୍ୱାଭାବିକ ରହିଛି । ସେପଟେ ପଶ୍ଚିମ ଓଡ଼ିଶାରେ କିନ୍ତୁ ଲାଗି ରହିଛି ତେଲ ସଙ୍କଟ । ବଲାଙ୍ଗୀର, ସୁନ୍ଦରଗଡ଼, ସୋନପୁର ଭଳି ଜିଲ୍ଲାରେ ବହୁ ଟାଙ୍କି ତେଲ ଅଭାବରୁ ବନ୍ଦ ପଡ଼ିଥିବା ବେଳେ ଯେଉଁଠି ମିଳୁଛି, ସେଠି ଲାଗିଛି ଲୋକଙ୍କ ଗହଳି ।

୨୪ ଘଣ୍ଟା ପୂର୍ବରୁ ଥିଲା ଅସମ୍ଭାଳ ଭିଡ଼ । ଏବେ ଅସମ୍ଭବ ନୀରବତା । ପେଟ୍ରୋଲ ପମ୍ପରେ ଆଉ ଗାଡ଼ି ମୋଟର ଗହଳି ନାହିଁ । ପମ୍ପରେ ଗ୍ରାହକଙ୍କ ସେତେଟା ଭିଡ଼ ନଥିବାରୁ ଖାଁ ଖାଁ ତେଲ ଟାଙ୍କି ପରିବେଶ ।ୟୁନିଟ-୨ ନମ୍ବର ଅଞ୍ଚଳରେ ଥିବା ପେଟ୍ରୋଲ ପମ୍ପରେ ଯେଉଁଠି ଗଲା ୩-୪ ଦିନ ଧରି ଦିନ-ରାତି ତେଲ ପାଇଁ ଲୋକଙ୍କ ଆଖିରେ ନିଦ ନଥିଲା, ସେଠି ଏବେ ଗ୍ରାହକଙ୍କ ଦେଖା କି ଦର୍ଶନ ନାହିଁ । ଫଳରେ ଗଲା




୨-୩ ଦିନ ଧରି କାମରୁ ଫୁରସତ ପାଉନଥିବା ଟାଙ୍କି କର୍ମଚାରୀ ଏବେ ହାତ ବାନ୍ଧି ବସିଛନ୍ତି ।

ସେପଟେ ଜନବହୁଳ କଟକ ସହରରେ ବି ଫେରିଛି ତେଲ ଟାଙ୍କିରେ ସ୍ୱାଭାବିକତା । ଗାଡ଼ିରେ ତେଲ ପକାଇବାକୁ ଆଉ ପୂର୍ବ ଭଳି ଟାଙ୍କିରେ ଅପେକ୍ଷା ନାହିଁ କି ଅଧିକ ପରିମାଣର ତେଲ ଭର୍ତ୍ତି କରିବାକୁ ଲୋକଙ୍କ ଭିତରେ ସେ ବ୍ୟଗ୍ରତା ନାହିଁ । ସାଧାରଣ ସମୟ ଭଳି ଲୋକେ ଆସୁଛନ୍ତି, ଆଉ ଆବଶ୍ୟକତା ଅନୁସାରେ ତେଲ ଭର୍ତ୍ତି କରୁଛନ୍ତି । ଆଉ ଦୁଇ ଦିନ ତଳେ ଯେଉଁ ସ୍ଥିତି ସୃଷ୍ଟି ହୋଇଥିଲା ସେ ସମ୍ପର୍କରେ ଦୁଇ ପଦ କହିବାକୁ ବି ଭୁଲୁ ନାହାଁନ୍ତି । ପୂର୍ବ ଓ ଉପକୂଳ ଓଡ଼ିଶାରେ ତେଲ ଯନ୍ତ୍ରଣାରୁ ଆଶ୍ୱସ୍ତି ମିଳିଛି, କିନ୍ତୁ ପଶ୍ଚିମ ଓଡ଼ିଶା ସଂକଟ ଜାରି ରହିଛି । ଆଜି ବି ତେଲ ଅଭାବରୁ ଅନେକ ଟାଙ୍କିରେ ଝୁଲୁଛି ତାଲା । ସୁନ୍ଦରଗଡ଼ ଜିଲ୍ଲା ବଣାଇ ସହରରେ ଏକାଧିକ ଟାଙ୍କି ତେଲଶୂନ୍ୟ ହୋଇଯିବା ପରେ ଫେରୁଛନ୍ତି ଗ୍ରାହକ, ଆଉ ହାତ ବାନ୍ଧି ବସିଛନ୍ତି କର୍ମଚାର । ସେପଟେ ବଲାଙ୍ଗୀର ଜିଲ୍ଲାରେ ଉଣା ଅଧିକେ ସମାନ ସ୍ଥିତିଛ ଯୋଗାଣ ଅଭାବରୁ ଅନେକ ଟାଙ୍କିରୁ ତେଲ ସରିଯିବାରୁ ଫେରୁଛନ୍ତି ଲୋକେ । ଆଉ ଯେଉଁଠି ମିଳୁଛି ସେଠି ଗାଡ଼ି ମୋଟରର ଲମ୍ବା ଧାଡ଼ି ।

ସୋନପୁର ଜିଲ୍ଲା ଡୁଙ୍ଗୁରିପାଲିରେ ତେଲ ପାଇଁ ସ୍ଥିତି ପୁରା ସଙ୍ଗୀନ । ଏଠି ଆଗକୁ ଡିଜେଲ ଅଭାବର ଆଶଙ୍କା କରି ଯେଉଁଠି ଟାଙ୍କି ଖୋଲିଛି, ସେଠି ତେଲ ପାଇଁ ଲଗାଇଛନ୍ତି ପ୍ରବଳ ଭିଡ଼ । କୁହାଯାଉଛି ତେଲ ପାଇଁ ଲୋକଙ୍କ ବ୍ୟାକୁଳତା ଭିତରେ ଗତ ୪ ଦିନରେ ଯେତିକି ପରିମାଣର ତେଲ ବିକ୍ରି ହୋଇଛି, ତାହା ୧୫ ଦିନରେ ବିକ୍ରି ହୋଇଥାନ୍ତା । କିନ୍ତୁ ଲୋକମାନେ ଅଯଥା ବ୍ୟସ୍ତ ହୋଇ ଆବଶ୍ୟକତାଠାରୁ ଅଧିକ କିଣିବାକୁ ଚାହିଁବାରୁ ପେଟ୍ରୋଲ ପମ୍ପରେ ଦେଖା ଦେଇଥିଲା ଅଯଥା ଗହଳି ସହ ସୃଷ୍ଟି ହୋଇଥିଲା ଅଡୁଆ ପରିସ୍ଥିତି ।

## ନୂଆ ଜଗନ୍ନାଥ ରୋଡରୁ ବାଲି ବୋଝେଇ ୨ ହାଇୱା ଜବତ

ନିରାକାରପୁର,(ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୋଲିସ ପକ୍ଷରୁ ବେଆଇନ ବାଲି ପରିବହନ ବିରୋଧରେ ଏକ ଜୋରଦାର ଚଢ଼ାଉ କରାଯାଇ ଦୁଇଟି ବାଲି ବୋଝେଇ ହାଇୱା ଟ୍ରକକୁ ଜବତ କରାଯାଇଛି । ନୂଆ ଜଗନ୍ନାଥ ରୋଡ ଦେଇ ପୁରୀ ଆଡ଼କୁ ବାଲି ବୋଝେଇ ହୋଇ ଦୁଇଟି ହାଇଓ୍ୱା ଗାଡ଼ି ଯାଉଥିବା ସମୟରେ ନିରାକାରପୁର ପୋଲିସ ଚଢ଼ାଉ କରି ଗାଡ଼ି ଦୟକୁ ଅଟକାଇଥିଲା । ଗାଡ଼ିର କାଗଜପତ୍ର ଏବଂ ବାଲି ପରିବହନ ସମ୍ପର୍କିତ ବୈଧ ଦସ୍ତାବିଜ ଯାଞ୍ଚ ବେଳେ ଏଥିରେ ଅନିୟମିତତା ପ୍ରକାଶ ପାଇବାରୁ ପୋଲିସ ହାଇୱା ଦୁଇଟିକୁ ଜବତ କରି ଥାନାକୁ ଆଣିଛି ।ଏହି ବେଆଇନ ବାଲି ଚାଲାଣ ସମ୍ପର୍କରେ ନିରାକାରପୁର ଥାନାରେ କେସ ନମ୍ବର ୧୭୬/୨୬ ଏବଂ ୧୭୭/୨୬ ରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି । ପୋଲିସ ଏହି ଘଟଣାରେ ଅଧିକ ତଦନ୍ତ ଚଳାଇଛି ।

## କଳାଭୂମି ପଣାଦାନ କାର୍ଯ୍ୟକ୍ରମର ଉଦଯାପନ ଓ ପଥପ୍ରାନ୍ତ କବିତା ଆସର

ଭୁବନେଶ୍ୱର (ସବ୍ୟୁ): ବୃଷ ସଂକ୍ରାନ୍ତି ଦିନ ସଂଧ୍ୟାରେ " କଳାଭୂମି "ପକ୍ଷରୁ ପଥପ୍ରାନ୍ତ କବିତା ଆସର", ପଣାଦାନ କାର୍ଯ୍ୟକ୍ରମର ଉଦଯାପନ, ଭଜନ ସଂଧ୍ୟା, ସଂସ୍କୃତି ସେବା ସମ୍ମାନ,ହୁଣ୍ଡିଦାନ ଓ ଅନ୍ନଦାନ କାର୍ଯ୍ୟକ୍ରମମାନ ଆଦର୍ଶ ବିହାର, କିଟ୍ ଛକଠାରେ କଳାଭୂମିର



ଅଧ୍ୟକ୍ଷ ଡ.ପ୍ରମୋଦ ପଟ୍ଟନାୟକ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ସଂଧ୍ୟା ୬ଟାରେ ଆୟୋଜିତ "ପଥପ୍ରାନ୍ତ କବିତା ଆସର"ରେ ବିଶିଷ୍ଟ ସାହିତ୍ୟିକ ଓ ଭାଷାବିତ୍ ପ୍ରଫେସର ବସନ୍ତ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ କବିମାନଂକୁ ସଂବର୍ଦ୍ଧିତ କରିଥିଲେ। ସଭାକୁ ସଂବୋଧିତ କରି ଡ.ପଣ୍ଡା କହିଥିଲେ ଯେ କଳାଭୂମି ବର୍ଷର ବିଭିନ୍ନ ସମୟରେ ପଥପ୍ରାନ୍ତ କବିତା ଆସର ସହ ବିଭିନ୍ନ ସାହିତ୍ୟ ,ସେବା ଓ ସାଂସ୍କୃତିକ କାର୍ଯ୍ୟକ୍ରମମାନ କରି ସାଧାରଣ ଜନତା ସହ ସାହିତ୍ୟକୁ ଯୋଡ଼ିବାର ଏକ ବିରଳ ଓ ଅଭିନବ ପ୍ରୟାସ କରିଛି । କବିତା କେବଳ ପଦାଧିକାରୀ ମାନଙ୍କ ଦ୍ୱାରା ଏସି ରୁମରେ ବସି ହୁଏନାହିଁ, ବରଂ ତାହା ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବା ଦରକାର , ତେବେ ତାହା ଲୋକଙ୍କ ଦ୍ୱାରା ଆଦୃତ ହେବ । "ପଥପ୍ରାନ୍ତ କବିତା ଆସର"ରେ ବିଶିଷ୍ଟ କବି ଦୁର୍ଗା ଷଡ଼ଙ୍ଗୀ ବିଶିଷ୍ଟ ଅତିଥି, ବରିଷ୍ଠ କବି ବିଜୟ ମହାପାତ୍ର ସମ୍ମାନିତ ଅତିଥି , ବରିଷ୍ଠ କବି ସୁରେନ୍ଦ୍ର ପାଣିଗ୍ରାହୀ ଏବଂ ଉମାକାନ୍ତ ରାଉତ ଉପସ୍ଥିତ ଥିଲେ । । ଚାଳିଶିରୁ ଉର୍ଦ୍ଧ୍ୱ କବି ସମ୍ମିଳନୀରେ କବିତା ପାଠ କରିଥିବାବେଳେ ବିଶିଷ୍ଟ କବି ଉମାକାଂତ ରାଉତ ଓ ବିଶିଷ୍ଟ କବି ସୁରେନ୍ଦ୍ର ପାଣିଗ୍ରାହୀ ,ମଂଚ ମୁରବୀ ରୂପେ କବି ସମ୍ମିଳନୀର ସଂଚାଳନା କରିଥିଲେ। ସୁନ୍ଦର ସଂଯୋଜନା କରିଥିଲେ ଯୁବକବି ସ୍ମୃତିସୁଧା ସାହୁ ଓ ଯୁବକବି ଲକ୍ଷ୍ମୀପ୍ରିୟା ନାୟକ ।

ଏହାପରେ "ସଂସ୍କୃତି ସେବା ସମ୍ମାନ" କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ରାଜ୍ୟ ବିଜେପିର ମୁଖପାତ୍ର ଗୋଲକ ମହାପାତ୍ର , ମୁଖ୍ୟ ବକ୍ତା ରୂପେ ବିଶିଷ୍ଟ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ , ବିଷ୍ଣୁପ୍ରସାଦ ପାତ୍ର ,ସମ୍ମାନିତ ଅତିଥି , ଯୁଗ୍ମ ନିର୍ଦ୍ଦେଶକ ପବ୍ଲିକ୍ ପ୍ରସିକ୍ୟୁଟର୍ ଦୁର୍ଗା ପ୍ରସାଦ ପଟ୍ଟନାୟକ, ସମ୍ମାନିତ ଅତିଥି ଓ ବିଜେପିର ଖୋର୍ଦ୍ଧା ଜିଲ୍ଲା ପ୍ରଭାରୀ ପବିତ୍ର ମୋହନ ଦାସ,ବିଶିଷ୍ଟ ଅତିଥି ରୂପେ ଯୋଗଦାନ କରି ସଂସ୍କୃତି ସେବା କ୍ଷେତ୍ରରେ କାର୍ଯ୍ୟ କରୁଥିବା ସାହିତ୍ୟିକା ସମାଜସେବୀ କବି ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ କୋଡ଼ିଏ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରିଥିଲେ । ହୁଣ୍ଡିଦାନରୁ ପ୍ରାପ୍ତ ୧୭,୧୦୦/- ଟଙ୍କା ନିଆଳି, ଅଡ଼ଶପୁରର ଜଣେ କ୍ୟାନସର୍ ପୀଡିତ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଇଥିଲା। ପ୍ରାୟ ତିନି ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ବ୍ୟକ୍ତି ଉପରୋକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ କୀର୍ତ୍ତନ, ଭଜନ ପରିବେଷଣ କରି କବି, ସାହିତ୍ୟିକ, ଅତିଥି ଓ ସଂସ୍କୃତି ପ୍ରେମୀମାନଂକୁ ଉତ୍ସାହିତ କରିବା ସହ କାର୍ଯ୍ୟକ୍ରମକୁ ଉପଭୋଗ କରି ଅନ୍ନ ପ୍ରସାଦ ସେବନ କରିଥିଲେ ।

### ଓଡିଶା ମେଡିକାଲ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

# ସଭାପତି ହେଲେ ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ

କଟକ, (ସବ୍ୟୁ): ଓଡିଶା ମେଡିକାଲ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ସମ୍ମିଳନୀ କଟକ ଏସସିବି ମେଡିକାଲସ୍ଥିତ ଆଇଏମଏ ହାଉସଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକାରୀ ସଭାପତି ପ୍ରଭାକର ପଲାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଉପଦେଷ୍ଟା ପୂର୍ବତନ ମନ୍ତ୍ରୀ



ତଥା ଆଠଗଡ ବିଧାୟକ ରାଜା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ । ଏଥିସହିତ କର୍ମଚାରୀଙ୍କ ରହିଥିବା ମୌଳିକ ସମସ୍ୟାକୁ କିପରି ଶୀଘ୍ର ସମାଧାନ କରାଯିବ ସେ ଦିଗରେ ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଟ୍ରେଡ ୟୁନିୟନର ସମ୍ପାଦକ ରବି ମଲ୍ଲିକ, କିଶୋର ଜେନା, ହିନ୍ଦ ମଜଦୁର ସଭାର ସଭାନେତ୍ରୀ ସଂଯୁକ୍ତା ମହଲ, ସମ୍ପାଦକ ଦିଗମ୍ବର ମହାନ୍ତି, ମନୋରଞ୍ଜନ ମହାରଣା, ବିରଜା କିଙ୍କର ନାୟକ ପ୍ରମୁଖ ଯୋଗଦେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରାରମ୍ଭରେ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ନେତୃତ୍ୱରେ ଏସସିବି ମେଡିକାଲରେ ସ୍ଥାପିତ ଶ୍ରୀରାମ ଚନ୍ଦ୍ର ଭଞ୍ଜଙ୍କ ପ୍ରତିମୂର୍ତ୍ତି ପାଖରୁ ଏକ ଶୋଭାଯାତ୍ରା ବାହାରି ସଂଘ କାର୍ଯ୍ୟାଳୟରେ ପହଞ୍ଚି ଓଡିଶା ମେଡିକାଲ କର୍ମଚାରୀ ସଂଘର ପ୍ରତିଷ୍ଠାତା ବିଶ୍ୱନାଥ ପଣ୍ଡିତଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଆଇଏମଏ ହାଉସ ଠାରେ ବୈଠକ କରାଯାଇଥିବା ବେଳେ ଉପ-ସାଧାରଣ ସମ୍ପାଦକ ଶିବ ପ୍ରସାଦ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ବୈଠକରେ ସାଧାରଣ ସମ୍ପାଦକ ଗଗନ ଚନ୍ଦ୍ର ରାଉତ ବାର୍ଷିକ ବୀବରଣୀ ପ୍ରଦାନ କରିବା ସହ କର୍ମଚାରୀଙ୍କ ରହିଥିବା ୧୧ ଦଫା ଦାବୀକୁ ସର୍ବସମ୍ମୁଖରେ ଉପସ୍ଥାପନା କରିଥିଲେ ।

ଏହି ଅବସରରେ ରାଜ୍ୟ ଶାଖା ଓ ଏସସିବି ଶାଖାର ନୂତନ କର୍ମକର୍ତା ନିମନ୍ତେ ନିର୍ବାଚନ କରାଯାଇଥିଲା । ପ୍ରଥମେ ରାଜ୍ୟ ଶାଖାର ଉପଦେଷ୍ଟା ଭାବେ ଶଶୀଭୂଷଣ ଦାସ, ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଠଗଡ ବିଧାୟକ ରାଜା ସ୍ୱାଇଁ, କାର୍ଯ୍ୟକାରୀ ସଭାପତି ପ୍ରଭାକର ପଲାଇ, ଉପ-ସଭାପତି ସାକିର ଖାନ, ଶ୍ୟାମସୁନ୍ଦର ଦେଓ, ଲକ୍ଷ୍ମଣ ହରିଜନ, ଗୋକୁଳ ମେହେର, ଘନ ନାୟକ, ଅଶ୍ୱିନୀ ସେଠୀ, ସାଧାରଣ ସମ୍ପାଦକ ଗଗନ ଚନ୍ଦ୍ର ରାଉତ, ଉପ-ସାଧାରଣ ସମ୍ପାଦକ ଶିବ ପ୍ରସାଦ ମହାନ୍ତି, ସଂଗଠନ ସମ୍ପାଦକ ବିଜୟ କୁମାର ନାୟକ, ଯୁଗ୍ମ ସମ୍ପାଦକ ସରୋଜ କୁମାର ପାଣୀଗ୍ରାହୀ ପ୍ରମୁଖଙ୍କୁ ନିର୍ବାଚିତ କରାଯାଇଥିଲା । ଶେଷରେ ଉପସଭାପତି ସାକିର ଖାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ୧୯୦ ଦେଶରେ ପାଳନ ହେଲା ତ୍ରୟୋଦଶ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂ ଦିବସ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷାବିତ୍ ଓ ସମାଜସେବୀ ତଥା ଆର୍ଟ ଅଫ୍ ଗିଭିଂ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ଆହ୍ୱାନ କ୍ରମେ ଚଳିତବର୍ଷ ତ୍ରୟୋଦଶ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂ ଦିବସ ବିଶ୍ୱର ୬ଟି ମହାଦେଶର ଭାରତ ସମେତ ୧୯୦ ଦେଶରେ ପାଳିତ ହୋଇଯାଇଛି । ଏହା ସହିତ ୨୨୨ଟି ଏଫ୍ଆଇଭିବି ସଦସ୍ୟ ରାଷ୍ଟ୍ର, ଅନ୍ତର୍ଜାତୀୟସ୍ତରରେ ୫୦ ହଜାରଟି ସ୍ଥାନ, ଭାରତର ୨୮ ରାଜ୍ୟ, ୮ଟି କେନ୍ଦ୍ର ଶାସିତ ଅଞ୍ଚଳର ସମସ୍ତ ନଗର ଓ ସହରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଓଡ଼ିଶାର ସମସ୍ତ ଜିଲ୍ଲା ସଦରମହକୁମା, ବ୍ଲକ୍ ଓ ପଞ୍ଚାୟତରେ ଆର୍ଟ୍ ଅଫ୍ ଗିଭିଂର ଅନୁଗାମୀ ଓ ଶୁଭେଚ୍ଛୁ ଆର୍ଟ୍ ଅଫ୍ ଗିଭିଂ ଅଭିଯାନରେ ସାମିଲ ହୋଇଥିଲେ । ଓଡ଼ିଶାର ୨୦ ହଜାର ସ୍ଥାନରେ ଏହି ଦିବସ ପାଳିତ ହୋଇଛି । ତ୍ରୟୋଦଶ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂ ଦିବସ ପରିପ୍ରେକ୍ଷୀରେ ଏହା ଅନୁଗାମୀ ଓ ଶୁଭେଚ୍ଛୁଙ୍କ ସମେତ ପ୍ରାୟ ଅଢ଼େଇ କୋଟି ଲୋକଙ୍କ ଉପରେ ଆର୍ଟ ଅଫ୍ ଗିଭିଂର ସିଧା ପ୍ରଭାବ ପଡ଼ିଛି ।




ଦୀର୍ଘ ଏକ ସପ୍ତାହ ହେଲା ବିଶ୍ୱର ବିଭିନ୍ନ ସ୍ଥାନ ଓ ଭାରତର ବିଭିନ୍ନ ସହରରେ ଆୟୋଜିତ ହେଉଛି ଆର୍ଟ୍ ଅଫ୍ ଗିଭିଂ । ଏଥିରେ ପ୍ରତ୍ୟେକ ବର୍ଗର ଲୋକ ସାମିଲ୍ ହେଉଛନ୍ତି । ପ୍ରତ୍ୟେକ ବର୍ଷ ଅନ୍ତର୍ଜାତୀୟ ଆର୍ଟ୍ ଅଫ୍ ଗିଭିଂର ଏକ ସ୍ୱତନ୍ତ୍ର ବିଷୟବସ୍ତୁ ରହିଥାଏ । ଚଳିତବର୍ଷର ବିଷୟବସ୍ତୁ ଥିଲା ସେୟାର ଟୁ ସାଇନ୍ । ଏହା ଅର୍ଥ ଅନ୍ୟ ସହ ଖୁସି ବାଣ୍ଟିଲେ ନିଜର ମଧ ଉନ୍ନତି ହୋଇଥାଏ । ଚଳିତବର୍ଷ ଆର୍ଟ ଅଫ୍ ଗିଭିଂ ପକ୍ଷରୁ ଓଡ଼ିଶାର ୩ହଜାରରୁ ଊର୍ଦ୍ଧ୍ୱ ସ୍ଥାନରେ ଭଲିବଲ ଓ ନେଟ୍ ବଣ୍ଟନ ବ୍ୟବସ୍ଥା କରାଯାଇଥିଲେ । କ୍ରୀଡ଼ାର ବିକାଶ ନିମନ୍ତେ ଅଚ୍ୟୁତ ସାମନ୍ତଙ୍କ ପ୍ରେରଣା କ୍ରମେ ଯୁବଗୋଷ୍ଠୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ବନ୍ଧୁତ୍ୱପୂର୍ଣ୍ଣ ଆବେଗ ସୃଷ୍ଟି ସକାଶେ ଚଳିତବର୍ଷ ୯ ହଜାର ୧ଶହ ଭଲିବଲ ବଣ୍ଟନ କରାଯାଇଥିଲା ।

ଭୁବନେଶ୍ୱରରେ ଆୟୋଜିତ ତ୍ରୟୋଦଶ ଆର୍ଟ ଅଫ୍ ଗିଭିଂ ମହାସମାରୋହରେ ପାଳନ କରାଯାଇଥିଲା । ଏଥିରେ ବିଭିନ୍ନ ବର୍ଗର ବ୍ୟକ୍ତି ଯୋଗ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ହଲିଉଡ୍ କଣ୍ଠଶିଳ୍ପୀ ସାନ୍ଙ୍କ ଦ୍ୱାରା ଗାନ କରାଯାଇଥିବା ଆର୍ଟ୍ ଅଫ୍ ଗିଭିଂ 'ଥିମ୍ ସଂଗୀତ' ଲୋକାର୍ପିତ ହୋଇଥିଲା । ଏହା ବ୍ୟତୀତ ଆର୍ଟ ଅଫ୍ ଗିଭିଂର ଦୁଇଟି ପୁସ୍ତକ ପାଠକାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ଭାରତୀୟ ଟେନିସ୍ ତାରକା ପଦ୍ମ ଭୂଷଣ ଲିଆଣ୍ଡର ପେସ୍, ତିବ୍ବତୀୟ ବୌଦ୍ଧ ଗୁରୁ ତଥା ସ୍ୱିଜରଲ୍ୟାଣ୍ଡ ସ୍ଥିତ ରିପା ଇଣ୍ଟରନ୍ୟାସନାଲ ସେଣ୍ଟରର ଆଧ୍ୟାତ୍ମିକ ନିର୍ଦ୍ଦେଶକ ଜିଗମେ ରିନପୋଚେ, ବାବା ନାରାୟଣ ଦାସ ଓ ଫେମିନା ମିସ୍ ଇଣ୍ଡିଆ ନିକିତା ପରୱାଲ୍, ଓଡ଼ିଆ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଶୋକ ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଚ୍ୟୁତ ସାମନ୍ତଙ୍କ ଏହି ପ୍ରୟାସର ଉଚ୍ଚ ପ୍ରଶଂସା କରିଥିଲେ । ସମସ୍ତେ ଆର୍ଟ୍ ଅଫ୍ ଗିଭିଂକୁ ଆମେ ସମସ୍ତେ ଆମ ଦୈନନ୍ଦିନ ଜୀବନରେ ଏକ ଅଭ୍ୟାସରେ ପରିଣତ କରିପାରିଲେ ଆମେ ଆନନ୍ଦ ଅନୁଭବ କରିବା ସହ ଏକ ସୁସ୍ଥ ସମାଜ ଗଠନ ହୋଇପାରିବ ବୋଲି ପ୍ରକାଶ କରିଥିଲେ । ପ୍ରତିବର୍ଷ ପରି ଚଳିତବର୍ଷ ମଧ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଖ୍ୟାତିସଂପନ୍ନ ଚିକିତ୍ସାବିତ୍ ଡା ବିଦ୍ୟୁତ୍ ଦାସ, ରୋଟାରିଆନ ଅଜୟ ଅଗ୍ରୱାଲ ଓ କିଟ୍ ପ୍ରଫେସର କୁମାର ଦେବଦତ୍ତଙ୍କୁ ସମ୍ମାନଜନକ ଏଓଜି ହିରୋ ସମ୍ମାନ ପ୍ରଦାନ କରାଯାଇଥିଲା । ପୁରସ୍କାର ସ୍ୱରୂପ ସେମାନଙ୍କୁ ପ୍ରତ୍ୟେକ ୧ଲକ୍ଷ ଟଙ୍କା ଲେଖାଏଁ ଅର୍ଥ ରାଶି ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ କିଟ୍ କିସ୍ ତଥା ଆର୍ଟ ଅଫ୍ ଗିଭିଂ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଚାର ପ୍ରତୀକ୍ଷାରେ ୧୬ଲକ୍ଷ ଅପରାଧିକ ମାମଲା

ଭୁବନେଶ୍ୱର,(ତଥ୍ୟ) ଓଡିଶାର ବିଭିନ୍ନ ଆଇନ୍ ଅଦାଲତରେ ଏବେ ପାଖପାଖି ୧୬ଲକ୍ଷ ଅପରାଧିକ ମାମଲା ବିଚାର ପ୍ରତୀକ୍ଷାରେ ରହିଛି । ଦେୱାନି ମାମଲା ତୁଳନାରେ ଅପରାଧିକ ମାମଲାର ସଂଖ୍ୟା ୭ଗୁଣରୁ ଅଧିକ । ଜାତୀୟ ଜୁଡିସିଆଲ ଡାଟା ଗ୍ରିଡ୍ ର ସର୍ବଶେଷ ତଥ୍ୟରୁ ଏହା ଜଣାପଡିଛି । ଗତମାସରେ ଓଡିଶାରେ ୨୯,୨୬୪ଟି ନୂଆ ମାମଲା ରୁଜୁ ହୋଇଥିବାବେଳେ ସେଥି ମଧ୍ୟରୁ ୨୯,୪୭୯ଟି ଅପରାଧିକ ମାମଲା ଓ ୫୭୮୫ଟି ଦେୱାନି ମାମଲା ଥିବା ଏଥିରେ ଉଲ୍ଲେଖ ରହିଛି । ଅନ୍ୟ ପକ୍ଷରେ ଗତମାସରେ ଓଡିଶାରେ ୨୪,୬୪୯ଟି ବିଚାରାଧିନ ମାମଲାର ଫଏସଲା ହୋଇଥିବାବେଳେ ସେଥି ମଧ୍ୟରୁ ୧୮,୬୯୦ଟି ହେଉଛି ଅପରାଧିକ ମାମଲା । ଏହି ତଥ୍ୟ ମୁତାବକ ଓଡିଶାରେ ଯେତେ ମାମଲା ବିଚାର ପ୍ରତୀକ୍ଷାରେ ରହିଛି ସେଥିରୁ ୧୫ ପ୍ରତିଶତରୁ ଅଧିକ ହେଉଛି ୧୦ବର୍ଷରୁ ପୁରୁଣା । କେତେକ ମାମଲା ବି ୨୦/୩୦ ବର୍ଷ ଧରି ଗଡୁଛି । ଏହି ବକେୟା ମା।ମଲାଗୁଡିକରୁ ୮୯ ପ୍ରତିଶତ ଅପରାଧିକ ମାମଲା ଥିବାବେଳେ ୧୧ ପ୍ରତିଶତ ହେଉଛି ଦେୱାନି ମାମଲା । ସେହିଭଳି ବର୍ଷକରୁ କମ୍ ଅବଧିର ପ୍ରାୟ ୨୨ ପ୍ରତିଶତ ମାମଲା ବିଚାର ପ୍ରତୀକ୍ଷାରେ ରହିଥିବାବେଳେ ବର୍ଷେରୁ ତିନି ବର୍ଷ ପୁରୁଣା ମାମଲାର ହାର ହେଉଛି ୨୩ ପ୍ରତିଶତ । ତିନି ରୁ ପାଞ୍ଚବର୍ଷର ପୁରୁଣା ମାମଲା ସଂଖ୍ୟା ୧୬ ପ୍ରତିଶତ ଥିବାବେଳେ ୫ ରୁ ୧୦ବର୍ଷର ପୁରୁଣା ମାମଲାର ସଂଖ୍ୟା ଓଡିଶାରେ ହେଉଛି ୨୪ ପ୍ରତିଶତ । ସମସ୍ତ ପୁରୁଣା ମାମଲାରେ ୮୦ ପ୍ରତିଶତରୁ ଅଧିକ ଅପରାଧିକ ମାମଲା ଥିବାବେଳେ ୨୦ ପ୍ରତିଶତରୁ କମ୍ ଦେୱାନି ମାମଲା ବୋଲି ଏହି ତଥ୍ୟରୁ ଜଣାପଡିଛି ।

୧୯୯୨ର କଟକ ମଦମୃତ୍ୟୁ ଦୁର୍ଘଟଣା ଠାରୁ ୧୯୯୯ ର ବାଲେଶ୍ୱର ସେକ୍ସ ସ୍କାଣ୍ଡାଲ ମାମଲା ଏବେ ମଧ ବିଚାରାଧିନ ରହିଛି । ମୋଟାମୋଟି ଭାବେ ଓଡିଶାରେ ପୁଲିସ୍ ନିକଟରେ ଯେତେ ଅପରାଧିକ ମାମଲା ରୁଜୁ ହେଉଛି ତାହାର ଅତି ବେଶିରେ ୪୦ ପ୍ରତିଶତରେ ଚାର୍ଜସିଟ୍ ଦାଖଲ କରିବାରେ ପୁଲିସ୍ ସକ୍ଷମ ହେଉଛି ।

## ଚୋରି କାର ଜବତ୍, ୩ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଚୋରି ହୋଇଥିବା ଏକ କାରକୁ ଜବତ କରିବା ସହ ସହିଦନଗର ଥାନା ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଗିରଫ ୩ ଅଭିଯୁକ୍ତ ହେଲେ ବବ୍ଲୁ ସିଂ (୨୭), ସନି ସିଂ (୨୩), ଶିଭମ୍ କୁମାର (୨୨) । ଡୁପ୍ଲିକେଟ୍ ଚାବିରେ କାରକୁ ଚୋରି କରି ନେଇଥିବା ପୋଲିସ କହିଛି । କାର ଚୋରି ସମ୍ପର୍କରେ ସଞ୍ଜିବ କୁମାର ପାଣ୍ଡେ (୪୪) ସହିଦନଗର ଥାନାରେ ଏତଲା କରିଥିଲେ । ତାଙ୍କ ଏତଲା ଆଧାରରେ ପୋଲିସ ୩ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ୩ ଜଣଙ୍କୁ ଜେଲ୍ ହାଜତ ପଠାଇଦିଆଯାଇଛି । ଅଭିଯୁକ୍ତ ବବ୍ଲୁ ଅଭିଯୋଗକାରୀଙ୍କ ଟ୍ରାନ୍ସପୋର୍ଟ ବ୍ୟବସାୟରେ ମ୍ୟାନେଜର ଭାବେ କାମ କରୁଥିବାରୁ ସେ ବିଶ୍ୱାସଭାଜନ ହୋଇପାରିଥିଲା । ସେ ଏବଂ ତାଙ୍କ ସାନ ଭାଇ ସନି ସିଂ ଓ ଶିଭମ୍ ମିଶି କାର ଚୋରି କରି ନେଇଥିଲେ ।

## ଓଡ଼ିଆ କବିତାରେ ନବରସ : ସାହିତ୍ୟ ଅକାଦେମି, ଓଡିଶା ସାହିତ୍ୟ ଏକାଡେମୀର ଆବିଷ୍କାର କାର୍ଯ୍ୟକ୍ରମ

ଭୁବନେଶ୍ୱର,(ସବ୍ୟୁ): କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ ଓଡିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ସଂସ୍କୃତି ଭବନ ପ୍ରେକ୍ଷାଳୟରେ ଆଭିଷ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ସଭାପତିତ୍ୱ କରିଥିଲେ । । କେନ୍ଦ୍ର ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ସହାୟକ ସମ୍ପାଦକ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ଓଡିଶା ସଂଗୀତ ନାଟକ ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା । ଏଥିରେ ବିଶିଷ୍ଟ ଓଡିଶୀ ନୃତ୍ୟ ଗୁରୁ ମଞ୍ଜୁଶ୍ରୀ ପଣ୍ଡା ଏବଂ ସାଥି ଓଡ଼ିଆ କବିତାରେ ନବରସ ଶୀର୍ଷକ ନୃତ୍ୟ-ଅଭିନୟ ପରିବେଷଣ କରିଥିଲେ । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ବିରଚିତ ବିନୟ ପତର ରେ ଥିବା ଶୃଙ୍ଗାର ରସ ଠାରୁ ଆରମ୍ଭ କରି ଗଙ୍ଗାଧର ମେହେରଙ୍କ ମଙ୍ଗଳେ ଅଇଲା ଉଷାରେ ଥିବା ଶାନ୍ତ ରସ ଆଦି ନବରସକୁ ତରୁଣ ଶିଳ୍ପୀମାନେ ନିଖୁଣ ଭାବେ ପରିବେଷଣ କରିଥିଲେ । ଡକଫର ଗୌରହରି ଦାସ ଆଲେଖ୍ୟ ପ୍ରସ୍ତୁତ କରିଥିବାବେଳେ ମଞ୍ଜୁଶ୍ରୀ ପଣ୍ଡା ନୃତ୍ୟ ନିର୍ଦ୍ଦେଶନା ଦେଇଥିଲେ । ସଂଗୀତ ସଜେଇଥିଲେ ଗୁରୁ ସୁକାନ୍ତ କୁମାର କୁଣ୍ଡୁ ଏବଂ ଧନେଶ୍ୱର ସ୍ୱାଇଁ । ନୃତ୍ୟଅଭିନୟ କରିଥିଲେ ପ୍ରଜ୍ଞା ପ୍ରିୟଦର୍ଶିନୀ, ସାଇ ସନ୍ତୋଷୀ, ଅଦିତି, ଜାହ୍ନବୀ, ଦେବାଂଶୀ, ପୁଷ୍ପାଞ୍ଜଳି ଏବଂ ଶୁଭ ପ୍ରିୟଦର୍ଶିନୀ । ଧନ୍ୟବାଦ ଅର୍ପଣ କରିଥିଲେ ସଂଜୟ କୁମାର ଛୁଆଲସିଂହ ।

## ଆରମ୍ଭ ହେଲା ମଳମାସ

# ୩୩ ମାସ ୪ ସପ୍ତାହ ପରେ ପୂଜା ପାଇଲେ "ଶ୍ରୀପୁରୁଷୋତ୍ତମ'

ଭୁବନେଶ୍ୱର(ସବ୍ୟୁ): ଆଜି(ରବିବାର) ଠାରୁ ଆରମ୍ଭ ହୋଇଛି ମଳମାସ । ଦୀର୍ଘ ୩୩ ମାସ ୪ ସପ୍ତାହ ପରେ ପୂଜା ପାଇଲେ ମଳ ନାରାୟଣ "ଶ୍ରୀପୁରୁଷୋତ୍ତମ' । ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ମନ୍ଦିରରେ ବିଦ୍ୟମାନ ମଳ ନାରାୟଣଙ୍କ ପୂଜାର୍ଚ୍ଚନା କରାଯାଇଛି । ଶ୍ରୀମନ୍ଦିର ପରିସରରେ ବଟବୃକ୍ଷ ମୂଳରେ ମା' ବଟମଙ୍ଗଳାଙ୍କ ସାମ୍ନାରେ ଶ୍ରୀପୁରୁଷୋତ୍ତମଙ୍କ ମନ୍ଦିର ରହିଛି । ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ପୂଜାବିଧିରେ ପୂଜା ପାଇବେ ଶ୍ରୀପୁରୁଷୋତ୍ତମ ।

ମଳମାସ ବା ଅଧିମାସର ଅଧିପତି ହେଉଛନ୍ତି ଶ୍ରୀପୁରୁଷୋତ୍ତମ । ଏହି ମନ୍ଦିର ୨୦୨୩ ଅଗଷ୍ଟ ୧୬ ତାରିଖରୁ ବନ୍ଦ ରହିଥିଲା । ଅର୍ଥାତ ୧୦୩୪ ଦିନ ପରେ ପୁଣି ମଳମାସ ପଡ଼ିଥିବାରୁ ଆଜି ଶ୍ରୀପୁରୁଷୋତ୍ତମଙ୍କ ମନ୍ଦିର ଖୋଲି ପୂଜାର୍ଚ୍ଚନା କରାଯାଇଛି । ଏହି ଛୋଟ ମନ୍ଦିରରେ ଦୁଇଟି ମୂର୍ତ୍ତି ରହିଛି । ଗୋଟିଏ ହେଉଛି ନାରାୟଣଙ୍କ ମୂର୍ତ୍ତି । ନାରାୟଣଙ୍କ ବାମ ପାର୍ଶ୍ୱରେ ବରାହଙ୍କ ମୂର୍ତ୍ତି ରହିଛି । ପ୍ରତ୍ୟେକ ଦିନ ଏଠାରେ ମଳ ନାରାୟଣଙ୍କ ପୁରାଣ ପାଠ କରାଯାଏ । ଆଜି ଠାରୁ ପ୍ରତିଦିନ କିଛି ଫଳ ଭୋଗ କରାଯିବ । ରବିବାର ବ୍ରତଧାରୀମାନେ ଗୁଆ ନଡ଼ିଆ ଦେଇ ସଂକଳ୍ପ କରି ପୂଜା ଆରମ୍ଭ କରିଛନ୍ତି । ମନ୍ଦିରରେ କେବଳ ଦ୍ୱାଦଶୀ ଦିନ ଖିରି ଓ ଅମ୍ବାଲୁ ଭୋଗ କରାଯିବ ।

ସୌର ବର୍ଷର ଅବଧି ୩୬୫ ଦିନ ଏବଂ ଚାନ୍ଦ୍ରବର୍ଷର ଅବଧି ୩୫୪ ଦିନ । ବଳି ପଡୁଥିବା ୧୧ ଦିନ ଯୋଗୁ ପ୍ରତି ୩ ବର୍ଷରେ ଅଧିମାସ ବା ମଳମାସ ପଡ଼େ । ଏହି ମଳମାସରେ ଶୁଭ କାର୍ଯ୍ୟ କରାଯାଏ ନାହିଁ ବୋଲି ଶାସ୍ତ୍ର ମତ ରହିଛି । ପ୍ରତ୍ୟେକ ଦିନ ଏଠାରେ ଗୋଟିଏ ଲେଖାଏଁ ଫୁଲ ଅର୍ପଣ କରାଯାଏ । ଏହି ମାସରେ ନାରାୟଣଙ୍କୁ ଦର୍ଶନ କଲେ ଅଶେଷ ପୁଣ୍ୟ ଲାଭ ହୁଏ ବୋଲି ଶାସ୍ତ୍ର ମତ ରହିଛି । ପ୍ରତ୍ୟେକ ୩ ବର୍ଷରେ ଥରେ ମଳମାସ ପଡୁଥିବା ବେଳେ ଏଥର ଏହା ଏହି ଜ୍ୟେଷ୍ଠ ମାସରେ ପଡ଼ିଛି ।

## ୩ ବାଇକ ଚୋରି ଅଭିଯୋଗ

ପାଣିକୋଇଲ (ସବ୍ୟୁ) : ପାଣିକୋଇଲି ଥାନା ଅନ୍ତର୍ଗତ ସଠିପୁର ଠାରୁ ଏକ ବାଇକ ଚୋରି ନେଇ ଅଭିଯୋଗ ହୋଇଛି। ପ୍ରକାଶଯେ ଅଭିଯୋଗକାରୀ କେନ୍ଦ୍ରାପଡା ଜିଲ୍ଲା ତନ୍ତିଆପାଳ ଅଂଚଳର ଜଗନ୍ନାଥ ସାମନ୍ତଙ୍କ ପୁଅ ପ୍ରଶନ୍ନଜିତ ସାମନ୍ତ(୩୦) ଯେକି ଗଙ୍ଗାଧର କନ୍ଷ୍ଟ୍ରକସନ କମ୍ପାନୀରେ ସୁପରଭାଇଜର ଭାବେ କାମ କରନ୍ତି। କମ୍ପାନୀ ପକ୍ଷରୁ ତାଙ୍କୁ ଏକ ଷ୍ଟାର ସିଟି ମୋଟର ସାଇକେଲ (ଓଡି ୩୩,ଡି ୮୫୫୮) ଦିଆଯାଇଥିଲା। ସେ ସଠିପୁରସ୍ଥିତ ଭଡା ଘର ଆଗରେ ସନ୍ଧ୍ୟାରେ ବାଇକ ରଖିଥିଲେ। କେହି ଦୁର୍ବୃତ୍ତ ଘର ଆଗରୁ ଉକ୍ତ ବାଇକଟି ଚୋରି କରିନେଇଛି। ଏନେଇ ଏକ ମାମଲା ୧୬୬/୨୬ ରୁଜୁ କରାଯାଇ ତଦନ୍ତ ଚାଲିଛି। ସେହିପରି ୨୦ ନମ୍ବର ଜାତୀୟ ରାଜପଥ ପାଶ୍ୱର୍ ମହମ୍ମଦ ଜମାଲପୁର (ଅଢେଇବାଟିଆ) ଗ୍ରାମର ଗୋବର୍ଦ୍ଧନ ବୋଇତାଇ ତାଙ୍କ ବାଇକଟିକୁ ଦୋକାନ ପାଖରେ ରଖିଥିଲେ। ରାତ୍ରୀରେ କେହି ଦୁର୍ବୃତ୍ତଉକ୍ତ ବାଇକଟି ଚୋରି କରିନେଇଛି।

# କଳାମୁଗୁନି ପରିତ୍ୟକ୍ତ ପଥର ଖଣିରୁ ଯୁବକଙ୍କ ମୃତ ଦେହ ଠାବ

ଟାଙ୍ଗୀ/ କୁହୁଡ଼ି ,(ସବ୍ୟୁ): ଆଜକୁ ୨ ଦିନ ହେଲା ଘରୁ ନିଖୋଜ ଥିବା ନେଇ ନୟାଗଡ଼ ଜିଲ୍ଲାର ଚାନ୍ଦପୁର ଥାନା ଅଧିନସ୍ଥ କେରଣ୍ଡା ଟାଙ୍ଗୀ ପଞ୍ଚାୟତ ନୂଆପଡ଼ା ଗ୍ରାମର ନକୁଳ ପ୍ରଧାନଙ୍କ ପୁଅ ପ୍ରତାପ କୁମାର ପାଟଶାଣୀ (୩୫) ଙ୍କ ମୃତ ଦେହ ରାଇପଡା ଜଙ୍ଗଲ ଭୋଟା ମୁଣ୍ଡିଆର ଏକ ପରିତ୍ୟକ୍ତ କଳାମୁଗୁନି ପଥର ଖଣିରୁ ରବିବାର ସକାଳେ ଠାବ କରାଯାଇଛି । ଗତ ୧୫ତାରିଖ ଅପରାହ୍ନ ୪ଟା ସମୟରୁ ପ୍ରତାପ ଏକ ସାଇକେଲରେ ଘରୁ ବାହାରକୁ ଯାଇଥିଲେ । ସେ ଫେରିବାରେ ବିଳମ୍ବ ହେବାରୁ ତାଙ୍କ ନିଖୋଜ ସଂପର୍କରେ ପରିବାର ତରଫରୁ ଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା । ରବିବାର ସକାଳୁ ଶୌଚ ହେବାକୁ ଯାଇଥିବା ଜଣେ ବ୍ୟକ୍ତି ଏହି ଶବକୁ ଦେଖି ଏହା ପ୍ରତାପର ବୋଲି ତାଙ୍କ ଘରକୁ ଖବର ଦେଇଥିଲେ । ଶବଟି ପଚିସଢି ଦୁର୍ଗନ୍ଧ ହେଉଥିଲା । ପ୍ରତାପ ଜଣେ ଶାନ୍ତ ଶିଷ୍ଟ ସରଳ ସ୍ୱଭାବ ଯୁବକ ଭାବରେ



ଗ୍ରାମରେ ଜଣାଶୁଣା । ଏହି ଘଟଣାକୁ ନେଇ ବ୍ୟବସାୟିକ ଓ ରାଜନୈତିକ ଅଭିସନ୍ଧି ଥାଇପାରେ ବୋଲି ଆଲୋଚନା ଜୋର ଧରିଛି ।ମୃତ ପ୍ରତାପଙ୍କ ବାପା ନକୁଳ ଦୀର୍ଘ ଦିନ ଧରି ଏକ କ୍ରସର ଚଳାଇ ଆସୁଥିଲେ ।ଏହି କ୍ରସରକୁ ନେଇ ଏହି ହତ୍ୟା କରାଯାଇଥାଇପାରେ ବୋଲି ସନ୍ଦେହ ହେଉଛି । ଖବର ପାଇ ଚାନ୍ଦପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ଶବ ଜବତ କର ଚାନ୍ଦପୁର ପୁଲିସ ବ୍ୟବଚ୍ଛେଦ ପାଇଁ ରଣପୁର ପଠାଇଛି । ସନ୍ଧାନି କୁକୁର ସହ ସାଇଣ୍ଟିଫିକ ଟିମ ତଦନ୍ତ କାର୍ଯ୍ୟରେ ସହାୟତା ପ୍ରଦାନ କରୁଥିବା ଜଣାପଡିଛି । ଶବ ମିଳିଥିବା ସ୍ଥାନ ଏକ ପରିତ୍ୟକ୍ତ ଖଣି । ଏଠାକୁ ଯିବାକୁ ଏକ ପାଦ ଚଲା ରାସ୍ତା ମଧ୍ୟ ରହିଛି । ତେଣୁ ହତ୍ୟାକାରୀ ମାନେ ଏହି ସ୍ଥାନକୁ ବାଛି ନେଇ ପ୍ରତାପଙ୍କୁ ହତ୍ୟା କରି ପାଣିରେ ମୃତ ଶରୀରକୁ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଇଛି । ଏହି ଜଙ୍ଗଲ ମଧ୍ୟକୁ କେତେ ଗୋଟି ମୋବାଇଲ ଟାଓ୍ୱାର ପରିସର ଭୁକ୍ତ ରହିଛି ।ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲେ ହେଁ ଏହା ଏକ ହତ୍ୟାକାଣ୍ଡ ବୋଲି ମୃତକ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି । ଅଭିଯୋଗ ଆଧାରରେ ୨ ଜଣ ଯୁବକଙ୍କୁ ଅଟକ ରଖିଛି ଚାନ୍ଦପୁର ପୋଲିସ ଚାନ୍ଦପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ଆରମ୍ଭ କରିଛି । ସାଇଣ୍ଟିଫିକ ଟିମ ସହିତ ସନ୍ଧାନୀ କୁକୁରର ସାହାଯ୍ୟ ନେଇଛନ୍ତି ଚାନ୍ଦପୁର ପୋଲିସ । ମୃତ ପ୍ରତାପ କୁମାର ପାଟଶାଣୀ ସେହି ସ୍ଥାନକୁ କିପରି ଗଲେ, ସେଠାରେ ତାଙ୍କର କିପରି ମୃତ୍ୟୁ ହେଲା , ନା' ଏହି ମୃତ୍ୟୁ ପଛରେ କିଛି ରହସ୍ୟ ରହିଛି କି' ... ତାହାର ଖୋଳତାଡ଼ ଆରମ୍ଭ କରିଛି ଚାନ୍ଦପୁର ପୋଲିସ । ଶବ ବ୍ୟବଚ୍ଛେଦ ରିପୋର୍ଟ ଖୋଲିବ ହତ୍ୟା ରହସ୍ୟ ବୋଲି ଶରଣକୂଳ ଏସଡିପିଓ ଦିପ୍ତୀକାନ୍ତ ପ୍ରଧାନ କହିଛନ୍ତି ।

# କବି ଭାନୁଜୀ ରାଓଙ୍କ ପ୍ରାଞ୍ଜଳ ଭାବଧର୍ମ ଓ ସୁବୋଧ ଭାବସମ୍ଭାର କବିତା ଏ ଜାତିକୁ ପ୍ରଭାବିତ କରିଛି

ଭୁବନେଶ୍ୱର,(ସବ୍ୟୁ): ପ୍ରୟୋଗବାଦୀ କବିତାର ପରୀକ୍ଷା ଓ ନିରିକ୍ଷା ଠାରୁ ଦୂରରେ ଥାଇ କବି ଭାନୁଜୀ ରାଓ ତାଙ୍କର କବିତାରେ ପ୍ରାଞ୍ଜଳ ଭାବଧର୍ମ ଓ ସୁବୋଧ ଭାବସମ୍ଭାର ପ୍ରକାଶ କରିପାରିଛନ୍ତି ଓ ଉତ୍ତର ଅଶୀରେ ସେହି ସ୍ୱର ହୋଇଛି ଅଧିକ ସନ୍ନଦ୍ଧ ଓ ସିଦ୍ଧିପ୍ରଦ । ଦୁଃଖ, ଅବଶୋଷ, ହତାଶାର ପରିଧିରେ ଘୂରିଘୂରି ସେ ଜୀବନ ବଞ୍ଚାଇଛନ୍ତି ଓ ଜୀବନକୁ ଜଣେ ସବୁଜ ରୋମାଣ୍ଟିକ୍ କବି ପରି ଉପଭୋଗ ମଧ କରିଛନ୍ତି । କବିତାର ଦୀର୍ଘ ଯାତ୍ରାପଥରେ ବିରାମହୀନ କବି ଭାନୁଜୀ ରାଓ ଯିଏକି ନିଜ ସୁଖ ଦୁଃଖର ଅଜସ୍ର ଅନୁଭବ କଥା କହି କହି ଶେଷରେ ଯେପରି କ୍ଲାନ୍ତ ହୋଇ ପଡିଛନ୍ତି ଏବଂ ଅନୁଭୂତିର ବିଭିନ୍ନ ଦିଗକୁ ପୁନରାବୃତ୍ତି କରିଛନ୍ତି, ଯାହାଙ୍କର କାବ୍ୟ ଭାବନାରେ ରୋମାଣ୍ଟିକ୍ ଓ ବାସ୍ତବବାଦିତାର ଅପୂର୍ବ ଦ୍ୱନ୍ଦ ଓ ସଂକଟ ପ୍ରକଟିତ ହୋଇପାରିଥିଲା । ଏହିପରି ଜଣେ




ଅନନ୍ୟ କବିଙ୍କର ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ୧୭ ମଇ ୨୦୨୬ ରବିବାର ପୂର୍ବାହ୍ନ ୧୧.୦୦ ଘଟିକାରେ ଭୁବନେଶ୍ୱରସ୍ଥିତ ସଂସ୍କୃତି ଭବନ, ସମ୍ମିଳନୀ କକ୍ଷ ଠାରେ ସାହିତ୍ୟ ଅକାଦେମି ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ସହଯୋଗରେ ଆୟୋଜିତ ସାରସ୍ୱତ ସଭାରେ ମାନ୍ୟଗଣ୍ୟ ଅତିଥି ଓ ବକ୍ତାଙ୍କ ଦ୍ୱାରା ମତପ୍ରକାଶ ପାଇଥିଲା । କବି ଭାନୁଜୀ ରାଓଙ୍କ ଜନ୍ମଶତବାର୍ଷିକୀ ପାଳନ ଅବସରରେ ଓଡ଼ିଆ ଭାଷା ସାହିତ୍ୟର ଜଣେ ଅନନ୍ୟ ସ୍ରଷ୍ଟା ଭାଷାବି ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଶିଷ୍ଟ ସାହିତ୍ୟିକା ତଥା କବିଙ୍କ ପରିବାର ପକ୍ଷରୁ ସମ୍ମାନନୀୟ ଅତିଥି ଭାବେ ସୁସ୍ମିତା ରଥ ଯୋଗଦାନ କରି କବିଙ୍କ ସହିତ ବିତାଇଥିବା ବ୍ୟକ୍ତିତ୍ୱ ଜୀବନର ବିଭିନ୍ନ ଘଟଣାବଳୀ ସଂପର୍କରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ବିଶିଷ୍ଟ ସାହିତ୍ୟିକ ତଥା କବି ପ୍ରଫେସର ଆଦିକନ୍ଦ ସାହୁ ଉଦ୍ଘାଟକ ଭାବେ ଯୋଗଦାନ କରି କବିଙ୍କର କବିତାଗୁଡ଼ିକ ତାଙ୍କ ବ୍ୟକ୍ତିକ ପ୍ରେମ, ବିଫଳତା, କାରୁଣ୍ୟ ଓ ନିଃସଙ୍ଗତାର ସ୍ୱର କିପରି ବହନ କରିପାରିଥିଲା ସେ ସମ୍ପର୍କରେ ପରିପ୍ରକାଶ ପାଇପାରିଥିଲା । ବିଶିଷ୍ଟ କବି ତଥା ସମାଲୋଚକ ଡକଟର ଶତ୍ରୁଘ୍ନ ପାଣ୍ଡବ ମୁଖ୍ୟବକ୍ତା ଭାବେ ଯୋଗଦାନ କରି କବିଙ୍କ ରଚିତ ଚନ୍ଦନ ବନରେ ଏକା, ଦର୍ପଣ ଆଗରେ, ଏକା ଏବଂ ଏକାଏକା, ହଳଦୀ ପତ୍ରର ବାସ୍ନା ଇତ୍ୟାଦି ପୁସ୍ତକ ଉପରେ କବିଙ୍କ କାବ୍ୟିକ ସୃଷ୍ଟି କିପରି ରହିଥିଲା ଏ ସଂପର୍କରେ ସାରଗର୍ଭକ ଅଭିଭାଷଣ ପ୍ରଦାନ କରିଥିଲେ । ବିଶିଷ୍ଟ କଥାକାର ଓ ସୁସାହିତ୍ୟିକ ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସମ୍ମାନସ୍ପଦ ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାଶ ମୁଖ୍ୟଅତିଥି ଭାବେ ଯୋଗଦାନ କରି କବିଙ୍କ ରଚିତ ଜହ୍ନର ରକ୍ତ ଧଳା, ଶବ୍ଦ ସଙ୍ଗେ ଶୃଙ୍ଗାର, ଅନ୍ତର୍ଗତ ସୁଖ ଦୁଃଖ, ସ୍ୱପ୍ନର ପ୍ରଚ୍ଛଦ ଓ ରକ୍ତ ମାଂସର କବିତା ଆଦି କବିଙ୍କର ଅନବଦ୍ୟ ସୃଷ୍ଟି ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଜନ୍ମଶତବାର୍ଷିକୀ କାର୍ଯ୍ୟକ୍ରମରେ ସଭାପତିତ୍ୱ କରୁଥିବା ବରିଷ୍ଠ ସାହିତ୍ୟିକ ତଥା ଭାଷାବିତ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ନିଜର ସଭାପତିତ୍ୱ ଅଭିଭାଷଣରେ ପୂର୍ବରୁ ଆଲୋଚନା କରିଥିବା ମାନ୍ୟଗଣ୍ୟ ଅତିଥି ଓ ବକ୍ତାଙ୍କ ବକ୍ତବ୍ୟରୁ ସମ୍ୟକ୍ ସୂଚନା ପ୍ରଦାନ କରିବା ସହ କବି ଭାନୁଜୀ ରାଓଙ୍କର ବାସ୍ତବବାଦୀ ଭାବନା ତାଙ୍କ କବିତାରେ କିପରି ପ୍ରସ୍ଫୁଟିତ ହୋଇପାରିଥିଲା ଏ ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସହାୟକ ସମ୍ପାଦକ, ସାହିତ୍ୟ ଅକାଦେମି, ଆଞ୍ଚଳିକ କାର୍ଯ୍ୟାଳୟ କୋଲକତା ପକ୍ଷରୁ କ୍ଷେତ୍ରବାସୀ ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କବିଙ୍କର ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକଫର ଚନ୍ଦ୍ରଶେଖର ହୋତା ଜନ୍ମଶତବାର୍ଷିକୀ କାର୍ଯ୍ୟକ୍ରମର ବିଭିନ୍ନ ଆଭିମୁଖ୍ୟ ସଂପର୍କରେ ବକ୍ତବ୍ୟ ଉପସ୍ଥାପନ କରିବା ସହ ଭାନୁଜୀ ରାଓଙ୍କର କୃତି ଓ କୃତିତ୍ୱ ଉପରେ ଆଲୋଚନା କରିଥିଲେ ।

### ମାଙ୍କଡ଼ ଆକ୍ରମଣରେ ଶିଶୁ, ବୃଦ୍ଧ ଗୁରୁତର

# ବନ ବିଭାଗର ନିଷ୍କ୍ରିୟତାକୁ ନେଇ ଜନଅସନ୍ତୋଷ

ନିରାକାରପୁର ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଅଞ୍ଚଳରେ ମାଙ୍କଡ଼ଙ୍କ ପ୍ରାଦୁର୍ଭାବ ଏବେ ଚରମ ସୀମାରେ ପହଞ୍ଚିଛି । ହିଂସ୍ର ମାଙ୍କଡ଼ଙ୍କ ଉପଦ୍ରବରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ, ୪୮ ଘଣ୍ଟାରେ ଜଣେ କୋମଳମତି ଶିଶୁ ଓ ଜଣେ ବୃଦ୍ଧ ମାଙ୍କଡ଼ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଛନ୍ତି । ପ୍ରଶାସନର ନିରବତା ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି ।ସୂଚନା ଅନୁଯାୟୀ, ନିରାକାରପୁର ନୀଳକଣ୍ଠପୁର ପଞ୍ଚାୟତ ମଞ୍ଚାରିଆପାଟଣା ଗ୍ରାମର ଆୟୁଷ ବାହୁବଳେନ୍ଦ୍ର ନାମକ ଜଣେ ପ୍ରଥମ ଶ୍ରେଣୀ ଛାତ୍ର ଟ୍ୟୁସନ ସାରି ଘରକୁ ଫେରୁଥିବା ସମୟରେ ମାଙ୍କଡ଼ ଆକ୍ରମଣର ଶିକାର ହୋଇଥିଲେ । ମାଙ୍କଡ଼ଟି ତାଙ୍କୁ ଗୋଡ଼ାଇ ଗୋଡ଼ାଇ କାମୁଡ଼ି କ୍ଷତବିକ୍ଷତ କରିଦେଇଛି । ସେହିପରି ଆଜି ଗ୍ରାମର ରବିନାରାୟଣ ଗଜେନ୍ଦ୍ର (୬୪) ମଧ୍ୟ ମାଙ୍କଡ଼ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି । ଉଭୟଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।କେବଳ ଏହି ଦୁଇଟି ଘଟଣା ନୁହେଁ, ବରଂ ନିରାକାରପୁରର ପ୍ରତିଟି ଗଳିକନ୍ଦିରେ ଏବେ ମାଙ୍କଡ଼ଙ୍କ ରାଜ ଚାଲିଛି । ଏବେ ବେଶୀ ସେମାନେ ନିଜକୁ ମଞ୍ଚାରିଆପାଟଣା ରେ ସୁରକ୍ଷିତ ମଣି ଲୋକମାନଙ୍କୁ ଆକ୍ରମଣ କରୁଛନ୍ତି । ବହି ବସ୍ତାନି କିମ୍ବା ଟିଫିନ ବ୍ୟାଗ ଦେଖିଲେ ମାଙ୍କଡ଼ମାନେ ଝାମ୍ପି ନେବା ସହ ଆକ୍ରମଣ କରୁଛନ୍ତି, ଯେଉଁଥିପାଇଁ ଛୋଟ ପିଲାମାନେ ବିଦ୍ୟାଳୟକୁ ଯିବାକୁ ଭୟ କରୁଛନ୍ତି । ଘର ଭିତରକୁ ପଶି ଖାଦ୍ୟ ସାମଗ୍ରୀ ଲୁଟିବା ସହ ଆସବାବପତ୍ର ଭାଙ୍ଗି ନଷ୍ଟ କରିଦେଉଛନ୍ତି । ସକାଳୁ ଭ୍ରମଣରେ ବାହାରୁଥିବା ବ୍ୟକ୍ତି ଓ ବଜାରକୁ ଯାଉଥିବା ଲୋକେ ହାତରେ ବାଡ଼ି ନ ଧରି ବାହାରକୁ ବାହାରିବା ସୁରକ୍ଷିତ ମଣୁନାହାନ୍ତି ।ମାଙ୍କଡ଼ଙ୍କ ଏଭଳି ଉପଦ୍ରବ ନେଇ ବାରମ୍ବାର ବନ ବିଭାଗ ଓ ସ୍ଥାନୀୟ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ । ବନ ବିଭାଗର ଏଭଳି ଦାୟିତ୍ୱହୀନତାକୁ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିଛନ୍ତି ।

# ମୟୂରଭଞ୍ଜରେ ସ୍ୱଦେଶୀ ଜାଗରଣ ମଞ୍ଚର ଜନ ସଚେତନତା



ବାରିପଦା, (ସବ୍ୟୁ) : ମୟୁରଭଞ୍ଜରେ ସ୍ୱଦେଶୀ ଜାଗରଣ ମଞ୍ଚରଏକ ଜନ ସଚେତନାତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଞ୍ଚର ବିଶ୍ୱାସ ଯେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ପଦକ୍ଷେପଗୁଡ଼ିକୁ ଅନୁସରଣ କରି ଆମେ ପେଟ୍ରୋଲିୟମ ପଦାର୍ଥର ବ୍ୟବହାର କମାଇବାରେ ସଫଳ ହେବା। ଏହାସହିତ, ଦୀର୍ଘକାଳୀନ ସମାଧାନ ପାଇଁ ଭାରତକୁ ଉର୍ଜା କ୍ଷେତ୍ରରେ ବିଶେଷତଃ ନବୀକରଣଯୋଗ୍ୟ ସବୁଜ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭର କରିବା। ଏହା ସହ ଆମକୁ ସ୍ୱଚ୍ଛ ପ୍ରଯୁକ୍ତିର ଉତ୍ପାଦନରେ ମଧ୍ୟ ଆତ୍ମନିର୍ଭର ହେବାକୁ ପଡିବ, ଯାହାରେ ଇଲେକ୍ଟ୍ରିକ୍ ଯାନ , ସୌର ଉର୍ଜା ଉପକରଣ , ପବନ ଉର୍ଜା ଉପକରଣ, ହରିତ ହାଇଡ୍ରୋଜେନ, ପରମାଣୁ ଶକ୍ତି ଇତ୍ୟାଦି ଅନ୍ତର୍ଭୁକ୍ତ। ଯେତେବେଳେ ଆମେ ସ୍ୱଚ୍ଛ ଉର୍ଜା ଓ ସ୍ୱଚ୍ଛ ପ୍ରଯୁକ୍ତି ଉତ୍ପାଦନରେ ଆତ୍ମନିର୍ଭର ହେବୁ, ସେତେବେଳେ ଆମେ କେବଳ ଆମଦାନିକୃତ କଚା ତେଲ ପାଇଁ ତେଲ ଉତ୍ପାଦକ ଓ ରପ୍ତାନିକାରୀ ଦେଶଗୁଡ଼ିକ ଉପରେ ନିର୍ଭରତା କମାଇପାରିବୁ ନୁହେଁ ବରଂ ସୌର ଓ ପବନ ଉର୍ଜା ଉପକରଣ, ଇଲେକ୍ଟ୍ରିକ୍ ଯାନର ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ପାଇଁ ଚୀନ ଓ ଅନ୍ୟଦେଶ ଉପରେ ମଧ୍ୟ ନିର୍ଭରତା କମାଇପାରିବୁ। ସ୍ୱଦେଶୀ ଜାଗରଣ ମଞ୍ଚ ସ୍ୱଚ୍ଛ ପ୍ରଯୁକ୍ତି, ସୌର ଓ ଅନ୍ୟାନ୍ୟ ନବୀକରଣଯୋଗ୍ୟ ଉର୍ଜା, ଇଲେକ୍ଟ୍ରିକ୍ ଯାନ, ହରିତ ହାଇଡ୍ରୋଜେନ ଓ ପରମାଣୁ ଶକ୍ତିର ଗ୍ରହଣ ଏବଂ ଦେଶୀୟ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ପାଇଁ ସରକାରଙ୍କୁ ପ୍ରଶଂସା କରୁଛି। ସ୍ୱଦେଶୀ ଜାଗରଣ ମଞ୍ଚର ଦୃଢ଼ ବିଶ୍ୱାସ ଯେ ପ୍ରଧାନମନ୍ତ୍ରୀଙ୍କ ଏହି ଆହ୍ୱାନ 'ସ୍ୱଦେଶୀ' ପାଇଁ ଏକ ଆହ୍ୱାନ ବ୍ୟତୀତ ଅନ୍ୟ କିଛି ନୁହେଁ। ବିଦେଶୀ ନିର୍ଭରତା କମାଇବା ଓ ରାଷ୍ଟ୍ର ଗଠନର ଏହି ଅଭିଯାନରେ ସାମିଲ ହୁଅନ୍ତୁ ଏବଂ ଏକ ଶକ୍ତିଶାଳୀ, ସୁଦୃଢ଼ ଓ 'ଆତ୍ମନିର୍ଭର ଭାରତ' ଗଠନରେ ଅବଦାନ ରଖନ୍ତୁ। ଏହି ସଭାରେ ବିଜୟ କୁମାର ରାଉତରାୟ (ପ୍ରାନ୍ତ ସମନ୍ୱୟ) ତପନ କୁମାର ନାୟକ (ପ୍ରାନ୍ତ ପ୍ରଚାର ପ୍ରମୁଖ )ବିଜୟ କୁମାର ଦାସ (ଜିଲ୍ଲା ସଂଯୋଜକ ମୟୂରଭଞ୍ଜ) ତୁଷାର ମହାନ୍ତ (ଆରଏସଏସ ବିଭାଗ ପ୍ରଚାର ପ୍ରମୁଖ ) ନିର୍ମଳ ଜେନା (ଜିଲ୍ଲା କାର୍ଯ୍ୟ ବାହାକ) ହେମଲତା ଦାଶ (ମହିଳା ସମନ୍ୱୟକ )ଶିବ ଶଙ୍କର ମାଇତି (ଜିଲ୍ଲା ସହ ସଂଯୋଜକ ) ମନୋଜ ପରିଡା, ଶୋଭାବତୀ ଓଡା, ମମତା ମଣ୍ଡଳ, ପାୟଲ ରାୟ, ସୁସ୍ମିତା ପୃଷ୍ଟି, ସବିତା ରାଉତ, ଦେବେନ୍ଦ୍ର ନାଥ ସିଂହ, ଅଭିଜିତ ପଣ୍ଡା, ଦିଲ୍ଲୀପ ଭଞ୍ଜ, କ୍ରିଷ୍ଣା ବେହେରା, କାହ୍ନୁ ଜେନା, ସଞ୍ଜୟ ପଟ୍ଟନାୟକ, ହୃଷିକେଶ ଦଣ୍ଡପଟା, ଧନଞ୍ଜୟ ବେହେରା, ହୃଷିକେଶ ଦାସ ଓ ମନୋଜ ପ୍ରଧାନ ଆଦି ଉପସ୍ଥିତ ଥିଲେ।

## ଥାନାରେ ଦ୍ୱାରସ୍ଥ ନାବାଳିକା ଚେତାଶୂନ୍ୟ ଘଟଣା

# ପୀଡିତା ପରିବାରକୁ ଭେଟିଲେ ବିଜେଡି ପ୍ରତିନିଧି ଦଳ



ବାରିପଦା, (ସବ୍ୟୁ): : ମୟୂରଭଞ୍ଜ ଜିଲ୍ଲାରେ ନ୍ୟାୟ ପାଇଁ ଜଣେ ନାବାଳିକା (୧୦ମ ଉତ୍ତୀର୍ଣ୍ଣ ଛାତ୍ରୀ) ମୋରଡା ଥାନାରେ ଥାନା ଅଧିକାରୀଙ୍କ ଧମକ ସହ୍ୟ କରିନପାରି ଚେତାଶୂନ୍ୟ ଘଟଣାକୁ ବିଜେଡି ନିନ୍ଦା କରିବା ସହିତ ଗୁରୁତର ସହ ନେଇଛି। ଦଳର ସୁପ୍ରିମୋ ତଥା ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଏକ ପ୍ରତିନିଧି ଦଳ ପୀଡିତାଙ୍କୁ ନ୍ୟାୟ ଦେବା ଓ ଦାୟିତ୍ୱ ହୀନ ପୁଲିସ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଓ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରଥମେ ପିଆରଏମ ମେଡିକାଲରେ ପହଞ୍ଚି ପୀଡିତା ନାବାଳିକା ଓ ତାଙ୍କ ପରିବାରକୁ ଭେଟି ସମସ୍ତ ତଥ୍ୟସଂଗ୍ରହ କରିଛନ୍ତି। ମୋରଡା ଥାନା ଅଞ୍ଚଳର ଜନୈକ ଯୁବକ ଅଭିଯୋଗ କାରିଣୀ ନାବାଳିକା ଛାତ୍ରୀଙ୍କୁ କିଛିଦିନ ହେବ ରାସ୍ତା ଘାଟରେ ପ୍ରେମ ନିବେଦନ କରିବା ସହିତ ଅଭଦ୍ରୋଚିତ ଅସଦାଚରଣ କରୁଥିଲେ। ଏଥିରେ ଅତିଷ୍ଠ ହୋଇ ନ୍ୟାୟ ପାଇଁ ନାବାଳିକା ତାଙ୍କ ବାପା ଓ ମା'ଙ୍କ ସହିତ ମୋରଡା ଥାନାକୁ ଶନିବାର ସନ୍ଧ୍ୟାରେ ଯାଇ ସମ୍ପୃକ୍ତ ଯୁବକଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ। ଥାନାଅଧିକାରୀ ଅଭିଯୋଗ ନରଖି ସେମାନଙ୍କୁ ଏଆଡୁ ସିଆଡୁ କହି ଫେରାଇ ଦେଇଥିଲେ। ଫଳରେ ବାପା, ମା' ଓ ଝିଅ ବେତନଟୀ ଏସଡିପିଓଙ୍କୁ ମୋବାଇଲ ଫୋନ ଯୋଗେ ସମସ୍ତ ଘଟଣା ଜଣାଇଥିଲେ। ଏହାପରେ ଏସଡିପିଓ ପୁନର୍ବାର ଥାନାଧିକାରୀଙ୍କୁ ଭେଟି ଏତଲା ଦେବାକୁ କହିଥିଲେ। ଏପରି ଘଟଣାରେ ଥାନାଅଧିକାରୀ ପୂର୍ବା ଅପେକ୍ଷା ଅଧିକ ପ୍ରତିକ୍ରିୟାଶୀଳ ହୋଇ ମହିଳା ଅଧିକାରୀ ଅନୁପସ୍ଥିତିରେ ବୟାନ ସଂଗ୍ରହ ପାଇଁ ଡାକି ଅଭିଯୁକ୍ତଙ୍କ ସମ୍ମୁଖରେ ନାବାଳିକାଙ୍କୁ ଧମକ ଦେଇଥିଲେ। ନାବାଳିକାଙ୍କ ୭ବର୍ଷ କାରାଦଣ୍ଡ ହେବ ବୋଲି କୁଆଡେ କହିଥିଲେ। ଏହାପରେ ନାବାଳିକା କାନ୍ଦି କାନ୍ଦି ବାହାରକୁ ଆସି ବାପା ମା'ଙ୍କ ପାଖରେ ପହଞ୍ଚି ଚେତାଶୂନ୍ୟ ହୋଇ ପଡିଯାଇଥିଲେ। ଥାନା ଗାଡିରେ ଜଣେ ପୁଲିସ ସବ ଇନିସପେକ୍ଟରଙ୍କ ଜରିଆରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା। ଅଭିଯୁକ୍ତ ଯୁବକ ଜଣଙ୍କ ଶାସକ ଦଳର ଚିତ୍ରଡା କାର୍ଯ୍ୟାଳୟର କର୍ମଚାରୀ ହୋଇଥିବାରୁ ତାଙ୍କୁ ସୁରକ୍ଷା ଦେବାକୁ ଯାଇ ଥାନାଅଧିକାରୀ ମାମଲା ରୁଜୁ ପାଇଁ ଚାହୁଁ ନଥବା ନେଇ ଏତଲାରେ ଦର୍ଶାଯାଇଛି। ଥାନାଧିକାରୀ ସୁମିତ ସୋରେନଙ୍କ ଏଭଳି ଆଚରଣ ବିରୋଧରେ ପ୍ରଶ୍ନ ଉଠାଇଛନ୍ତି ପ୍ରତିନିଧି ଦଳ। ରାଜ୍ୟ ସରକାର ନାବାଳିକାଙ୍କ ସୁରକ୍ଷା ପାଇଁ ସମସ୍ତ ଥାନାରେ ନାବାଳିକାଙ୍କୁ ଡାକି 'ଜୁଭେଣ୍ଟିନା' ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ କରୁଥିବାବେଳେ ଏକ ସମ୍ବେଦନଶୀଳ ଜଣେ ନାବାଳିକାଙ୍କ କ୍ଷେତ୍ରରେ ବିନା ମହିଳା ପୁଲିସ ଉପସ୍ଥିତିରେ ବୟାନ ସଂଗ୍ରହ ନାମରେ ହଇରାଣ ହରକତ ଏପରିକି ଧମକ ଦେବା ତଦନ୍ତ ସାପେକ୍ଷ ନ୍ୟାୟ ଆଶାରେ ୧୫ବର୍ଷର ଛାତ୍ରୀ ଥାନାକୁ ଆସିଥିବା ବେଳେ ୭ବର୍ଷ କାରାଦଣ୍ଡାଦେଶ ଧମକ ଦେବା ଫଳରେ ସେ ୪ଘଣ୍ଟା ସଜ୍ଞାହୀନ ଭାବେ ପ୍ରଥମେ ବାରମାଇଲ ଓ ପରେ ପିଆରଏମ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏ ସମ୍ପର୍କରେ ପ୍ରତିନିଧି ଦଳ ପୀଡିତା ପରିବାରଙ୍କୁ ସଙ୍ଗରେ ନେଇ ଏସପିଙ୍କ ଅନୁପସ୍ଥିତିରେ ଅତିରିକ୍ତ ଏସପି ଦିପକ କୁମାର ଗୋଛାୟତଙ୍କୁ ଭେଟି ମୋରଡା ଥାନା ଅଧିକାରୀଙ୍କୁ ଅପସାରଣ ଓ କାର୍ଯ୍ୟାନୁଷ୍ଠାନ ସହ ନିରପେକ୍ଷ ତଦନ୍ତ ଦାବି କରିଛନ୍ତି। ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃ, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଦେବାଶିଷ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ଅମର ସେଠି, ଅରୁଣ ବରାଡ ଓ ସୁନୀଲ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## କାଳିଆ ରାଉଳ ଛତ୍ରପୁର ପୌରପରିଷଦ କଂଗ୍ରେସ କମିଟି ସଭାପତି



ଛତ୍ରପୁର, (ସବ୍ୟୁ) : ଛତ୍ରପୁର ର ଯୁବ ସଂଗଠକ ତଥା ଟାଣୁଆ ନେତା କାଳିଆ ରାଉଳଙ୍କୁ ଗୁରୁ ଦାୟିତ୍ୱ ଗଞ୍ଜାମ ଜିଲ୍ଲା କଂଗେସ ( ପୂର୍ )କମିଟି ର ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ ପ୍ରଦାନ କରିଛନ୍ତି। ଶ୍ରୀ ରାଉଳ ଙ୍କୁ ଛତ୍ରପୁର ପୌରପରିଷଦ କଂଗ୍ରେସ କମିଟି ନୂତନ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛ । ଏନେଇ ଶ୍ରୀ ପଟ୍ଟନାୟକ ଏକ ଚିଠି ମାଧ୍ୟମ ରେ ସୂଚନା ଦେଇଛନ୍ତି । ଛତ୍ରପୁର ପୌରପରିଷଦର କଂଗ୍ରେସ ଦଳର ସଭାପତି ଭାବେ ଦାୟିତ୍ୱ କାଳିଆ ରାଉଳ ମିଳିବା ପରେ ତାଙ୍କୁ ବିଭିନ୍ନ ମହଲ ରୁ ଶୁଭେଚ୍ଛା ସୁଅ ଛୁଟିଛି । ଏନେଇ ସେ କହିଛନ୍ତି ଯେଉଁ ଗୁରୁ ଦାୟିତ୍ୱ ମୋତେ ଦଳ ଦେଇଛନ୍ତି ତାଙ୍କୁ ମୁଁ ସୁଚାରୁ ରୂପେ ତୁଲାଇବା ସହିତ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ, ଜିଲ୍ଲା ସଭାପତି ରଶ୍ମି ରଞ୍ଜନ ପଟ୍ଟନାୟକ, ଉପଦେଷ୍ଟା ତ୍ରିନାଥ ବେହେରା, ଜିଲ୍ଲା ଉପସଭାପତି ଅଶୋକ କୁମାର ପଟ୍ଟନାୟକ ଓ ବୃନ୍ଦାବନ ଖଟେଇ ଏବଂ ଦଳୀୟ ନେତା ଓ କର୍ମୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଆଗାମୀ ଦିନ ରେ ଦଳ କିପରି ସୁ ସଙ୍ଗଠିତ ହେବ ସେଥିପାଇଁ କାର୍ଯ୍ୟ କରିବି ବୋଲି ସେ କହିଛନ୍ତି ।

## ୪୪୪ ୱାରେଣ୍ଟି କାର୍ଯ୍ୟକାରୀ

ଛତ୍ରପୁର, (ସବ୍ୟୁ): ଗଂଜାମ ପୋଲିସ ଜିଲ୍ଲା ଅଧୀନରେ ଗତ ୧୧ ଦିନ ଧରି ସ୍ୱତନ୍ତ୍ର ଡ୍ରାଇଭ ଯୋଗେ ପୁରୁଣା ୱାରେଣ୍ଟି ଧର ପଗଡ ରେ ୪୪୪ ଟି ୱାରେଣ୍ଟି ଧରି କାର୍ଯ୍ୟକାରୀ କରାଯାଇଛି । ଏହି ସ୍ୱତନ୍ତ୍ର ଡ୍ରାଇଭ ଯୋଗେ ଭଞ୍ଜନଗର ପୋଲିସ ଉପଖଣ୍ଡ ସ୍ତର ରେ ୧୩୫, ପୁରୁଷୋତ୍ତମପୁର ଉପଖଣ୍ଡ ସ୍ତରରେ ୧୧୧ , ଆସିକା ଉପଖଣ୍ଡ ସ୍ତର ରେ ୧୦୯ ଏବଂ ଛତ୍ରପୁର ଉପଖଣ୍ଡ ସ୍ତର ରେ ୮୯ ଟି ୱାରେଣ୍ଟି କୁ ଧରାଯାଇଛି ।ସେହିପରି ଛତ୍ରପୁର ଥାନା ପକ୍ଷରୁ ୨୫,ଖଲିକୋଟ ୩୩, ରମ୍ଭା ୮,ଗଞ୍ଜାମ ୧୧, ଚମାଖଣ୍ଡି ୧୨,ପୁରୁଷୋତ୍ତମପୁର ୩୦,କବିସୂର୍ଯ୍ୟନଗର ୧୬,ପୋଲସରା ୪୪, କୋଦଳା ୧୬, ବେଗୁନିଆପଡା ୫,ଆସିକା ୧୮, ହିଞ୍ଜିଳି ୨୫, କୋଟିନଡା ୧୭, ଧରାକୋଟ ୧୪, ସୋରଡ଼ା ୮, ବରଗଡ଼ ୯, ପାଟପୁର ୧୨, ଶେରଗଡ଼ ୩, ଭଞ୍ଜନଗର ୧୮, ବୁଗୁଡ଼ା ୨୩, ଗାଙ୍ଗପୁର ୨୬, ବେଲଗୁଣ୍ଠା ୧୬, ଜଗନ୍ନାଥପ୍ରସାଦ ୨୩, ତାରସିଂ ୨୯ ଓ ବେଲଗାଁ ଥାନା ପକ୍ଷରୁ ୩ ଟି ୱାରେଣ୍ଟି ଧରାଯାଇ କାର୍ଯ୍ୟକାରୀ କରାଯାଇଛି ।ଏପରି ସ୍ୱତନ୍ତ୍ର ଡ୍ରାଇଭ ଆସନ୍ତା ଦିନ ରେ ଚାଲୁ ରହିବ ବୋଲି ସୂଚନା ମିଳିଛି ।

## ମା'ପୁଅକୁ ଆକ୍ରମଣ : ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ସଦର ଥାନା ଅନ୍ତର୍ଗତ ଗୁଣ୍ଡବନ୍ଧ ଗ୍ରାମରେ ଜଣେ ମହିଳା ଓ ତାଙ୍କ ପୁଅକୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋକିଛ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।ସେ ହେଲେ ଉକ୍ତ ଗ୍ରାମର ବିପିନ ଡାକୁଆ (୩୮)। ଘଟଣାରେ ବ୍ୟବହୃତ କୁରାଢ଼ୀ ପୋଲିସ ଅଭିଯୁକ୍ତଙ୍କ ନିକଟରୁ ଜବତ କରିଛି। ମାମଲା ନଂ ୨୨୬/୨୬ ରେ ତାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି। ରବିବାର ସକାଳେ ଦେବରାଜ ବେହେରାଙ୍କ ସାନପୁଅ ଘରେ ଥିବା ବେଳେ ଉକ୍ତ ବିପିନ ସେଠାରେ ପହଞ୍ଚି ତାଙ୍କୁ ଗାଳି ଗୁଲଜ କରିଥିଲେ। ସେ ଏହାର ପ୍ରତିବାଦ କରିଥିଲେ। ବିପିନି ଏକ କୁରାଢ଼ୀ ଧରି ତାଙ୍କୁ ଆକ୍ରମଣ କରିବାକୁ ଉଦ୍ୟମ କରୁଥିଲା। ଘରେ ଥିବା ପ୍ରତିମା ବେହେରା ଓ ତାଙ୍କ ବଡ ପୁଅ ଶିବଶଙ୍କର ସେଠାରେ ପହଞ୍ଚିଥିଲେ। ବେଳେ ବିପିନ କୁରାଢ଼ୀରେ ଉଭୟ ମା'ପୁଅକୁ ଆକ୍ରମଣ କରିଥିଲେ। ଯାହାଫଳରେ ପ୍ରତିମା ଙ୍କ ହାତ ପାପୁଲି ଓ ଶିବଶଙ୍କରଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ପରେ ବିପିନ ଡାକୁଆ ସେମାନଙ୍କୁ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା। ଆହତ ଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଆହତ ମହିଳାଙ୍କ ସ୍ୱାମୀ ଦେବରାଜ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ବୃଦ୍ଧାଙ୍କ ହତ୍ୟା ଉଦ୍ୟମ : ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଜନୈକା ବୃଦ୍ଧାଙ୍କ ଗଳା ଚିପି ହତ୍ୟା ଉଦ୍ୟମ ଅଭିଯୋଗରେ ବଡ଼ବଜାର ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ହରିଡାଖଣ୍ଡି ଅମ୍ବିକା ନଗରର ରାଜେଶ ସାହୁ (୨୨), ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଷ୍ଟେନଲେସ ଷ୍ଟିଲ ଟୋପାଜ ବ୍ଲେଡ ଓ ଘଟଣାରେ ବ୍ୟବହୃତ ବାଇକ ନଂ (ଓ ୦୭ ଏ କ୍ୟୁ ୨୭୬୯) ଜବତ କରାଯାଇଛି।ମାମଲା ନଂ ୩୧୮/୨୬ ରେ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଥାଉକି ଗତ ୧୫ ତାରିଖରେ ଜଣେ ଅଜଣା ଯୁବକ ଜନୈକା ମହିଳାଙ୍କ ଘରକୁ ଆସି କବାଟ ବା ସେ କବାଟ ଖୋଲିବା ପରେ ସେହି ଯୁବକ ଅଶ୍ଲୀଳ ଭାଷାରେ ଗାଳି କରିବା ସହ କହିଥିଲା ଯେ ସେ ତାଙ୍କ ଝିଅକୁ ଭଲ ପାଏ ଓ ତା' ସହ କଥା ହେବାକୁ ଚାହେଁ। ସେ ବିରୋଧ କରିବାରୁ ଯୁବକ ଜଣକ ଅଶ୍ଲୀଳ ଭାଷା କହି ସେଠାରୁ ଚାଲିଯାଇଥିଲା। ପୁଣିଥରେ ଯୁବକ ଜଣଙ୍କ ୧୬ ତାରିଖ ଅପରାହ୍ନରେ ପୁଣିଥରେ ତାଙ୍କ ଘରକୁ ଆସି ଘର ଭିତରକୁ ପଶିବାକୁ ଉଦ୍ୟମ କରିଥିଲା। ସେ ସମୟରେ ଘରେ କେବଳ ଉକ୍ତ ମହିଳାଙ୍କ ଶାଶୂ ମାୟା ମହାରଣା (୭୦) ଥିଲେ। ବୃଦ୍ଧା ଜଣଙ୍କ ଏହାର ପ୍ରତିବାଦ କରିବାରୁ ଯୁବକ ଜଣକ ତାଙ୍କ ଚୁଟି ଧରି ଗଳା ଚିପି ମାରିଦେବାକୁ ଉଦ୍ୟମ କରିଥିଲା। ସେ ପ୍ରାଣବିକଳରେ ଚିତ୍କାର କରିବାରୁ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। କିଛି ସମୟ ଥରେ ଯୁବକ ଜଣଙ୍କ ପୁଣି ଉକ୍ତଘରକୁ ଆସିଥିଲା। ସେଠାରେ ସେ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କରିଥିଲା। ଘରେ ଥିବା ମହିଳା ଜଣକ ବାହାରକୁ ଆସିଥିଲେ। ତାଙ୍କୁ ମଧ୍ୟ ସେ ନାନା ଧମକଚମକ ଦେଇଥିଲେ।

ଯୁବକ ଜଣଙ୍କ ମହିଳାଙ୍କ ଘରେ ପଶି ଅଶ୍ଲୀଳ ଭାଷା ପ୍ରୟୋଗ, ବୃଦ୍ଧାଙ୍କ ଗଳା ଚିପି ହତ୍ୟା ଉଦ୍ୟମ ସହ ଓ ଝିଅକୁ ଉଠାଇ ନେବାକୁ ଉଦ୍ୟମ କରିଥିବା ନେଇ ସେ ବଡବ୍ଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଆଇପିଏଲ ବୁକି ଗିରଫ : ଦୁଇ ମୋବାଇଲ, କାର , ୬୬ ହଜାର ଜବତ



ବ୍ରହ୍ମପୁର, *ସବ୍ୟୁ):ବ୍ରହ୍ମପୁର ସହରରେ କାୟା ମେଲାଉଥିବା ଅନଲାଇନ ବେଟିଂ ବା ଅନଲାଇନ ଜୁଆ ଖେଳ ଉପରେ ବ୍ରହ୍ମପୁର ପୋଲିସ ପକ୍ଷରୁ ଗତ କିଛିଦିନ ହେଲା ଲଗାତାର ଚଢଉ କରାଯାଇଛି। ବୈଦ୍ୟନାଥପୁର ଥାନା ଥାନା ପକ୍ଷରୁ ଆଙ୍କୁଲି ଓଭର ବ୍ରିଜ ନିକଟ ପଣ୍ଡା କଲୋନୀରେ ପୋଲିସ ଚଢାଉ କରିଥିଲା। ପୋଲିସକୁ ଦେଖି କେତେକ ଯୁବକ ଫେରାର ହୋଇଯାଇଥିବା ବେଳେ ଜଣେ ଅଭିଯୁକ୍ତ ତଥା ଆଇପିଏଲ ବୁକିଙ୍କୁ ଗିରଫ କରିବା ସହ ୬୬ହଜାର ଟଙ୍କା , ଦୁଇଟି ମୋବାଇଲ ଓ ଗୋଟିଏ କାର ଜବତ ହୋଇଛି। ସେହିପରି ଲକ୍ଷାଧିକ ଟଙ୍କାର ବ୍ୟାଙ୍କ ବାଲାନ୍ସ ଫ୍ରିଜ କରାଯାଇଛି। ଗିରଫ ଅଭିଯୁକ୍ତ ଜଣଙ୍କ ଲାଞ୍ଜିପଲି ଶିବଶକ୍ତି ନଗରର ରଞ୍ଜନ ସାହୁ(୨୯)।ଏନେଇ ପ୍ରେସନୋଟ ଜରିଆରେ ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି। ଅଭିଯୁକ୍ତ ରଞ୍ଜନ ସ୍କାଏ ଏକ୍ସଚେଞ୍ଜ ଓ ବେଟ -୩୬୫ ନାମକ ଏକ ଅନଲାଇନ ପ୍ଲାଟଫର୍ମ ଜରିଆରେ ଲୋକଙ୍କୁ ଆଇଡି ଓ ପାସୱାର୍ଡ ଦେଇ ବେଟିଂ କରାଉଥିଲେ। ପୋଲିସ ମାମଲା ନଂ୨୪୦/୨୬ ରେ ରଞ୍ଜନ ଙ୍କୁ ରବିବାର କୋର୍ଟ ଚାଲାଣ କରିଛି।ସହରରେ ଚାଲିଥିବା ଏହି ବେଟିଂ ରାକେଟ ପଛରେ ଥିବା ଅନ୍ୟ ମୁଖ୍ୟ କାର୍ପଟଦାରମାନଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି।

## ସୃଜନ ସାହିତ୍ୟ ସଂସ୍କୃତି ସଂସଦର କବିତା ଆସର



ଛତ୍ରପୁର, (ସବ୍ୟୁ): : ସୃଜନ ସାହିତ୍ୟ ସଂସ୍କୃତି ସଂସଦ, ଛତ୍ରପୁର ଆନୁକୂଲ୍ୟରେ ସ୍ଥାନୀୟ ଅବସରପ୍ରାପ୍ତ କର୍ମଚାରୀ ସଂଘ କାର୍ଯ୍ୟାଳୟ ପରିସରରେ ଏକ ମାସିକ କବିତା ଆସର ଅନୁଷ୍ଠିତ ହୋଇଯାଇଛି। କବି ଡ. ପ୍ରଶାନ୍ତ କୁମାର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛତ୍ରପୁର ପୌରପରିଷଦର କାଉନସିଲର ତଥା ରାଧେ ଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ର ସଭାପତି ଦେବାଶିଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଂସଦର ସମ୍ପାଦକ ସୋମନାଥ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ଏବଂ ଆୟୋଜିତ କବିତା ପାଠୋତ୍ସବକୁ କବୟିତ୍ରୀ ବାସନ୍ତିଲତା ସ୍ୱାଇଁ ସଂଯୋଜନା କରିଥିଲେ । କବି ଡ. ପ୍ରଶାନ୍ତ କୁମାର ଶତପଥୀ, ସୋମନାଥ ସାହୁ, ଶୈଳବାଳା ପାଣିଗ୍ରାହୀ, ବାସନ୍ତିଲତା ସ୍ୱାଇଁ, ମାଧବ ମହାପାତ୍ର, ଅଶ୍ୱିନୀ କୁମାର ଚୌଧୁରୀ, ଯତିରାଜ ନାୟକ, ବଳରାମ ପଲେଇ, ଦୁର୍ଗା ଚରଣ ପଲେଇ, ତ୍ରିନାଥ ସାହୁ, ଏ. ବିଶ୍ୱମ୍ଭର, ନରେନ୍ଦ୍ର ପଣ୍ଡା, ସୁରେନ୍ଦ୍ର କୁମାର ସେନାପତି, ବିଜୟକୁମାର ରାଉଳ, ଜି. ପାପାରାଓ ଏବଂ ଟଙ୍କଧର ଛଟାଇ ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପଠନ କରିଥିଲେ ।ଶେଷରେ ସନ୍ତୋଷ କୁମାର ବଡ଼ତ୍ୟା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ

## ଇଣ୍ଡିଆ ଟପ୍ପରକୁ ସମ୍ବର୍ଦ୍ଧିତ କଲେ ମାନବ ଧର୍ମ ସେବା ଟ୍ରଷ୍ଟ



ବାରିପଦା, (ସବ୍ୟୁ) : ବାରିପଦା ବ୍ଲକ ଅନ୍ତର୍ଗତ କ୍ଷେତ୍ରପାଟଣା ଗ୍ରାମ (ମୁନିସୀବନ୍ଧ ନିକଟସ୍ଥ) ବାସିନ୍ଦା ଅଜିତ କୁମାର ପାଲବାବୁ ଓ ସୁମିତ୍ରା ପାଲବାବୁଙ୍କ ସୁପୁତ୍ରୀ ପ୍ରିୟା ପାଲବାବୁ ଚଳିତ ବର୍ଷ ସିବିଏସଇ ବାଣିଜ୍ୟ ବିଭାଗରେ ସର୍ବାଧିକ ନମ୍ବର ରଖି ଇଣ୍ଡିଆ ଟପର ହୋଇ ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଖବରପାଇ ବାରିପଦାର ମାନବ ଧର୍ମ ସେବା ଟ୍ରଷ୍ଟ ତରଫରୁ ମୁଖ୍ୟ ଉପଦେଷ୍ଟା ସୋମନାଥ ସିଂହ, ପ୍ରତିଷ୍ଠାତା ନିରୋଜ କୁମାର ପୋଥାଳ, ସଭାପତି ଚିତ୍ତ ରଞ୍ଜନ ସ୍ୱାଇଁ ଓ ସମ୍ପାଦକ ହିମାଂଶୁ ଶେଖର ପ୍ରହରାଜ ତାଙ୍କ ଘରକୁ ଯାଇ ପ୍ରିୟଙ୍କର ଏହି ଅଭୁତପୂର୍ବ ସଫଳତା ପାଇଁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି । ପ୍ରିୟା ଭବିଷ୍ୟତରେ ଜଣେ ସଫଳ ଚାଟାର୍ଡ ଏକାଉଟେଣ୍ଟ ହେବେ ବୋଲି ଲକ୍ଷ୍ୟ ରଖିଥିବାବେଳେ ଟ୍ରଷ୍ଟର କର୍ମକର୍ତ୍ତାଗଣ ତାଙ୍କର ସଫଳତା କାମନା କରିଥିଲେ ।

## କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ସ୍ମୃତି ସମାରୋହ



ବ୍ରହ୍ମପୁର, (ସବ୍ୟୁ): ଦକ୍ଷିଣାଞ୍ଚଳର ସ୍ୱନାମଧନ୍ୟ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ଐତିହାସିକ ଉତ୍କଳ ଆଶ୍ରମ ସଭାଗୃହରେ ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ଏହି ସ୍ମୃତି ସମାରୋହରେ ପୌରୋହିତ୍ୟ କରିଥିଲେ ।ବିଶିଷ୍ଟ ବାଗ୍ମୀ ରାଜନୀତି ବିଜ୍ଞାନ ବିଶାରଦ ପ୍ରଫେସର୍ ବିଷ୍ଣୁଚରଣ ଚୌଧୁରୀ ମୁଖ୍ୟଅତିଥି ରୂପେ ଯୋଗଦେଇ କବିରାଜ ପଣ୍ଡିତ ଅନନ୍ତ ତ୍ରିପାଠୀଶର୍ମାଙ୍କ ବହୁମୁଖୀ ମହନୀୟ ବ୍ୟକ୍ତିତ୍ୱ ଓ ରାଜନୀତିକ ଜୀବନ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ରାମାଧୀନ ସଂସ୍କୃତ ମହାବିଦ୍ୟାଳୟ ଅଧକ୍ଷ ମହନ୍ତ ହରିହର ଦାସ ମୁଖ୍ୟବକ୍ତା ରୂପେ ଯୋଗଦେଇ ସ୍ମୃତି-ବକ୍ତବ୍ୟ ପ୍ରଦାନ କରିଥିଲେ । ସେ ତାଙ୍କ ବକ୍ତବ୍ୟରେ ପଣ୍ଡିତ ଶିରୋମଣିଙ୍କ ବହୁଶାସ୍ତ୍ରଦର୍ଶିତା, ପାଣ୍ଡିତ୍ୟ, ପ୍ରଜ୍ଞା, ସାହିତ୍ୟ କୃତି, ଅନୁବାଦ, ଟୀକା ଗ୍ରନ୍ଥ ପ୍ରଣୟନ, ପତ୍ରିକା ସମ୍ପାଦନା, ଅଧ୍ୟାପନା, ରାଜନୀତି ସଂପର୍କରେ ତଥ୍ୟପୂର୍ଣ୍ଣ ଅଭିଭାଷଣ ପ୍ରଦାନ କରିଥିଲେ । ସମ୍ମାନିତ ବକ୍ତା ରୂପେ ଗଞ୍ଜାମ ସଂସ୍କୃତିର ଜଣାଶୁଣା ଗବେଷକ ଡ. ଅନନ୍ତରାମ କର କୌଣ୍ଡିନ୍ୟ ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀଶର୍ମାଙ୍କ ସାରସ୍ୱତ କୃତି, ଆୟୁର୍ବେଦ ଜ୍ଞାନ ଓ ଅଧ୍ୟାପନା ଜୀବନ ବିଷୟରେ କହିଥିଲେ । ଏହି ସମାରୋହରେ କଳିଙ୍ଗ ସାହିତ୍ୟ ସମାଜର ତ୍ରୟ-ମାସିକ ପତ୍ରିକା 'କଳିଙ୍ଗର ସ୍ୱର'ର ମହାବିଷୁବ ସଂଖ୍ୟା ଅତିଥିମାନଙ୍କ କରକମଳରେ ଲୋକାର୍ପଣ କରାଯାଇଥିଲା । ଅନୁରୂପ ଭାବରେ ମହନ୍ତ ହରିହର ଦାସଙ୍କ ଦ୍ୱାରା ପ୍ରସ୍ତୁତ 'ପଣ୍ଡିତ ଶିରୋମଣି କବିରାଜ ଅନନ୍ତ ତ୍ରିପାଠୀଶର୍ମା' ଜୀବନୀ ପୁସ୍ତିକା ଏବଂ କନିଷି ବିଶ୍ୱନାଥ ଉଚ୍ଚ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମିଶ୍ରଙ୍କ ବିରଚିତ କବିତା ସଂକଳନ 'ସ୍ମରଣିକା'ର ଅନାବରଣ କରାଯାଇଥିଲା । ସାହିତ୍ୟ ସମାଜ କାର୍ଯ୍ୟକାରିଣୀର ବରିଷ୍ଠ ସଦସ୍ୟ ଡ. କୁଳମଣି ଓଝା ଏହି ସ୍ମୃତି ସମାରୋହର ସଂଚାଳନା କରିଥିଲେ ।କୋଷାଧ୍ୟକ୍ଷ ଡ. କୃଷ୍ଣ ପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଡ. ହୃଷୀକେଶ ପଣ୍ଡା ମଞ୍ଚ ଆମନ୍ତ୍ରଣ କରିଥିଲେ । ଡ. ଅଶୋକ କୁମାର ପଣ୍ଡା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିମିଳିପାଳ ସହିତ ପ୍ରକୃତି ସୁରକ୍ଷା ପ୍ରସଙ୍ଗ

# ବଦନାମ ବିଭାଗ ଅନ୍ୟକୁ ଅଙ୍ଗୁଳି ନଦେଖାଉ : ଭଞ୍ଜସେନା

ବାରିପଦା, (ସବ୍ୟୁ) : ଯେବେଠାରୁ ଯଶିପୁର ସ୍ଥିତ ଶିମିଳିପାଳ ପ୍ରବେଶ ଦ୍ୱାର କାଳିକାପ୍ରସାଦ ଗେଟ୍ ପାଖାପାଖି ହଜାର ହଜାର ଗଛରେ ନମ୍ବରିଂ ଲେଖା ଆରମ୍ଭ ହେଲା, ସେବେଠାରୁ ଭଞ୍ଜସେନା ସଂଗଠନ ସହିତ ଜିଲ୍ଲାର ବହୁ ସଚେତନ ଜନସାଧାରଣ ଏହାର ବିରୋଧ କରିଥିଲେ। ଏଥିସହିତ ସମସ୍ତଙ୍କର ଗୋଟିଏ ଯୁକ୍ତିଥିଲା ଯେ, ସେହି ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ସରକାରୀ ଜାଗା ଯେଉଠି କି ୨/୪ଟି ଗଛ ଥିବ ତାକୁ ବିଚାରକୁ ନନେଇ 'ସରକାରୀ ଶାବକ ଖାତାରେ ଜଙ୍ଗଲ କିସମ ଲେଖା' ସହ ହଜାର ହଜାର ଗଛ କାଟି ସେହି ଜାଗାରେ ବିକାଶ କରିବାର ଆବଶ୍ୟକତା କଣ(?) ବୋଲି ପ୍ରଶ୍ନବାଚୀ ସୃଷ୍ଟି ସହିତ ସେ ନେଇ ଜିଲ୍ଲା ପ୍ରଶାସନ ଓ ଜଙ୍ଗଲ ବିଭାଗ ଉପରେ ସନ୍ଦେହ ଉପୁଜିଥିଲା। ପ୍ରକୃତ କଥାକୁ ଅଣଦେଖା କରି 'ବନ ବିଭାଗକୁ ବଦନାମ କରିବାର ଉଦ୍ୟମ ଚାଲିଛି ବୋଲି' ଗଣମାଧ୍ୟମରେ ଖବର ପ୍ରକାଶ/ପ୍ରସାରିତ ହେଉଅଛି। ମାତ୍ର ଶିମିଳିପାଳ ଓ ଜିଲ୍ଲାରେ ପାହାଡ଼ ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ମୟୂରଭଞ୍ଜ ବନବିଭାଗ କେତେବେଳେ ସୁରକ୍ଷା ଅର୍ଥ ବାଟମାରଣା, ଚାରାରୋପଣ, ନଅଣା ନେଚର କ୍ୟାମ୍ପ, ଅଫିମ ଚାଷ, ମୂଲ୍ୟବାନ୍ ଗଛକଟା ସହିତ ଦୀର୍ଘ ବର୍ଷ ଠାରୁ ଆଜି ପର୍ଯ୍ୟନ୍ତ ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ପାଇଁ ଆସୁଥିବା ସରକାରୀ ଅନୁଦାନକୁ ଆତ୍ମସାତ୍ କରିବା ଭଳିଆ ଅଭିଯୋଗର ସତ୍ୟାସତ୍ୟ ଯୋଗୁଁ ବଦନାମ ହୋଇଯାଇଛନ୍ତି। ତେଣୁ ଜଙ୍ଗଲ ବିଭାଗକୁ ବଦନାମ କରିବା ସକାଶେ କୌଣସି ଷଡ଼ଯନ୍ତ୍ରର ଆବଶ୍ୟକତା ନାହିଁ। ଏଣୁ ଏବାବଦରେ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଏବଂ ବାରିପଦା ପଟୁ ଶିମିଳିପାଳକୁ ପ୍ରବେଶ ପଥ ଲୁଲୁଙ୍ଗ ଆଖାପାଖରେ ରାଜସ୍ୱ ଓ ବନବିଭାଗ ଜାଣତରେ ଅଭିଯୋଗ ଅନୁଯାୟୀ ଟୁରିଜିମ୍ ବିଭାଗର ଅରଣ୍ୟ ନିବାସ ସହିତ ଘରୋଇ ଜାଗାରେ ହୋଇଥିବା ରିସୋର୍ଟ ଗୁଡିକ ସଂଲଗ୍ନ ଆତ୍ମସାତ୍ କରିଥିବା ବହୁ ସରକାରୀ ଜାଗା ଏବଂ କଟା ହୋଇଥିବା ବହୁ ମୂଲ୍ୟବାନ ଗଛ ବାବଦରେ ମଧ୍ୟ ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ରବିବାର ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ସାମାଜିକ ଗଣମାଧ୍ୟମ 'ଏକ୍ସ'(ଟ୍ୱିଟ) ଯୋଗେ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ବାରିପଦା-ଲୁଲୁଙ୍ଗ ରାସ୍ତା ରଙ୍ଗାମାଟିଆ ପାଖରେ ଇଡକୋ ମାଧ୍ୟମରେ ପାଖାପାଖି ୧୦୦ ଏକର ଜମି ଯାହାକି ସମ୍ପୂର୍ଣ୍ଣ ଭାବେ ଲକ୍ଷାଧିକ ବୃକ୍ଷ ରାଜି ସହିତ ପାହାଡ଼ ପର୍ବତରେ ପରିପୂର୍ଣ୍ଣ ଥିଲା। ତାକୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରି ହୋଟେଲ ଶିଳ୍ପ ମାଧ୍ୟମରେ ବିକାଶର ଯେଉ ନଗ୍ନ ଚିନ୍ତାଧାରା, ତାକୁ ଭଞ୍ଜସେନା ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ବିରୋଧ କରି କରିଥିଲା ଆଉ ସେଭଳି ପ୍ରକୃତିକୁ ନଷ୍ଟ କରି ବିକାଶ ଚିନ୍ତାଧାରା ବିରୁଦ୍ଧରେ କୋର୍ଟ ମଧ୍ୟ ସେସବୁ ଉପରେ ରୋକ୍ ଲଗାଇଥିଲା। ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦର ଉପଯୋଗରେ ମୟୂରଭଞ୍ଜ ବାସୀଙ୍କୁ ଆତ୍ମନିର୍ଭରଶୀଳ କରିବାର ଲକ୍ଷ୍ୟ ନେଇ ଆନ୍ଦୋଳନରତ ଭଞ୍ଜସେନା କେବେହେଲେ ବିକାଶକୁ ବିରୋଧ କରିବ ନାହିଁ, ମାତ୍ର ଜିଲ୍ଲାରେ ବହୁ ମାତ୍ରାରେ ସରକାରୀ ପଡିଆ ପଡିଥିବା ବେଳେ ଦେଶୀ ବିଦେଶୀ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣ ପାହାଡ଼ ପର୍ବତ ବୃକ୍ଷଲତା ଗୁଡ଼ିକୁ କାଟି ପଦା କରି ବିକାଶ ସପକ୍ଷରେ ସଂଗଠନ ନୁହେଁ ବୋଲି ଜିଲ୍ଲା ମୁଖପାତ୍ର ଜେଯାତି ରଞ୍ଜନ ପୃଷ୍ଟି ସୂଚନା ପ୍ରଦାନ କରିଛନ୍ତି।

# ଶଶୁର ଘରେ ନିଆଁ ଲଗାଇଲା ଜ୍ୱାଇଁ
## ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ



ରାସୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ରାସୋଳ ଥାନା କୁଆଳିପାଳ ପଞ୍ଚାୟତ ବିଦ୍ୟାଧରପୁର ଗାଁରେ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଥିବାର ଜଣା ଯାଇଛି । ଶଶୁର ଘରେ ନିଆଁ ଲଗାଇଲା ମଦ୍ୟପ ଜ୍ୱାଇଁ । ଗ୍ରାମର ରମେଶ ବିଶାଳଙ୍କ ସମ୍ପୂର୍ଣ୍ଣ ଘର ଜଳିପୋଡି ପାଉଁଶ ହୋଇଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ମଧ ନଷ୍ଟ ହୋଇଯାଇଛି । ତେବେ ସୂଚନା ଅନୁଯାୟୀ ବିଦ୍ୟାଧରପୁର ଗ୍ରାମର ଜ୍ଞାନରଞ୍ଜନ ସାହୁ ଆଜକୁ ୧୪ ବର୍ଷ ପୂର୍ବେ ସେହି ଗ୍ରାମର ରମେଶ ବିଶ୍ୱାଳଙ୍କ ବଡଝିଅ ଅନିତା ବିଶ୍ୱାଳଙ୍କୁ ପ୍ରେମ ବିବାହ କରିଥିଲେ । ବିବାହ ପରଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଉଭୟଙ୍କ ମଧ୍ୟରେ ବଚସା ଲାଗିରହିଥିବା ଦେଖିବାକୁ ମିଳିଥିଲା । ତେବେ ଗତକାଲି ମଧ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା ଏବଂ ପରେ ଜ୍ଞାନ ସ୍ତ୍ରୀ ଅନିତାଙ୍କୁ ପାଖରେ ଥିବା ନିଜ ଶଶୁର ଘରେ ଛାଡ଼ିଦେଇ ଘର ପୋଡ଼ିଦେବାର ଧମକ ଦେଇଥିଲା । ତେବେ ଜ୍ୱାଇଁର ଧମକକୁ ଭୟ କରି ଶଶୁର ଘର ଲୋକ ଘର ତାଲା ପକାଇ ବନ୍ଧୁ ଘରକୁ ଚାଲି ଯାଇଥିବା ବେଳେ ବିଳମ୍ବିତ ରାତିରେ ନିଶାଖଣ୍ଡ ଅବସ୍ଥାରେ ଜ୍ୱାଇଁ ଜ୍ଞାନ ନିଜ ଶଶୁର ଘରେ ନିଆଁ ଲଗାଇ ଦେଇଥିଲେ । ଅଗ୍ନିକାଣ୍ଡର ରୂପ ଏତେ ଭୟଙ୍କର ଥିଲା ଯେ ନିମିଷକ ମଧରେ ସବୁ ଜଳିପୋଡ଼ି ପାଉଁଶ ହୋଇଯାଇଥିଲା। ଘଟଣା ସ୍ଥଳରେ ରାସୋଳ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା । ଏନେଇ ରାସୋଳ ଥାନାରେ ଲିଖିତ ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇ ଅଭିଯୁକ୍ତ ଜ୍ୱାଇଁ ଜ୍ଞାନରଞ୍ଜନକୁ ପୋଲିସ ଗିରଫ କରି ତଦନ୍ତ ଜାରି ରଖିଛି ।

# ମନରେଗା ଯୋଜନା: ବାଙ୍କିଡି-ଷୋଳନାଳି ରାସ୍ତା ନିର୍ମାଣରେ ବ୍ୟାପକ ଅର୍ଥ ହେର୍‌ଫେର୍

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ପାଟଲା ପଞ୍ଚାୟତ ଅନ୍ତର୍ଗତ ବାଙ୍କିଡି ଗ୍ରାମ ମୁଖ୍ୟ ସଡ଼କକୁ ସଂଯୋଗ କରୁଥିବା ବାଙ୍କିଡ଼ି ଷୋଳନାଳି ଗ୍ରାମ ରାସ୍ତା ନିର୍ମାଣରେ ବ୍ୟାପକ ଅର୍ଥ ହେରଫେର୍ ହୋଇଥିବାର ନଗ୍ନ ନମୁନା ଜଳ ଜଳ ହୋଇ ଦିଶୁଛି । ମୁଖ୍ୟ ସଡ଼କକୁ ଲାଗି ରହିଥିବା ସୂଚନା ଫଳକ ଠାରୁ ଷୋଳନାଳି ଗ୍ରାମ ଦିଗକୁ ମନରେଗା ଯୋଜନାରେ ନିର୍ମାଣ କରାଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ି ଥିବାରୁ ଏଥିରେ ସରକାରୀ ସ୍ତରରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେତେ ଦିନର କାମ ଓ କେତେ ଶ୍ରମିକ ଲାଗିଥିଲେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଆରମ୍ଭରୁ ନିମ୍ନମାନର କାର୍ଯ୍ୟ ଚାଲିଥିବା ନେଇ ଗ୍ରାମବାସିଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ସେହିଦିନ ଠାରୁ ରାସ୍ତା କାମତ ବନ୍ଦ ହୋଇ ପଡ଼ିଛି, ଯେତିକି ବି ନିର୍ମାଣ କରାଯାଇଛି ତାହାର ଅବସ୍ଥା ନକହିଲେ ଭଲ । ସମ୍ଭବତଃ ଉପଯୁକ୍ତ ତଦାରଖ ଅଭାବରୁ ଆରମ୍ଭରୁ ରାସ୍ତାର ନିର୍ମାଣ କାର୍ଯ୍ୟ ବେପରୁଆ ଭାବେ କରାଯାଇ ଥିଲା । ଫଳରେ ୨୦୨୩ -୨୦୨୪ ଆର୍ଥିକ ବର୍ଷରେ ଯୋଜନା ଅଟକଳ କରାଯାଇ ଆରମ୍ଭ ହୋଇଥିବା ରାସ୍ତାର ସୁବିଧା ସୁଯୋଗ ହାସଲ କରି ପାରୁ ନାହାନ୍ତି ସ୍ଥାନିୟ ଜନସାଧାରଣ ।

ଉଲ୍ଲେଖଯୋଗ୍ୟ ଯେ ୨୦୨୩-୨୦୨୪ ଆର୍ଥିକ ବର୍ଷରେ ମନରେଗା ଯୋଜନାରେ ୯,୯୨,୦୦୦ ଟଙ୍କା ଅଟକଳ କରାଯାଇ ପାଟଲା ପଞ୍ଚାୟତର ବାଙ୍କିଡି ଠାରୁ ଷୋଳନାଳି ପର୍ଯ୍ୟନ୍ତ ରାସ୍ତା କାମ ବିଗତ ତା ୧୧.୧୨ .୨୦୨୪ ମସିହା ଠାରୁ ଅଣକୁଶଳୀ ଶ୍ରମିକଙ୍କୁ ନେଇ ଆରମ୍ଭ ହୋଇଥିଲା । ରାସ୍ତା କାର୍ଯ୍ୟରେ ୨ଟି କଲଭର୍ଟ ନିର୍ମାଣ ପାଇଁ ଅଟକଳ ମଧ୍ୟରେ ରହିଥିଲା । ତେବେ କାର୍ଯ୍ୟ ଆରମ୍ଭରୁ



ନିମ୍ନ ମାନର ହେବା ଯୋଗୁଁ କିଛି ଦୂର ମାଟି, ମୋରୁମ ପକାଯାଇ କାମ ବନ୍ଦ କରାଯାଇ ଥିଲା । ତା'ପରଠାରୁ ଆଜକୁ ପ୍ରାୟ ଦେଢ଼ ବର୍ଷ ହେବ କାମ ଅଧାରେ ଥିବାରୁ ମୋରୁମ ମାଟି ବିଛା ରାସ୍ତାର ଅଧିକାଂଶ ବର୍ଷାରେ ଧୁଇ ହୋଇ ଯାଇଥିବା ବେଳେ ଅଧିକାଂଶ କଚ୍ଚା ଓ ଖାଲ ଖମା ଅବସ୍ଥାରେ ପଡ଼ି ରହିଛି ।

ଉପରୋକ୍ତ ରାସ୍ତା ସମ୍ପର୍କରେ ଅଭିଯୋଗ ପାଇ ରାସ୍ତା ନିର୍ମାଣର ସଠିକ ତଥ୍ୟ ସମ୍ପର୍କରେ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀଙ୍କୁ ପଚାରିବାରେ ସରପଞ୍ଚ ଓନିର୍ବାହୀ ଅଧିକାରୀ ତଥ୍ୟ ଦେବାକୁ କହି କଥାକୁ ଏଡାଇ ଚାଲିଥିବା ବେଳେ ବ୍ଲକ କନିଷ୍ଠ ଯନ୍ତ୍ରୀ ପଞ୍ଚାୟତ ଅନ ଲାଇନ ଦେଖିଲେ ତଥ୍ୟ ମିଳିଯିବ କହିବା ସହ ଅଯୁକ୍ତିକର ମନ୍ତବ୍ୟ ଦେଇ ଆର୍ ଟିଆଇ କରିଆଣେ ତଥ୍ୟ ମାଗିଲେ ଉପଲବ୍ଧ ହେବ ବୋଲି କହିଥିଲେ । ଏଥିରୁ ଯନ୍ତ୍ରୀ କାର୍ଯ୍ୟ ସମ୍ପର୍କରେ କେତେ ବେପରୁଆ ସହଜରେ ବୁଝା ପଡୁଛି । ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ କରା ଗଲେ ରାସ୍ତା ଦୁର୍ନିତିର ପର୍ଦ୍ଦାଫାସ ହେବ ବୋଲି ଆଶା କରାଯାଉଛି ।

# ଏସଆଇଆର ସମ୍ପର୍କରେ ରାଜନୈତିକ ଦଳମାନଙ୍କ ସହ ବୈଠକ

ଅନୁଗୁଳ, (ସବ୍ୟୁ) : ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସମ୍ପର୍କରେ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲ୍ଲାର ସମସ୍ତ ରାଜନୈତିକ ଦଳ ମାନଙ୍କ ସହ ଜିଲ୍ଲା ର୍ନିବାଚନ ଅଧିକାରୀ ତଥା ଜିଲ୍ଲପାଳ ଏମ. ଅବଦୁଲ ଅଖତରଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା । ବୁଥ ସ୍ତରୀୟ ଅଧିକାରୀ ଓ ବୁଥ ସ୍ତରୀୟ ପ୍ରତିନିଧିଙ୍କ ଭୂମିକା ଏବଂ ସ୍ୱଚ୍ଛ ଓ ନିରପେକ୍ଷଭାବେ ଭୋଟର ତାଲିକା ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରାଯାଇଥିଲା ।

ରାଜନୈତିକ ଦଳମାନଙ୍କୁ ମୃତ, ସ୍ଥାନାନ୍ତରିତ ଓ ଡୁପ୍ଲିକେଟ ଭୋଟରଙ୍କ ଚିହ୍ନଟରେ ସହଯୋଗ କରିବା ସହିତ ଭୋଟର ସଚେତନତା କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେବାକୁ ଅନୁରୋଧ କରାଯାଇଥିଲା । ସର୍ବଶେଷରେ ଜିଲ୍ଲାପାଳ ସମସ୍ତ ରାଜନୈତିକ ଦଳ ମାନଙ୍କୁ ସେମାନଙ୍କର ବୁଥ ସ୍ତରୀୟ ପ୍ରତିନିଧି ନିଯୁକ୍ତି କରିବାକୁ ଅନୁରୋଧ କରିଥିଲେ।

## ୱାରେଣ୍ଟି ଧରପଗଡ଼ ଅଭିଯାନ : ଜଣେ ଗିରଫ

ବୁଗୁଡା, (ସବ୍ୟୁ): ରାଜ୍ୟ ପୋଲିସ ଡିଜିଙ୍କ ନିର୍ଦ୍ଦେଶ କ୍ରମେ ଗତ ମେ ୫ ତାରିଖରୁ ୱାରେଣ୍ଟି ଧରପଗଡ ଚାଲିଥିବା ବେଳେ ଜଣେ ୱାରେଣ୍ଟିକୁ ବୁଗୁଡା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ଗିରଫ ୱାରେଣ୍ଟି ଜଣକ ହେଲେ ବାଲିପଦର ଫାଣ୍ଡି ଅନ୍ତର୍ଗତ ଘୋଡାପଡା ଗ୍ରାମର ସୂର୍ଯ୍ୟ ନାୟକ । ଅଢେଇ ବର୍ଷ ତଳେ ଏକ ହତ୍ୟା ଉଦ୍ୟମ ଘଟଣାରେ ଜଡିତ ଥିବା ସୂର୍ଯ୍ୟ ଫେରାର ରହିଥିବା ବେଳେ ତାଙ୍କରି ବିରୁଦ୍ଧରେ ଏସଟି କେସ ନଂ ୧୫୩/୨୦୨୩ରେ ଏକ ମାମଲା ରହିଥିଲା ।

# ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

ବଅଁରପାଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକର କାଣ୍ଡଶର ଗ୍ରାମରେ ଆଜି ସକାଳେ ଏକ ଅଭାବନୀୟ ଘଟଣା ଘଟିଛି । କାଣ୍ଡଶର ସାଇନଗରରେ ଗିରିଶ ଚନ୍ଦ୍ର ବାରିକ (୬୦) ଘର ଅଗଣାରେ ବସିଥିବା ସମୟରେ ଏକ ଜଙ୍ଗଲି ବାରହା ତାଙ୍କୁ ଆକ୍ରମଣ କରିଥିଲା । ଗିରିଶଙ୍କ ଚିତ୍କାର ଶୁଣି ତାଙ୍କ ବଡ଼ବୋହୁ ରିଙ୍କିଲତା ବାରିକ ଘଟଣାସ୍ଥଳକୁ ଦୌଡ଼ିଆସି ଇଟା ଫିଙ୍ଗି ବାରହାକୁ ଭୟଭୀତ କରିଥିଲେ । ଫଳରେ ବାରହାଟି ଗିରିଶଙ୍କୁ ଛାଡ଼ି ପଳାଇ ଯାଇଥିଲା ।

ପରେ ପରିବାର ଲୋକେ ଆହତ ଗିରିଶଙ୍କୁ ତୁରନ୍ତ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ଘଟଣା ସମ୍ପର୍କରେ ଖବର ପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ୧୦ ଜଣିଆ ଟିମ ନାଲକୋ ବିଟ ଅନୁଗୋଳ ସେକ୍ସନ ରେଞ୍ଜର ଫରେଷ୍ଟ ଗାର୍ଡ ସୁଚିସ୍ମିତା ପରିଡା, ସିଡୁ ବେହେରା, ସ୍ପେଶାଲ ସ୍କାର୍ଡ ଶଙ୍କର ଦାସ, ମୁନା ସାହୁ, ପ୍ରଶାନ୍ତ ନାଏକ, ଶ୍ରବଣ ନାଏକ ଓ ଆର୍. ଆର୍. ଟି. ଟିମ ସହାୟତାରେ ପ୍ରାୟ ୩ଘଣ୍ଟା ଉଦ୍ୟମ ପରେ ବାରହାକୁ ଉଦ୍ଧାର କରାଯାଇ କୁଲାସିଂହା ପଶୁ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ନିଆଯାଇଛି ବୋଲି ସୂଚନା ଦେଇଛନ୍ତି ବନବିଭାଗ ।

# ତାଳଚେର ଥାନାରେ ଯୋଗଦେଲେ ନୂତନ ଅଧିକାରୀ



ତାଳଚେର, (ସବ୍ୟୁ) : ତାଳଚେର ଥାନାରୁ ଦିଗବିଜୟ ବିଶ୍ୱାଳଙ୍କର ଛେଣ୍ଡପଦାକୁ ବଦଳି ହେବାପରେ ଏଠାକୁ ନୂତନଭାବେ ସେହି ଛେଣ୍ଡିପଦା ଥାନାରୁ ବିଭୂଦତ ରାଉତରାଏଙ୍କୁ ତାଳଚେର ଥାନାରେ ଅବସ୍ଥାପିତ କରାଯାଇଛି । ଶ୍ରୀ ବିଶ୍ୱାଳ ରାଉତରାଏଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଆଗାମୀ ଦିନରେ ତାଳଚେର ଅଂଚଳ କିଭଳି ଭାବେ ଶାନ୍ତିଶୃଙ୍ଖଳା, ବ୍ରାଉନସୁଗାର ମୁକ୍ତ ଏବଂ ଅପରାଧ ମୁକ୍ତ ଅଂଚଳ ଭାବେ ଗଠନ କରାଯାଇ ପାରିବ ସେ ଉପରେ ସେ ଗୁରୁତ୍ୱ ଦେବେ ବୋଲି ପ୍ରକାଶ କରିଛନ୍ତି ।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରେଙ୍ଗାଳି, (ସବ୍ୟୁ ) : କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ୫୩ ନଂ ଜାତୀୟ ରାଜପଥ ଚେକ ଗେଟ ନିକଟ ଏକ ଲିମଓ୍ୱ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଅଚିହ୍ନା ଯୁବତୀଙ୍କ ମୃତ ଦେହ ପୋଲିସ ଉଦ୍ଧାର କରିଛି । ପାରିପାର୍ଶିକ ସ୍ଥିତିରୁ ଯୁବତୀଙ୍କୁ କେହି ହତ୍ୟା କରି ଏଠାରେ ଝୁଲାଇ ଦେଇଥିବା ସନ୍ଦେହ ପ୍ରକାଶ ପାଇଛି।

ପୋଲିସ ସୂତ୍ରରୁ ପ୍ରକାଶ ରେଙ୍ଗାଳି ପ୍ରକଳ୍ପ ୫୩ ନଂ ଜାତୀୟ ରାଜପଥ ଚେକ ଗେଟ ନିକଟ ରାସ୍ତା ପାର୍ଶ୍ୱରେଏକ ଗଛରେ ଜଣେ ଯୁବତୀଙ୍କ ମୃତ ଦେହ ଝୁଲୁଥିବା ଦେଖାଯାଇଥିଲା । ସ୍ଥାନୀୟ ଲୋକେ ପ୍ରାତଃ ଭ୍ରମଣ ସମୟରେ ଜଣେ ଅଚିହ୍ନା ଯୁବତୀଙ୍କ ମୃତଦେହ ଗଛ ଡାଳରେ ଝୁଲୁଥିବା ଦେଖି ପୋଲିସକୁ ସୂଚନା ଦେଇଥିଲେ । ରେଙ୍ଗାଳି ଥାନା ଆଇଆଇସି ଚଞ୍ଚଳା ନାୟକ, ପାଲଲହଡ଼ା ଏସଡିପିଓ କୈଳାସ ଚନ୍ଦ୍ର ସେଠୀ ଏବଂ ଅନୁଗୁଳ ସାଇଁଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ଯୁବତୀଙ୍କ ପରିଚୟ ମିଳି ନ ଥିବା ବେଳେ କେହି ତାଙ୍କୁ ହତ୍ୟାକରି ଗଛରେ ଝୁଲାଇ ଦେଇଥିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଅପରାହ୍ନରେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଅନୁଗୁଳ ପଠାଇ ଅଧିକ ତଦନ୍ତ ଜାରି ରଖିଛି ।

# ସ୍ଲରି ପାଇପ କାମ ବେଳେ ଫାଟିଲା ଘର କାନ୍ଥ

କେନ୍ଦୁଝର, (ସବ୍ୟୁ): ଜାତୀୟ ରାଜପଥ ୨୦ ପାଶ୍ୱର୍ରେ ଲୁହାପଥର ଗୁଣ୍ଡ ପରିବହନ ପାଇଁ ସ୍ଲରି ପାଇପ ବିଛା ଚାଲିଛି । ୧୧ ତାରିଖ ମଧ୍ୟାହ୍ନ ୧୨ଟା ବେଳେ ସ୍ଲରି ପାଇପ ବିଛା ଯୋଗୁଁ ଘସିପୁରା ଥାନା ଜାତୀୟ ରାଜପଥ-୨୦ ପାଶ୍ୱର୍ ଧକୋଠା ପଂଚାୟତ ଅନ୍ତର୍ଗତ ଭାଲୁକୁମା ଗ୍ରାମର ଭଗବାନ ପଲେଇ ଙ୍କ ଛାତ ଘର କାନ୍ଥ ଫାଟି ଆଁ କରିଛି । ସ୍ଲରି ପାଇପ ବିଛାଇବାବେଳେ ଡ୍ରିଲ ଦ୍ୱାରା କମ୍ପନ ହୋଇ କାନ୍ଥ ଫାଟି ଘରଟି ସମ୍ପୂର୍ଣ୍ଣ ଅସୁରକ୍ଷିତ ହୋଇପଡିଛି । ଜେଏସଡବ୍ଲୁ କମ୍ପାନୀର ବେପରୁଆ କାମ ଯୋଗୁଁ ଘର କ୍ଷତିଗ୍ରସ୍ତ ହୋଇଥିବା ନେଇ ସେ କେନ୍ଦୁଝର ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ସ୍ଲରି ପାଇପ ବିଛାଇବା ବେଳେ ଘର କ୍ଷତିଗ୍ରସ୍ତ ହେବ ନାହିଁ ବୋଲି ଜେଏସଡବ୍ଲୁ କମ୍ପାନୀର ଠିକା ସଂସ୍ଥା ଓ ଭଗବାନ ପଲେଇଙ୍କ ମଧ୍ୟରେ ଗୋଟିଏ ଚୁକ୍ତିନାମା ହୋଇଥିଲା । ଚୁକ୍ତିନାମା ଅନୁଯାୟୀ ଘର କ୍ଷତିଗ୍ରସ୍ତ ହେଲେ କମ୍ପାନୀ କ୍ଷତିପୂରଣ ଦେବେ ବୋଲି ଚୁକ୍ତିନାମା ହୋଇଥିଲା । ସ୍ଲରି ପାଇପ କାମ ବେଳେ ଭଗବାନ ପଲେଇ ଙ୍କ ଘର କ୍ଷତିଗ୍ରସ୍ତ ହୋଇଥିଲେ ହେଁ କମ୍ପାନୀର ଅଧିକାରୀମାନେ କ୍ଷତିପୂରଣ ଦେବା ପାଇଁ ଧରାଛୁଆଁ ଦେଉନଥିବା ସେ ଅଭିଯୋଗ କରିଛନ୍ତି । କ୍ଷତିପୂରଣ ନ ମିଳିବାରୁ ପରିବାର ଲୋକ ଉକ୍ତ ସ୍ଥାନରେ କାମ ବନ୍ଦ କରିଥିଲେ ମଧ ପୋଲିସ ସହାୟତାରେ କାମ କରିବା ପାଇଁ ପରିବାର ଲୋକଙ୍କୁ ଧମକ ମିଳୁଥିବା ଭଗବାନ ପଲେଇ ଅଭିଯୋଗ କରିଛନ୍ତି । ଘର କାନ୍ଥ ଫାଟି ଅସୁରକ୍ଷିତ ହୋଇପଡିଥିବାରୁ ଘର ବଦଳରେ ଘର ଦେବାକୁ ସେ କହିଛନ୍ତି । ଘର କ୍ଷତିଗ୍ରସ୍ତ ହେବା ପରେ କମ୍ପାନୀର ଅଧିକାରୀମାନେ ଧରାଛୁଆଁ ଦେଉନଥିବା ଭଗବାନ ଅଭିଯୋଗ କରିଛନ୍ତି । ଏ ନେଇ ଭଗବାନ ପଲେଇ ଦୁଇ ଦୁଇ ଥର ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ସେ ଏତଲା ଗ୍ରହଣ କରୁନାହାଁନ୍ତି । ପୋଲିସ ନିକଟରୁ ନ୍ୟାୟ ନ ପାଇ ଜେଏସଡବ୍ଲୁ କମ୍ପାନୀକୁ ଏକ ଜରୁରୀ ନୋଟିସ କରି ୭ ଦିନ ମଧ୍ୟରେ ଏହାର ସମାଧାନ ନ କଲେ ଏହାର ପ୍ରତିବାଦରେ ୨୧/୦୫/୨୦୨୬ ରିଖ ଦିନ କ୍ଷତିଗ୍ରସ୍ତ ଘର ସମ୍ମୁଖରେ ସପରିବାର ଜାତୀୟ ରାଜପଥ ୨୦ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି । ଏଥିପାଇଁ କୌଣସି ଅପ୍ରିତିକର ପରିସ୍ଥିତି ହେଲେ ପ୍ରଶାସନ ଦାୟୀ ରହିବେ ବୋଲି ଭଗବାନ ପଲେଇ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟଯେ, ବର୍ଷ ବର୍ଷ ଧରି ଏହି ପାଇପ ବିଛା କାମ ଚାଲିଛି । ସ୍ଲରି ପାଇପ ବିଛା ଯୋଗୁଁ ବନ୍ୟପ୍ରାଣୀ କରିଡର ଅସୁରକ୍ଷିତ ହୋଇପଡିଛି । ଅନେକ ସ୍ଥାନରେ କାମ ସରିବା ପରେ ଜଙ୍ଗଲ ପାଶ୍ୱର୍ରେ ମାଟି,ପଥର ସମତୂଲ କରାଯାଉନାହିଁ । ଫଳରେ ବନ୍ୟପ୍ରାଣୀ ଯାତାୟତରେ ଅସୁବିଧା ହେଉଥିଲେ ହେଁ ବନ ବିଭାଗ ଚୁପ ବସିଛି ।

# ବର୍ଷକରେ ୮୦ ଲକ୍ଷର ଖଣିଜ ଜବତ

କେନ୍ଦୁଝର (ରବିରାଜ) : ଆର୍ଥିକ ବର୍ଷ ୨୦୨୫-୨୬ରେ ଯୋଡ଼ା ଖଣି ଉପନିର୍ଦ୍ଦେଶାଳୟ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୭୨୫୮.୧୪୦ ମେଟ୍ରିକ ଟନ ଉନ୍ନତମାନର ଲୁହାପଥର ଓ ୨୩୩.୭୭୫ ମେଟ୍ରିକ ଟନ ମାଙ୍ଗାନିଜ ଜବତ କରାଯାଇଥିବା ଯୋଡ଼ା ଖଣି ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀ ସୂଚନା ଦେଇଛନ୍ତି। ଜବତ ଲୁହାପଥରର ଆନୁମାନିକ ମୂଲ୍ୟ ୬୦ ଲକ୍ଷ ଟଙ୍କା ଏବଂ ଜବତ ମାଙ୍ଗାନିଜର ମୂଲ୍ୟ ପ୍ରାୟ ୨୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। କୋଟି କୋଟି ଟଙ୍କାର ଖଣିଜ ଚୋରି ହେଉଥିବା ବେଳେ ଖଣି ବିଭାଗ ମାତ୍ର ୮୦ ଲକ୍ଷ ଟଙ୍କାର ଖଣିଜ ଜବତ କରିଛି।ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ବଲାଣି, ବଡ଼ବିଲ, ରୋଇଡ଼ା, ମୁର୍ଗା, ଜିଲ୍ଲେଇପଦା, ଠାକୁରାଣୀ, ଜୁରୁଡ଼ି, ବାଂଶପାଣି, ଖଣ୍ଡବନ୍ଧ, ବାମେବାରି, ଗୁରୁଡ଼ା, ନୟାଗଡ଼ ଅଞ୍ଚଳରୁ ଚୋରା ଚାଲାଣ ବେଳେ ଖଣି ବିଭାଗ ସାଡ଼ ଓ ରାଜ୍ୟସ୍ତରୀୟ ଏନଫୋର୍ସମେଣ୍ଟ ସ୍କାଡ ଚଢ଼ଉ କରି ଲୁହାପଥର, ମାଙ୍ଗାନିଜ ଜବତ କରିଛନ୍ତି। ରୋଇଡ଼ା, ଦଳପାହାଡ଼, ଚୋରମାଲଦା, କାଟେସାହି ଆଦି ଅଞ୍ଚଳରେ ଥିବା ଦୁର୍ଗମ କୋଣରୁ ମୂଲ୍ୟବାନ ମାଙ୍ଗାନିଜ ଉତ୍ତୋଳନ କରାଯାଇ ତାହାକୁ ଅନ୍ଧାରରେ ଭର୍ତ୍ତି କରି ଛତିଶଗଡ଼ ଓ ପଶ୍ଚିମବଙ୍ଗକୁ ଚାଲାଣ କରାଯାଉଛି। ସେହିପରି ଲୁହାପଥର ଚୋରା ଚାଲାଣ ରୋକିବାପାଇଁ ବିଭିନ୍ନ ଖଣିରେଥିବା ଓଜନ କଣ୍ଟାରେ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ କରାଯାଉଛି। ସରକାରୀ ଖଣିରୁ ଫାଇନ୍ସ (ଗୁଣ୍ଡ ଲୁହାପଥର)ର ଅନୁମୋଦନ ନେଇ ବେଆଇନ ଭାବେ ଉନ୍ନତମାନର ସାଇଜଡ ଓର୍ (ଖଣ୍ଡ ଲୁହାପଥର) ପରିବହନ କରାଯାଉଥିଲେ ହେଁ ଏହାକୁ ରୋକିବାରେ ଖଣି ବିଭାଗ ବିଫଳ ହେଉଛି।ଅନ୍ୟପକ୍ଷରେ ବର୍ଷବର୍ଷ ହେବ ବିଭିନ୍ନ ରେଲଓ୍ୱେ ସାଇଡିଂ ଗୁଡ଼ିକରେ ହଜାର ହଜାର ଟନ ଲୁହାପଥର ଖଣି ବିଭାଗ ଦାରା ଜବତ କରାଯାଇ ଗଚ୍ଛିତ ରଖାଯାଇଛି। ତାହାକୁ ଓଏମ୍ସି ମାଧ୍ୟମରେ ନିଲାମ କରାଯାଉ ନାହିଁ। ଜବତ ଖଣିଜକୁ ରେଲଓ୍ୱେ ନିଜର ବୋଲି ଦାବି କରୁଥିବାରୁ ଏହାକୁ ନେଇ ଦୁଇ ବିଭାଗ ମଧ୍ୟରେ ବିବାଦ ଦେଖାଦେଇଛି। ରେଲଓ୍ୱେ ସାଇଡିଂ ଗୁଡ଼ିକରେ ଜବତ ହୋଇ ପଡ଼ିରହିଥିବା ଖଣିଜ ଉପରେ ରେଲଓ୍ୱେ କୋଟି କୋଟି ଟଙ୍କାର ଜରିମାନା ଲଗାଇଛି। ଏହାକୁ ପୈଠ କଲେ ହିଁ ଉକ୍ତ ଖଣିଜକୁ ନିଲାମ କରାଯାଇପାରିବ ବୋଲି ରେଲଓ୍ୱେ ପକ୍ଷରୁ କୁହାଯାଇଛି। ଏହାର ସମାଧାନ ପାଇଁ ପୂର୍ବରୁ ଖଣି ବିଭାଗ ପକ୍ଷରୁ ରେଲଓ୍ୱେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଚିଠି କରାଯାଇଥିଲା। ମାତ୍ର ଆଜି ପର୍ଯ୍ୟନ୍ତ ସମାଧାନର ବାଟ ବାହାରି ନାହିଁ। ଫଳରେ କୋଟି କୋଟି ଟଙ୍କାର ଖଣିଜ ନିଲାମ ନହୋଇ ପଡ଼ିରହିଛି। ତଦାରଖ ଅଭାବରୁ ମାଫିଆମାନେ ଖଣିଜ ଚୋରି କରୁଛନ୍ତି। ପୂର୍ବରୁ ରେଲଓ୍ୱେ ସାଇଡିଂ ଗୁଡ଼ିକରେ କେତେ ପରିମାଣର ଖଣିଜ ଜବତ ହୋଇ ଗଚ୍ଛିତ ରଖାଯାଇଥିଲା, କେତେ ଖଣିଜ ରହିଛି ତାହାର ହିସାବ ଖଣି ବିଭାଗ ନିକଟରେ ନାହିଁ। ଜବତ ହେଉଥିବା ଖଣିଜକୁ ନିଲାମ କରାଗଲେ ବିପୁଳ ରାଜସ୍ୱ ମିଳିପାରନ୍ତା ବୋଲି କୁହାଯାଉଛି।

# ଟାଇଁ ଟାଇଁ ଖରାରେ ସିଝୁଛି ବୁଗୁଡା : ରାସ୍ତା ଶୂନଶାନ

ବୁଗୁଡା (ସବ୍ୟୁ): ଗ୍ରୀଷ୍ମର ପ୍ରକୋପ କିଛି ଦିନର ବ୍ୟବଧାନରେ ପୁଣି ଫେରିଛି । ଅସହ୍ୟ ଗରମ ଓ ଗୁଳୁଗୁଳି ଜନ ।ନକୁ ଅସ୍ତବ୍ୟସ୍ତ କରି ପକାଉଛି । ଦିନ ୧୦ଟା ପରେ ଘରୁ ବାହାରିବାକୁ କଷ୍ଟ ଲାଗୁଛି । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୪ଟା ପାର୍ଯ୍ୟନ୍ତ ରାସ୍ତାଘାଟ ଏକ ପ୍ରକାର ଶୂନଶାନ ହୋଇପଲୁଛି । ଏଇ ଦୁଇ ଦିନ ହେଲା ତାପମାତ୍ରା ୪୦ ଡିଗ୍ରୀ ପାର କରିଛି । ମେ ମାସ ଅଧାରେ ପରିସ୍ଥିତି ଅସମ୍ଭାଳ ହୋଇଥିବା ବେଳେ ଆଗକୁ ତାପମାତ୍ରା ଆହୁରି ବଢିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । କାଳବୈଶାଖୀ ଜନିତ ବର୍ଷା ଫଳରେ ଗଡ କିଛି ଦିନ ପୂର୍ବେ ବୁଗୁଡା ଅଞ୍ଚଳରେ ତାପମାତ୍ରା ଟିକେ ହ୍ରାସ ପାଇଥିଲା ଏବେ ପୁଣି ତାପମାତ୍ରା ବୃଦ୍ଧି ପାଇଥିବାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଲୋକେ ଘରୁ ବାହାରିବାକୁ ସୁଖ ମଣୁନାହାନ୍ତି । ଦୋକାନ ବଜାର , ରାସ୍ତାଘାଟ ଖାଁ ଖାଁ ଲାଗୁଛି । ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସରକାର ସ୍କୁଲଗୁଡିକୁ ଏପ୍ରିଲ ୨୧ରୁ ଛୁଟି ଘୋଷଣା କରିଛନ୍ତି । କଂକ୍ରିଟ ରାସ୍ତା ର୍ନିମାଣ ସାଙ୍ଗକୁ ରାସ୍ତା କଡରୁ ବୃକ୍ଷ ଛେଦନ ଯୋଗୁଁ ଗରମ ଅସହ୍ୟ ହେଉଛି । ଅନ୍ୟପକ୍ଷରେ ବୃକ୍ଷଶୂନ୍ୟ ରାଜପଥରେ ବିଶ୍ରାମ ପାଇଁ କେହିହେଲେ ଛାଇ ଟିକିଏ ପାଇ ପାରୁନାହାନ୍ତି । ଏଥିରୁ ରକ୍ଷା ପାଇବା ପାଇଁ ରାସ୍ତା କଡରେ ବ୍ୟାପକ ବୃକ୍ଷ ରୋପଣ କରିବା ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।

# ଯୋଗ୍ୟ ହିତାଧାରୀଙ୍କୁ ୨ଡେସିମିଲି ଜାଗା ଦେବାକୁ ଅସମର୍ଥ

ତାଳଚେର, (ସବ୍ୟୁ) : ତାଳଚେର ଜନବିକାଶ କଲ୍ୟାଣ ସଂଘ ପକ୍ଷରୁ ବିଭିନ୍ନ ମୁଦାକୁ ନେଇ ବାରମ୍ବାର ପ୍ରଶାସନ ମାଧ୍ୟମରେ ସରକାରଙ୍କୁ ଅବଗତ କରାଇ ଆସୁଥିଲେ ହେଁ ତାଳଚେର ଭଳି ଏକ ଶିଳ୍ପାଂଚଳରେ, ତାଳଚେର ବ୍ଲକ ଘଂଟାପଡ଼ା ଆରାଆଇ ସର୍କଲରେ ଯୋଗ୍ୟ ହିତାଧାରୀଙ୍କୁ ମାତ୍ର ଦୁଇଡ଼େସିମିଲି ଜାଗା ଦେବାକୁ ଅସମର୍ଥକୁ ନେଇ ସଂଘର ସଭାପତି ଭୂପେନ ଥମ୍ବ ଦୁଃଖ ପ୍ରକାଶ କରିବାସହ ତୁରନ୍ତ ଅସହାୟ ଗରୀବ ଦାରିଦ୍ର ସୀମାରେଖା ତଳେ ରହିଥିବା ଲୋକଙ୍କୁ ସରକାରୀ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି ବୋଲି ସେ ଦୁଇବର୍ଷ ତଳେ ତାଳଚେର ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

ପ୍ରକାଶ ଯେ, ସରକାରୀ ଜନକଲ୍ୟାଣ ମାଧ୍ୟମରେ ଗରୀବ ହିତାଧିକାରୀ ୨ଡ଼ିସେମିଲି ଜାଗା ଯୋଗାଇ ଦେବାନେଇ ନିୟମ ଥିଲେ ମଧ ତାଳଚେରରେ ଗରୀବ ହିତାଧିକାରୀଙ୍କୁ ଏସୁବିଧାରୁ ବଂଚିତ ହେଉଥିବା ଅଭିଯୋଗ ହେଉଛି। ସରକାରୀ ଓ ଘରୋଇ ସଂସ୍ଥା ଗୁଡ଼ିକୁ ଶହଶହ ଏକର ଜମି ଯୋଗାଇ ଦେଉଥିବା ବେଳେ ପ୍ରଶାସନିକ ଅଧିକାରୀମାନେ ମାତ୍ର ଦୁଇଡ଼େସିମିଲି ଜାଗା ଗରୀବଙ୍କୁ ଦେବାକୁ ଅସମର୍ଥ। ଯାହା ଫଳରେ ଗରୀବ ହିତାଧିକାରୀମାନେ କି ଖରା, କି ବର୍ଷାରେ ଜରିପାଲ ତଳେ ଆଶ୍ରୟ ନେଉଥିବା ତାଳଚେର ଉପଖଣ୍ଡ ପାଇଁ ଲଜ୍ଜାଜନକ ବିଷୟ ହୋଇଛି ବୋଲି ସାଧାରଣରେ ଚର୍ଚ୍ଚା ଯୋର ଧରିଛି। ତେଣୁ ତୁରନ୍ତ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ରଜକ ସମାଜ ପକ୍ଷରୁ ବାର୍ଷିକ ସଭା

ବଇଣ୍ଡା, (ସବ୍ୟୁ) : କିଶୋରନଗର ବ୍ଲକ ଅନ୍ତର୍ଗତ ସୂର୍ଯ୍ୟବଂଶୀ ଗଙ୍ଗାକୁଳ ରଜକ ସମାଜ ପକ୍ଷରୁ ବାର୍ଷିକ ସାଧାରଣ ସଭା ରାଣୀଭୂଇଁ ଆମ୍ବତୋଟା ଠାରେ ଅନୁଷ୍ଠିତ ହୋଇଛି । ଏହି ସଭା ଦିନ ଏଗାରଟା ସମୟରେ ଆରମ୍ଭ ହୋଇଥିଲା । ସମାଜର ରୀତିନୀତି ଅନୁସାରେ ଚଳିବା, ସମାଜ ସଂଗଠନ ଆଗକୁ ବଢେଇବା, ନିଜ ନିଜ ଭିତରେ ସୁସମ୍ପର୍କ ଗଢିବା, ସ୍ୱାସ୍ଥ୍ୟ, ଶିକ୍ଷା, ରୋଜଗାରକ୍ଷମ ହେବା. ଋଣ ନେଇଥିବା ବ୍ୟକ୍ତି ଋଣ ପରିଶୋଧ କରି ଋଣ ନେଇଥିଲେ । ସାମାଜିକ କେସ ସମାଧାନ କରିଥିଲେ ।ଏହି ସଭା ପ୍ରଗଣା ସଭାପତି ଜଗମୋହନ ସେଠି ,ସମ୍ପାଦକ ଅକ୍ରୁର ସେଠିଙ୍କ ନେତୃତ୍ୱରେ ଉପଦେଷ୍ଟା ବଂଶୀଧର ସେଠି, କାହ୍ନୁ ସେଠି, ଗୋକୁଳାନନ୍ଦ ସେଠି, ପୂର୍ଣଚନ୍ଦ୍ର ସେଠି ଓ ସତର ପୁଞ୍ଜର ସଭାପତି,ସମ୍ପାଦକ, ଏବଂ ତିନିଶହ ସଭ୍ୟ ଯୋଗଦେଇ ଥିଲେ ।

# ବହୁ ଚର୍ଚ୍ଚିତ ଜିତୁ ମୁଣ୍ଡାଙ୍କ ଉପରେ ନିର୍ମାଣ ହେବ ଚଳଚିତ୍ର

ପାଟଣା,(ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଜିତୁ ମୁଣ୍ଡାଙ୍କ ଜୀବନକୁ ନେଇ ଏକ ଚଳଚ୍ଚିତ୍ର ର୍ନିମାଣ ହେବାକୁ ଯାଉଛି ।ବୁଧବାର ଦିନ ଓଡିଆ ଚଳଚ୍ଚିତ୍ର ଜଗତର ନିର୍ଦ୍ଦେଶକ ଅଶୋକ ପତି ଡିଆନାଳି ଗ୍ରାମକୁ ଯାଇ ଜିତୁ ମୁଣ୍ଡାଙ୍କୁ ଦେଖା କରି ଚଳଚ୍ଚିତ୍ର କରିବା ବିଷୟରେ ଆଲୋଚନା କରିଥିଲେ ।ଏବଂ ଚଳଚ୍ଚିତ୍ର କରିବା ପାଇଁ ଆବଶ୍ୟକୀୟ ଚୁକ୍ତିନାମା କରିବା ପାଇଁ ଜିତୁ ମୁଣ୍ଡାଙ୍କ ସହ ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ ଙ୍କ ଉପସ୍ଥିତିରେ ଚୁକ୍ତିନାମା ହୋଇଥିବା ଜଣାପଡିଛି ।ଏହାପରେ ଚଳଚ୍ଚିତ୍ରର ନିର୍ଦ୍ଦେଶକ ଅଶୋକ ପତି ପାଟଣା ପ୍ରେସ କ୍ଲବକୁ ଆସି ସାମ୍ବାଦିକମାନଙ୍କୁ ସୌଜନ୍ୟମୂଳକ ଭାବେ ସାକ୍ଷାତ କରି ଆଗାମୀ ଦିନରେ ସହଯୋଗର କରିବାକୁ କହିଥିଲେ ।

# ଦିବ୍ୟାଙ୍ଗଙ୍କୁ ୨୨୦ ସହାୟକ ଉପକରଣ ବଣ୍ଟନ କଲା ନାଲ୍‌କୋ



ଅନୁଗୋଳ, (ସବ୍ୟୁ) : ଅନୁଗୋଳ ଜିଲ୍ଲାର ନବରତ୍ନ କମ୍ପାନୀ ନାଲକୋ ପକ୍ଷରୁ ଦିବ୍ୟାଙ୍ଗମାନଙ୍କ ପାଇଁ ଏକ ବୃହ୍ତ ସହାୟକ ଉପକରଣ ବଣ୍ଟନ ଶିବିର ଆୟୋଜିତ ହୋଇଥିଲା । ଭାରତୀୟ କୃତ୍ରିମ ଅଙ୍ଗ ଉତ୍ପାଦନ ନିଗମଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସ ଆଣ୍ଡ ପି କମ୍ପ୍ଲେକ୍ସ ପାରିପାର୍ଶ୍ୱିକ ଗ୍ରାମର ୧୪୫ ଜଣ ଦିବ୍ୟାଙ୍ଗଙ୍କୁ ୨୨୦ଟି ସହାୟକ ଯନ୍ତ୍ର ପ୍ରଦାନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଏସ ଆଣ୍ଡ ପି କମ୍ପ୍ଲେକ୍ସର ନିର୍ବାହୀ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପକରଣ ବଣ୍ଟନ କରିଥିଲେ । ମାନବ ସମ୍ବଳ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ହିମାଂଶୁ ଶେଖର ପ୍ରଧାନ ଓ ସିଏସଆର୍ , ନାଲକୋ ଫାଉଣ୍ଡେସନ ବିଭାଗର କର୍ମଚାରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସାମାଜିକ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଲକ୍ଷ୍ୟରେ ନାଲକୋର ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ବ୍ୟାପକ ପ୍ରଶଂସା କରିଛନ୍ତି ।

# ଜାତୀୟ ରାଜପଥରେ ବେଆଇନ ପାର୍କିଂ : ବଢୁଛି ଦୁର୍ଘଟଣା



ତାଳଚେର, (ସବ୍ୟୁ) : ଖଣି ଖାଦାନ ପୂର୍ଣ୍ଣ ତାଳଚେରରେ ବେଆଇନ୍ ଗାଡ଼ି ପାର୍କିଂଯୋଗୁଁ ଦୁର୍ଘଟଣା ବଢ଼ି ଚାଲିଛି। ଧନଜୀବନ ହାନି ଘଟୁଛି। ପ୍ରଶାସନ ଏନେଇ ନିରବଦ୍ରଷ୍ଟା ସାଜିଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତାଳଚେର ବାଙ୍କଧରା କୋଲକରିଡ଼ର୍ ରାସ୍ତାଠାରୁ ବଅଁରପାଳ ଦେଇ ଯାଇଥିବା ଜାତୀୟ ରାଜପଥ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ୍ ଭାବେ ଭାରୀଯାନ ଗୁଡ଼ିକ ଦୀର୍ଘ ସମୟ ଧରି ଛିଡ଼ା କରାଯାଉଥିବା ଅଭିଯୋଗ ହେଉଛି। ଏଥିଯୋଗୁଁ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି। କେବଳ ସେତିକ ନୁହେଁ ୧୪୯ ନମ୍ବର ଜାତୀୟ ରାଜପଥରେ ଉଭୟପାର୍ଶ୍ୱରେ ଥିବା ପେଟ୍ରୋଲପମ୍ପ ନିକଟରେ ଅନେକ ଗାଡ଼ି ରାସ୍ତାରେ ଛିଡ଼ା ହେଉଛି। ଫଳରେ ରାଜପଥର ଅଧାରୁ ଅଧିକ ଅବରୋଧ ହେଉଥିବା ଦେଖାଯାଇଛି। ଜାତୀୟ ରାଜପଥରେ କୋଇଲା, ଲୁହା, ବାଲି, ଇଟା ବୋଝେଇ ଟ୍ରକ ଚଳାଚଳ କରୁଥିବା ବେଳେ ଜାତୀୟ ରାଜପଥଟି ସଙ୍କିର୍ଣ୍ଣ ଓ ଉଭୟପାର୍ଶ୍ୱ ଖାଲଖମା ହୋଇଥିବାରୁ ଜନସାଧାରଣ ଯିବାଆସିବା କରିବା କଷ୍ଟକର ହୋଇପଡୁଛି। ଦୁର୍ଘଟଣାରେ କୌଣସି ବସରକାରୀକ୍ତିଙ୍କର ଜୀବନ ହାନୀ ହେଲେ ପ୍ରଶାସନ ପକ୍ଷରୁ ତାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ କିଛି ଟଙ୍କା ମିଳୁଛି। ଏହି କ୍ଷତିପୂରଣ ରାଶି କିନ୍ତୁ ସମ୍ପୃକ୍ତ ବସରକାରୀକ୍ତିଙ୍କର ବିକଳ୍ପ ହୋଇ ନଥିବାରୁ ପରିବାର ଦୁର୍ଦ୍ଦଶା ଭିତରେ କାଳ କାଟୁଛନ୍ତି। ବଡ ବଡ଼ିଆମାନେ କେବଳ ସାନ୍ତ୍ୱନା ଦେଇ ଦାୟୀତ୍ୱ ସାରି ଦେଉଛନ୍ତି। ସମସ୍ୟାର ସ୍ଥାୟୀ ପ୍ରତିକ୍ରିୟା ପାଇଁ କିଛି ପଦକ୍ଷେପ ନିଆଯାଉନଥିବାରୁ ସାଧାରଣରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏପରି ସ୍ଥିତିରେ ନୋଏଂଟ୍ରି ନିୟମର କାର୍ଯକାରୀତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି ସମସରକାରୀର ପ୍ରତିକାର କରାନଗଲେ ତାଳଚେରରେ ଜନଆନ୍ଦୋଳନର ଦାନାବନ୍ଧିବାକୁ ଆଶଙ୍କା ପ୍ରକୋଟ ହେଲାଣି। ତେଣୁ ୧୪୯ନଂ ଜାତୀୟ ରାଜପଥକୁ ପ୍ରଶସ୍ତିକରଣ କରାଯାଇ ଜନସ୍ୱାର୍ଥରେ ଉତ୍ସର୍ଗୀକୃତ କରାଗଲେ ତାଳଚେର ଅଂଚଳବାସୀ ଏହାର ସୁଫଳ ପାଇବା ସହିତ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇପାରେ ବୋଲି ବୁଦ୍ଧିଜିବୀମାନେ ପ୍ରକାଶ କରୁଛନ୍ତି।

# ଝଡ଼ ବର୍ଷା : ଦୋକାନ ଘର ଉପରେ ପଡ଼ିଲା ଗଛ



ଢେଙ୍କିକୋଟ ,(ସବ୍ୟୁ): ଶନିବାର ଅପରାହ୍ଣରେ ଢେଙ୍କିକୋଟ ଓ ମଲ୍ଲିପଶି ଅଞ୍ଚଳରେ ଝଡ଼ତୋଫାନ ଯୋଗୁଁ ଅନେକ ଲୋକଙ୍କ ଘରଦାର ଭାଙ୍ଗିଯାଇଛି । ୨୨୦ ନମ୍ବର ଜାତୀୟ ରାଜପଥ ରାସ୍ତାକଡରେ ଅନେକ ଗଛ ଭାଙ୍ଗି ଯାଇଛି । ତେବେ ମଲ୍ଲିପଶି ଛକଠାରେ ଘର କରିଥିବା ନିରାକାର ନାୟକ ଙ୍କ ଘର ଉପରେ ଗଛ ପଡିଯାଇଛି । ସେହିପରି ମଲ୍ଲିପଶି ଛକ ରେ ଦୋକାନ ଦେଇଥିବା ଭାବଗ୍ରାହୀ ରଣାଙ୍କ ଦୋକାନ ଉପରେ ବିରାଟବଡ ଗଛ ପଡିଯାଇଛି । ଦୋକାନ ଭିତରେ ଥିବା ଜିନିଷପତ୍ର, ଫ୍ରିଜ,ଭାଙ୍ଗି ନଷ୍ଟଭ୍ରଷ୍ଟ ହୋଇଯାଇଛି ତେବେ ସୌଭାଗ୍ୟବଶତଃ ଦୋକାନ ଭିତରେ ଥିବା ତାଙ୍କ ବାପା ଙ୍କ ଜୀବନ ବଞ୍ଚିଯାଇଛି ସ୍ଥାନୀୟ ସରପଞ୍ଚ ଭାମାମଣି ଦାସ ଦୁଃଖ ପ୍ରକାଶ କରିବାସହିତ କ୍ଷୟକ୍ଷତି ଉପରେ ଅନୁଧ୍ୟାନ କରୁଛନ୍ତି ।

# ହାତୀଦାନ୍ତ ଜବତ : ୪ ଶିକାରୀ ଗିରଫ

କେନ୍ଦୁଝର (ଜିପ୍ର) :କେନ୍ଦୁଝର ବନଖଣ୍ଡର ସଦର ବନାଞ୍ଚଳରେ ହାତୀଦାନ୍ତ ବିକ୍ରି ପାଇଁ ଉଦ୍ୟମ ହେଉଥିଲା। ଶିକାରୀମାନେ ବନ୍ୟବିଭାଗ ଶିକାରୀ ବେଶରେ ଗ୍ରାହକ ସାଜି ଦାନ୍ତ କିଣିବାକୁ ଯାଇ ୨ଟି ଅସଲି ଦାନ୍ତ ଓ ନକଲି ଦାନ୍ତ (ଗୋଡ଼ ହାଡ଼କୁ ହାତୀ ଦାନ୍ତ ଭଳି ପଲିସ କରି) ବିକ୍ରି କରିବା ସମୟରେ ବନବିଭାଗ ୪ଜଣଙ୍କୁ ଗିରଫ କରିଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ସଦର ଥାନା ଅନୁପୁରୀ ଗ୍ରାମର ସୁନୀଲ ସରେନ (୪୮), ବାମେବାରୀ ଥାନା ଜଗନ୍ନାଥପୁର ଗ୍ରାମର ଦେବେନ୍ଦ୍ର ମାଝୀ (୨୭), ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଥାନା ଗୋପାଳପୁର ଗ୍ରାମର ଦୁର୍ଗା ହେମ୍ବ୍ରମ (୭୦) ଓ ବିଲେଇପଡ଼ା ଥାନା ବଡୁଆଁ ଗ୍ରାମର ବଳେନ୍ଦ୍ର କିସ୍କୁ (୫୫)। ବନବିଭାଗ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ୱାଇଲ୍ଡ ଲାଇଫ ଇଣ୍ଟେଲିଜେନ୍ସ ନେଟୱାର୍କ (ଏସଡବ୍ଲ୍ୟୁଆଇଏନ), ଜିଲ୍ଲା ପୁଲିସର ସାଇବର ବିଶେଷଜ୍ଞ ଏବଂ ବନବିଭାଗ ମିଳିତ ଭାବେ ତଦନ୍ତ କରିଥିଲେ। ଉକ୍ତ ଦାନ୍ତର ଡିଏନଏ ପରୀକ୍ଷା କରାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ମିଳିଛି।ଶିମିଳିପାଳ ୱାଇଲ୍ଡ ଲାଇଫ ଇଣ୍ଟେଲିଜେନ୍ସ ନେଟୱାର୍କର ଗୋଇନ୍ଦା ବିଭାଗ ହାତୀଦାନ୍ତ ସମ୍ପର୍କରେ ସୂଚନା ପାଇଥିଲା। ଶିମିଳିପାଳ ଡେପୁଟି ଡାଇରେକ୍ଟର ଏ ସମ୍ପର୍କରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡିଙ୍କୁ ଘଟଣା ସମ୍ପର୍କରେ ଅବଗତ କରିବା ସହିତ ଅଭିଯୁକ୍ତଙ୍କୁ ଧରିବା ପାଇଁ ସୂଚନା ଦେଇଥିଲେ। ୭ ଦିନ ହେବ ବନବିଭାଗ, ଗୋଇନ୍ଦା, ପୁଲିସ, ମିଳିତ ଭାବେ ଅଭିଯୁକ୍ତଙ୍କୁ ଧରିବାକୁ ଟ୍ରାକ କରୁଥିଲେ। ଏଥିଲାଗି ଏକ ଟିମ ଗଠନ ହୋଇଥିଲା। ବନ କର୍ମଚାରୀମାନେ ହାତୀଦାନ୍ତ କିଣିବା ପାଇଁ ଗ୍ରାହକ ବେଶରେ ଅମୃତପୁର ସୁନାଲ ଘରେ ପହଞ୍ଚିଥିଲେ। ସେଠାରେ ୪ ଜଣ ଅଭିଯୁକ୍ତ ପୂଜାପାଠ ଚଳାଇଥିଲେ। ହାତୀଦାନ୍ତକୁ ମୋଟାଅଙ୍କର ଅର୍ଥ ବିନିମୟରେ ବିକ୍ରି ପାଇଁ ଏହି ପୂଜାପାଠ କରାଯାଉଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହାତୀକୁ ଶିକାର କରିବା ପରେ ଏହାର ଗୋଡ଼ର ହାଡ଼କୁ ଦାନ୍ତ ଭଳି କାଟି ବିକ୍ରି କରିବା ପାଇଁ ମଧ୍ୟ ଯୋଜନା କରାଯାଇଥିଲା। ଏହି ସମୟରେ ବନବିଭାଗ ପକ୍ଷରୁ ଏସିଏଫ ଅଶୋକ ଦାସଙ୍କ ନେତୃତ୍ୱରେ ଟିମ ଚଢ଼ଉ କରି ଉପରୋକ୍ତ ୪ ଜଣଙ୍କୁ ଗିରଫ କରିବା ସହିତ ୨ କିଲୋଗ୍ରାମ ଓଜନର ୨ଟି ଦାନ୍ତ ଓ ୧ କିଲୋଗ୍ରାମ ଓଜନର ନକଲି ଦାନ୍ତ (ଗୋଡ଼ ହାଡ଼)କୁ ଜବତ କରାଯାଇଛି। ସେମାନଙ୍କ ନିକଟରୁ ୪ଟି ମୋବାଇଲ ଫୋନ ଜବତ କରାଯାଇଛି। ଉକ୍ତ ମୋବାଇଲ ଫୋନର ସିଡିଆର ଆବେଦନ କରାଯାଇଛି। ଗିରଫ ଅଭିଯୁକ୍ତଙ୍କ ସହିତ ଜଡ଼ିତ ଅନ୍ୟମାନଙ୍କୁ ମଧ୍ୟ ଧରିବା ପାଇଁ ବନବିଭାଗ ପକ୍ଷରୁ ତନାଘନା କରାଯାଉଛି। ଜବତ ମୋବାଇଲ ଫୋନ୍ରୁ ଅନ୍ୟମାନଙ୍କୁ ଧରିବା ପାଇଁ ଯଥେଷ୍ଟ ପ୍ରମାଣ ରହିଥିବା ଡିଏଫଓ କହିଛନ୍ତି। ଦାନ୍ତର ଡିଏନଏ ପରୀକ୍ଷା କରାଯିବା ପରେ ହାତୀ ସମ୍ପର୍କରେ ସୂଚନା ମିଳିବ ବୋଲି ବନବିଭାଗ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଏସିଏଫଓ ଡ. ପ୍ରଦୀପ କୁମାର ପଣ୍ଡା ଏବଂ ସଦର ରେଞ୍ଜର ଅଜିତ କୁମାର ଦାସ, ପଟେଇଶ୍ୱର ଜଗନ୍ନାଥ ସାହୁ, ରଙ୍ଗବ୍ରହ୍ମ ଦାସ, ଗାର୍ଡ ମଧୁଲତା ଗୁଡି, ସୁନେଶ ପାତ୍ରଙ୍କ ପ୍ରମୁଖ ସାମିଲ ଥିଲେ।

# ମଦ, ବିଅର ସହ ବାଇକ୍ ଜବତ : ୮ ଗିରଫ

ବାଲେଶ୍ୱର,(ସବ୍ୟ): ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ହରିହର ସିଂ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର -୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ରେମୁଣା ଥାନା, ଶିଙ୍ଘାଞ୍ଚଳ ଥାନା, ଓ ସଦର ଥାନା ଅନ୍ତର୍ଗତ ସୋମନାଥପୁର, ପାହାଡପୁର, ଜାଣୁଗାଞ୍ଜ ଗୋଲେଇ ଏବଂ କେଶରପୁର ନିକଟରେ ଚଢ଼ାଉ କରାଯାଇ ୪୧୦ ଲିଟର ଦେଶୀ ରନ୍ଧା ମଦ, ୨୩. ୪୦୦ ଲିଟର ବିଅର ଏବଂ ଗୋଟିଏ ମୋଟର ସାଇକେଲ ଜବତ କରାଯିବା ସହିତ ପାହାଡପୁର ଗ୍ରାମର ସୁଦର୍ଶନ ଜେନା,ହାମ୍ବୀ ଟୁଡୁ, ଗୋବିନ୍ଦପୁର ଗ୍ରାମର ଶରତ ନାୟକ, କେଶରପୁର ଗ୍ରାମର କାହ୍ନୁ ଚରଣ ଦାସ , ଆଗିରିଆ ଗ୍ରାମର ରବିନାରାୟଣ ବେହେରା ଓ ସୋମନାଥପୁର ଗ୍ରାମର ବସନ୍ତ କୁମାର ବିଶ୍ୱାଳ, ଜାଣୁଗଞ୍ଜ ଗୋଲେଇ କୁନି ସିଂ ଓ ଗୋଧିବାସ ର ଶୁକ୍ରା ମାରାଣ୍ଡି ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ଦେଶୀ ରନ୍ଧା ମଦ ଓ ମୋଟର ସାଇକେଲର ଆନୁମାନିକ ମୂଲ୍ୟ ୨ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ଲମ୍ବୋଦର ମହାନ୍ତ ଓ କନେଷ୍ଟବଳ ସୁନାରାମ ସୋରେନ, ପଙ୍କଜ ମହାନ୍ତି, ସୁବୀରକାନ୍ତ ବେହେରା, ନହାନ ମୁର୍ମୁ ପ୍ରଭୃତି ସାମିଲ ଥିଲେ । ଏନେଇ ଅବକାରୀ ଥାନା ପକ୍ଷରୁ କେଶ ନଂ ୬୧/ ୨୬-୨୭ ଓ, ୩୧, ୩୨/୨୬-୨୭ ଓ ୪୮,୪୯,୫୦, ୫୧, ୫୨/୨୬-୨୭ ରେ ମାମଲା ରୁଜୁ କରାଯାଇଛି ।

# ଆୟୁଷ୍ମାନ ଫାଉଣ୍ଡେସନର ମାଗଣା ଚକ୍ଷୁ ଚିକିତ୍ସା ଶିବିର

ଖଇରା,(ସବ୍ୟୁ): ଖଇରା, ସିମୁଳିଆରେ ସେବାକୁ ମୂଳମନ୍ତ୍ର କରି ବିଭିନ୍ନ କାର୍ଯ୍ୟକ୍ରମ କରିଆସୁଥିବା ଆୟୁଷ୍ମାନ ଫାଉଣ୍ଡେସନ ର ୭ମ ବାର୍ଷିକ ଉତ୍ସବ ଉପଲକ୍ଷେ ମହାମାୟା ଲାଇଫ ସାଇନ୍ସର ସିଏସଆର ତଥା ଆୟୁଷ୍ମାନ ଫାଉଣ୍ଡେସନ ତଥା ସାଇ ଚକ୍ଷୁ ହସ୍ପିଟାଲ ମାର୍କୋଣା ମିଳିତ ସହଯୋଗରେ ଅଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରେ ରବିବାର ଦିନ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚକ୍ଷୁ ଚିକିତ୍ସା ଶିବିର ଆୟୋଜିତ ହେଇ ଯାଇଅଛି । ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସିମୁଳିଆ ଭାରପ୍ରାପ୍ତ ଥାନା ଅଧିକାରୀ ଦେବରାଜ ଜେନା ଉଦଘାଟନ କରିଥଲେ । ଅଡା ଉଚ୍ଚ ପ୍ରାଥମର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁଅଁର, ଧନେଶ୍ୱର ସାହୁ, ଖଇରା ସାମ୍ବାଦିକ ସଂଘ ସଭାପତି ଉତ୍କଳ ବନ୍ଧୁ ପଣ୍ଡା, ସିମୁଳିଆ ସିଆରସିସି ପ୍ରଶାନ୍ତ କୁମାର ବାରିକ ତଥା ଖଇରା ସିମୁଳିଆର ସାମ୍ବାଦିକ ବନ୍ଧୁ ମାନେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଆୟୁଷ୍ମାନ ଫାଉଣ୍ଡେସନ ତରଫରୁ ଉପସ୍ଥିତ ମୁଖ୍ୟ ଅତିଥି, ସମ୍ମାନୀୟ ଅତିଥି, ଗଣମାଧ୍ୟମ ପ୍ରତିନିଧି ଓ ସମସ୍ତ ସାମାଜିକ ସଂଗଠନ ମାନଂକୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବିଜେପି ନେତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିଲେ ସାଂସଦ



ହାଟଡ଼ିହି,(ସବ୍ୟୁ): ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ତଥା ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମହେଶର ସାହୁ ସଡ଼କ ଦୁର୍ଘଟଣାରେ ବାମ ଗୋଡ ଭାଙ୍ଗି ଯାଇଥିବା ଖବର ପାଇ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଶନିବାର ଦିନ ଶ୍ରୀସାହୁଙ୍କ ଆନନ୍ଦପୁର ସହରସ୍ଥ ଲକ୍ଷ୍ମୀ ବଜାର ସାହିସ୍ଥିତ ବାସଭବନ ପହଞ୍ଚି ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହ ଆଶୁ ଆରୋଗ୍ୟ କାମନା କରିଛନ୍ତି। ତତସହିତ ଜିଲ୍ଲାର ବର୍ତ୍ତମାନ ର ରାଜନୈତିକ ପରିସ୍ଥିତି ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଆଲୋକ ସେଠୀ, ଘସିପୁରା ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଡକ୍ଟର ଶମ୍ଭୁନାଥ ରାଉତ, ବିଜେପି ଜିଲ୍ଲା ଉପସଭାପତି ଜ୍ଞାନ ରଞ୍ଜନ ସାମନ୍ତସିଂହାର, ଜିଲ୍ଲା ସାଧାରଣ ସମ୍ପାଦିକା ଶ୍ରୀମତୀ ଜଶସିନୀ ବଳ,ବରିଷ୍ଠ ବିଜେପି ନେତା ଶୁଶାନ୍ତ ଜେନା,ବେଲବାହାଳି ସରପଞ୍ଚ ଶ୍ରୀମତୀ ଦୀପ୍ତି ସାହୁ, ଆନନ୍ଦପୁର ନଗର ମଣ୍ଡଳ ସଭାପତି ହେମନ୍ତ କୁମାର ସାହୁ, ମଳୟ ମିଶ୍ର, ପ୍ରସାନ୍ତ ମହାପାତ୍ର,ବବିତା ଶତପଥୀ, ରବିନ୍ଦ୍ର ସାହୁ, ବିରଞ୍ଚି ନାରାୟଣ ପାତ୍ର, ପ୍ରାଣବନ୍ଧୁ ସାହୁ, ରାଜେନ୍ଦ୍ର ସାହୁ, ଧବଳେଶ୍ୱର ସାହୁ, ଗଗନ ବିହାରୀ ସାହୁ, ରାମ ଚନ୍ଦ୍ର ମହାପାତ୍ର, ପ୍ରଣୟନୀ ବ୍ରହ୍ମ,ଦୀପକ ରାମ, ଦୁଃଖବନ୍ଧୁ ରଣା, ସୋନାଲି ସାହୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ସୋର ଷ୍ଟେସନ ବାହାରୁ ଉଦ୍ଧାର ମୃତ ଯୁବକଙ୍କ ମିଳିଲା ପରିଚୟ

ବାଲେଶ୍ୱର/ସୋର(ସବ୍ୟୁ) :ସୋର ଷ୍ଟେସନ ବାହାରେ ଗଛମୂଳରୁ ଉଦ୍ଧାର ମୃତ ଯୁବକଙ୍କ ପରିଚୟ ମିଳିଛି। ଶୁକ୍ରବାର ଦ୍ୱିପ୍ରହରେ ଷ୍ଟେସନ ବାହାରେ ଏକ ଗଛ ମୂଳରୁ ଔପଦା ପ୍ରତାପପୁର ଗାଁର ସ୍ୱର୍ଗତ ଗଜେନ୍ଦ୍ର ପ୍ରଧାନଙ୍କ ପୁଅ ରାଜୀବ ପ୍ରଧାନ(୩୮)ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ରାଜୀବ ଗତ ୧୩ ତାରିଖରୁ ଘରୁ କେଉଁଆଡେ ଚାଲିଯାଇଥିଲା। ରାଜୀବଙ୍କ ସ୍ତ୍ରୀ ଦେବକୀ, ମା ଗୌରୀଲତା, ୭ ଓ ୫ ବର୍ଷର ଦୁଇ ଝିଅ ଅଛନ୍ତି। ତାଙ୍କର ଜମି ବାଡ଼ି ନଥିବାବେଳେ ରାଜୀବ କୁପାରୀର ଏକ ହୋଟେଲରେ ଖାଦ୍ୟ ଦେବା ନେବା କରିବା, କେବେ କେବେ ରାଜମିସ୍ତ୍ରୀ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ତାଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସାବିତ୍ରୀ ବ୍ରତରେ ଦେବକୀ ସ୍ୱାମୀଙ୍କ ପାଇଁ ଶଙ୍ଖା ସିନ୍ଦୂରକୁ ପୂଜା କରୁଥିଲେ। ଏହି ସମୟରେ ସ୍ୱାମୀଙ୍କ ମୃତଦେହ ଜନ୍ମ ମାଟି ପ୍ରତାପପୁରରେ ପହଞ୍ଚିବା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା ।

# ଜମି ଅଧିଗ୍ରହଣ ମାମଲାର ତଦନ୍ତ ଆରମ୍ଭ

ବାଲେଶ୍ୱର,(ସବ୍ୟୁ) :ପାରାଦୀପରୁ ନୁମାଲିଗଡ଼ ମଧ୍ୟରେ ବିଛାଯାଇଥିବା ତେଲ ପାଇପ ଲାଇନ୍ ଲାଗି ଜମି ଅଧିଗ୍ରହଣ ଚାଲିଛି । ନୁମାଲିଗଡ଼ ରିଫାଇନାରୀ ପକ୍ଷରୁ ପ୍ରାୟ ୧୬୩୨ କିମି ଲମ୍ବର ଏହି ପାଇପ୍ ଲାଇନ୍ ବିଛାଯିବାକୁ ଥିବାବେଳେ କେତେକ ସ୍ଥାନରେ ଅଧିଗ୍ରହଣ କରାଯାଇଥିବା ଜମିକୁ ବାଦ୍ ଦେଇ ଘରବାଡ଼ି ଜମିରେ ପାଇପ୍ ବିଛାଯାଇଥିବା ନେଇ ଜଳେଶ୍ୱରର ବରେନ୍ଦ୍ର ପରିଡ଼ା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ନିର୍ଦ୍ଦେଶ ପରେ ଶୁକ୍ରବାର ମଧ୍ୟାହ୍ନରେ ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତି, ସୁପରଭାଇଜର ନିଶିକାନ୍ତ ସିଂ, ଆରଆଇ ଜଗନ୍ନାଥ ପାତ୍ର ଓ କମ୍ପାନୀ ପକ୍ଷରୁ ଇଂ. ସୌମ୍ୟରଞ୍ଜନ ସାହୁ, ଅତନୁ ରାଉତ ପ୍ରମୁଖ ଜମି ମାଲିକଙ୍କ ଉପସ୍ଥିତିରେ ମାପଚୁପ ସହିତ ତଦନ୍ତ କରିଛନ୍ତି। ସୂଚନାଯୋଗ୍ୟ ପାଇପ୍ ଲାଇନ୍ ବିଛାଯାଉଥିବାବେଳେ ଚକବିଷ୍ଣୁ ନିକଟରେ ଥିବା ଘରଗୁଡ଼ିକ କ୍ଷତିଗ୍ରସ୍ତ ହେଉଥିବା ଅଭିଯୋଗରେ ଦର୍ଶାଯାଇଥିଲା ।

# ସାବିତ୍ରୀରେ ଟ୍ରାକ୍ଟର ପୋଛିଦେଲା ନବବଧୂ ସିନ୍ଦୁର

ଭଦ୍ରକ ,(ସବ୍ୟୁ): ସାବିତ୍ରୀ ବ୍ରତ ଦିନ ବର୍ଷକ ତଳେ ବିବାର କରିଥବବା ଜଣେ ନବବଧୂର ମଥାରୁ ସିନ୍ଦୁର ପୋଛି ଦେଇଛି ଏକ ଟ୍ରକ୍ଟର ।ଟ୍ରାକ୍ଟର ଚକା ତଳେ ଜଣେ ଯୁବକଙ୍କ ଜୀବନ ଚାଲିଯିବାରୁ ଏଭଳି ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଞ୍ଚଳରେ। ଏ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତେନ୍ତୁଳିଡିହି ପଞ୍ଚାୟତର ମୂଳକାଇମା ଗ୍ରାମର ଉପେନ୍ଦ୍ର ବିଶ୍ୱାଳଙ୍କ ପୁଅ ପରେଶ ବିଶ୍ୱାଳ (୨୮) ଅପରାହ୍ନରେ ଚାନ୍ଦବାଲିସ୍ଥିତ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପରେ ନିଜ ବାଇକରେ ପେଟ୍ରୋଲ ଭରି ବାହାରୁଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଟ୍ରାକ୍ଟର ତାଙ୍କୁ ଧକ୍କା ଦେଇ ଚଢ଼ି ଯାଇଥିଲା।ଘଟଣାସ୍ଥଳରୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକମାନେ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ,ମାତ୍ର ଡାକ୍ତରମାନେ ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।ଘଟଣା ପରେ ପରିବାର ଲୋକମାନେ ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦାବି କରି ପେଟ୍ରୋଲ ପମ୍ପ ନିକଟରେ ମୃତଦେହ ରଖି ଭଦ୍ରକଚାନ୍ଦବାଲି ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ।ସବୁଠାରୁ ଦୁଃଖର ଘଟଣା , ମୃତକଙ୍କ ବିବାହକୁ ମାତ୍ର ଏକ ବର୍ଷ ହୋଇଥିବା ବେଳେ ସାବିତ୍ରୀ ବ୍ରତ ଦିନେ ଏହି ଦୁଃଖଦ ଘଟଣା ଘଟିଥିବାରୁ ପରିବାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ପରିବେଶ ସୃଷ୍ଟି ହୋଇଛି।

# କାଜୁ ଗଛରେ ନାବାଳିକାର ଆତ୍ମହତ୍ୟା

ଢେଙ୍କିକୋଟ , (ସବ୍ୟ) :ସାମପାଟଣା ଥାନା ମୂଷାଖୋରି ପଞ୍ଚାୟତ ଅନ୍ତର୍ଗତ ଗିରିଧିନା ଗ୍ରାମରେ ରବିବାର ସକାଳ ୬ ଟାରେ ଘଟିଯାଇଛି ଏକ ଅଭାବନୀୟ ଘଟଣା । ଗିରିଧିନା ଗ୍ରାମର ପୀତାମ୍ବର ମାଝୀ ଓ ବାସନ୍ତୀ ମାଝୀ ଙ୍କ ଝିଅ ନିଶା ମାଝୀ ( ୧୭) ଘରଠାରୁ ଅନତିଦୂରରେ ଥିବା କାଜୁ ଗଛରେ ଝୁଲି ଆତ୍ମହତ୍ୟା କରିଛନ୍ତି । ସେ ପିନ୍ଧିଥିବା ଡ୍ରେସ ର ଚୂନରି ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି । ତେବେ ତାଙ୍କର ମୃତ୍ୟ ପ୍ରେମ ଜନିତ କାରଣରୁ ବୋଲି ଶୁଣିବାକୁ ମିଳୁଛି । ସେ ଚଳିତବର୍ଷ ଦଶମ ବୋର୍ଡ ପରୀକ୍ଷା ଦେଇ କୃତକାର୍ଯ୍ୟ ହୋଇଥିଲେ । ଖବରପାଇ ପାଟଣା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ଅପମୃତ୍ୟୁ ମାମଲା ରୁଜୁକରି ପୋଷ୍ଟ ମଟମ କରାଇଛନ୍ତି ।

# ସୋର ରେଳ ଷ୍ଟେସନରୁ ୨୭ ଛାତ୍ରଛାତ୍ରୀ ଉଦ୍ଧାର

ବାଲେଶ୍ୱର ,(ସବ୍ୟୁ): ସୋର ରେଳଷ୍ଟେସନରୁ ଅନୁଗୁଳ ଅଭିମୁଖେ ଯାଉଥିବା ୨୭ ଜଣ ଛାତ୍ରଛାତ୍ରୀଙ୍କୁ ଉଦ୍ଧାର କରିଛି ରେଳବାଇ ପୁଲିସ। ସୂଚନା ଶନିବାର ସଂଧ୍ୟାରେ ମୟୂରଭଞ୍ଜଜିଲ୍ଲା କପ୍ତିପଦା ଥାନା ଟୁଲୁଗଡ଼ିଆ ଅଞ୍ଚଳରୁ ଏକ ବସ୍ରେ ୨୭ ଜଣ ଛାତ୍ରଛାତ୍ରୀଙ୍କୁ ସେହି ଅଞ୍ଚଳର ଜଣେ ଯୁବକ ଅନୁଗୁଳର ଏକ ସଭାରେ ଯୋଗଦେବାକୁ ଆସିଥିଲେ । ଅନୁଗୁଳ ଅଭିମୁଖେ ଯିବାକୁ ସୋର ଷ୍ଟେସନରେ ଟ୍ରେନକୁ ଅପେକ୍ଷା କରିଥିବାବେଳେ ରେଳବାଇ ପୁଲିସ ପକ୍ଷରୁ ସେମାନଙ୍କ ପରିଚୟ ଯାଞ୍ଚ କରାଯାଇଥିଲା ।ପିଲାମାନଙ୍କୁ ନେଉଥିବା ବ୍ୟକ୍ତିଙ୍କୁ ଅଟକ ରଖିଛି ପୁଲିସ ୯ରୁ ୧୫ ବର୍ଷ ବୟସର ୧୯ ଜଣ ଝିଅ ଓ ୮ ଜଣ ପୁଅ ତିନିଦିନ ପାଇଁ କୌଣସି ଧର୍ମସଭାରେ ଯୋଗଦେବାକୁ ଯାଉଥିବା ସୂଚନା ମିଳିଛି। ଉକ୍ତ ଛାତ୍ରଛାତ୍ରୀମାନେ ଔପଦା, ଢେଙ୍କାନାଳ ଓ କପ୍ତିପଦା ଆଦି ବିଭିନ୍ନ ଅଞ୍ଚଳର ହୋଇଥିବାବେଳେ ବିନା ଟିକଟରେ ସେମାନଙ୍କୁ ନିଆଯାଉଥିବାରୁ ସେମାନଙ୍କୁ ଅଟକ ରଖାଯାଇ ପଚାରାଉଚୁରା କରାଯାଇଥିଲା। ଏହି ସମୟରେ ସେମାନଙ୍କୁ ଏକ ସମାବେଶରେ ମହାପୁରୁଷଙ୍କ ଗାଥା ଶୁଣିବା ସହିତ ପ୍ରାର୍ଥନା ପାଇଁ ନିଆଯାଉଥିବା କହିଥିଲେ। ଖବରପାଇ ସୋର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ବାଲେଶ୍ୱର ଚାଇଲ୍ଡ ହେଲ୍ପଲାଇନର ସଦସ୍ୟ ସମସ୍ତଙ୍କୁ ଉଦ୍ଧାର କରିଛି।

# ସ୍ୱାସ୍ଥ୍ୟକେନ୍ଦ୍ରରେ ଜବରଦଖଲ ଉଚ୍ଛେଦ ପାଇଁ ବୈଠକ

ଠାକୁରମୁଣ୍ଡା ,(ସବ୍ୟୁ): ମୟୁରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ସାତକୋଶିଆ ପ୍ରାଥମିକ ଚିକିତ୍ସାଳୟରେ ଜବର ଦଖଲ ଉଚ୍ଛେଦ ପାଇଁ ସରପଞ୍ଚ ଚାନ୍ଦମଣି ଜାରିକାଙ୍କ ସଭାପତିତ୍ୱରେ ଶୁକ୍ରବାର ଦିନ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁସାରେ ଜାତୀୟ ସ୍ୱାସ୍ଥ୍ୟ ମିଶନପକ୍ଷରୁ କରଞ୍ଜିଆ ପୂର୍ତ୍ତ ବିଭାଗ ଆନୁକୂଲ୍ୟରେ ସାତକୋଶିଆ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ଏକ କୋଟି ଟଙ୍କାର ଗୃହନିର୍ମାଣ ପାଇଁ ଅର୍ଥ ମଞ୍ଜୁରୀ ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଥିବା ସାତକୋଶିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍ୟ ୩ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅପେକ୍ଷା ଅଧିକ ଜମି ରହିଛି। ମାତ୍ର ଚିକିତ୍ସାଳୟରେ ଚାକିରି କରୁଥିବା ଜଣେ କର୍ମଚାରୀ ପ୍ରାୟ ୩୦ ବର୍ଷରୁ ଉର୍ଦ୍ଧ୍ୱ କାଳ ଜବର ଦଖଲ କରି ଗୃହ ନିର୍ମାଣ କରି ରହିଛନ୍ତି। ଡାକ୍ତରଖାନା ନୂତନ କୋଠା ନିର୍ମାଣ ପାଇଁ ଜବର ଦଖଲ ଉଚ୍ଛେଦର ଆବଶ୍ୟକତା ଦେଖାଦେଇଛି। ଏହି ଚିକିତ୍ସାଳୟ ଠାକୁରମୁଣ୍ଡା ବ୍ଲକର ସମ୍ପୂର୍ଣ୍ଣ ଆଦିବାସୀ ବହୁଳ ଓ ମୟୂରଭଞ୍ଜ ସୀମାନ୍ତରେ ଥିବାରୁ ଠାକୁରମୁଣ୍ଡା ବ୍ଲକର ୫ ଟି ପଞ୍ଚାୟତ ସହ ଭୌଗଳିକ ସ୍ଥିତି ଦୃଷ୍ଟିରୁ ପଡ଼ୋଶୀ ଆନନ୍ଦପୁର ବ୍ଲକର ଗୟଳମୁଣ୍ଡା, ପଣସଡିହା, ମନୋହରପୁର,କୋଡ଼ପଡ଼ା, ବାଉଁଶଗଡ଼ ଆଦି ୫ ଟି ପଞ୍ଚାୟତର ଶହଶହ ଲୋକ ନିର୍ଭର କରିଥାନ୍ତି। ତେଣୁ ଡାକ୍ତରଖାନାର ବିକାଶ ଅତ୍ୟନ୍ତ ଜରୁରୀ ହୋଇପଡିଛି । ବୈଠକରେ ସବିଶେଷ ଆଲୋଚନା କରି ଲୋକଙ୍କ ମତାମତ ଆଧାରରେ ଜବର ଦଖଲ ଉଚ୍ଛେଦ ପାଇଁ ଉପ ଜିଲ୍ଲାପାଳ କରଞ୍ଜିଆଙ୍କୁ ଅବଗତ କରାଗଲା। ସ୍ଥାନୀୟ ଡ଼ଃ ଶାଶ୍ୱତ କୁମାର ନାୟକଙ୍କ ମତାମତ ନେବାରୁ ଏବାବଦରେ ତାଙ୍କର ଧାରଣା ନାହିଁ ବୋଲି କହିଛନ୍ତି। ଜବର ଦଖଲକାରୀ କର୍ମଚାରୀ ତପନ ମୁଖିଙ୍କ ମତାମତ ନେବାରୁ ସେ ସରକାରୀ ପ୍ଲଟରେ ଘର ତିଆରି କରି ରହିଆସୁଛନ୍ତି ବୋଲି ସ୍ୱୀକାର କରିଛନ୍ତି । ଏଣୁ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଜବରଦଖଲ ଉଛେଦ ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ମତ ଦେଇଛନ୍ତି ।

# ବାଲେଶ୍ୱର ଜିଲ୍ଲା ବିଜେପି କୃଷକ ମୋର୍ଚ୍ଚାର ପୂର୍ଣ୍ଣାଙ୍ଗ ଟିମ୍ ଘୋଷଣା

ବାଲେଶ୍ୱର, (ସବ୍ୟୁ) :କୃଷକମୋର୍ଚ୍ଚା ଜିଲ୍ଲା ସଭାପତି ଏକ ପ୍ରେସ ବିବୃତିରେ ତାଙ୍କର ପୂର୍ଣ୍ଣାଙ୍ଗ ଟିମ୍ ଘୋଷୋଣା କରିଛନ୍ତି। ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ ଜିଲ୍ଲା କୃଷକମୋର୍ଚ୍ଚା ସଭାପତି ତାପସ କୁମାର ମହାନ୍ତି ୬ଜଣ ଉପସଭାପତି ,୨ଜଣ ସାଧାରଣ ସମ୍ପାଦକ,୬ଜଣ ସମ୍ପାଦକ ଜଣେ କୋଷାଧକ୍ଷ ୧୫ ଜଣ କାର୍ଯ୍ୟକାରୀଣି ସଦସ୍ୟ ଓ ୩୩ ଜଣ ମଣ୍ଡଳ ସଭାପତିଙ୍କ ସମେତ ୬ଜଣ ପ୍ରକୋଷ୍ଠ ସଂଯୋଜକ ଯଥା ଗଣମାଧ୍ୟମ,ସାମାଜିକ ଗଣ ମାଧ୍ୟମ, ଆଇଟି ସେଲ୍ର ସଂଯୋଜକ ଓ ସହ ସଂଯୋଜକଙ୍କ ନାମ ଘୋଷୋଣା କରିଛନ୍ତି। ଏହି ପ୍ରେସ ବିବୃତିରେ କୃଷକମୋର୍ଚ୍ଚା ସଭାପତି ଶ୍ରୀ ମହାନ୍ତି ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶୁଭ୍ରାଂଶୁ ଶେଖର ପାଢୀ, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ସମସ୍ତ ବିଧାୟକ ଓ ବିଧାୟକ ପ୍ରାର୍ଥୀଙ୍କୁ ଟିମ୍ ଗଠନ କରିବାରେ ସହଯୋଗ ଓ ସହମତି ପାଇଁ ଧନ୍ୟବାଦ୍ ଅର୍ପଣ କରିଥିଲେ। ଆଗାମୀ ଦିନରେ କୃଷକ ମୋର୍ଚ୍ଚାର ଆଭିମୁଖ୍ୟ ବିଷୟରେ ସେ କହିଥିଲେ। ତତ୍ସହିତ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା ଆଗାମୀ ୧୯ ଓ ୨୦ ତାରିଖରେ ହେବାକୁ ଥିବା ଜିଲ୍ଲା ସ୍ତରୀୟ ପଣ୍ଡିତ ଦିନ ଦୟାଲ ଉପାଧାୟ ପ୍ରଶିକ୍ଷିଣ ଶିବିର ବିଷୟରେ ସମସ୍ତ ଗଣମାଧ୍ୟମ ବନ୍ଧୁ ମାନଙ୍କୁ ଆମନ୍ତ୍ରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ବୈରାଗୀ ଚରଣ ବେହେରା, ଜିଲ୍ଲା ଗଣ ମାଧ୍ୟମ ସଂଯୋଜକ ଶ୍ରୀନିବାସ ପ୍ରଧାନ, ସହ ସଂଯୋଜକ ରଣଜିତ୍ ପୃଷ୍ଟି, ଜିଲ୍ଲା କୃଷକ ମୋର୍ଚ୍ଚା ଗଣମାଧ୍ୟମ ସଂଯୋଜକ ମହେଶ ମଲ୍ଲିକ୍ ପ୍ରମୁଖ ମଂଚାସୀନ ଥିଲେ ।

# ସିପିଏମର ଗଣ ପ୍ରତିବାଦ

ଭଦ୍ରକ,(ସବ୍ୟ): ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି,ତୈଳ ଓ ରନ୍ଧନ ଗ୍ୟାସ ସଙ୍କଟ,ନିଟ୍ ପରୀକ୍ଷାରେ ବ୍ୟାପକ ଅନିୟମିତତା ବିରୁଦ୍ଧରେ ସିପିଆଇ(ଏମ) ଚାନ୍ଦବାଲି ଆଂଚଳିକ କମିଟି ପକ୍ଷରୁ ମଟୋ ଠାରେ ଗଣ ପ୍ରତିବାଦ କରାଯାଇଛି । ଓଡିଶାର ଆଇନ ଶୃଙ୍ଖଳା ପରିସ୍ଥିତିକୁ ବିପର୍ଯ୍ୟସ୍ତ କରିଛି। ଫଳରେ ଗୃହ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୁକ୍ତରାଷ୍ଟ୍ର ଆମେରିକା ପାଖରେ ଭାରତର ଅର୍ଥନୈତିକ ସାର୍ବଭୌମତ୍ୱକୁ ବନ୍ଧା ପକାଇ ବିଶ୍ୱର ସମସ୍ତ ତୈଳ ଉତ୍ପାଦନକାରୀ ରାଷ୍ଟ୍ର ସହିତ ଶତ୍ରୁତା ସୃଷ୍ଟି କରି ପେଟ୍ରୋଲ,ଡିଜେଲ ଓ ଜାଳେଣି ଗ୍ୟାସର ଯେଉଁ ସଂକଟ ଆମ ଦେଶରେ ସୃଷ୍ଟି କରିଛନ୍ତି,ଯାହା ଫଳରେ କୋଟି କୋଟି ଲୋକ ପ୍ରତ୍ୟେକ ଦିନ ଘଣ୍ଟା ଘଣ୍ଟା ଧରି ପେଟ୍ରୋଲ ପମ୍ପରେ ଅପେକ୍ଷା କରୁଛନ୍ତି। ଏହି ସଂକଟ ପାଇଁ ଦାୟୀ ପ୍ରଧାନମନ୍ତ୍ରୀ,କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ,ରାଜ୍ୟ ଯୋଗାଣ ମନ୍ତ୍ରୀ,ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ସିପିଆଇ(ଏମ)ର ନେତୃବୃନ୍ଦ ଦାବି କରିଛନ୍ତି। କେନ୍ଦ୍ର ପ୍ରବେଶିକା ପରୀକ୍ଷା ନିଟ୍ର ବାରମ୍ବାର ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଆମ ଦେଶର ମେଧାବୀ ଛାତ୍ରଛାତ୍ରୀମାନେ ଆତ୍ମହତ୍ୟା କରୁଛନ୍ତି। ଏହି ଆନୁଷ୍ଠାନିକ ଛାତ୍ର ହତ୍ୟା ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ହତ୍ୟା ମକଦ୍ଦମାରେ ସାମିଲ କରି ତାଙ୍କୁ ଅବିଳମ୍ବେ ଗିରଫ କରାଯିବାକୁ ସିପିଆଇ(ଏମ)ର ନେତୃବୃନ୍ଦ ଏହି ବିକ୍ଷୋଭ ମାଧ୍ୟମରେ ଦାବି ଜଣାଇଛନ୍ତି।

# କ୍ଷମାସାଗର ମଠରେ ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ

ଭଦ୍ରକ,(ସବ୍ୟୁ) : ଭଦ୍ରକ ସହର ନରିପୁର (ଅସ୍ତଳ)ଗ୍ରାମର କ୍ଷମାସାଗର ମଠ ପରିସରରେ ଥିବା ମା'ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ୪ଦିନ ବ୍ୟାପୀ ଆଧ୍ୟାତ୍ମିକ ପରିବେଶ ସହ ପାଳିତ ହୋଇଯାଇଛି। ଏଥିରେ ଅଧିବାସ,କଳସ ଶୋଭାଯାତ୍ରା, ଘଟ ସ୍ଥାପନ, ଅଙ୍କୁରାରୋପଣ, ଯଜ୍ଞ କୁଣ୍ଡ ପୂଜା,ଅଖଣ୍ଡ ଦୀପ ପ୍ରଜ୍ୱଳନ, ଗୁରୁ, ଧରିତ୍ରୀ, ଧେନୁ, ସୂର୍ଯ୍ୟପୂଜା, ଯଜ୍ଞଶାଳା, ଘଟ ମଣ୍ଡଳାଦି, ଠାକୁରାଣୀଙ୍କ ଉପଚାର ପୂଜା, ଚଣ୍ଡୀ ଏବଂ ପୂର୍ଣ୍ଣାହୂତି ବିଧି ପରମ୍ପରା ନୀତିକାନ୍ତି ଅନୁଯାୟୀ ଅନୁଷ୍ଠିତ ହୋଇଥିଲା। ବାର୍ଷିକ ଉତ୍ସବରେ ବ୍ରହ୍ମଚାରୀ ସତ୍ୟାନନ୍ଦ ଦାଶ ମହାରାଜାଙ୍କ ଦ୍ୱାରା ପ୍ରବଚନ ହେବା ସହ ସୁନାମଧନ୍ୟ ବିଶିଷ୍ଟ କଣ୍ଠଶିଳ୍ପୀ ଶ୍ରୀଚରଣ ମହାନ୍ତି ଓ ତାଙ୍କ ସାଥୀଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ୪ଦିନ ବ୍ୟାପୀ କାର୍ଯ୍ୟକ୍ରମରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମେତ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହି ମା'ମହାଲକ୍ଷ୍ମୀଙ୍କୁ ଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିଥିଲେ। ଅସ୍ତଳ ଗ୍ରାମର ଯୁବ ସମାଜସେବୀ ପ୍ରଦୀପ ସାହୁ (ବାପୁ),ସହଧର୍ମିଣୀ ପ୍ରତିଭା ସାହୁ,ମାତା ବାସନ୍ତୀ ସାହୁଙ୍କୁ ସ୍ୱପ୍ନାଦେଶ ହେବାରୁ ରାଜସ୍ଥାନରୁ ମାର୍ବଲ ପଥର ନିର୍ମିତ ମହାଲକ୍ଷ୍ମୀଙ୍କ ମୂର୍ତ୍ତି ଅଣାଯାଇ ଗତବର୍ଷ ପ୍ରତିଷ୍ଠା କରାଯାଇଥିଲା। ଗ୍ରାମର କାଉନସିଲର ଗୀତାଞ୍ଜଳୀ ଦାସ,ପୂର୍ବତନ କାଉନସିଲର ଗଜେନ୍ଦ୍ର ପଣ୍ଡା,କାଉନସିଲରଙ୍କ ପ୍ରତିନିଧି ଯୁବସମାଜସେବୀ ସୂର୍ଯ୍ୟ କୁମାର ଦାସଙ୍କ ସମେତ ସମସ୍ତ ଗ୍ରାମବାସୀ,ଆଇନଜୀବୀ,ସାମ୍ବାଦିକ,ଡାକ୍ତର ଓ ବହୁ ଶୁଭେଚ୍ଛୁ ସହଯୋଗ କରିଥିଲେ। ମନ୍ଦିରର ସଦସ୍ୟଦେବବ୍ରତ ନାୟକ(କାଳିଆ),ସଦସ୍ୟ ବିରେଶ ଦାସ(ଶଙ୍କୁରୁ) ଓ ତାଙ୍କ ପତ୍ନୀ ମମତାଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ପୋଖରୀରେ ବୁଡି ମହିଳା ମୃତ

ସୋର,(ସବ୍ୟୁ) :ସୋର ଥାନା ଗୋପୀନାଥପୁର ପଞ୍ଚାୟତ ବାଉଁଶପାଳ ଗ୍ରାମରେ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଜଣେ ମହିଳାଙ୍କର ମୃତ୍ୟୁ ହୋଇଯାଇଛି। ସୂଚନା ଅନୁସାରେ ଏହି ଗ୍ରାମର ଗଙ୍ଗାଧର ନାୟକଙ୍କ ସ୍ତ୍ରୀ ସୁଲୋଚନା ନାୟକ(୪୦) ମଧ୍ୟାହ୍ନରେ ଗ୍ରାମ ନିକଟରେ ଥିବା ଏକ ମୋରମ ଖାଦାନ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। କିନ୍ତୁ ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଏହି ସମୟରେ ମୃତ ମହିଳାଙ୍କ ଦେଢ଼ଶୁରୁ ଉକ୍ତ ପୋଖରୀକୁ ଶୌଚ ପାଇଁ ଯାଇଥିବା ବେଳେ ସୁଲୋଚନା ପୋଖରୀରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ସେଠାରେ ପହଁଚି ତାଙ୍କୁ ଉଦ୍ଧାର କରି ସୋର ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ମେଡ଼ିକାଲରେ ପହଁଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

# ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ବାଲେଶ୍ୱର, (ସବ୍ୟୁ) :ସିଂଲା ଥାନା ଅନ୍ତର୍ଗତ ବୋଲିଂ ଚକ ଗାଁର ଝୁମ୍ପୁଡ଼ା ସୋରେନ (୭୦) ଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ଝୁମ୍ପୁଡ଼ାଙ୍କ ସ୍ତ୍ରୀ ପୂର୍ବରୁ ମୃତ୍ୟୁ ବରଣ କରିଥିଲେ। ଏକମାତ୍ର ପୁଅ ବିଦେଶରେ ଥିବାବେଳେ ସେ ଏକାକୀ ଘରେ ରହୁଥିଲେ। ସେ ତାଙ୍କ ଘର ସାମନା ରାସ୍ତାରେ ପଡ଼ିଥିବା ଦେଖି ଗ୍ରାମବାସୀ ସରପଞ୍ଚ ପ୍ରତିନିଧି କାର୍ତ୍ତିକ ମଲ୍ଲିକ ଓ ସିଂଲା ଥାନାକୁ ଖବର ଜଣାଇଥିଲେ। ପୁଲିସ ଶବ ଜବତ କରିବା ସହିତ ଥାନାରେ ଅପମୃତ୍ୟୁ ମାମଲା ୧୭୬/୨୬ ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ । କୌଣସି ଗାଡ଼ି ସହିତ ଧକ୍କା ହୋଇ ଝୁମ୍ପୁଡ଼ାଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ପୁଲିସ ଏଏସଆଇ ଗୋପାଳ ହେମ୍ବ୍ରମ ଏହାର ତଦନ୍ତ କରିଛନ୍ତି । ସରପଞ୍ଚ ପ୍ରତିନିଧି ଶ୍ରୀ ମଲ୍ଲିକ ନିଜ ଦାୟିତ୍ୱରେ ଶବ ସତ୍କାର କରିଛନ୍ତି।

# ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁଙ୍କ ସ୍ମୃତିଚାରଣ ସଭା



ସୋର,(ସବ୍ୟୁ): ସୋର ସଂସ୍କୃତି ଭବନ ସଭାଗୃହରେ ବିଶିଷ୍ଟ ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିଚାରଣ ସଭା ଅବସରପ୍ରାପ୍ତ ଅଧକ୍ଷ ବିଜୟ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସୋର ବିଧାୟକ ମାଧବ ଧଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଶିଳ୍ପୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିବା ସହିତ ସ୍ମରଣିକା ଶିଳ୍ପୀରାଜ ରାଜବଲ୍ଲଭକୁ ଲୋକାର୍ପଣ କରି କହିଲେ ଯେ ସ୍ୱର୍ଗତ ରାଜବଲ୍ଲଭ ବାବୁ ଯେପରି ଜଣେ ବିଶିଷ୍ଟ ଚିତ୍ର ଶିଳ୍ପୀ ସେହିପରି ଜଣେ ଦରଦୀ ମଣିଷ ଥିଲେ। ସମ୍ମାନିତ ଅତିଥି ଭାବେ ଭାସ୍କର ଶିଳ୍ପୀ ବ୍ରଜ କିଶୋର ଜେନା, ଅବସରପ୍ରାପ୍ତ ଅଧକ୍ଷ ଡ.ବନମାଳୀ ବେହେରା, ସ୍ୱର୍ଗତ ଶିଳ୍ପୀଙ୍କ ସହଧର୍ମିଣୀ ଦୀପ୍ତି ଦଣ୍ଡପାଟ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଚକ୍ରଧର ପାଢ଼ୀ, କବି ଭରତ ଦାଶ, ମହେଶ୍ୱର ପଣ୍ଡା, ଚେମେଇ ଦାସ, ପୂର୍ବାଶା ମହାନ୍ତି, ରାମଚନ୍ଦ୍ର ପୃଷ୍ଟି, ଅଚ୍ୟୁତ କୁମାର ପଣ୍ଡା, ରବୀନ୍ଦ୍ର କୁମାର ସାସ, ମହେଶ୍ୱର ବେହେରା, ରଶ୍ମିତା ସାହୁ, ଅକ୍ଷୟ କୁମାର ଜେନା, ଚିତ୍ର ଶିଳ୍ପୀ ଗଜେନ୍ଦ୍ର ପ୍ରସାଦ ସାହୁ, ଗଗନ ଚନ୍ଦ୍ର ଧର, ଅରୁଣ କୁମାର ଲେଙ୍କା ଓ ସ୍ୱର୍ଗତ ଶିଳ୍ପୀଙ୍କ ସାନଭାଇ ନଳିନୀ ବଲ୍ଲଭ ସାହୁ ସ୍ମୃତିଚାରଣ କରିଥିଲେ। ଚନ୍ଦ୍ରମୋହନ ମହାପାତ୍ର ମଂଚ ପରିଚାଳନା କରିଥିବା ବେଳେ ବୋହୂ ତୃପ୍ତିମୟୀ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ଦାମୋଦର ଦାଶ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦେବେନ୍ଦ୍ରେ କୁମାର ପ୍ରଧାନ ସ୍ୱର୍ଗତ ଶିଳ୍ପୀଙ୍କ ସଂପର୍କରେ ସମ୍ୟକ୍ ସୂଚନା ପ୍ରଦାନ କରିଥିଲେ। ପୁତ୍ର ଅରୋଆଶିଷ ବଲ୍ଲଭ ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଝିଅ ଓ ଜ୍ୱାଇଁ ଡା. ସୁଚିସ୍ମିତା ସାହୁ ଓ ଡା.ଲୋହିତ ମହାନ୍ତି ଓ ଅନ୍ୟମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ଜିଲ୍ଲା ମହିଳା କଂଗ୍ରେସର ପେଟ୍ରୋଲ ପମ୍ପ ଆଗରେ ବିକ୍ଷୋଭ




ବାଲେଶ୍ୱର ,(ସବ୍ୟୁ): ପେଟ୍ରୋଲ, ଡିଜେଲ, ସି ଏନ ଜି, ଓ ସମସ୍ତ ବ୍ରାଣ୍ଡ ର ପୟାକେଟ କ୍ଷୀର ଉପରେ ଦର ବୃଦ୍ଧି ଘଟିଛି। ଫଳରେ ଲୋକଙ୍କ ଅର୍ଥ ନୀତି ଓ ରୋଷେଇ ଘର /ହାଣ୍ଡି ଶାଳ ଉପରେ ମହଙ୍ଗା ମାଡ଼ ପଡିଛି। ଗୃହିଣୀ ଙ୍କ ଠାରୁ ଆରମ୍ଭ କରି ରୋଜଗାରିଆ ମଣିଷଙ୍କ ପକେଟକୁ କଟା ଯାଉଛି। ଦିନ ଦ୍ୱିପହରେ ଲୁଟ କରୁଛନ୍ତି ସରକାର ଓ କମ୍ପାନୀ ମାନେ। ଏହାର ପ୍ରତିବାଦରେ ରବିବାର ଅପରାହ୍ଣ ସାଢ଼େ ୫ଟାରେ ବାଲେଶ୍ୱର ଜିଲ୍ଲା ମହିଳା କଂଗ୍ରେସ କମିଟି ଅଧକ୍ଷା ଉର୍ମିଳା ମାଝୀଙ୍କ ନେତୃତ୍ୱ ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।ଏହି କାର୍ଯ୍ୟ କ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟ ଶିବ ଦାସ, ରେମୁଣା ବ୍ଲକ ସଭାପତି କହ୍ନେଇ ଚରଣ ବେହେରା,ଜଳେଶ୍ୱର ବ୍ଲକ ସଭାପତି ହେମନ୍ତ ଗିରି, ରାଜ୍ୟ ମହିଳା କଂଗ୍ରେସ ସାଧାରଣ ସମ୍ପାଦିକା ବାସନ୍ତୀ ସାମଲ, ମାହେଶ୍ୱରୀ ଦାସ,କୁମୁଦିନୀ ଦାସ,ଦିପ୍ତିମୟୀ ହାଁସଦା, ସରସ୍ୱତୀ ହାଁସଦା, କବିତା ମାଝୀ, ଜାନୁ ମୁଖୀ , ଆରତୀ ଜେନା,ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ବିଜୟ କୁମାର ମହାନ୍ତି, ଆଶିଷ ପଟ୍ଟନାୟକ,ତୁଷାରକାନ୍ତି ତପସ୍ୱୀ, ଦେବଦତ୍ତ ଦାସ,ଜିଲ୍ଲା ଉପସଭାପତି ରାମ କୃଷ୍ଣ ଜେନା,ନିରଞ୍ଜନ ବେହେରା, ଚର୍ତ୍ତୁଭୁଜ ପାତ୍ର, ବିଧାନ ଜେନା,ଜିଲ୍ଲା ସମ୍ପାଦକ ପଶୁପତି ଉପାଧ୍ୟାୟ,ଅଜୟ ଜେନା, ମଧୁସୂଦନ ରାଉତ, ସୋଭିକ ଜେନା,ଦୁର୍ଗା ଶଙ୍କର ଆସ, ମଙ୍ଗ ସିଂ ପ୍ରମୁଖ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ସ୍ଲୋଗାନ ଦେବା ସହ ମୂଲ୍ୟବୃଦ୍ଧି ଉପରେ ସରକାର ନିୟନ୍ତ୍ରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଥିବା ଦର୍ଶାଇଥିଲେ।

## ସମ୍ପାଦକୀୟ

# ଓଡ଼ିଆ ସିନେମାର ଭବିଷ୍ୟତ

ଓଡ଼ିଆ ସିନେମାର ଭବିଷ୍ୟତ କ'ଣ ବୋଲି ସଚେତନ ଓଡ଼ିଆମାନେ ସନ୍ଦେହ ଘେରରେ ଥିବାବେଳେ 'ଖୁବ୍ ଶୀଘ୍ର ଚଳଚ୍ଚିତ୍ର ନୀତି' ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେଉଁ ଆଶ୍ୱାସନା ଦେଇଛନ୍ତି, ତାହା ଓଡ଼ିଆମାନଙ୍କୁ ଆନନ୍ଦିତ କରିଛି । ରାଜ୍ୟ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମଧ୍ୟ କହିଛନ୍ତି ଯେ ୨୦୩୬ ମସିହାରେ ଓଡ଼ିଶା ଯେଉଁ ଶତ ବର୍ଷ ପାଳନ କରିବ, ସେତେବେଳକୁ ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହେବ । ସଂସ୍କୃତି ମନ୍ତ୍ରୀଙ୍କର ଏହି ବକ୍ତବ୍ୟ ମଧ୍ୟ ଓଡ଼ିଆମାନଙ୍କ ମନରେ ଆଶାର ସଞ୍ଚାର କରିଛି ।

ଗତ ମେ ୧୫ (୨୦୨୬)ରେ ରାଜ୍ୟ ସଂସ୍କୃତି ଭବନରେ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କୁ ନେଇ ଆୟୋଜିତ ଏକ ଆଲୋଚନାଚକ୍ରରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଓଡ଼ିଶା ଚଳଚ୍ଚିତ୍ର ଶିଳ୍ପର ଉନ୍ନତି ପାଇଁ ଅର୍ଥ କେବେହେଲେ ବାଧକ ହେବ ନାହିଁ । ଦୁଃଖର କଥା ବିଗତ ସରକାରଙ୍କ ଅମଳରେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ 'ରିମା କ୍ରିଏସନ' ପକ୍ଷରୁ 'ଓଡ଼ିଶାରେ ଗାନ୍ଧିଜୀ' ଚଳଚ୍ଚିତ୍ରଟି ରହି ଯାଇଛି । ଭାରତ ସରକାରଙ୍କ 'ଜାତୀୟ ଫିଲମ ଡେଭଲପ୍‌ମେଣ୍ଟ କର୍ପୋରେସନ' ଏ ଚଳଚ୍ଚିତ୍ରଟିର ନିର୍ମାଣ ବନ୍ଦ କରିବାକୁ ଆଦେଶ ଦେଇ ନାହାନ୍ତି କି ଏହାର ନିର୍ମାଣକୁ ଆଗେଇ ନେବା ଦିଗରେ ସବୁଜ ସଙ୍କେତ ମଧ୍ୟ ଦେଉ ନାହାନ୍ତି । ଫଳରେ ଏହି ଚଳଚ୍ଚିତ୍ରଟି ତ୍ରିଶଙ୍କୁ ଅବସ୍ଥାରେ ରହିଛି ଏବଂ ଅର୍ଥାଭାବ ଯୋଗୁଁ ଏହା ନିର୍ମିତ ହୋଇ ପାରୁ ନାହିଁ ।

ଓଡ଼ିଆ ସିନେମା ଜଗତରେ ସୁନାମ ଅର୍ଜନ କରିଥିବା ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ଆକାଶ ଦାସ ନାୟକ, ଅନୁଭବ ମହାନ୍ତି, ପ୍ରଯୋଜକ ସିଦ୍ଧାର୍ଥ ଅଗ୍ରୱାଲ, ଅନୁ ଚୌଧୁରୀ ଓ ପିଙ୍କି ପ୍ରଧାନ ପ୍ରଭୃତି ଆଲୋଚନା ସମୟରେ ଉପସ୍ଥିତ ଥିଲେ । ସେହିପରି ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗଦ୍ୱାରା ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଥିବା ଗୋପବନ୍ଧୁ (ଉତ୍କଳମଣିଙ୍କ ଜୀବନୀ ଆଧାରିତ) ଚଳଚ୍ଚିତ୍ରଟି ସମ୍ପୂର୍ଣ୍ଣ ହୋଇ ପାରି ନାହିଁ ।

ଉଲ୍ଲେଖନୀୟ ଯେ ହିନ୍ଦୀ ଚଳଚ୍ଚିତ୍ର ନିର୍ମାଣ କରାଯିବାର ଦୁଇ ଦଶନ୍ଧି ପରେ ଓଡ଼ିଆ ଚଳଚ୍ଚିତ୍ରର ଶୁଭାରମ୍ଭ ହୋଇଥିଲା ବୋଲି ଜଣା ଯାଇଥାଏ । ଗତ ପ୍ରାୟ ୧୩ ବର୍ଷ ତଳେ ୨୦୧୩ ମସିହା ମେ ୩ ତାରିଖରେ ଭାରତୀୟ ସିନେମା ତାହାର ଶତବାର୍ଷିକ ଉତ୍ସବ ପାଳନ କରିଥିଲା–ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଜରିଆରେ । ଅତି ଜାକଜମକରେ ଏହି ଶତବାର୍ଷିକ ଉତ୍ସବ ପାଳନ କରାଯାଇଥିଲା ବୋଲି ମନେ ହୁଏ ନାହିଁ । ଅବଶ୍ୟ ଏହି ଉପଲକ୍ଷେ ସେତେବେଳେ ଦୁଇଗୋଟି ନୂଆ ସିନେମା ସୂଚନା ମନ୍ତ୍ରଣାଳୟ ପକ୍ଷରୁ ମୁକ୍ତି ଲାଭ କରିଥିଲା । ୧୯୩୪ରେ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ସୀତା ବିବାହ' ନିର୍ମିତ ହୋଇଥିଲା । ଏହାର ପନ୍ଦର ବର୍ଷ ପର୍ଯ୍ୟନ୍ତ କୁଆଡେ କୌଣସି ଓଡ଼ିଆ ଚଳଚ୍ଚିତ୍ର ନିର୍ମିତ ହୋଇ ପାରି ନଥିଲା । ୧୯୪୯ରେ ଏହା ପରେ 'ଲଳିତା' ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ତା' ପରଠୁଁ ଓଡ଼ିଆ ଚଳଚ୍ଚିତ୍ରର ଉନ୍ନତି ଅବଶ୍ୟ ହୋଇ ପାରିଥିଲା । ୧୯୭୬ରେ ସାଧୁ ମେହେରଙ୍କ 'ବତୀଘର', ସୁବିମଳ ମଲ୍ଲିକଙ୍କ 'ଗପ ହେଲେ ବି ସତ' (ପ୍ରଥମ ସମ୍ପୂର୍ଣ୍ଣ ରଙ୍ଗୀନ ଓଡ଼ିଆ ଚଳଚ୍ଚିତ୍ର) ଯେଉଁଥିରେ ହରିଶ ମହାପାତ୍ର ନାୟକ ଓ ବନଜା ମହାନ୍ତି ନାୟିକା ଭୂମିକାରେ ଥିଲେ । ପ୍ରଶାନ୍ତ ନନ୍ଦଙ୍କର 'ଶେଷ ଶ୍ରାବଣ' ମଧ୍ୟ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା । ଏଥିରେ ସ୍ୱର୍ଗତଃ ସାହିତ୍ୟିକ ରାଜକିଶୋର ରାୟ ମଧ୍ୟ ଛୋଟ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା କଥା ମନେ ପଡୁଛି । ୧୯୭୬ରେ ଉତ୍ତମ ମହାନ୍ତି ନାୟକ ହୋଇଥିବା 'ଅଭିମାନ' ମଧ୍ୟ ଭଲ ହୋଇଥିଲା । ସ୍ୱର୍ଗୀୟ ବସନ୍ତ ନାୟକଙ୍କ ପ୍ରଯୋଜିତ 'ଦଣ୍ଡା ବାଲୁଙ୍ଗା' ୧୯୮୪ ମସିହାରେ ମୁକ୍ତି ଲାଭ କରି କଟକର 'ପ୍ରଭାତ' ସିନେମା ପ୍ରେକ୍ଷାଳୟରେ ଦୈନିକ ତିନିଟି ସୋ'ରେ ରଜତ ଜୟନ୍ତୀ ଉତ୍ସବ ପାଳନ କରିଥିଲା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର ଭାବେ ।

**ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନେସନାଲ ସ୍କୁଲ ଅଫ୍ ଡ୍ରାମାର ପୂର୍ବତନ ପ୍ରଫେସର ଥିବା, ସୁଲେଖକ ଦେବ ମହାପାତ୍ରଙ୍କର ଅବଦାନକୁ ଓଡ଼ିଆମାନେ ମନେ ପକାଇ ପାରି ନାହାନ୍ତି । ରାଜ ବାବର, ରୋହିଣୀ ହଟ୍ଟଂଗଡ଼ି ଓ ସ୍ମିତା ପାଟିଲ ପ୍ରଭୃତି ହିନ୍ଦୀ ଚଳଚ୍ଚିତ୍ର ନାୟକ ଓ ନାୟିକାମାନେ ତାଙ୍କର ଛାତ୍ରଛାତ୍ରୀ ଥିଲେ । ଭାରତୀୟ ସିନେମା ଜଗତରେ ସ୍ୱର୍ଗୀୟ ପ୍ରମୋଦ ପତି ଥିଲେ ଅନେକ ପ୍ରମାଣିକ ଚଳଚ୍ଚିତ୍ର, କାର୍ଟୁନ ତଥା ଆନିମେସନର ଯୁଗ ପ୍ରବର୍ତ୍ତକ । ସେ ମଧ୍ୟ ବିସ୍ମୃତ ।**

ପ୍ରସିଦ୍ଧ ଲେଖକ କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଉପନ୍ୟାସ 'ମାଟିର ମଣିଷ' ବଙ୍ଗଳାର ପ୍ରସିଦ୍ଧ ଚଳଚ୍ଚିତ୍ର ନିର୍ଦ୍ଦେଶକ ମୃଣାଳ ସେନଙ୍କ ନିର୍ଦ୍ଦେଶନାରେ ୧୯୬୬–୬୭ରେ ଭୁବନେଶ୍ୱରର 'ରବି ଟକିଜ'ରେ ମୁକ୍ତିଲାଭ କରିଥିଲା । ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ଓ ବିଶିଷ୍ଟ ସାହିତ୍ୟିକ ନିତ୍ୟାନନ୍ଦ ମହାପାତ୍ର ତାହାର ଉଦ୍‌ଘାଟନ କରିଥିଲେ । ଏହାର ମୁଖ୍ୟ ଭୂମିକାରେ ଶରତ ପୂଜାରୀ, ପ୍ରଶାନ୍ତ ନନ୍ଦ ଓ ସୁଜାତା ଆନନ୍ଦ ଥିଲେ । ସ୍ୱର୍ଗୀୟ ନିରଜ ମହାପାତ୍ରଙ୍କ 'ମାୟା ମିରିଗ' ଏକ ଅଦ୍ୱିତୀୟ ଚଳଚ୍ଚିତ୍ର । ଜୟଦେବ ପୁରସ୍କାର ବିଜେତା ପ୍ରସିଦ୍ଧ ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଓ ନିର୍ଦ୍ଦେଶକ, ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ଉପନ୍ୟାସ 'କନକଲତା'ର ନିର୍ଦ୍ଦେଶନା ଦେଇ ସୁନାମ ଅର୍ଜନ କରିଛନ୍ତି ।

ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ନେସନାଲ ସ୍କୁଲ ଅଫ୍ ଡ୍ରାମାର ପୂର୍ବତନ ପ୍ରଫେସର ଥିବା, ସୁଲେଖକ ଦେବ ମହାପାତ୍ରଙ୍କର ଅବଦାନକୁ ଓଡ଼ିଆମାନେ ମନେ ପକାଇ ପାରି ନାହାନ୍ତି । ରାଜ ବାବର, ରୋହିଣୀ ହଟ୍ଟଂଗଡ଼ି ଓ ସ୍ମିତା ପାଟିଲ ପ୍ରଭୃତି ହିନ୍ଦୀ ଚଳଚ୍ଚିତ୍ର ନାୟକ ଓ ନାୟିକାମାନେ ତାଙ୍କର ଛାତ୍ରଛାତ୍ରୀ ଥିଲେ । ଭାରତୀୟ ସିନେମା ଜଗତରେ ସ୍ୱର୍ଗୀୟ ପ୍ରମୋଦ ପତି ଥିଲେ ଅନେକ ପ୍ରମାଣିକ ଚଳଚ୍ଚିତ୍ର, କାର୍ଟୁନ ତଥା ଆନିମେସନର ଯୁଗ ପ୍ରବର୍ତ୍ତକ । ସେ ମଧ୍ୟ ବିସ୍ମୃତ ।

ହିନ୍ଦୀ ଚଳଚ୍ଚିତ୍ର ଜଗତର ଆଉ ଜଣେ ନିର୍ଦ୍ଦେଶକ ଓ ଅଭିନେତା ସାଧୁ ମେହର ଓ 'ଶଳା ବୁଢ଼ା' ଓଡ଼ିଆ ଚଳଚ୍ଚିତ୍ରର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ମଧ୍ୟ ସାରା ଭାରତରେ ସୁନାମ ଅର୍ଜନ କରିଛନ୍ତି । ନିର୍ଦ୍ଦେଶିକା ଓ ଅଭିନେତ୍ରୀ ନନ୍ଦିତା ଦାସ ମଧ୍ୟ ସର୍ବଭାରତୀୟ ସ୍ତରରେ ଆଦୃତା । ଓଡ଼ିଆ ସିନେମାର ଭବିଷ୍ୟତ କଥା ଚିନ୍ତା କରିବା ପୂର୍ବରୁ ଅତୀତରୁ ପ୍ରେରଣା ନିଆଯିବା ଆବଶ୍ୟକ ।

**ଆପଣମାନେ ଯଦି ସମଗ୍ର ପୃଥିବୀର ସାହିତ୍ୟ ଅଧ୍ୟୟନ କରିବାକୁ ଚାହାଁନ୍ତି ତାହାହେଲେ ତହିଁରେ ଜଗତର କେହି ବାଧା ଦେଇପାରିବେ ନାହିଁ । କିନ୍ତୁ ଇଂରାଜୀ ସାହିତ୍ୟ ଅଧ୍ୟୟନ କରିବାରେ କମ୍ ସମୟ ଖର୍ଚ୍ଚ କରିବାକୁ ଆପଣମାନଙ୍କୁ ମୋର ଅନୁରୋଧ କରିବାର କାରଣ ଏହି ଯେ ଆପଣମାନେ ନିଜ ମାତୃଭାଷା ଅଧ୍ୟୟନ କଲେ ଅଧିକ ସ୍ୱାଭାବିକ ରୀତିରେ ସେହି ଉପକାର ପାଇପାରିବେ ।**

**(ମହାତ୍ମା ଗାନ୍ଧି)**

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଗୁଣି ଗାରେଡ଼ି ଓ ଡାହାଣୀଙ୍କ କଥା–୩



ସୁଧାଂଶୁ ଶେଖର ଧଡା

ଗୁଣିଗାରେଡି, ଅନ୍ଧବିଶ୍ୱାସ ଆଦି ଅବଧାରଣାର ଶିକାର ହୋଇଥିବା ପ୍ରତ୍ୟେକଟି ବ୍ୟକ୍ତି ଓ ପରିବାରର କାହାଣୀ ଏହିପରି ଦୁଃଖଦାୟକ, ଅସମାହିତ ସମସ୍ୟା ଓ ପ୍ରଶ୍ନର ସମାହାର । ଏପର୍ଯ୍ୟନ୍ତ ଏହି ଅବଧାଣାରେ ଶିକାର ହୋଇଥିବା ପ୍ରାୟ ଅଶୀ ଶତାଂଶ ଲୋକ ପ୍ରାଚୀନ ଜନଜାତି ବର୍ଗର, ମହିଳା ଓ ଶିଶୁ । ପ୍ରତ୍ୟେକଟି ହତ୍ୟା ଓ ଅପରାଧ ଘଟଣାର ନ୍ୟାୟାଳୟରେ ସମାଧାନ ଦିଗରେ ଏହି ବର୍ଗର ଲୋକମାନଙ୍କର ଆର୍ଥିକ ସାମର୍ଥ୍ୟ ନାହିଁ । ପୁଲିସ୍ ବିଭାଗ, ବିଚାର ବିଭାଗ, ଜେଲ୍ ବିଭାଗ ଓ ପୋଷ୍ଟମର୍ଟମ କରିଥିବା ସରକାରୀ ଡାକ୍ତରଖାନାର ଡାକ୍ତରମାନେ ହତ୍ୟାକାଣ୍ଡକୁ ନେଇ ଉପୁଜିଥିବା ଆଇନ ଶୃଙ୍ଖଳା ସମସ୍ୟା ସମ୍ଭାଳିବାକୁ ସ୍ଥାନୀୟ ପ୍ରଶାସନିକ ଉଦ୍ୟମ ଏହି ମାମଲାଗୁଡ଼ିକର ସମାଧାନରେ ସମୟ ଓ ସହଯୋଗ ଦେବାକୁ ବାଧ୍ୟ ।

ଏଭଳି ମାମଲାରେ କ୍ଷତିଗ୍ରସ୍ତ ଓ ଅପରାଧୀ ପ୍ରାୟତଃ ପରିବାର ସମ୍ପର୍କୀୟ । ମାମଲାର ଶେଷ ପରିଣତି ଭାବରେ କ୍ଷତିଗ୍ରସ୍ତଙ୍କୁ କିଛି ମିଳେନାହିଁ, ଅପରାଧୀଙ୍କୁ ଜେଲ୍ ଭୋଗିବାକୁ ପଡ଼େ । ମାମଲାଗୁଡ଼ିକରେ ବିଭିନ୍ନ ବିଭାଗର ସମ୍ପୃକ୍ତିକୁ ନେଇ ସରକାରଙ୍କର ପ୍ରତ୍ୟେକଟି ମାମଲା ଶେଷ ହେବା ପର୍ଯ୍ୟନ୍ତ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ ହେଉଛି । ଅଭିଯୁକ୍ତ ଏବଂ ଅଭିଯୋଗକାରୀ କ୍ଷତିଗ୍ରସ୍ତ ଦୁର୍ବଳ ବର୍ଗର ତଥା ମହିଳା ହୋଇଥିବାରୁ ବିଚାର ବିଭାଗର ବର୍ତ୍ତମାନର ବ୍ୟବସ୍ଥାରେ ସେମାନେ ମାଗଣା ଆଇନ ସହାୟତା ପାଇବାକୁ ଯୋଗ୍ୟ । ମୋଟାମୋଟି ଭାବରେ ମାମଲାଗୁଡ଼ିକର ବିଶ୍ଳେଷଣ ଦର୍ଶାଉଛି ଯେ, ସରକାର ଆଇନ ସହାୟତା ମାଧ୍ୟମରେ ନିଜ ସହ ନିଜେ ଲଢୁଛନ୍ତି । କୌଣସି ପକ୍ଷକୁ କିଛି ମିଳୁନଥିବା ଏବଂ ଅପରାଧୀକୁ ଜେଲ୍ ଦଣ୍ଡ ମିଳୁଥିବା ଘଟଣାରେ ସରକାରଙ୍କର ବିପୁଳ ପରିମାଣର ଅର୍ଥ ଓ ସମୟ ବ୍ୟୟ ହେଉଛି ଏବଂ ଅନେକ ବିଭାଗର ସମୟ ଅପଚୟ ହେଉଛି ।

ଏଭଳି ସମସ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଥିବା ଆଦିମ ଜନଜାତି ବର୍ଗର ଲୋକମାନଙ୍କ ସମସ୍ୟା ସମ୍ପର୍କରେ ପ୍ରଶାସନ କିମ୍ବା ସ୍ଥାନୀୟ ଲୋକ ପ୍ରତିନିଧି କେବେ ଚିନ୍ତା କରନ୍ତି ନାହିଁ । ଆହୁରି ମଧ୍ୟ ଅନେକ ସ୍ଥାନରେ ଲୋକ ପ୍ରତିନିଧିମାନେ ହିଁ ଏହି କ୍ଷତିଗ୍ରସ୍ତ ବର୍ଗର, ଯେଉଁମାନେ ଏହି ବର୍ଗର ଲୋକଙ୍କ ସମସ୍ୟା ଖବରକାଗଜରୁ ପଢି ଶୀତତାପ ନିୟନ୍ତ୍ରିତ କୋଠରୀରେ ସମ୍ମିଳନୀ କରନ୍ତି, ସରକାରୀ ଅନୁଦାନକୁ ଅପେକ୍ଷା କରନ୍ତି, ସେମାନେ ଏହି ବର୍ଗର ଲୋକଙ୍କ ନିକଟକୁ କିମ୍ବା ସମସ୍ୟା ଉପୁଜିଥିବାବେଳେ କ୍ଷେତ୍ର ଉପରକୁ କେବେ ଯାଆନ୍ତି ନାହିଁ ।

ଏହି ବର୍ଗର ପ୍ରତିନିଧି ଓ ନେତୃସ୍ଥାନୀୟ ବ୍ୟକ୍ତିମାନେ ଏ ପ୍ରକାର ସାମାଜିକ ସମସ୍ୟାକୁ ପରମ୍ପରା କହି ଏଡ଼ାଇ ଯାଆନ୍ତି । ଜନଚେତନା ସୃଷ୍ଟି କରିବାକୁ ପ୍ରୋଜେକ୍ଟ ରିପୋର୍ଟ ପ୍ରସ୍ତୁତ କରିପାରୁଥିବା ବର୍ଗ ସରକାରଙ୍କ ଅନୁଦାନ ପାଇବା ପରେ ଶୀତତାପ ନିୟନ୍ତ୍ରିତ ସମ୍ମିଳନୀ କକ୍ଷରେ ବସି ଜନଚେତନା କରନ୍ତି । ରିପୋର୍ଟ ପ୍ରସ୍ତୁତ କରିବା ଭଳି ଉଦ୍ୟମରେ ଲଗି ରହନ୍ତି । ଏଭଳି ସମସ୍ୟାଗୁଡ଼ିକ ଠାରୁ ବହୁ ଦୂରରେ ଥିବା କିଛି ବୁଦ୍ଧିଜୀବୀ ସାମାଜିକ ପରବର୍ତ୍ତନ ଚାହାନ୍ତି ନାହିଁ । ପରମ୍ପରା ଓ ସଂସ୍କୃତିର ସୁରକ୍ଷା ନାମରେ ଏହି ବର୍ଗର ଲୋକଙ୍କ ଅଶିକ୍ଷା–ଅସ୍ୱାସ୍ଥ୍ୟ–ଅଜ୍ଞତାର ପରିବର୍ତ୍ତନ ଚାହାନ୍ତି ନାହିଁ । ଅନ୍ୟ ପକ୍ଷରେ ଏକ ଆଧୁନିକ ସଭ୍ୟ ସମାଜରେ ଅନ୍ଧବିଶ୍ୱାସ ଜନିତ ପ୍ରତ୍ୟେକଟି ହତ୍ୟା, ଅପମୃତ୍ୟୁ ଓ ମୃତ୍ୟୁ ଗୋଟିଏ ଗୋଟିଏ ସାମାଜିକ କଳାଦାଗ । ତେଣୁ ଗୁଣିଗାରେଡ଼ି ନିରୋଧ ଆଇନ ସହିତ ଗୁଣିଗାରେଡ଼ି–ଅନ୍ଧବିଶ୍ୱାସ ନିରୋଧ ଜନଚେତନା ସୃଷ୍ଟି ନିମିତ୍ତ ଏକ ଯୋଜନାର ଆବଶ୍ୟକତା ରହିଛି ।




ବିଜୟୱାଡ଼ର ଆଥେଇଷ୍ଟ ସେଣ୍ଟର ଯେଉଁଭଳି ଭାବରେ ପାଞ୍ଚବର୍ଷ ଧରି 'ବାଣାମତୀ' ବିରୁଦ୍ଧରେ ଜନଚେତନା ସୃଷ୍ଟି କରିଥିଲା ଏବଂ ରାଜ୍ୟ ସରକାର ଏକ ଯୋଜନା ଭାବରେ ଯେପରି ପାଣ୍ଠି ଯୋଗାଇଥିଲେ, ଏବେ ଓଡ଼ିଶାରେ ଏହିପରି ସରକାରୀ ପଦକ୍ଷେପ ଆବଶ୍ୟକ ପଡ଼ିଲାଣି । ଗତ ପାଞ୍ଚବର୍ଷରେ ଏ ସମ୍ପର୍କିତ ହତ୍ୟାକାଣ୍ଡ ବିବରଣୀ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ ୨୦୨୦ରେ ୧୪ଟି, ୨୦୨୧ରେ ୨୮ଟି, ୨୦୨୨ରେ ୧୦ଟି, ୨୦୨୩ରେ ୨୬ଟି ଏବଂ ୨୦୨୪ରେ ୧୬ଟି ଓଡ଼ିଶାରେ ଘଟିଛି । କେନ୍ଦୁଝର, ସୁନ୍ଦରଗଡ଼, ମୟୁରଭଞ୍ଜ, ମାଲକାନଗିରି, ନବରଙ୍ଗପୁର, ଗଞ୍ଜାମ ଏବଂ ରାୟଗଡ଼ ଜିଲ୍ଲାର ଆଦିମ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଅଧିକ ଭାବରେ ଏହି ଦୁଃଖଦାୟକ ଘଟଣା ଘଟୁଛି ।

କ୍ଷତିଗ୍ରସ୍ତ ପରିବାରବର୍ଗ ସର୍ବସ୍ୱାନ୍ତ ହୋଇ ଯାଉଛନ୍ତି । ତେଣୁ ଓଡ଼ିଶା ଅବୈଜ୍ଞାନିକ ଅବଧାରଣାର କ୍ଷତିଗ୍ରସ୍ତଙ୍କ ପୁନର୍ବାସ, ଥଇଥାନ ଓ ଜନଚେତନା ଯୋଜନା ନାମରେ ଏକ ଯୋଜନା ରାଜ୍ୟ ସରକାର ତୁରନ୍ତ ପ୍ରଣୟନ କରିବାର ଆବଶ୍ୟକତା ଦେଖାଦେଇଛି । ଏହି ଯୋଜନାର ନୀଳନକ୍ସା ଏଠାରେ ସୂଚୀତ କରାଯାଉଛି ।

୧)ଯୋଜନାର ନାମ : ଓଡିଶା ଅବୈଜ୍ଞାନିକ ଅବଧାରଣାର କ୍ଷତିଗ୍ରସ୍ତଙ୍କ ପୁନର୍ବାସ, ଥଇଥାନ ଓ ଜନଚେତନା ଯୋଜନା (The Odisha Scheme for awareness against unscientific belief and rehabilitation of victims) ନାମରେ ଏକ ଯୋଜନା ରାଜ୍ୟ ସରକାର ତୁରନ୍ତ ପ୍ରଣୟନ କରିବା ଆବଶ୍ୟକତା ଦେଖାଦେଇଛି । ଏହି ଯୋଜନାର ନୀଳନକ୍ସା ଏଠାରେ ସୂଚୀତ କରାଯାଉଛି ।

**ଗତ ପାଞ୍ଚବର୍ଷରେ ଏ ସମ୍ପର୍କିତ ହତ୍ୟାକାଣ୍ଡ ବିବରଣୀ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ ୨୦୨୦ରେ ୧୪ଟି, ୨୦୨୧ରେ ୨୮ଟି, ୨୦୨୨ରେ ୧୦ଟି, ୨୦୨୩ରେ ୨୬ଟି ଏବଂ ୨୦୨୪ରେ ୧୬ଟି ଓଡ଼ିଶାରେ ଘଟିଛି । କେନ୍ଦୁଝର, ସୁନ୍ଦରଗଡ଼, ମୟୁରଭଞ୍ଜ, ମାଲକାନଗିରି, ନବରଙ୍ଗପୁର, ଗଞ୍ଜାମ ଏବଂ ରାୟଗଡ଼ ଜିଲ୍ଲାର ଆଦିମ ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ଅଧିକ ଭାବରେ ଏହି ଦୁଃଖଦାୟକ ଘଟଣା ଘଟୁଛି । କ୍ଷତିଗ୍ରସ୍ତ ପରିବାରବର୍ଗ ସର୍ବସ୍ୱାନ୍ତ ହୋଇ ଯାଉଛନ୍ତି । ତେଣୁ ଓଡ଼ିଶା ଅବୈଜ୍ଞାନିକ ଅବଧାରଣାର କ୍ଷତିଗ୍ରସ୍ତଙ୍କ ପୁନର୍ବାସ, ଥଇଥାନ ଓ ଜନଚେତନା ଯୋଜନା ନାମରେ ଏକ ଯୋଜନା ରାଜ୍ୟ ସରକାର ତୁରନ୍ତ ପ୍ରଣୟନ କରିବାର ଆବଶ୍ୟକତା ଦେଖାଦେଇଛି । ଏହି ଯୋଜନାର ନୀଳନକ୍ସା ଏଠାରେ ସୂଚୀତ କରାଯାଉଛି ।**

୧)ଯୋଜନାର ନାମ: ଓଡିଶା ଅବୈଜ୍ଞାନିକ ଅବଧାରଣାର କ୍ଷତିଗ୍ରସ୍ତଙ୍କ ପୁନର୍ବାସ, ଥଇଥାନ ଓ ଜନଚେତନା ଯୋଜନା ।

(The Odisha Scheme for awareness against unscientific belief and rehabilitation of victims. )

୨)ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସର ସଂଜ୍ଞା : ଯେଉଁଭଳି ଘଟଣାର ପ୍ରମାଣ ନାହିଁ, କେବଳ ବିଶ୍ୱାସ କରାଯାଏ ଓ ସାମାଜିକ ଭାବେ ଭୟ ସୃଷ୍ଟି କରାଯାଏ ତାହା ଗୁଣିଗାରେଡ଼ି ଓ ଅନ୍ଧବିଶ୍ୱାସ ଛ ଉପର ବର୍ଣ୍ଣିତ ୧୬ ପ୍ରକାର ବିଭାଗକୁ ଏହାର ପରିସରଭୁକ୍ତ କରାଯିବ ।

୩)ସମଗ୍ର ଓଡ଼ିଶା ଏହି ଆଇନର କାର୍ଯ୍ୟକାରିତାର ପରିସର ଭାବେ ପରିଗଣିତ ହେବ ।

୪)ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଉପରେ ଏହାକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ନ୍ୟସ୍ତ କରାଯିବ ।

୫)ବିଭାଗ ଦ୍ୱାରା ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ଏବଂ ପ୍ରଚାର ଜିଲ୍ଲା ଓ ସ୍ଥାନ ଧାର୍ଯ୍ୟ କରାଯିବ ।

୬)ଯୋଜନା କାର୍ଯ୍ୟକାରୀ କରାଯିବା ନିମିତ୍ତ ରାଜ୍ୟ ସରକାର ବଜେଟରେ ପ୍ରତିବର୍ଷ ଅନ୍ୟୁନ ୧୦ କୋଟି ଟଙ୍କାର ବ୍ୟୟବରାଦ କରିବେ ଏବଂ ଯୋଜନାର ଅବଧି ପ୍ରାଥମିକ ଭାବରେ ୫ ବର୍ଷ ରହିବ ।

୭)ଶହସ୍ରାବ୍ଦୀ ବିକାଶ ଲକ୍ଷ୍ୟ ଭାବରେ ଶିକ୍ଷା–ସ୍ୱାସ୍ଥ୍ୟ–ଅଜ୍ଞତା ଦୂରୀକରଣ ଉପରେ ପ୍ରାଧାନ୍ୟ ଦିଆଯିବ ।

୮)ଆସନ୍ତା ୨୦୩୬ ମସିହା ଏବଂ ୨୦୪୭ ମସିହା ବର୍ଷକୁ ଲକ୍ଷ୍ୟ ବର୍ଷ ଭାବେ ଗ୍ରହଣ କରାଯାଇ ଜନଚେତନା କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବ ।

୯)ଜନଚେତନା ସୃଷ୍ଟି ନିମିତ୍ତ ଗୁଣିଗାରେଡ଼ି ସମ୍ପର୍କିତ ଅପରାଧ ଓ ଫଇସଲା ଇତ୍ୟାଦି ଯେଉଁସବୁ ବିଭାଗର ପରିସରକୁ ଆସୁଛି, ସେହି ବିଭାଗଗୁଡ଼ିକ ମିଳିତ ଭାବେ କାର୍ଯ୍ୟାନ୍ୱୟନ ପଦ୍ଧତି, ଦଳ ଗଠନ ଆଦି କାର୍ଯ୍ୟରେ ସହଯୋଗ କରିବେ ।

୧୦)ସରକାରୀ ବିଭାଗଗୁଡ଼ିକର କ୍ଷମତା ଓ ବେସରକାରୀ ସଂଗଠନଗୁଡ଼ିକର କାର୍ଯ୍ୟ ପରିସରକୁ ସ୍ପଷ୍ଟ କରାଯିବ ।

୧୧)ଆକ୍ସନ ପ୍ଲାନ ମହିଳା ଓ ଶିଶୁ ବିକାଶ ବିଭାଗ ଧାର୍ଯ୍ୟ କରିବ ।

୧୨) କ୍ଷତିଗ୍ରସ୍ତଙ୍କ ପୁନଃ ଥଇଥାନ, ନିଯୁକ୍ତି, ଆତ୍ମନିଯୁକ୍ତି, ଶିକ୍ଷା, ଆର୍ଥିକ ସହାୟତା, ଋଣ ପ୍ରଦାନ ତଥା ଆତ୍ମବିଶ୍ୱାସ ବୃଦ୍ଧି ଉପରେ ଯୋଜନା କେନ୍ଦ୍ରୀଭୂତ ହେବ ।

୧୩) କାର୍ଯ୍ୟକାରୀ ବିଭାଗ ପ୍ରତିବର୍ଷ ଖର୍ଚ୍ଚର ଅଡ଼ିଟ୍ ସହିତ ବିବରଣୀ ପ୍ରସ୍ତୁତ କରିବେ ।

୧୪) ରାଜ୍ୟ ମାନବିକ ଅଧିକାର କମିଶନ ଏ ପ୍ରସଙ୍ଗରେ ବିଭିନ୍ନ ସମୟରେ ଆବଶ୍ୟକୀୟ ନିର୍ଦ୍ଦେଶ ଦେଇପାରିବେ ।

ଏହି ଯୋଜନା ପ୍ରଣୟନ କରି ଅନ୍ଧବିଶ୍ୱାସ ଜନିତ ହତ୍ୟାକାଣ୍ଡ ଓ ଅପରାଧକୁ ବିଲୋପ କରାଯାଇ ଏହିସବୁ ଅପରାଧଗୁଡ଼ିକର ବିଚାର ପ୍ରକ୍ରିୟାରେ ବିପୁଳ ପରିମାଣର ଅର୍ଥ ବ୍ୟୟକୁ ରୋକାଯାଇ ପାରନ୍ତା ।

ମିରାକିଲ୍ ଡେମନଷ୍ଟ୍ରେଟର
ମୋ–୯୩୩୭୦୧୫୮୮୨

# ଦୁନିଆର ସବୁଠାରୁ ଗଭୀର ପାଠ ଆତ୍ମଜ୍ଞାନ



ମାନସ କୁମାର କର

ଆମେ ପ୍ରାୟତଃ ଦୁନିଆକୁ ଏକ ସ୍ଥାନ, ଏକ ବ୍ୟବସ୍ଥା ବା ଏକ ଭୌଗୋଳିକ ବିସ୍ତାର ଭାବରେ ଦେଖୁ, ଯେଉଁଠାରେ ମଣିଷ ଜନ୍ମ ହୁଏ, ବଞ୍ଚେ ଏବଂ ଶେଷରେ ବିଦାୟ ନିଏ । ଆମର ଦୃଷ୍ଟି ଯଦି ଟିକିଏ ଗଭୀର ହୁଏ, ତେବେ ଏହି ଦୁନିଆ ଏକ ବିଶାଳ ପାଠଶାଳା ପରି ଦେଖାଯାଏ, ଯେଉଁଠାରେ ପ୍ରତିଟି ମୁହୂର୍ତ୍ତ ଏକ ପାଠ, ପ୍ରତିଟି ଘଟଣା ଏକ ଅଧ୍ୟାୟ ଏବଂ ପ୍ରତିଟି ଅନୁଭବ ଏକ ପରୀକ୍ଷା ।

ଏଠାରେ କୌଣସି ସ୍ଥାୟୀ ଶିକ୍ଷକ ନାହାଁନ୍ତି, ତଥାପି ପ୍ରତିଟି ବ୍ୟକ୍ତି ଏବଂ ପ୍ରତିଟି ପରିସ୍ଥିତି ଶିକ୍ଷକ ହୋଇଯାଏ । ଦୁନିଆ ପ୍ରକୃତରେ ଏକ ନିରନ୍ତର ଚାଲୁଥିବା ଶିକ୍ଷା ପ୍ରକ୍ରିୟା ବରଂ ଏକ ଏପରି ପାଠ, ଯାହା କେବେ ଶେଷ ହୁଏ ନାହିଁ । ଏହା ପ୍ରକୃତରେ ଅନୁଭବର ପାଠଶାଳା । ମଣିଷର ପ୍ରଥମ ଶିକ୍ଷକ ତା'ର ପରିବାର, କିନ୍ତୁ ଯେମିତି ମଣିଷ ଦୁନିଆରେ ପାଦ ଦିଏ, ତା'ର ଶିକ୍ଷାର ପରିସର ନିରନ୍ତର ବଢିଚାଲେ । ଏକ ଛୋଟ ପିଲା ପଡ଼ିଯାଇ ଚାଲିବା ଶିଖେ, ଝୁଣ୍ଟିଯାଇ ସନ୍ତୁଳନ ବୁଝେ ଏବଂ ଏହା ଦୁନିଆର ପ୍ରଥମ ପାଠ ଯେ ବିଫଳତା ହିଁ ସଫଳତାର ଜନନୀ । କୌଣସି ବି ସଫଳତା ବିନା ସଂଘର୍ଷରେ ସମ୍ଭବ ନୁହେଁ । ପ୍ରକୃତିର ପ୍ରତିଟି ନିୟମ ଏହି ସତ୍ୟକୁ ଦୋହରାଏ । ମଞ୍ଜିକୁ ଅଙ୍କୁର ହେବା ପାଇଁ ମାଟିକୁ ଚିରିବାକୁ ପଡ଼େ, ନଦୀକୁ ନିଜର ରାସ୍ତା ତିଆରି କରିବା ପାଇଁ ପାହାଡ଼ ସହିତ ଧକ୍କା ଦେବାକୁ ପଡ଼େ । ମଣିଷର ଜୀବନରେ ବି ଏହି ନିୟମ ଲାଗୁ ହୁଏ । ଯେଉଁ ବ୍ୟକ୍ତି ସଂଘର୍ଷକୁ ଡରେ, ସେ କେବେ ଆଗକୁ ବଢ଼ି ପାରେ ନାହିଁ । ଦୁନିଆର ସବୁଠାରୁ ଗୂଢ଼ ଏବଂ ଗୁରୁତ୍ୱପୂର୍ଣ୍ଣ ପାଠ ହେଉଛି– କର୍ମର ସିଦ୍ଧାନ୍ତ । ଏଠାରେ ପ୍ରତିଟି କ୍ରିୟାର ପରିଣାମ ଅଛି । ଭଲ କର୍ମ ସୁଖ ଦିଏ ଏବଂ ଖରାପ କର୍ମ ଦୁଃଖ ଆଣେ । ଏହା ଜୀବନର ଆନ୍ତରିକ ନିୟମ । ଏହି ସିଦ୍ଧାନ୍ତ ଆମକୁ ଦାୟିତ୍ୱର ବୋଧ କରାଇବା ସହିତ କହେ ଯେ ଆମେ ନିଜ ଜୀବନର ନିର୍ମାତା ନିଜେ । ଆମର ନିର୍ଣ୍ଣୟ, ଆମର କର୍ମ ହିଁ ଆମର ଭବିଷ୍ୟତର ନିର୍ମାଣ କରେ । ଏହି ଦୃଷ୍ଟିରୁ ଦୁନିଆ ଏକ ଦର୍ପଣ ଏବଂ ଆମେ ଯାହା କରୁ, ତା'ର ପ୍ରତିଫଳନ ଫେରିଆସି ଆମ ସାମ୍ନାରେ ପୁନର୍ବାର ଦଣ୍ଡାୟମାନ ହୁଏ ।

ଦୁନିଆର ସବୁଠାରୁ ଗଭୀର ପାଠ ଆତ୍ମଜ୍ଞାନ । ଏହା ବହୁତ କମ୍ ଲୋକଙ୍କ ଭିତରେ ଦେଖାଯାଏ । ବାହ୍ୟ ସଂସାରର ଅନୁଭବ ଆମକୁ ଶେଷରେ ନିଜ ଭିତରକୁ ଝାଙ୍କିବା ପାଇଁ ପ୍ରେରିତ କରେ । ଯେତେବେଳେ ଆମେ ବାରମ୍ବାର ବାହ୍ୟ ବସ୍ତୁରେ ସୁଖ ଖୋଜୁ ଖୋଜୁ ନିରାଶ ହେଉ, ସେତେବେଳେ ଆମକୁ ଏହି ଅନୁଭବ ହୁଏ ଯେ ପ୍ରକୃତ ସୁଖ ବାହାରେ ନୁହେଁ, ଭିତରେ ଅଛି । ଏହା ହିଁ ଆତ୍ମଜ୍ଞାନର ଆରମ୍ଭ । ଏହି ବୁଝାମଣା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ମଣିଷ କେବଳ ଶରୀର ବା ମନ ନୁହେଁ, ବରଂ ତା'ଠାରୁ ଊର୍ଦ୍ଧ୍ୱରେ ଏକ ଚେତନା ।

**ସଂସାର ଏକ ଏପରି ପାଠଶାଳା, ଯେଉଁଠାରେ ଶିଖିବା ପ୍ରକ୍ରିୟା କେବେ ଶେଷ ହୁଏ ନାହିଁ । ଏଠାରେ ଜୀବନରେ ମିଳୁଥିବା କଠିନତା, ଦୁଃଖ ଏବଂ ବିଫଳତା ସବୁ ସେହି ପାଠଶାଳାର କଠିନ ଅଧ୍ୟାୟ ।**

ଏହି ଦୁନିଆ କେବେ ସୁଖ ଦିଏ ତ କେବେ ଦୁଃଖର ଅନୁଭବ କରାଇ ଧୀରେ ଧୀରେ ଏହି ସତ୍ୟ ଆଡ଼କୁ ନେଇଯାଏ । ସଂସାର ଏକ ଏପରି ପାଠଶାଳା, ଯେଉଁଠାରେ ଶିଖିବା ପ୍ରକ୍ରିୟା କେବେ ଶେଷ ହୁଏ ନାହିଁ । ଏଠାରେ ଜୀବନରେ ମିଳୁଥିବା କଠିନତା, ଦୁଃଖ ଏବଂ ବିଫଳତା ସବୁ ସେହି ପାଠଶାଳାର କଠିନ ଅଧ୍ୟାୟ । ଯଦି ଆମେ ଏହାକୁ କେବଳ ପୀଡ଼ା ଭାବରେ ଦେଖୁ, ତେବେ ଅଧୂରା ବିଦ୍ୟାର୍ଥୀ ହୋଇ ରହିଯାଉ । ଏହାକୁ ଶିଖିବାର ଅବସର ମାନିଲେ, ଦୁନିଆର ସବୁଠାରୁ ବଡ଼ ପାଠ ଅସ୍ଥିରତା ।

ଏଠାରେ କିଛି ବି ସ୍ଥାୟୀ ନୁହେଁ । ନା ସୁଖ, ନା ଦୁଃଖ, ନା ବୈଭବ, ନା ଦରିଦ୍ରତା, ନା ଯଶ, ନା ଅପଯଶ ଏବଂ ଯାହା କିଛି ଆଜି ଅଛି, ତାହା କାଲି ନଥିବ । ଏହି ପରିବର୍ତ୍ତନଶୀଳତା ହିଁ ସଂସାରର ମୂଳ ସ୍ୱଭାବ । ଦାର୍ଶନିକ ଦୃଷ୍ଟିରୁ ଦେଖିଲେ, ଏହି ଅସ୍ଥିରତା ଆମକୁ ବିରକ୍ତିର ପାଠ ପଢ଼ାଏ । କୌଣସି ବି ବସ୍ତୁ, ବ୍ୟକ୍ତି ବା ପରିସ୍ଥିତି ସହିତ ଅତ୍ୟଧିକ ଆସକ୍ତି ଶେଷରେ ଦୁଃଖର କାରଣ ହୁଏ । ତେଣୁ ସଂସାରର ଏହି ପାଠ ଆମକୁ ଏପରି ସନ୍ତୁଳନ ଶିଖାଏ ଯେ ନା ଅତ୍ୟଧିକ ହର୍ଷରେ ହୁଅ, ନା ଅତ୍ୟଧିକ ଶୋକରେ ବୁଡ଼ ।

ଦୁନିଆର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପାଠ ଅହଂକାର । ମଣିଷ ନିଜର ଜ୍ଞାନ, ଧନ, ଶକ୍ତି ବା ପଦ କାରଣରୁ ନିଜକୁ ଶ୍ରେଷ୍ଠ ବୋଲି ଭାବିବାକୁ ଲାଗେ । ମାତ୍ର ଏକ ବେମାରୀ, ଏକ ଦୁର୍ଘଟଣା ବା ଏକ ଅପ୍ରତ୍ୟାଶିତ ଘଟଣା ଆମର ସବୁ ଅହଂକାରକୁ ଚୁର୍‌ମାର୍ କରିଦିଏ । ବିନମ୍ରତା ହିଁ ପ୍ରକୃତ ମହାନତା । ଯିଏ ନଇଁ ଥାଏ, ସିଏ ହିଁ ତିଷ୍ଠେ । ଅକଡ଼ିବା ବାଲା ଭାଙ୍ଗିଯାଏ । ଆମେ ସମ୍ପର୍କକୁ ପ୍ରାୟତଃ ସ୍ୱାର୍ଥ, ଅପେକ୍ଷା ଏବଂ ଅଧିକାରର ଚଷମାରେ ଦେଖୁ ।

ଅନ୍ୟପଟେ ଜୀବନର ଅନୁଭବ ଆମକୁ ଧୀରେ ଧୀରେ ଶିଖାଏ ଯେ ପ୍ରକୃତ ସମ୍ବନ୍ଧ ତାହା, ଯେଉଁଥିରେ ତ୍ୟାଗ, ବୁଝାମଣା ଏବଂ କରୁଣା ଥାଏ । ଯେତେବେଳେ ଆମେ କାହାକୁ ହରାଉ, ସେତେବେଳେ ଆମକୁ ତା'ର ମହତ୍‌ର ଅନୁଭବ ହୁଏ ଏବଂ ସେତେବେଳେ ବୁଝାପଡ଼େ ଯେ ସମୟ ଥାଉଁ ଥାଉଁ ପ୍ରେମ ବ୍ୟକ୍ତ କରିବା କେତେ ଆବଶ୍ୟକ । ଏହି ପାଠ ଆମକୁ ସମ୍ବେଦନଶୀଳ କରେ ଏତିକି ଯାଏଁ । ସାଙ୍ଗରେ ଏହା ବି ଯେ ସମ୍ବନ୍ଧ କେବଳ ନିଭାଇବାର ବସ୍ତୁ ନୁହେଁ, ବରଂ ବଞ୍ଚିବାର ଆଧାର । ପ୍ରକୃତି ସବୁଠାରୁ ବଡ଼ ଏବଂ ମହାନ ଶିକ୍ଷକ । ଗଛ ଆମକୁ ନିଃସ୍ୱାର୍ଥ ଦେବା ଶିଖାଏ, ନଦୀ ଆମକୁ ନିରନ୍ତର ବହିଚାଲିବାର ସନ୍ଦେଶ ଦିଏ ଏବଂ ଆକାଶ ଆମକୁ ବିସ୍ତାରିତ ହେବାକୁ ପ୍ରେରଣା ଦିଏ । ପ୍ରକୃତିର ପ୍ରତିଟି ତତ୍ତ୍ୱ ଆମକୁ କିଛି ନା କିଛି ଶିଖାଏ । ଆବଶ୍ୟକତା କେବଳ ତାକୁ ବୁଝିବାର ଅଛି । ଆଜିର ଯୁଗରେ, ଯେତେବେଳେ ମଣିଷ ପ୍ରକୃତିଠାରୁ ଦୂର ହୋଇଯାଉଛି, ସେତେବେଳେ ସେ ଏହି ମହାନ ପାଠଶାଳାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟକୁ ହରାଇ ଚାଲିଛି ।

ପ୍ରକୃତରେ, ଦୁନିଆ ଏକ ଏପରି ପାଠଶାଳା, ଯେଉଁଠାରେ ଶିଖିବା ପ୍ରକ୍ରିୟା କେବେ ଶେଷ ହୁଏ ନାହିଁ । ଏଠାରେ ପ୍ରତିଟି ବିଦ୍ୟାର୍ଥୀ, ଚାହେଁ ସେ କେତେ ବି ଜ୍ଞାନୀ କାହିଁକି ନହେଉ । ଆମେ ଯଦି ଏହାକୁ ବୁଝିନେଉ, ତେବେ ଜୀବନ କେବଳ ବଞ୍ଚିବାର ସାଧନ ମାତ୍ର ନୁହେଁ, ବରଂ ବୁଝାମଣା ଏବଂ ଅନୁଭବର ଏକ ଗଭୀର ଯାତ୍ରା ହୋଇଯାଏ ।

ଦୁନିଆକୁ ଆମେ କେବଳ ଏକ ସଂଘର୍ଷର ପଡ଼ିଆ ମାନିଲେ, ଥକିଯିବୁ । ଏହାକୁ ପାଠଶାଳା ମାନିଲେ, ପ୍ରତିଟି ଅନୁଭବ ଆମକୁ ସମୃଦ୍ଧ କରିବ । ତେଣୁ ଦୁନିଆରୁ ପଳାଇବାର ନୁହେଁ, ତାକୁ ବୁଝିବାର ଦରକାର । ଦୁନିଆ ଆମ ଭିତରେ ପ୍ରତିଫଳିତ ହୁଏ । ଯେତେବେଳେ ଆମେ ଏହି ସତ୍ୟକୁ ଜାଣିନେଉ, ସେତେବେଳେ ଦୁନିଆ କେବଳ ଏକ ସ୍ଥାନ ନୁହେଁ ବରଂ ଏକ ଜୀବନ୍ତ ପାଠ ହୋଇଯାଏ, ଯାହା ପ୍ରତିଟି ମୁହୂର୍ତ୍ତ କିଛି ନୂଆ ଶିଖାଉଥାଏ ।

କୋତାଙ୍ଗ, କୋଣାର୍କ
ମୋ–୭୩୮୧୩୮୨୨୧୦

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

# ଇସକନର ଅଦିନିଆକୁ ରଥଯାତ୍ରା ବିରୋଧ



ଭୁବନେଶ୍ୱର(ସବ୍ୟୁ): ଆମେରିକାର ଜ୍ୟାକସନଭିଲ୍ ବେଳାଭୂମିରେ ଇସକନର ଅଦିନିଆ ରଥଯାତ୍ରାକୁ ସେଠାକାର ଓଡିଆ ସଂଗଠନ ପକ୍ଷରୁ କଡା ବିରୋଧ କରାଯାଇଛି । ସମସ୍ତ ହିନ୍ଦୁ ସମ୍ପ୍ରଦାୟର ସଦସ୍ୟ ଏବଂ ଫ୍ଲୋରିଡାର ଓଡ଼ିଆ ଜଗନ୍ନାଥ ଭକ୍ତଙ୍କ ଭାବନାକୁ ଏଭଳି ରଥଯାତ୍ରା ପ୍ରକୃତରେ ଆଘାତ ଦେଇଛି । ପବିତ୍ର ଶାସ୍ତ୍ରର ଘୋଷଣା ଏବଂ ସମୟ-ସମ୍ମାନିତ ଧାର୍ମିକ ପରମ୍ପରା ସହିତ ସମନ୍ୱୟ ରଖି ପ୍ରଭୁ ଜଗନ୍ନାଥଙ୍କ କିଛି ପ୍ରମୁଖ ପର୍ବ ପାଳନ ସମ୍ପର୍କରେ ନମ୍ରତା, ସମ୍ମାନ ଏବଂ ଗଠନମୂଳକ କାର୍ଯ୍ୟର ମନୋଭାବରେ ଏହି ପ୍ରତିନିଧିତ୍ୱ ଦାଖଲ କରାଯାଇଛି । ପ୍ରତିନିଧିତ୍ୱର ବିଷୟ ଏହି ସ୍ମାରକପତ୍ର ଶ୍ରୀଜଗନ୍ନାଥଙ୍କ ପ୍ରମୁଖ ପର୍ବ ପାଳନକୁ ସମ୍ମାନର ସହିତ ସମ୍ବୋଧିତ କରେ, ବିଶେଷକରି ସ୍ନାନ ଯାତ୍ରା (ସ୍ନାନ ପୂର୍ଣ୍ଣିମା / ପ୍ରଭୁ ଜଗନ୍ନାଥଙ୍କ ଜନ୍ମଦିନ) ଏବଂ ରଥଯାତ୍ରା (ଗୁଣ୍ଡିଚା ଯାତ୍ରା) । ପବିତ୍ର ଶାସ୍ତ୍ରରେ ଲିଖିତ ଦିବ୍ୟ ଆଜ୍ଞା ଭାବରେ ଅଲଙ୍ଘନୀୟ ତିଥି (ଚନ୍ଦ୍ର ଦିବସ) ଅନୁସାରେ କଠିନ ଭାବରେ ଏଗୁଡ଼ିକର ପାଳନ ବିଷୟରେ ନିର୍ଦ୍ଦିଷ୍ଟ ଉଲ୍ଲେଖ ରହିଛି । ଶ୍ରୀ ମନ୍ଦିର, ପୁରୀ ଦ୍ୱାରା ପରାମର୍ଶ ଦିଆଯାଇଥିବା ସ୍ନାନ ଯାତ୍ରା ପାଇଁ ଗୋଟିଏ ଦିନ ଅବଧି ଏବଂ ରଥଯାତ୍ରା ପାଇଁ ନଅ ଦିନ ଅବଧି ବ୍ୟତୀତ ଅନ୍ୟ କୌଣସି ସମୟରେ 'ଚତୁର୍ଦ୍ଧା ମୂର୍ତ୍ତି' ପବିତ୍ର ମନ୍ଦିରରୁ ଅପସାରିତ ହେବା ଉଚିତ ନୁହେଁ । ଶାସ୍ତ୍ର ଏବଂ ପାରମ୍ପରିକ ଆଧାର ସ୍କନ୍ଦ ପୁରାଣ, ବ୍ରହ୍ମ ପୁରାଣ, ପଦ୍ମ ପୁରାଣ, ନୀଳାଦ୍ରି ମହୋଦୟ ଏବଂ ସମ୍ପୃକ୍ତ ବୈଦିକ ଗ୍ରନ୍ଥଗୁଡ଼ିକ ସମେତ ପ୍ରାମାଣିକ ଶାସ୍ତ୍ରଗୁଡ଼ିକ ପ୍ରତିପାଦିତ କରନ୍ତି ଯେ ସ୍ନାନ ଯାତ୍ରା ଜ୍ୟେଷ୍ଠ ପୂର୍ଣ୍ଣିମା ତିଥିରେ ଏବଂ ରଥଯାତ୍ରାକୁ ଆଷାଢ଼ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ଆରମ୍ଭ ହେଉଥିବା ନଅ ଦିନିଆ ପର୍ବ ଭାବରେ ପାଳନ କରାଯିବା ଉଚିତ ।ପାଳନ ଏବଂ ପାରମ୍ପରିକ ଅଖଣ୍ଡତା ଦେଶ-କାଳ-ପାତ୍ର ନ୍ୟାୟ ଅଧୀନରେ ଲଜିଷ୍ଟିକ୍ ନମନୀୟତା ପ୍ରୟୋଗ କରାଯାଇପାରେ, କିନ୍ତୁ ନିର୍ଦ୍ଧାରିତ 'ତିଥି (ଚନ୍ଦ୍ର ଦିବସ ଏବଂ ସମୟ)' ଈଶ୍ୱରୀୟ ଭାବରେ ନିର୍ଦ୍ଦିଷ୍ଟ ଏବଂ ଅପରିବର୍ତ୍ତନୀୟଛ ଏହି ପବିତ୍ର ପର୍ବଗୁଡ଼ିକର ପବିତ୍ରତା ଏବଂ ଆଧ୍ୟାତ୍ମିକ ଅଖଣ୍ଡତା ରକ୍ଷା କରିବା ପାଇଁ ଏହି ତିଥିଗୁଡ଼ିକର ପାଳନ ଅତ୍ୟନ୍ତ ଜରୁରୀଛ ବିଶ୍ୱ ଅଭ୍ୟାସ ଏବଂ ଐତିହାସିକ ନିରନ୍ତରତା ଶ୍ରୀଲ ପ୍ରଭୁପାଦଙ୍କ ଅଧୀନରେ ପ୍ରାରମ୍ଭିକ ଅଭ୍ୟାସଗୁଡ଼ିକ କଠୋର ଶାସ୍ତ୍ରୀୟ ସମନ୍ୱୟ ଅନୁସରଣ କରିଥିଲେ । ଭାରତ ବାହାରେ ପାଳନ ତାରିଖଗୁଡ଼ିକରେ ସାମ୍ପ୍ରତିକ ବିଚ୍ୟୁତିକୁ ପବିତ୍ର ଆଦେଶ ସହିତ ଅସଙ୍ଗତ ଭାବରେ ସମ୍ମାନଜନକ ଭାବରେ ଉଲ୍ଲେଖ କରାଯାଇଛିଛ ନମ୍ର ପ୍ରତିବାଦ: ନିର୍ଦ୍ଧାରିତ ଦିନରେ ସ୍ନାନ ଯାତ୍ରା କିମ୍ବା ରଥଯାତ୍ରା ପାଳନ କରିବା ଦ୍ୱାରା ବିଶ୍ୱବ୍ୟାପୀ ଲକ୍ଷ ଲକ୍ଷ ଭକ୍ତଙ୍କ ଧାର୍ମିକ ଭାବନା ଗଭୀର ଭାବରେ ପ୍ରଭାବିତ ହୁଏ ।

# ନୀଳଗିରୀ ନିର୍ବାଚନ ମଣ୍ଡଳୀସ୍ତରୀୟ ଉନ୍ନୟନ କମିଟିର ସମୀକ୍ଷା ବୈଠକ

ନୀଳଗିରି, (ସବ୍ୟୁ): ଶୁକ୍ରବାର ପୂର୍ବାହ୍ନ ସମୟରେ ସ୍ଥାନୀୟ ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ନୀଳଗିରି ନିର୍ବାଚନ ମଣ୍ଡଳୀସ୍ତରୀୟଉନ୍ନୟନ କମିଟିର ସମୀକ୍ଷା ବୈଠକସ୍ଥାନୀୟ ଉପଜିଲ୍ଲାପାଳ ଶୁଭଶ୍ରୀ ରଥଙ୍କ ପୌରୋହତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ସମୀକ୍ଷା ବୈଠକରେ ବିଧାୟକ ସନ୍ତୋଷ ଖଟୁଆ ନିଜ ନିର୍ବାଚନ ମଣ୍ଡଳୀର ତିନି ଗୋଟି ବ୍ଲକରେ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାର । କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଜନହିତକାରୀ ଉନ୍ନୟନ ମୂଳକ କାର୍ଯ୍ୟର ପ୍ରଗତି, ଅଗ୍ରଗତି ଏବଂ ସମ୍ପୂର୍ଣ୍ଣ ଅସମ୍ପୂର୍ଣ୍ଣ ପ୍ରକଳ୍ପ ଗୁଡିକର ସ୍ଥିତି ଉପରେ ସମୀକ୍ଷା କରିଥିଲେ । ନୀଳଗିରି ସମେତ ଅନ୍ୟ ଦୁଇ ବ୍ଲକ୍ ଔପଦା, ବାହାନଗା ଠାରେ ଜନସ୍ୱାସ୍ଥ୍ୟ ସେବା ବିଭାଗ ପକ୍ଷରୁ ରୋଗୀମାନଙ୍କ ଚିକିତ୍ସା ପାଇଁ ଡାକ୍ତର ନିଯୁକ୍ତି ସମେତ ବିଭିନ୍ନ ଅଭାବ, ଅସୁବିଧା ଏବଂ ସମସ୍ୟା ଉପରେ ବିହିତ ପଦକ୍ଷେପ, ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ରାସ୍ତା, ଘାଟ, ପୋଲ, କୋଠା ବାଡ଼ି ଏବଂ ନୂତନ ଭାବେ ନିର୍ମାଣ ହେବାକୁ ଥିବା ବିଭିନ୍ନ କାର୍ଯ୍ୟ ଗୁଡିକର ସ୍ଥିତାବସ୍ଥା, ଟିପିଏନ୍ଓଡିଏଲ୍ ଦ୍ୱାରା ନୂତନ ଗ୍ରିଡ୍ ନିମନ୍ତେ ପ୍ରସ୍ତାବ, ସୋଲାର ପମ୍ପ ଜରିଆରେ ଟ୍ୟୁବ୍ ୱେଲ ପରିଚାଳନା ପ୍ରସ୍ତାବ, ସୋଲାର ପାଓ୍ୱାର ସରକାରଙ୍କ ପକ୍ଷରୁ ରିହାତି ସଂପର୍କରେ ଜନ ସଚେତନତା ସୃଷ୍ଟି ପାଇଁ ପ୍ରଚାର କରାଯିବ । ଉଠା ଜଳସେଚନ ପ୍ରକଳ୍ପ ଗୁଡିକୁ କାର୍ଯ୍ୟକ୍ଷମ କରିବା ସହିତ ଶିଶୁ ବିକାଶ ଯୋଜନା ସମ୍ପର୍କିତ ବିଭିନ୍ନ ଯୋଜନା, ଶିକ୍ଷା, ସାମାଜିକ ସଶକ୍ତି କରଣ ବିଭାଗ, ମତ୍ସ୍ୟ ଓ ପ୍ରାଣୀସମ୍ପଦ, ଖଣିଜ ପଦାର୍ଥ ଏବଂ ଜଙ୍ଗଲ ସୁରକ୍ଷା, ଖାଉଟି ସୁରକ୍ଷା କ୍ଷେତ୍ରରେ ୫୦୦୦ ହିତାଧିକାରୀର କେଓ୍ୱାଇସି ହୋଇ ନଥିବା ଉପରେ ମାନ୍ୟବର ବିଧାୟକ ଶ୍ରୀ ଖଟୁଆ ଉଦବେଗ ପ୍ରକାଶ କରିଥିବା ବେଳେ ନୂତନ ଭାବେ କେତେ ସଂଖ୍ୟକ ହିତାଧିକାରୀ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ଯୋଗ୍ୟ ବିହିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏତଦ୍ ଭିନ୍ନ କୃଷି ଓ ଉଦ୍ୟାନ କୃଷି କ୍ଷେତ୍ରରେ ଧନିଚା ଏବଂ ଭର୍ମି କମ୍ପୋଷ୍ଟ ପାଇଁ ଉଭୟ ପାଇଲଟ ପ୍ରୋଜେକଟ ହାତକୁ ନେଇ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ । ଏହି ସମୀକ୍ଷା ବୈଠକରେ ବିଧାୟକ ସନ୍ତୋଷ ଖଟୁଆ, ସ୍ଥାନୀୟ ଉପଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷା ଜ୍ୟୋତିର୍ମୟ ପୋଥାଲ, ବାହାନଗା ପଞ୍ଚାୟତ ସମିତି ଅଧ୍ୟକ୍ଷ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କେଶରୀ ପରିଡ଼ା, ତହସିଲଦାର ସୋନମ ଦାସ, ଏନ୍.ଏ.ସି. ଭାରପ୍ରାପ୍ତ ଅଧକ୍ଷ ମହେନ୍ଦ୍ର ନାଥ ବେହେରା, ଏସ.ଡି.ସି. ଉପାଧ୍ୟକ୍ଷ ଝରଣା ସିଂ, ଜିଲ୍ଲା ପରିଷଦ ସଦସ୍ୟ ଗୋପିକୃଷ୍ଣ ନନ୍ଦ, ଉଭୟ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ସମସ୍ତ ବିଭାଗୀୟ ପଦାଧିକାରୀ ଏବଂ ଗଣ ମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରଣନୈତିକ...

ଆଲୋଚନା ମାଧ୍ୟମରେ ବିଭିନ୍ନ ସହଯୋଗ କାର୍ଯ୍ୟକ୍ରମରେ ହାସଲ ହୋଇଥିବା ଅଗ୍ରଗତିକୁ ସନ୍ତୋଷର ସହିତ ଉଲ୍ଲେଖ କରିଛନ୍ତି, ଯେଉଁଥିରେ ସର୍ବୋଚ୍ଚ ରାଜନୈତିକ ସ୍ତରରେ ଏବଂ ୨୦୨୩ ରେ ଜି୨୦ ର ଭାରତର ସଭାପତିତ୍ୱ ଏବଂ ୨୦୨୬ ଫେବୃଆରୀରେ ନୂଆଦିଲ୍ଲୀରେ ଏଆଇ ପ୍ରଭାବ ଶିଖର ସମ୍ମିଳନୀ ସମୟରେ ଫଳପ୍ରଦ ସହଯୋଗ ଅନ୍ତର୍ଭୁକ୍ତ ।

ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଦୃଢ଼ ଗତି ଏବଂ ବର୍ଦ୍ଧିତ ସମନ୍ୱୟକୁ ସ୍ୱୀକାର କରି, ଦୁଇ ନେତା ଭାରତ ଏବଂ ନେଦରଲ୍ୟାଣ୍ଡ ମଧ୍ୟରେ ସମ୍ପର୍କକୁ 'ରଣନୈତିକ ସହଭାଗୀତା' ପର୍ଯ୍ୟନ୍ତ ଉନ୍ନୀତ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ପରିପ୍ରେକ୍ଷୀରେ, ସେମାନେ ଏକ ରଣନୈତିକ ସହଭାଗୀତା ରୋଡମ୍ୟାପ୍ ଗ୍ରହଣକୁ ସ୍ୱାଗତ କରିଛନ୍ତି ଯାହା ଅଧୀନରେ ଉଭୟ ପକ୍ଷ ରାଜନୈତିକ, ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ, ସାଇବର ସୁରକ୍ଷା, ସେମିକଣ୍ଡକ୍ଟର, ମହାକାଶ, ଏଆଇ ଏବଂ କ୍ୱାଣ୍ଟମ୍ ସିଷ୍ଟମ, ବିଜ୍ଞାନ ତଥା ନବସୃଜନ, ସ୍ଥାୟୀତ୍ୱ, ସ୍ୱାସ୍ଥ୍ୟ, ସ୍ଥାୟୀ କୃଷି ଏବଂ ଖାଦ୍ୟ ବ୍ୟବସ୍ଥା, ଜଳ ପରିଚାଳନା, ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି ପରିବର୍ତ୍ତନ, ସ୍ଥାୟୀ ପରିବହନ, ସାମୁଦ୍ରିକ ବିକାଶ, ଶିକ୍ଷା, ସଂସ୍କୃତି ଏବଂ ଲୋକ ସମ୍ପର୍କ ସମେତ ସମସ୍ତ କ୍ଷେତ୍ରରେ ନିୟମିତ ଏବଂ ସଂରଚିତ ସହଯୋଗ ମାଧ୍ୟମରେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି ।

ଉଭୟ ନେତା ଏହି ପରିପ୍ରେକ୍ଷୀରେ ପ୍ରତିରକ୍ଷା, ସେମିକଣ୍ଡକ୍ଟର ଏବଂ ସମ୍ବନ୍ଧିତ ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଡିଜିଟାଲ୍ ଏବଂ ସାଇବରସ୍ପେସ୍ରେ ସହଯୋଗ ବୃଦ୍ଧି, ଔଷଧ ଏବଂ ଚିକିତ୍ସା ଉପକରଣରେ ସହଯୋଗ, ଏକ ମିଳିତ ବାଣିଜ୍ୟ ଏବଂ ନିବେଶ କମିଟି ପ୍ରତିଷ୍ଠା, ଏବଂ ଲୋଥାଲ୍ ଏବଂ ଆମଷ୍ଟରଡାମ୍ରେ ସାମୁଦ୍ରିକ ସଂଗ୍ରହାଳୟ ମଧ୍ୟରେ ସହଯୋଗ ଭଳି ବିଭିନ୍ନ ପ୍ରାଥମିକତା କ୍ଷେତ୍ରଗୁଡ଼ିକରେ ଡିସେମ୍ବର ୨୦୨୫ରେ ହୋଇଥିବା ଚୁକ୍ତିନାମାକୁ ସ୍ୱାଗତ କରିଛନ୍ତି ।

ଦୁଇ ନେତା ଭବିଷ୍ୟତ ପାଇଁ ଚୁକ୍ତି ଉଲ୍ଲେଖ କରିଛନ୍ତି ଏବଂ ଗଣତନ୍ତ୍ର, ମାନବାଧିକାର, ଅନ୍ତର୍ଜାତୀୟ ଶାନ୍ତି ଏବଂ ସୁରକ୍ଷା ସମେତ ସମାନ ମୂଲ୍ୟବୋଧ ଏବଂ ନୀତି ତଥା ଜାତିସଂଘ ଚାର୍ଟରର ଉଦ୍ଦେଶ୍ୟ ଏବଂ ନୀତି ସହିତ ଏକ ନିୟମ-ଭିତ୍ତିକ ଅନ୍ତର୍ଜାତୀୟ କ୍ରମକୁ ବଜାୟ ରଖିବା ପାଇଁ ସେମାନଙ୍କର ପ୍ରତିବଦ୍ଧତାକୁ ପ୍ରକାଶ କରିଛନ୍ତି । ଉଭୟ ନେତା ପଶ୍ଚିମ ଏସିଆ / ମଧ୍ୟପ୍ରାଚ୍ୟ ପରିସ୍ଥିତି ଉପରେ ଗଭୀର ଚିନ୍ତା ପ୍ରକାଶ କରିଥିଲେ ଧାନମନ୍ତ୍ରୀ ଜେଟେନ୍ ଏପ୍ରିଲ ୨୦୨୫ରେ ଭାରତର ଜାମ୍ମୁ ଏବଂ କାଶ୍ମୀରର ପହଲଗାମରେ ସାଧାରଣ ଲୋକଙ୍କ ଉପରେ ହୋଇଥିବା ଘୃଣ୍ୟ ଏବଂ ଘୃଣ୍ୟ ଆତଙ୍କବାଦୀ ଆକ୍ରମଣର ଦୃଢ଼ ନିନ୍ଦା କରିଥିଲେ ଏବଂ ସୀମାପାର ଆତଙ୍କବାଦ ସମେତ ଆତଙ୍କବାଦ ବିରୁଦ୍ଧରେ ଭାରତକୁ ନେଦରଲ୍ୟାଣ୍ଡର ଏକତା ଏବଂ ଅଟଳ ସମର୍ଥନ ପ୍ରକାଶ କରିଥିଲେ ଏବଂ ଅପରାଧୀମାନଙ୍କୁ ଦାୟୀ କରିବାକୁ ଦୁଇ ନେତା ଆହ୍ୱାନ କରିଥିଲେ ।

## ଇବୋଲା ସଂକ୍ରମଣ ଭୟ...

ଏକ ଜରୁରୀକାଳୀନ କମିଟି ବୈଠକ ଡାକିପାରେ ବୋଲି କୁହାଯାଉଛି । ତେବେ ଆଶ୍ୱସ୍ତିର ବିଷୟ ଯେ,ଇବୋଲା ସଂକ୍ରମଣକୁ ରୋକିବା ପାଇଁ ପ୍ରତିଷେଧକ ଟିକା ଅଛି । ସ୍ୱାସ୍ଥ୍ୟ ସଂସ୍ଥାଗୁଡ଼ିକ ସଂକ୍ରମଣ ବ୍ୟାପିବା ପୂର୍ବରୁ ନିୟନ୍ତ୍ରଣ କରିବା ଏବଂ ପ୍ରଭାବିତ ଅଞ୍ଚଳଗୁଡ଼ିକରେ ଶୀଘ୍ର ଚିକିତ୍ସା ଏବଂ ସହାୟତା ଯୋଗାଇବା ପାଇଁ କାର୍ଯ୍ୟ କରୁଛନ୍ତି ।

## ସିଏନ୍ଜି ଦର...

ଏକାଥରକେ ଘରୋଇ ସିଲିଣ୍ଡରେ ୬୦ଟଙ୍କା ବୃଦ୍ଧି ପାଇଥିଲା । ଏହାପରେ କମର୍ସିଆଲ ସିଲିଣ୍ଡର ଦର ମଧ୍ୟ ବୃଦ୍ଧି ପାଇଥିଲା । ଏବେ ପେଟ୍ରୋଲ, ଡିଜେଲ ଓ ସିଏନଜିର ଦର ବୃଦ୍ଧି ଗ୍ରାହକଙ୍କ ଚିନ୍ତା ବଢ଼ାଇ ଦେଇଛି । ସିଏନଜି ଦର ବୃଦ୍ଧି ଯୋଗୁ ଅଟୋ ଚାଳକ ଅସନ୍ତୋଷ ପ୍ରକାଶ କରୁଛନ୍ତି । ସେମାନଙ୍କ କହିବା କଥା ସିଏନଜି ଦର ବଢ଼ିଲା, ହେଲେ ଭଡ଼ା ବୃଦ୍ଧି କରି ହେଉନାହିଁ । ଅଧିକ ଭଡ଼ା ଦାବି କଲେ ଯାତ୍ରୀ ଆସିବେ ନାହିଁ । ଫଳରେ କ୍ଷତି ସହିବାକୁ ପଡ଼ିବ ।

## କୁଖ୍ୟାତ ଅପରାଧିକୁ...



ଅଭିଯୁକ୍ତର ଡାହାଣ ଗୋଡରେ ଗୁଳି ବାଜିଥିଲା । ଆହତ ଅଭିଯୁକ୍ତ ଜଣକ ବରେଇପାଲି ଥାନା ଗୋପାଳପାଲି ଗ୍ରାମର କୁଖ୍ୟାତ ଅପରାଧୀ ମନୀଷ ସାହୁ (୩୦) ବୋଲି ଜଣାପଡିଛି । ଆହତ ଅଭିଯୁକ୍ତକୁ ଚିକିତ୍ସା ପାଇଁ ବୁର୍ଲା ଭୀମସାର ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ସେ ଡକାୟତି, ବେଆଇନ ଅସ୍ତ୍ରଶସ୍ତ୍ର କାରବାର, କୋରେକ୍ସ ଚାଲାଣ ଭଳି ୧୪ ରୁ ଅଧିକ ଅପରାଧିକ ମାମଲାରେ ଜଡିତ ଥିବା ଜଣାପଡିଛି । ମନିଷଙ୍କ ସହ କାରରେ ଥିବା ଅନ୍ୟ ତିନି ଜଣ ସହଯୋଗୀ ଗଡମୁଣ୍ଡାର ଜନ୍ମେଜୟ ଓରାମ(୨୮), ଦଳେଇପଡାର ଶେଖ ବାବୁ (୨୩) ଓ କାର ମାଲିକ କୁଚିଣ୍ଡା ଥାନା ଭୋଜପୁର ଗ୍ରାମର ରାମେଶ୍ୱର ପାତ୍ର (୨୫) ଙ୍କୁ ଗିରଫ କରାଯାଇଛି । ଶୀତଳଷଷ୍ଠି ଯାତ୍ରାକୁ ଦୃଷ୍ଟିରେ ରଖି ଏମାନେ ନିଶା କଫସିରପ ମହଜୁଦ କରିବା ପାଇଁ କଟକ ଅଞ୍ଚଳରୁ ଆଣିଥିବା ଜଣାପଡିଛି । ଏହାପୂର୍ବରୁ ଗତ ୧୮ ମାର୍ଚ୍ଚ ଭୋର ସମୟରେ ନାକଟିଦେଉଳ ଥାନା ଅଞ୍ଚଳର ଧୂମାଛାଲି ଜଙ୍ଗଲ ରାସ୍ତାରେ ଅପରାଧୀ-ପୋଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ୪୧ଟି ଅପରାଧ ମାମଲାରେ ସମ୍ପୃକ୍ତ ଥିବା ଟିମା ଝାଙ୍କର (୪୧)ଆହତ ହୋଇଥିଲା । ସେହିପରି ୧୯ ଅଗଷ୍ଟ, ୨୦୨୫ରେ ହତ୍ୟା ଅଭିଯୁକ୍ତ ମହମ୍ମଦ ସାମଦ ଖଣ୍ଡୁଆଳ ରାସ୍ତା ଦେଇ ସୋନପୁର ଅଭିମୁଖେ ବାଇକ ଯୋଗେ ଯାଉଥିବା ବେଳେ ପୋଲିସ ଏନ୍କାଉଣ୍ଟରରେ ଆହତ ହୋଇଥିଲା । ଏଥିସହ ୧୩ଏପ୍ରିଲ, ୨୦୨୫ରେ ଗୋବିନ୍ଦପୁର ଥାନା ପୋଲିସ ଗୁଳିରେ ଦୁର୍ଦ୍ଦାନ୍ତ ଅପରାଧି ସର୍ଗିଡିହି ଗ୍ରାମର ସୀତାରାମ ଷଡଙ୍ଗୀ ଆହତ ହୋଇଥିବା ପୋଲିସ ପକ୍ଷରୁ ଜଣାପଡିଛି। ୧୧ମାର୍ଚ୍ଚ, ୨୦୨୫ରେ ଧନୁପାଲି ପୋଲିସ ସିଟି ଷ୍ଟେସନ ନିକଟରେ ପଶ୍ଚିମବଙ୍ଗ ହାଓ୍ୱଡା ଜିଲ୍ଲା ବଡଭଗବତୀପୁର ଅଞ୍ଚଳର ଗୋରୁ ମାଫିଆ ସେକ୍ ମଣ୍ଟୋ ହକ୍ ଓ ସେକ୍ ଆରିଫଙ୍କୁ ଏନ୍କାଉଣ୍ଟର କରାଯାଇଥିଲା। ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଗତ ୪ମାର୍ଚ୍ଚ, ୨୦୨୫ରେ କାଇଁଶିର ଲମ୍ବଡୁଙ୍ଗୁରୀ ମନ୍ଦିର ନିକଟରେ ବରଗଡ ଗୋଲପଡାର ମହେଶ କୁମାର ଶର୍ମାଙ୍କୁ ଏନ୍କାଉଣ୍ଟର କରିଥିଲା। ତେବେ ବାରମ୍ବାର ଏନ୍କାଉଣ୍ଟର ସତ୍ତ୍ୱେ ଜିଲ୍ଲାରେ ଅପରାଧିକ କାର୍ଯ୍ୟକଳାପ ଉପରେ ପୋଲିସ ଅଙ୍କୁଶ ଲଗାଇ ପାରୁନଥିବା ଜଣାପଡିଛି ।

## କନିଷ୍ଠ ଯନ୍ତ୍ରୀ...

ଶ୍ରୀଖଣ୍ଡାଙ୍କଠାରୁ ଉପରୋକ୍ତ ଉଦ୍ଦେଶ୍ୟ ପାଇଁ ୧ଲକ୍ଷ ୩୬ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ । ଫଳରେ ଠିକାଦାର ଏନେଇ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ । ରବିବାର କନିଷ୍ଠ ଯନ୍ତ୍ରୀ ଠିକାଦାରଙ୍କୁ ଖଣ୍ଡପଡ଼ାସ୍ଥିତ ତାଙ୍କ ସରକାରୀ କ୍ୱାର୍ଟରରେ ଡକାଇ ତାଙ୍କ ସହଯୋଗୀ ଆଶୁତୋଷଙ୍କ ଦ୍ୱାରା ଲାଞ୍ଚ ଟଙ୍କା ହସ୍ତାନ୍ତର କରିବାକୁ କହିଥିଲେ । ସେଠାରେ ଠିକାଦାର ଶ୍ରୀଖଣ୍ଡାଙ୍କ ଠାରୁ ୧ଲକ୍ଷ ୩୬ ଲକ୍ଷ ଟଙ୍କା ଲାଞ୍ଚ ନେଉଥିବା ବେଳେ ସୁବୁଦ୍ଧି ଏବଂ ବଳିଆରସିଂଙ୍କୁ ଭୁବନେଶ୍ୱର ଓ ନୟାଗଡ଼ ଭିଜିଲାନ୍ସ ଟିମ ମାଡି ବସିଥିଲେ ଓ ଅଧିକ ପଚରାଉଚରା ପାଇଁ ଭାପୁର ଆଣିଥିଲେ. । ପରେ କେସ ନଂ୭/୨୬ରେ ମାମଲା ରୁଜୁ କରି ଉଭୟଙ୍କୁ ଗିରଫ କରିଥିଲା ଭିଜିଲାନ୍ସ ଟିମ ।

# 'ସମୟର ଚକ୍ର' ବାର୍ଷିକ ଉତ୍ସବ



ଖଇରା,(ସବ୍ୟୁ): -ସ୍ଥାନୀୟ ବାଲେଶ୍ୱର ଗାନ୍ଧୀସ୍ମୃତି ଭବନ ପରିସରରେ ବାଲେଶ୍ୱରରୁ ନିୟମିତ ପ୍ରକାଶିତ ହେଉଥିବା ମାସିକ ସମ୍ବାଦ ଭିତ୍ତିକ ପତ୍ରିକା "ସମୟର ଚକ୍ର'ର ୧୫ତମ ବାର୍ଷିକଉତ୍ସବ ଓ କବିତା ପାଠ,ପ୍ରତିଭା ସମ୍ମାନ,ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି ।ସହ ସମ୍ପାଦିକା ସତ୍ୟଭାମା ଜେନାଙ୍କ ଆହ୍ୱାନ କ୍ରମେ ଅଧ୍ୟାପକ ଡ.ଅଶ୍ୱିନୀ କୁମାର ପ୍ରଧାନଙ୍କ ସଂଯୋଜନାରେ ସମାଜସେବୀ କବି ଅଭୟ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ବାଲେଶ୍ୱରର ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ,ମୁଖ୍ୟବକ୍ତା ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ବରେଣ୍ୟ ଅତିଥି ବକ୍ତା ବିଧାୟିକା ଶ୍ରୀମତୀ ସୁବାସିନୀ ଜେନା ବରେଣ୍ୟ ଅତିଥି ଯୁବନେତା ବିକ୍ରମ ପଣ୍ଡା ଶିକ୍ଷାବିତ୍ ଡ.ପଙ୍କଜ କୁମାର ଜେନା ସମାଜସେବୀ ଗଙ୍ଗାଧର ଜେନା,ଡ.କାଳିକିଙ୍କର ଦାସ,କବି ନିରୋଦ ସୁନ୍ଦର ଜେନା, ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସଂପାଦକ ସର୍ବେଶ୍ୱର ଜେନା ଅତିଥି ପରିଚୟ ପ୍ରଦାନ ସହ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଉଲ୍ଲେଖନୀୟ ଅବଦାନ ପାଇଁ ୨୩ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଓ "ସମୟର ଚକ୍ର'ର ବାର୍ଷିକ ବିଶେଷାଙ୍କ ଲୋକାର୍ପଣ କରାଯାଇଥିଲା । ପ୍ରଥମ ଅଧିବେଶନରେ କବିତା ପାଠ ଆଲୋଚନା ଚକ୍ରରେ ଗାଳ୍ପିକ ଶାନ୍ତନୁ ପଟ୍ଟନାୟକଙ୍କ ପରିଚାଳନାରେ ବରିଷ୍ଠ ସାହିତ୍ୟିକ କବି ବ୍ରଜେନ୍ଦ୍ରନାଥ ଗିରିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଉଦଳା ଏନ.ଏ.ସି ଚେୟାରମ୍ୟାନ କବି ପ୍ରମିଳା ପଣ୍ଡା ମୁଖ୍ୟ ବକ୍ତା ଫକୀରମୋହନ ସାହିତ୍ୟ ପରିଷଦର ସଂପାଦକ ଡ.ରନାକର ସିଂହ ବରେଣ୍ୟ ଅତିଥି ସମାଜସେବୀ ପ୍ରତିମା ପଣ୍ଡା କବି କଲ୍ୟାଣୀ ନନ୍ଦ,ଭଗବାନ ଦାସ ଖଣ୍ଡେଲଓ୍ୱାଲ, ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ବିନ୍ଧାଣୀ କବି ହାଡିବନ୍ଧୁ ପାତ୍ର ସମାଜସେବୀ ସୁଶାନ୍ତ କର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଦେଇଥିଲେ । ଉଦ୍ଯାପନୀ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମନୋଜ କୁମାର ନାୟକଙ୍କ ପରିଚାଳନା କରିଥିଲେ । ସମାଜସେବୀ ସୋମନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ରେମୁଣା ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର କୁମାର ରାଉତ, ମୁଖ୍ୟ ବକ୍ତା ସମାଜସେବୀ ଶ୍ରଦ୍ଧାଞ୍ଜଳୀ ରାୟ,ବରେଣ୍ୟ ଅତିଥି ସମାଜସେବୀ ବିକାଶ ପାଢ଼ୀ ସମାଜସେବୀ ସିମନ ଦାସ ମହାପାତ୍ର, ସତେନ୍ଦ୍ର ଦାସ,ଲୁଲୁମିନତୀ ସେଠୀ,ରତିକାନ୍ତ ଦାସ,ପ୍ରହ୍ଲାଦ କୁମାର ଦାସ ପ୍ରମୁଖ ଯୋଗଦାନ କରିଥିଲେ । ଏହି ଅବସରରେ କୁନି କଣ୍ଠଶିଳ୍ପୀ ସୁହାନି ସାଇ ଜେନାସ୍ୱାଗତ ସଂଗୀତ ଓ ନନ୍ଦିକା ବିଶ୍ୱାଳ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ । ଶେଷରେ କୁନି କଣ୍ଠଶିଳ୍ପୀ ରିତୀକା ମହାପାତ୍ରଙ୍କ ସଂଗୀତରେ ଦର୍ଶକ ଝୁମିଥିଲେ ।

# କଷାଫଳ ପଞ୍ଚାୟତରେ ୩ ରାସ୍ତାର ଶିଳାନ୍ୟାସ



ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର କଷାଫଳ ପଞ୍ଚାୟତରେ ତିନୋଟି ରାସ୍ତାର ପ୍ରଶସ୍ତିକରଣ ପ୍ରକଳ୍ପ ପାଇଁ ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଗ୍ରାମ୍ୟଉନ୍ନୟନ ବିଭାଗ ପକ୍ଷରୁ ମୋଟ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ଅଟକଳରେ ଏହି ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେବ । ମୁଖ୍ୟମନ୍ତ୍ରୀ ସଡକ ଯୋଜନା ଅଧିନରେ ୫କୋଟି ୫୯ ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସାର୍ଥା ଠାରୁ କଷାଫଳ ପର୍ଯ୍ୟନ୍ତ ସାହୁ ଫେରିଘାଟରୁ ସାର୍ଥାବିନ୍ଧା ରାସ୍ତା, ୩କୋଟି ୧୨ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସାହୁ ମାର୍କେଟ ଅଙ୍ଗନବାଡି କେନ୍ଦ୍ର ଠାରୁ ଡିଗିରି ପାହି ପର୍ଯ୍ୟନ୍ତ ରାସ୍ତା ଏବଂ ୧କୋଟି ୮୮ଲକ୍ଷ ଟଙ୍କା ଖର୍ଚ୍ଚ ଅଟକଳରେ ସତ୍ୟ ନାରାୟଣ ଘର ଛକ ଠାରୁ ଚାଲତି ଭାୟା ବାରମାନିଆ, ଗିମାଗଡିଆ ରାସ୍ତା ପ୍ରଭୃତିର ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ପାଇଁ ଶିଳାନ୍ୟସ କରିଥିଲେ ସଦର ବିଧାୟକ ମାନସ କୁମାର ଦତ୍ତ । ଏହି ପରିପ୍ରେକ୍ଷୀରେ ଆୟୋଜିତ ପୃଥକ ପୃଥକ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଂଚଳରେ ଭୁସୁଡି ପଡିଥିବା ଗମନାଗମନ ବ୍ୟବସ୍ଥାର ପୁନରୁଦ୍ଧାର ପାଇଁ ବିଗତ ୨ବର୍ଷ ମଧ୍ୟରେ ଜାରି ରହିଥିବା ଉଦ୍ୟମ ସମ୍ପର୍କରେ ସୂଚନା ଦେଇଥିଲେ । ଗ୍ରାମାଂଚଳକୁ ସହର ସହିତ ଯୋଡ଼ିବା ଲକ୍ଷ୍ୟରେ ଯାତାୟତ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାର ତ୍ୱରିତ ପଦକ୍ଷେପ ଗ୍ରହଣ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ଏହି କ୍ରମରେ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀରେ ୧୫୦ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତା ନିର୍ମାଣ ପାଇଁ ୨୦୦କୋଟି ଟଙ୍କା ବ୍ୟୟବରାଦ କରାଯାଇ ସାରିଛି ବୋଲି ବିଧାୟକ ଶ୍ରୀ ଦତ୍ତ କହିଛନ୍ତି । ସଠିକ ମାନଦଣ୍ଡ ଓ ଗୁଣବତ୍ତା ଯୁକ୍ତ ରାସ୍ତା ନିର୍ମାଣ ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ପାଞ୍ଚ ଗ୍ରାମରେ ସୁନାମୀ ମକଡ୍ରିଲ

ବାସୁଦେବପୁର,(ସବ୍ୟୁ) ପ୍ରାକୃତିକ ବିପର୍ଯ୍ୟୟ ବଳୟରେ ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଭଦ୍ରକ ଜିଲ୍ଲା ପ୍ରଶାସନ ମିଳିତ ସହଯୋଗରେ ବାସୁଦେବପୁର ବ୍ଲକର ପାଂଚଟି ସୁନାମୀ ପ୍ରଭାବିତ ଗ୍ରାମର ଆରମ୍ଭ ହୋଇଛି ମକ୍ଡ୍ରିଲ । ସୁନାମୀ ପ୍ରଭାବିତ ଗାଁ ପଢୁଆଁ,ମୂଳଡିହି,କାନ୍ତିପୁର,ନୂଆଗାଁ ଆଡିଆ ଓ ଭାଟପଡାର ଗ୍ରାମବାସୀମାନଙ୍କର ସଚେତନତା ପାଇଁ ସୁନାମୀ ମକ୍ଡ୍ରିଲ ଅନୁଷ୍ଠିତ ହୋଇ ଯାଇଅଛି । ଏଇନକୋଏସ୍ ଠାରୁ ସକାଳ ୮ଟାରେ ଗ୍ରାମବାସୀ ସତର୍କ ସୂଚନା ପାଇଥିଲେ । ସାଇରନ୍ ବାଜି ଉଠିଥିଲା । ଡାକବାଜି ଯନ୍ତ୍ରରେ ଦିଆ ଯାଉଛି ସୂଚନା । ଉପକୂଳ ଅଂଚଳକୁ ମାଡି ଆସୁଛି ସୁନାମୀ । ସୂଚନା ପାଇ ଭୟଭୀତ ହୋଇ ଘର ଛାଡି ଜୀବନର ବିକଳରେ ଗ୍ରାମବାସୀ ଅତ୍ୟାବଶ୍ୟକ ସାମଗ୍ରୀ ଧରି ଧାଉଁଥିଲେ । କିଏ ବ୍ୟାଗ ଧରିଛନ୍ତି ତ ପୁଣି କିଏ ଦରକାରୀ କାଗଜ ପତ୍ର । କିଏ କିଏ ପିଲା ଛୁଆଙ୍କୁ ଧରି ଜୀବନ ବିକଳରେ ସୁରକ୍ଷିତ ଆଶ୍ରୟସ୍ଥଳୀକୁ ଧାଉଁଛନ୍ତି । ମାଡି ଆସୁଛି ସୁନାମୀ । ଭୟଭୀତ ହେଉଛନ୍ତି କି । ଏହା ସତ ସତିକା ସୁନାମୀ ନୁହେଁ । ଉପକୂଳ ଅଂଚଳରେ ଚାଲିଛି ସୁନାମୀ ମକ୍ଡ୍ରିଲ । ଧନ ଜୀବନ କ୍ଷୟକ୍ଷତି ରୋକିବାକୁ ଚାଲିଛି ସୁନାମୀ ପ୍ରଭାବିତ ଗ୍ରାମର ନିଛକ ଅଭ୍ୟାସ ।

## ଓଡ଼ିଶାରେ ରୁଫ୍ଟପ୍ ସୋଲାର ବ୍ୟବହାର

# ଟିପିସିଓଡିଏଲ୍ ପକ୍ଷରୁ ଭେଣ୍ଡରର ସମ୍ମିଳନୀ

ଭୁବନେଶ୍ୱର,(ସବ୍ୟୁ): ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ଅଧୀନରେ ତାଲିକାଭୁକ୍ତ ଭେଣ୍ଡରମାନଙ୍କ ସହ ସମନ୍ୱୟକୁ ସୁଦୃଢ଼ କରିବା ଏବଂ ନିଜର ସେବାଯୋଗାଣ ଅଞ୍ଚଳରେ ରୁଫ୍ଟପ୍ ସୌର ଶକ୍ତି ବ୍ୟବହାରକୁ ବୃଦ୍ଧି କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଏକ ଭେଣ୍ଡର ସମ୍ମିଳନୀର ଆୟୋଜନ କରାଯାଇଥିଲା ।ଭାରତ ସରକାରଙ୍କ ନୂତନ ଏବଂ ଅକ୍ଷୟ ଶକ୍ତି ମନ୍ତ୍ରଣାଳୟ (ଏମଏନଆରଇ) ଦ୍ୱାରା ୨୦୨୬ ମେ ମାସକୁ "ମନ୍ଥ ଅଫ୍ ସୋଲାର'ଭାବେ ପାଳନ କରାଯାଉଥିବା ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ରୁଫ୍ଟପ୍ ସୌରଶକ୍ତି ପ୍ରକଳ୍ପର କାର୍ଯ୍ୟକାରିତାକୁ ଶୀଘ୍ର ଶେଷ କରିବା ଏବଂ ଅକ୍ଷୟ ଶକ୍ତି ଆପଣାଇବା ସମ୍ପର୍କରେ ସଚେତନତା ସୃଷ୍ଟି କରିବା । ଏହି "ମନ୍ଥ ଅଫ୍ ସୋଲାର' ଅଭିଯାନର ଏକ ଅଂଶ ସ୍ୱରୂପ, ଟିପିସିଓଡିଏଲ୍ ରୁଫ୍ଟପ୍ ସୋଲାର ସିଷ୍ଟମ ଏବଂ ସ୍ୱଚ୍ଛ ଶକ୍ତି ସମାଧାନର ବ୍ୟବହାରକୁପ୍ରୋତ୍ସାହିତ କରିବା ପାଇଁ ନିଜର ସେବାଯୋଗାଣ ଅଞ୍ଚଳ ମଧ୍ୟରେ ବିଭିନ୍ନ ଉପଭୋକ୍ତା ସଚେତନତା ଏବଂ ଜନସମ୍ପର୍କ କାର୍ଯ୍ୟକ୍ରମ ମଧ୍ୟହାତକୁ ନେଉଛି । ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ଅଧୀନରେ କାର୍ଯ୍ୟକାରିତା ରଣନୀତି, ପରିଚାଳନାକ୍ଷେତ୍ରରେ ସୁଧାର ଏବଂ ଚାଲିଥିବାକାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିବା ପାଇଁ ଏହି ବୈଠକରେ ସମଗ୍ର ଅଞ୍ଚଳରୁ ତାଲିକାଭୁକ୍ତ ଭେଣ୍ଡରମାନେ ଏକତ୍ରିତହୋଇଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୫୦ ଜଣ ଭେଣ୍ଡର ଅଂଶଗ୍ରହଣ କରିଥିଲେ ।ଏହି ଆଲୋଚନା ଚକ୍ର ସମୟରେ, ରୁଫ୍ଟପ୍ ସୋଲାର ଆପଣାଉଥିବା ଉପଭୋକ୍ତା ମାନଙ୍କୁ ଏକ ସହଜ ଓ ବାଧାମୁକ୍ତ ଅନୁଭୂତି ପ୍ରଦାନକରିବା ପାଇଁ ସେବା ଗୁଣବାର ଉଚ୍ଚ ମାନ ବଜାୟ ରଖିବା ଏବଂ ସଠିକ୍ ସମୟରେ ସୋଲାର ସ୍ଥାପନ କାର୍ଯ୍ୟ ଶେଷ କରିବାକୁଭେଣ୍ଡରମାନଙ୍କୁ ଉତ୍ସାହିତ କରାଯାଇଥିଲା ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 08-KUR-TRD-OT-2026-27

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ଷ୍ଟେସନର ପ୍ରମୁଖ ଉନ୍ନୟନ ସହିତ ଜଡିତ ବିଦ୍ୟୁତୀକରଣ ଏବଂ OHE ସଂଶୋଧନ କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ (₹): 97,50,293.28, EMD (₹) : 1,95,000.00, ଶେଷ ହେବା ଅବଧି : 180 ଦିନ ।

ବିଡ୍ ଆରମ୍ଭ ହେବା ତାରିଖ : ତା.19.05.2026ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.02.06.2026 ରିଖ 1300 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ । ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ ।

PR-159/R/26-27 ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼



**OFFICE OF COLLECTOR & DISTRICT MAGISTRATE, CUTTACK**

36001/23/2627 No. 3380/ Ex. Dated. 15.05.2026

**NOTICE INVITING APPLICATIONS FOR SETTLEMENT OF 2 (Two) COUNTRY LIQUOR SHOPS OF CUTTACK DISTRICT FOR THE YEAR,2026-27**

Applications are invited for settlement of 2 (Two) Country Liquor Shops (ENA Based) of CUTTACK DISTRICT for the year, 2026-27 by way of lottery.

The persons interested to participate may apply online in 'Form- 'B' through the portal **"http://stateexcise.odisha.gov.in"** from **Dtd.15.05.2026 to Dtd.28.05.2026 (by 05.00 P.M).** Lottery will be held on **Dtd.30.05.2026** from **11.00 A.M onwards at Old Conference Hall, Collectorate Building, Cuttack.**

The details of the shops to be settled and the terms and conditions applicable thereof are available in the said website as well as in the District NIC website i.e. **https://cuttack.odisha.gov.in** and the Notice Boards of the District Excise Office, Cuttack and Collectorate, Cuttack.

**NB: - The TOLL-FREE Number for the service is "155335" or "18003456770" and Operation Hours All Government Working days from 10.00 AM to 6.00 PM**

Sd/- COLLECTOR, CUTTACK

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ**

ପତ୍ର ସଂଖ୍ୟା, ୩୩୮୧/ ଅ.ତା. ୧୫.୦୫.୨୦୨୬ ରିଖ

**କଟକ ଜିଲ୍ଲାରେ ୨ (ଦୁଇ ) ଗୋଟି ଦେଶୀ ମଦ ଦୋକାନର ଆର୍ଥିକ ବର୍ଷ ୨୦୨୬-୨୭ ବନ୍ଦୋବସ୍ତ ନିମନ୍ତେ ଆବେଦନ ପାଇଁ ବିଜ୍ଞପ୍ତି ।**

ଚଳିତ ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ କଟକ ଜିଲ୍ଲାରେ ୨ (ଦୁଇ ) ଗୋଟି ଦେଶୀ ମଦ ଦୋକାନ ଗୁଡିକର ଲଟେରୀ ମାଧ୍ୟମରେ ବନ୍ଦୋବସ୍ତ ନିମନ୍ତେ ଆବେଦନ ପତ୍ର ଏତଦ୍ୱାରା ଆହ୍ୱାନ କରାଯାଉଅଛି ।

ଲଟେରୀରେ ଭାଗ ନେବା ନିମନ୍ତେ ଇଚ୍ଛୁକ ବ୍ୟକ୍ତି **"http://stateexcise.odisha.gov.in"** ୱେବସାଇଟରେ ଉପଲବ୍ଧ **Form-'B'**ରେ ଅନଲାଇନ ମାଧ୍ୟମରେ ତା ୧୫.୦୫.୨୦୨୬ ରିଖ ଠାରୁ ତା୨୮.୦୫.୨୦୨୬ ରିଖ ( ଅପରାହ୍ନ ୦୫.୦୦ ଘଟିକା ମଧ୍ୟରେ) ଆବେଦନ କରି ପାରିବେ । ଲଟେରୀ ଉଠାଣ ଜିଲ୍ଲାପାଳଙ୍କ ଦ୍ୱାରା ତା. ୩୦.୦୫.୨୦୨୬ ରିଖ ଦିବା ୧୧ ଘଟିକାରୁ ପୁରୁଣା କନଫରେନ୍ସ ଗୃହ, ଜିଲ୍ଲାପାଳ, କଟକଙ୍କ କାର୍ଯ୍ୟାଳୟଠାରେ ଆରମ୍ଭ ହେବ ।

ଦୋକାନ ଗୁଡିକର ସମ୍ପୂର୍ଣ୍ଣ ବିବରଣୀ ତଥା ଲଟେରୀର ନିୟମ ଓ ସର୍ତ୍ତାବଳୀ ଉପରୋକ୍ତ ୱେବସାଇଟ, ତଥା ଜିଲ୍ଲା ୱେବସାଇଟ **https://cuttack.odisha.gov.in**ରେ ଓ ଜିଲ୍ଲା ଅବକାରୀ କାର୍ଯ୍ୟାଳୟ, କଟକ/ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ ନୋଟିସ ବୋର୍ଡରେ ଉପଲବ୍ଧ ଅଟେ ।

**ବି.ଦ୍ର.:-** ସେବା ପାଇଁ ଟୋଲ ଫ୍ରି ନମ୍ବର -'୧୫୫୩୩୫' କିମ୍ବା ''୧୮୦୦୩୪୫୬୭୭୦'' ସେବା ସମୟ - ପ୍ରତି ସରକାରୀ ଅଫିସ ଖୋଲା ଦିବସ (ସକାଳ ୧୦ ରୁ ଅପରାହ୍ନ ୬ ଘଟିକା ମଧ୍ୟରେ)

ସ୍ୱା /- ଜିଲ୍ଲାପାଳ, କଟକ

OIPR : 36001/36008/1/26-27/0003



e-mail: rwdmohana@gmail.com

25001/158/2627

**GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISON, MOHANA**

**NATIONAL COMPETITIVE BIDDING THROUGH e-Procurement**

**Identification No. Online Tender 01/MOHANA/2026-27**

1. Name of the work : Road work
2. Total No. Work : 01 (One) No
3. Estimated Cost : Rs 93.74 lakhs
4. Class of Contractor : As per annexure
5. Period of Completion : As per annexure
6. Other Details:-

| | | | | | | | |
|---|---|---|---|---|---|---|---|
| Executive Engineer, Rural Works Division, Mohana | Online Tender 01/MOHANA /2027-27 | 01(One) No. of Road work | 22.05.2026 from 10.00 AM | 05.06.2026 upto 5.00 PM | 02.06.2026 upto 5.00 PM | 06.06.2026 at 11.00 AM | Will be Intimated later |

OIPR : 25001/25148/1/26-27/0001 Sd/- Executive Engineer, R.W. Division, Mohana


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ନମ୍ବର**

ଅନୁଗୁଳ-ହାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୦୩୭୧୦୪, ଜଗତ୍ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୨୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣ ରାଜ୍-୯୪୩୭୩୩୭୧୦୦, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଲ-୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

### ବିରୋଧୀ ଦଳ ବିଧାୟକଙ୍କୁ ପ୍ରଶାସନିକ ଅବହେଳା ଅଭିଯୋଗ

# ରାତିରେ ଚିଠି ସକାଳେ ବୈଠକକୁ ଡାକରା ନେଇ ବର୍ଷିଲେ ବିଧାୟକ

ଭୁବନେଶ୍ୱର,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ ଜିଲ୍ଲା ପ୍ରଶାସନର ଜନ ପ୍ରତିନିଧି ମାନଙ୍କୁ ଅଣଦେଖା କରାଯାଇଥିବା ଅଭିଯୋଗ ଆଣି ସାମ୍ବାଦିକ ସମ୍ମିଳନୀ ରେ ବର୍ଷିଛନ୍ତି ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ । ଗତ ୧୫ ତାରିଖର ରାୟଗଡ଼ା ଜିଲ୍ଲା ଯୋଜନା ବୋର୍ଡର ବୈଠକକୁ ନେଇ ବିବାଦ ଆସି ରାଜଧାନୀ ଭୁବନେଶ୍ୱରରେ ପହଞ୍ଚିଛି । ଗୁରୁବାର ରାତି ୧୦ ଟା ୨୩ ମିନିଟ୍ ରେ ସରକାରୀ ଚିଠି କରି ଶୁକ୍ରବାର ଦିବା ୧୨ ଘଟିକାରେ ଜିଲ୍ଲା ଯୋଜନା ବୋର୍ଡର ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ । ଜନ ପ୍ରତିନିଧି ମାନେ ବୈଠକ କିଭଳି ଭାବରେ ଉପସ୍ଥିତ ନ ରହି ପାରିବେ, ସେଥିପାଇଁ ସୁଚିନ୍ତିତ ସରକାରୀ ଷଡ଼ଯନ୍ତ୍ର ହୋଇଥିବା କହିବା ସହ ଜିଲ୍ଲା ଯୋଜନା




ବୋର୍ଡର ନିର୍ବାଚନ ନ ହୋଇ ବୋର୍ଡ ଗଠନ ହେଇ ନଥିବା ବେଳେ ତରବରିଆ ବୈଠକର କଣ ମାନେ ବୋଲି ବିଧାୟକ ପ୍ରଶ୍ନ କରିଛନ୍ତି । କେବଳ ଗୋଟିଏ ନୁହେଁ ବିଭିନ୍ନ ସମୟରେ ଜିଲ୍ଲାର ତିନି ବିଧାୟକଙ୍କୁ ଅବହେଳା କରାଯାଉଥିବା ଅଭିଯୋଗ କରିବା ସହ ବିଧାୟକ ପାଣ୍ଠିର ଉନ୍ନତି ମୂଳକ କାର୍ଯ୍ୟରେ ମଧ୍ୟ ବହୁ ବିଳମ୍ବ କରାଯାଉଥିବା କହି ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ପୂର୍ବ ସରକାରରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏଭଳି ସମସ୍ୟାର ସାମ୍ନା କରୁଥିବା ଅଭିଯୋଗ ଆଣିଥିଲେ ଓ ଏବେ ସେ ମୁଖ୍ୟମନ୍ତ୍ରୀ ଥିବା ବେଳେ ମୁଁ ଏଭଳି ସମସ୍ୟାର ସାମ୍ନା କାରୁଛି କହିଛନ୍ତି ଗୁଣୁପୁର ବିଧାୟକ । ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ଉପସ୍ଥିତ ରହି ମନ୍ତ୍ରୀ ତଥା ରାୟଗଡା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ନିତ୍ୟାନନ୍ଦ ଗଣ୍ଡଙ୍କ କାର୍ଯ୍ୟାଳୟ ଓ ଜିଲ୍ଲା ପ୍ରଶାସନର ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଭୁଲରୁ ଶିଖି ଭବିଷ୍ୟତରେ ପୁନର୍ବାର ଭୁଲ ନକରିବାକୁ ଅନୁରୋଧ କରିବା ସହ ପୁନରାବୃତି ହେଲେ ଜନଆନ୍ଦୋଳନ ହେବ ବୋଲି ବିଧାୟକ ଶ୍ରୀ ଗମାଙ୍ଗୋ ଓ ମୁଖପାତ୍ର ଶ୍ରୀ ମହାପାତ୍ର ସ୍ପଷ୍ଟ ଚେତାବନୀ ଦେଇଛନ୍ତି ।

## ମହୁମାଛି ଆକ୍ରମଣରେ ସାମ୍ବାଦିକ ଗୁରୁତର

ଭାପୁର ,(ସବ୍ୟୁ): ନୟରଗଡ଼ ଜିଲ୍ଲା ଭାପୁର ବ୍ଲକ ଅନ୍ତର୍ଗତ ବାରବାଟୀ ଗ୍ରାମର ବରିଷ୍ଠ ସାମ୍ବାଦିକ ତଥା ଆଇନଜୀବୀ ସନାତନ ଷଡ଼ଙ୍ଗୀ ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି । ସେ କୌଣସି କାମରେ ଶନିବାର ସକାଳୁ ଜାମୁସାହି ଛକକୁ ଯାଇଥିଲେ । ସେଠାରେ ମହୁମାଛି ଆକ୍ରମଣରେ ତଳେ ପଡିଯାଇ ଛଟପଟ ହୋଉଥିଲେ । ସ୍ଥାନୀୟ ସାମାଜିକ କର୍ମୀ ରଶ୍ମିରଞ୍ଜନ ସ୍ୱାଇଁ ନିଜ ଜୀବନକୁ ବାଜି ଲଗାଇ ଶ୍ରୀ ଷଡ଼ଙ୍ଗୀଙ୍କୁ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସତ ହୋଇ ପରେ ଘରକୁ ଫେରିଥିଲେ । ବର୍ତ୍ତମାନ ସେ ସୁସ୍ଥ ଅଛନ୍ତି ।

# ସୃଷ୍ଟି ଏକାଡେମୀରେ "ସମାବର୍ତ୍ତନ – ୨୦୨୬" ଆୟୋଜିତ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱରସ୍ଥିତ ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ସ୍ୱୟଂଶାସିତ) ପକ୍ଷରୁ "ସମାବର୍ତ୍ତନ – ୨୦୨୬" ସ୍ନାତକୋତ୍ସବ କାର୍ଯ୍ୟକ୍ରମ ଜେ.ଆର୍.ଡି. ଟାଟା ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଏମ୍‌ବିଏ ଓ ଏମ୍‌ସିଏ ୨୦୨୩–୨୫ ବ୍ୟାଚ୍‌ର ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଜୁ ପଟ୍ଟନାୟକ ପ୍ରଯୁକ୍ତି ବିଶ୍ୱବିଦ୍ୟାଳୟ, ଓଡ଼ିଶାର କୁଳପତି ପ୍ରଫେସର ଅମିୟ କୁମାର ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଜୀବନରେ ନିଷ୍ଠା, ଶୃଙ୍ଖଳା ଓ ନୂତନ ଚିନ୍ତାଧାରା ସହିତ ଆଗେଇବାକୁ ପ୍ରେରଣା ଦେଇଥିଲେ । ୱାର୍ଲ୍ଡ ସ୍କିଲ୍ ସେଣ୍ଟର, ଭୁବନେଶ୍ୱରର ସିଇଓ ରଶ୍ମି ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଆଜିର ପ୍ରତିଯୋଗିତାମୂଳକ ବିଶ୍ୱରେ ଦକ୍ଷତା ଓ ପ୍ରଯୁକ୍ତିମୂଳକ ଜ୍ଞାନର ଗୁରୁତ୍ୱ ବିଷୟରେ ଉଦ୍‌ବୋଧନ ଦେଇଥିଲେ ।

ସୃଷ୍ଟି ଏକାଡେମୀର ପ୍ରାଚାର୍ଯ୍ୟ ପ୍ରଫେସର (ଡ଼.) ଉମାକାନ୍ତ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରି ସଂସ୍ଥାର ଶିକ୍ଷାଗତ ସଫଳତା, ନାକ୍ 'ଏ' ଗ୍ରେଡ୍, ଏନ୍‌ବିଏ ସ୍ୱୀକୃତି ଓ ସ୍ୱୟଂଶାସିତ ମାନ୍ୟତା ସମ୍ବନ୍ଧରେ ଆଲୋକପାତ




କରିଥିଲେ । ସେ କହିଥିଲେ ଯେ, ସୃଷ୍ଟି ଏକାଡେମୀ ଦୀର୍ଘ ୨୩ ବର୍ଷ ଧରି ଉଚ୍ଚ ଶିକ୍ଷା କ୍ଷେତ୍ରରେ ଗୁଣାତ୍ମକ ଶିକ୍ଷା ଓ ମୂଲ୍ୟବୋଧ ଆଧାରିତ ଶିକ୍ଷାଦାନ ପାଇଁ ନିରନ୍ତର କାର୍ଯ୍ୟ କରୁଛି । ଏହି ଅବସରରେ ଏକାଡେମିକ୍ ଟପ୍ପରଙ୍କୁ "ପ୍ରଫେସର ସ୍ୱରୂପ ଚନ୍ଦ୍ର ସାହୁ ସ୍ୱର୍ଣ୍ଣ ପଦକ" ପ୍ରଦାନ କରାଯାଇଥିଲା । ଶ୍ରୀମତୀ ବର୍ଷା ପରିଡାଙ୍କୁ ଏମ୍‌ବିଏ (୨୦୨୩–୨୦୨୫) ବିଭାଗର ଗୋଲ୍ଡ ମେଡାଲିଷ୍ଟ ଭାବେ ଶ୍ରୀମତୀ ଅନନ୍ୟା ଓଝାଙ୍କୁ ଏମ୍‌ସିଏ (୨୦୨୩–୨୦୨୫) ବିଭାଗର ଗୋଲ୍ଡ ମେଡାଲିଷ୍ଟ ଭାବେ ସମ୍ମାନିତ କରାଯାଇଥିଲା । ସେଥିପାଇଁ ଶ୍ରେଷ୍ଠ ଏସ୍‌ଆଇପି ରିପୋର୍ଟ ପାଇଁ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା । ଛାତ୍ର ସ୍ୱେଚ୍ଛାସେବୀମାନଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମର ଶେଷରେ ଉପ-ପ୍ରାଚାର୍ଯ୍ୟ ପ୍ରଫେସର (ଡ଼.) ପ୍ରଜ୍ଞାନ ପରିମିତା ଷଡ଼ଙ୍ଗୀ ଧନ୍ୟବାଦ ଜ୍ଞାପନ କରିଥିଲେ

# ବିପୁଲ୍ ଗାର୍ଡେନ୍ ରେସିଡେନ୍ସି ସୋସାଇଟି ନିର୍ବାଚନକୁ ଅସିଦ୍ଧକଲା ବିଡିଏ

ଭୁବନେଶ୍ୱର (ସବ୍ୟୁ) : ରାଜଧାନୀ ଉପକଣ୍ଠରେ ଅବସ୍ଥିକ ବିପୁଲ୍ ଗାର୍ଡନ୍ ରେସିଡେନ୍ସି ସୋସାଇଟିକୁ ଅସିଦ୍ଧ ଘୋସଣା କରିଚି ଭୁବନେଶ୍ୱର ଡେଭଲପମେଣ୍ଟ ଅଥୋରିଟି (ବଡିଏ) । ଏହି ନିର୍ବାଚନରରେ ବ୍ୟାପକଓଅନିୟମିତତା ହୋଇଥିବା ସ୍ଥାନୀୟ ବୁପୁଲ୍ ଗର୍ଡେନରେ ରହୁଥିବା ବାସିନ୍ଦା ଅଭିଯୋଗ କରିବା ସହ ବିଡିଏ କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ । ଏହି ଆଧାରରେ ବିଡିଏ ତରଫରୁ ତଦନ୍ତ କରାଯାଇ ଏକଆଦେଶ ଜାରି କରାଯାଇଛି । ବିଡିଏର ଆଦେଶ କ୍ରମାଙ୍କ ୧୦୩୨୬ ତା ୧୫.୦୫.୨୬ ଅନୁଯାୟୀ ବିପୁଲ୍ ଗାର୍ଡନ୍ ୱେଲ୍ ଫେୟାର ଆସୋସିଏସନର ୨୦୨୪ ଅକ୍ଟୋବର ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଇଛି । ୨ ମାସ ମଧ୍ୟରେ ନୂତନ ନିର୍ବାଚନ କରିବାକୁ ନିର୍ଦ୍ଦେଶନାମାରେ କୁହାଯାଇଛି । ଏହାକୁ ସବୁ ମହଲରେ ସ୍ୱାଗତ କରାଯାଇଛି ।

# ଜୀବନ ନେଲା ଟ୍ରାକ୍ଟର

ବରୀ, (ସବ୍ୟୁ ): ବରୀ ଅଞ୍ଚଳରେ ଦୁଃଖଦ ଘଟଣା । ଚାଷୀଙ୍କ ରକ୍ତରେ ଭିଜିଲା ଚାଷ ଜମି । ଚାଷ କାର୍ଯ୍ୟ କରିବାକୁ ଯାଇ ବିଲରେ ଚାଷୀଙ୍କ ଅଭାବନୀୟ ମୃତୁ । ଏଭଳି ଏକ ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ବରୀ ବ୍ଲକ ଅଧିନସ୍ଥ ସେରପୁର୍ ପଞ୍ଚାୟତ କୃଷ୍ଣନଗର ଗ୍ରାମରେ । ଏହି ଗ୍ରାମର ନକୁଳ ତ୍ରିପାଠୀ ପ୍ରତିଦିନ ପରି ଆଜି ସକାଳୁ ଟ୍ରାକଟର ଡାକି ନିଜ ଜମିକୁ ରୋଟର ମାଧ୍ୟମରେ ତଣ୍ଡି ସଫା କରି ହଳ କରିବାକୁ ଯାଇଥିଲେ । ମୁଣ୍ଡରେ ଚିନ୍ତା କିପରି ଶୀଘ୍ର ଜମି ସଫା ହେବ ଆଉ ହଳ ହୋଇ ଧାନ ବୁଣା ହେବ । ହେଲେ ସେ ଜାଣି ନ ଥିଲେ ଆଜି ବିଲରେ ଜଗୀ ବସିଥିଲା ମୃତ୍ୟୁ । ଟ୍ରାକଟରର ରୋଟର ମାଧ୍ୟମରେ ଚାଷ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ କୌଣସି କାରଣରୁ ରୋଟର ଟାଣି ନେଇଥିଲା । ଆଉ ଦଳି ଚକଟି ଜୀବନ ନେଇଯାଇଥିଲା । ସେହି ରୋଟର ଭିତରେ ଛଟ ପଟ ହୋଇ ଚିତ୍କାର କରି ଆଖି ବୁଜି ଦେଇଥିଲେ ନକୁଳ ନନା ।ରକ୍ତରେ ଭିଜି ଯାଇଥିଲା ଚାଷ ଜମି । ଦେହର କୌଣସି ବସ୍ତ୍ର ରୋଟର ଦେହରେ ଲାଗି ରୋଟର ଟାଣି ନେଇଥିବା ଯାହା ଅନୁମାନ କରାଯାଉଛି । ତେବେ ଖବର ପ୍ରଘଟ ହେବା ପରେ ସମଗ୍ର ବରୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।ଘଟଣା ସ୍ଥଳରେ ଲୋକମାନଙ୍କ ଭିଡ ଜମିବା ସହିତ ଖବର ପାଇ ବରୀ ବିଧାୟକ ବିଶ ରଞ୍ଜନ ମଲ୍ଲିକ ଘଟଣା ସ୍ଥଳରେ ପହଞ୍ଚି ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ବୁଝା ସୁଝା କରିବା ସହିତ ଦୁଃଖ ପ୍ରକାଶ କରିଛନ୍ତି ।

# ଉଚ୍ଚ ନ୍ୟାୟାଳୟ ଆଦେଶକୁ ଅଣଦେଖା : ବିଇଓଙ୍କ ତଦନ୍ତ ରିପୋର୍ଟ ପ୍ରଦାନ

କୁହୁଡ଼ି ,(ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ କୁହୁଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଉଚ୍ଚ ନ୍ୟାୟାଳୟର ଆଦେଶକୁ ଅଣଦେଖା କରୁଥିବା ଅଭିଯୋଗ ଆସିଛି । ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଦୀର୍ଘ ୧୫ ବର୍ଷ ଧରି ଶିକ୍ଷା ପ୍ରଦାନ କରୁଥିବା ଶିକ୍ଷକ ପ୍ରତାପ କୁମାର ପ୍ରଧାନଙ୍କୁ କୁଚକ୍ରାନ୍ତ କରି ପରିଚାଳନା କମିଟିର ଯୁଗ୍ମ ସମ୍ପାଦକ ଦସ୍ତଖତ ଓ ପ୍ରଧାନ ଆଚାର୍ଯ୍ୟ ମିଳିତ ଭାବେ ଅର୍ନିଦ୍ଧିଷ୍ଟ ପର୍ଯ୍ୟନ୍ତ ନିଲମ୍ବନ କରିଥିବା ଅଭିଯୋଗ ହୋଇଛି । ଏହି ନିଲମ୍ବନ ଆଦେଶକୁ ଚାଲେଞ୍ଜ କରି ପ୍ରତାପ କୁମାର ପ୍ରଧାନ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ । ନ୍ୟାୟାଳୟ ଏହି ରିଟ ପିଟିସନ ( ନଂ ୭୩୦୫)ର ଶୁଣାଣି କରି ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ମାର୍ଚ୍ଚ ୧୦ ତାରିଖରେ ନିର୍ଦ୍ଦେଶ ଦେଇଥିଲେ । ଏ ସମ୍ପର୍କରେ ଟାଙ୍ଗୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିରାମ ମାଝୀ ବିଦ୍ୟାଳୟକୁ ଯାଇ ତଦନ୍ତ କରି ନିଲମ୍ବନକୁ ବେଆଇନ ଦର୍ଶାଇ ପ୍ରତାପ କୁମାର ପ୍ରଧାନଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ କୁହୁଡ଼ି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିଚାଳନା ସମିତିର ସଭାପତି, ପ୍ରଧାନ ଆଚାର୍ଯ୍ୟଙ୍କୁ ଲିଖିତ ଜଣାଇବା ସହ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଉଚ୍ଚ ନ୍ୟାୟାଳୟଙ୍କୁ ଅବଗତ କରାଇଥିବା ଜଣାପଡ଼ିଛି । ଆଜିକୁ ୨୦ ଦିନ ଅତିକ୍ରମ ହୋଇଯାଇଥିଲେ ମଧ୍ୟ ପ୍ରଧାନ ଆଚାର୍ଯ୍ୟ ଓ ପରିଚାଳନା ସମିତିର ଅପାରଗତା ଯୋଗୁଁ ଆଚାର୍ଯ୍ୟ ପ୍ରତାପ କୁମାର ପ୍ରଧାନ ବାରମ୍ବାର ବିଦ୍ୟାଳୟକୁ ଯାଇ କହିଥିଲେ ମଧ୍ୟ ତାଙ୍କୁ ଯୋଗଦାନ କରିବାକୁ ମନା କରିବା ଅଭିଯୋଗ ହୋଇଛି ।

# ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଶାଳ ମଶାଲ ଶୋଭାଯାତ୍ରା

ପୁରୀ, (ସବ୍ୟୁ): ରବିବାର ସନ୍ଧ୍ୟାରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ କ୍ଷୀର , ପେଟ୍ରୋଲ , ଡିଜେଲ ଓ ସିଏନଜି ତଥା ପେଟ୍ରୋଲ ପମ୍ପ ବନ୍ଦ ବିରୁଦ୍ଧରେ ଏବଂ ମହିଳା ସଂରକ୍ଷଣ ବିଲ୍ ଲାଗୁ ନ କରିବା ପ୍ରତିବାଦରେ ଏକ ବିଶାଳ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ଶ୍ରୀଗୁଣ୍ଡିଚା ମନ୍ଦିର ଠାରୁ ଆରମ୍ଭ ହୋଇ ମାର୍କେଟ ଛକ ପର୍ଯ୍ୟନ୍ତ ଆୟୋଜିତ ହୋଇ ଥିଲା । ଜାତୀୟ କଂଗ୍ରେସ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତ ମାର୍ଚ୍ଚ ମାସରେ କେନ୍ଦ୍ର ସରକାରଙ୍କୁ ସତର୍କ କରି ଅନୁରୋଧ କରିଥିଲେ ଦେଶର ତୈଳ ଓ ଗ୍ୟାସ ସଙ୍କଟ ଗମ୍ଭୀର ରୂପ ନେବ । ଏଣୁ ତୁରନ୍ତ ସରକାର ଅନ୍ୟ ରାଷ୍ଟ୍ରରୁ ତୈଳ ଓ ଗ୍ୟାସ କ୍ରୟ କରିବା ଆବଶ୍ୟକ । ମାତ୍ର କେନ୍ଦ୍ର ମୋଦି ସରକାର ଆମେରିକାର ରାଷ୍ଟ୍ରପତି ଅତ୍ୟନ୍ତ ଆନୁଗତ୍ୟ ତଥା ଭୟ କାରଣରୁ ଅନ୍ୟ ଦେଶରୁ ତୈଳ ଓ ଗ୍ୟାସ କ୍ରୟ କରି ନ ଥିଲେ । ନିର୍ବାଚନ ପ୍ରଚାରରେ ଦେଶର ସରକାରୀ ପାଣ୍ଠିର ଅପବ୍ୟବହାର କରି ଅନେକ ବଡ଼ ବଡ଼ ରାଲି ସଭାସମିତି ମାନ କରିଥିଲେ । ଯାହାର ଫଳ ଦେଶ ବାସୀଙ୍କୁ ଭୋଗିବାକୁ ପଡୁଛି । ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମୋଦି ଏବେ ଦେଶବାସୀଙ୍କୁ ସମ୍ବୋଧିତ କରି କହିଛନ୍ତି ବିବାହ ତଥ୍ୟ ଅନ୍ୟ ପାରିବାରିକ ଉତ୍ସବରେ ସୁନା ନ କିଣିବା ପାଇଁ । ପବ୍ଲିକ ଟ୍ରାନ୍ସପୋର୍ଟ



ବା ସାର୍ବଜନୀନ ପରିବହନ ବ୍ୟବହାର କରି ପେଟ୍ରୋଲ ବଂଚାଇବା ପାଇଁ । ସେହିପରି ଚାଷ ଜମିରେ ସାର ନ ପକାଇବା ପାଇଁ ପରାମର୍ଶ ଦେଇ ଛନ୍ତି । କେନ୍ଦ୍ର ଓ ରାଜ୍ୟ ଡବଲ ଇଞ୍ଜିନ ସରକାର ଏକ ବଡ଼ ବିଫଳ ସରକାର ଅଟେ । ମହିଳା ଆରକ୍ଷଣ ବିଲ୍ ୨୦୨୩ ମସିହାରେ ପାରିତ ହୋଇଥିବା ବେଳେ କେନ୍ଦ୍ର ସରକାର ଉଦ୍ଦେଶ୍ୟ ମୂଳକ ଭାବେ ୨୦୨୪ ସାଧାରଣ ନିର୍ବାଚନରେ ତାହା ଲାଗୁ ନକରି ୭ ଟି ରାଜ୍ୟରେ ନିର୍ବାଚନ ଚାଲିଥିବା ସମୟରେ ସଂସଦରେ ଏହି ବିଲ୍ ଆଣିବା ବିରୁଦ୍ଧରେ ଆଜି ପୁରୀ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏହି ଗଣ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଙ୍କ ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲ୍ଲାର ଶତାଧିକ ମହିଳା ଓ ଅନେକ ବରିଷ୍ଠ ନେତା, କାର୍ଯ୍ୟକର୍ତ୍ତା ନିମନ୍ତ୍ରିତ ସଦସ୍ୟ ତଥା ବିଭିନ୍ନ ସାମୁଖ୍ୟର ମୁଖ୍ୟ, ଯୁବ ଛାତ୍ର କର୍ମକର୍ତ୍ତା ଏବଂ ଶତାଧିକ କର୍ମୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଓଡ଼ିଶାରେ ବଢୁଛି ଜିଓଭାରତ ୪ଜି ଫୋନ୍ ଲୋକପ୍ରିୟତା

ଭୁବନେଶ୍ୱର, (ସବ୍ୟୁ): ରିଲାଏନ୍ସ ଜିଓର ଅତ୍ୟଧିକ ସୁଲଭ ୪ଜି ଫିଚର୍ ଫୋନ୍ ଜିଓଭାରତ ଏହାର ବହୁବିଧ ଅନନ୍ୟ ବୈଶିଷ୍ଟ୍ୟ ଯୋଗୁଁ ସାରା ଓଡ଼ିଶାରେ ଜନସାଧାରଣ ତଥା କ୍ଷୁଦ୍ର ବ୍ୟବସାୟୀଙ୍କ ମଧ୍ୟରେ ଦ୍ରୁତ ଗତିରେ ଲୋକପ୍ରିୟତା ହାସଲ କରୁଛି । ଚଳିତ କ୍ରିକେଟ୍ ଋତୁରେ କ୍ରିକେଟ୍ ପ୍ରତି ବଢୁଥିବା କ୍ରେଜ୍ ଏବଂ ସହଜ ଡିଜିଟାଲ୍ ପେମେଣ୍ଟ ଭଳି ଫିଚର୍ ବଳରେ ଜିଓଭାରତ ମାତ୍ର କିଛି ମାସ ମଧ୍ୟରେ ସାରା ଓଡ଼ିଶାରେ ଲୋକପ୍ରିୟ ପସନ୍ଦ ଭାବରେ ଉଭା ହୋଇଛି ।

ରାଜ୍ୟର ଲକ୍ଷ ଲକ୍ଷ ଉପଭୋକ୍ତାଙ୍କ ପାଇଁ, ଜିଓର ଡିଜିଟାଲ୍ ଇକୋସିଷ୍ଟମ୍ ସମ୍ବଳିତ ଜିଓଭାରତ ଫୋନ ଉପଭୋକ୍ତାଙ୍କ ପାଇଁ ଲାଇଭ୍ କ୍ରିକେଟ୍ ଆକ୍ସନ୍ ଉପଭୋଗ କରିବା, ସଙ୍ଗୀତ ଷ୍ଟ୍ରିମ୍ କରିବା ଏବଂ ଶହ ଶହ ଲାଇଭ୍ ଟିଭି ଚ୍ୟାନେଲ୍ ଦେଖିପାରିବା ସମ୍ଭବ କରିଥାଏ, ଯାହା ଏହାକୁ ପରିବାର, ଯୁବପିଢ଼ି ଏବଂ ଦୋକାନୀମାନଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ କରିଛି । ଜିଓଭାରତ ଫୋନରେ ମାସିକ ରିଚାର୍ଜ ପ୍ଲାନ ମଧ୍ୟ ମାତ୍ର ୧୨୩ ଟଙ୍କାରେ ଉପଲବ୍ଧ, ଯାହା ଅସୀମିତ ଭଏସ୍ କଲ୍ ଏବଂ ୧୪ ଜିବି ହାଇ-ସ୍ପିଡ୍ ଡାଟା ପ୍ରଦାନ କରେ । କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ, ଜିଓଭାରତ ଫୋନ୍ ଏହାର 'ସାଉଣ୍ଡ ପେ' ଫିଚର୍ ମାଧ୍ୟମରେ ଅତିରିକ୍ତ ବ୍ୟବସାୟିକ ଉପଯୋଗିତା ପ୍ରଦାନ କରେ, ଯାହା ଫୋନରୁ ସିଧାସଳଖ ୟୁପିଆଇ ପେମେଣ୍ଟ ପାଇଁ ତୁରନ୍ତ ଅଡିଓ କନଫର୍ମେଶନ ପ୍ରଦାନ କରି ପୃଥକ ସାଉଣ୍ଡ ବକ୍ସ କିମ୍ବା ମାସିକ ଭଡ଼ା ଦେବାର ଆବଶ୍ୟକତାକୁ ଦୂର କରେ । ଏହା ଉଭୟ ଛୋଟ ବ୍ୟବସାୟ ଏବଂ ଗ୍ରାହକମାନଙ୍କ ପାଇଁ ଲାଭଦାୟକ ହୋଇଛି ।

# ଭି. ଏସ୍. ଏସ୍ ନଗରରେ ରକ୍ତଦାନ ଶିବିର

ଭୁବନେଶ୍ୱର (ସବ୍ୟୁ): ପୋଲିସ କମିସନରେଟ ରେଡ଼କ୍ରସ୍ ସହାୟତାରେ ବାବା ଆଖଣ୍ଡଳମଣୀ ଯୁବକ ସଂଘ ପକ୍ଷରୁ ଭି.ଏସ୍.ଏସ୍ ନଗରର ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୫୩ ୟୁନିଟ୍ ରକ୍ତଦାନ କରାଯାଇଛି । ଆମ ଓଡିଶାର ଅଧକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ, ପୋଲିସ ଆଡିସିନାଲ ଡିଜି ସୌମେନ୍ଦ୍ର ପ୍ରୀୟଦର୍ଶୀ, ପୋଲିସ୍ କମିଶନର ତଥା ରେଡ଼କ୍ରସ୍ ଆଞ୍ଚଳିକ ଶାଖାର ଅଧକ୍ଷ ଡ. ସୁରେଶ ଦେବ ଦତ୍ତ ସିଂହ, ବିଧାୟକ ସୁଶାନ୍ତ କୁମାର ରାଉତ ଓ ମେୟର ସୁଲୋଚନା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିବା



ସହିତ ରକ୍ତଦାତା ମାନଙ୍କୁ ବ୍ୟାଚ୍ ଓ ମାନପତ୍ର ପ୍ରଦାନ କରିଥିଲେ । ସେହିପରି ପୋଲିସ୍ କମିଶନରେଟ୍ ରେଡ଼କ୍ରସ୍ ଯୁଗ୍ମ ସମ୍ପାଦକ ଆଡିସନାଲ ଡିସିପି ମାନସ ରଞ୍ଜନ ଗଡନାୟକ, କାର୍ଯ୍ୟନିର୍ବାହୀ ସମିତି ସଦସ୍ୟା ସୋନାଲି ମହାନ୍ତି, ରାଜ୍ୟ ରକ୍ତ ସଞ୍ଚାରଣ ପରିଷଦର ଉପ ନିର୍ଦ୍ଦେଶକ ସ୍ୱରୁପ କୁମାର ଦାସ ଓ ସ୍ଥାନୀୟ କରପୋରେଟର ପ୍ରଭାଶିନୀ ମହାନ୍ତି ଆଦି ସମ୍ମାନୀତ ଅତିଥୀ ଭାବେ ଯୋଗଦେଇ ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଭି.ଏସ୍.ଏସ୍ ନଗର ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ତଥା ପୋଲିସ୍ କମିଶନରେଟ୍ ରେଡ଼କ୍ରସ୍‌ର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଦିଲ୍ଲୀପ ଦାଶଶର୍ମା, ଏସ୍ ଆଇ ଶିବାନୀ ନନ୍ଦ, ବାବା ଆଖଣ୍ଡଳମଣୀ ଯୁବକ ସଂଘର ସଭାପତି ମନୋଜ କୁମାର ସାହୁ ଓ ସାଧାରଣ ସମ୍ପାଦକ ସଂଜୟ କୁମାର ସ୍ୱାଇଁ ଶିବିରକୁ ପରିଚାଳନା କରିଥିଲେ । ଏହି ରକ୍ତଦାନ ଶିବିରରେ ଦୁର୍ଗାପୂଜା ସମିତିର ସଭାପତି ଡ. ଜୟନ୍ତ କୁମାର ପରିଡା, ଉପ-ସଭାପତି ନିମାଇଁ ଦାସ, ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ, ରେଡକ୍ରସର ରୁଷୀ ପଟ୍ଟନାୟକ, ବିଶ୍ୱଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

### ଇଣ୍ଡିଆନ ବ୍ୟାଙ୍କପକ୍ଷରୁ ମେଗା ଋଣ ଶିବିର

# ହିତାଧିକାରୀଙ୍କୁ ୧୦୦ କୋଟି ଋଣ ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ଆର୍ଥିକ ପ୍ରଗତିକୁ ଗତିଶୀଳ କରିବା ଏବଂ ଗ୍ରାହକମୁଖୀ ସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଇଣ୍ଡିଆନ ବ୍ୟାଙ୍କ ପକ୍ଷରୁ ଏକ ବିଶାଳ ଋଣ ଶିବିର (ମେଗା କ୍ରେଡିଟ୍ କ୍ୟାମ୍ପ) ସଫଳତାର ସହ ଆୟୋଜିତ ହୋଇଯାଇଛି । ବ୍ରହ୍ମପୁର ଆଞ୍ଚଳିକ




କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ମେଗା ଶିବିରରେ ବିଭିନ୍ନ କ୍ଷେତ୍ରର ହିତାଧିକାରୀମାନଙ୍କୁ ମୋଟ ୧୦୦ କୋଟି ଟଙ୍କାର ଋଣ ରାଶି ପ୍ରଦାନ କରାଯାଇଛି । ଏଥିମଧ୍ୟରେ ମାଇକ୍ରୋ, ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଏମ୍‌ଏସ‌ଏମଇ) କ୍ଷେତ୍ର ପାଇଁ ୭୦ କୋଟି ଟଙ୍କା ଏବଂ ବ୍ୟକ୍ତିଗତ (ରିଟେଲ୍) ଋଣ ଆକାରରେ ୩୦ କୋଟି ଟଙ୍କାର ଋଣ ଅନୁମୋଦନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଗ୍ରାହକ, ବ୍ୟବସାୟୀ ଏବଂ ବିଭିନ୍ନ ସଂସ୍ଥାର ପ୍ରତିନିଧିମାନଙ୍କର ଉତ୍ସାହଭରା ଅଂଶଗ୍ରହଣ ଦେଖିବାକୁ ମିଳିଥିଲା । ଶିବିର ସମୟରେ ଯୋଗ୍ୟ ଆବେଦକମାନଙ୍କୁ ବିଭିନ୍ନ ଋଣ ଯୋଜନା ଏବଂ ଆର୍ଥିକ ଉତ୍ପାଦ (ଫାଇନାନ୍ସ ପ୍ରଡକ୍ଟ) ସମ୍ବନ୍ଧରେ ମାର୍ଗଦର୍ଶନ କରାଯାଇଥିଲା, ଯାହା ଆର୍ଥିକ ବିକାଶ ଓ ସ୍ୱରୋଜଗାରକୁ ପ୍ରୋତ୍ସାହନ ଦେବ ।

ଚେନ୍ନାଇ କର୍ପୋରେଟ୍ ଅଫିସର ମୁଖ୍ୟ ମହାପ୍ରବନ୍ଧକ ସୁଜୟ ମଲ୍ଲିକ ଭର୍ଚୁଆଲ୍ ମୋଡ୍‌ରେ ଏହି ସଭାରେ ଯୋଗଦେଇ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ।ଏହା ସହିତ ଏଫ୍.ଜି.ଏମ୍.ଓଭୁବନେଶ୍ୱରର କ୍ଷେତ୍ରୀୟ ମହାପ୍ରବନ୍ଧକ ଶ୍ରୀମତୀ କନକା ଏସ୍. ଏବଂ ବ୍ରହ୍ମପୁରଅଞ୍ଚଳର ଆଞ୍ଚଳିକ ମହାପ୍ରବନ୍ଧକ, (ଜୋନାଲ ହେଡ୍) ଧର୍ମେନ୍ଦ୍ର ପ୍ରତାପ ପରମାରବ୍ୟାଙ୍କର ସମାବେଶୀ ବ୍ୟାଙ୍କିଂ ଓ ଗ୍ରାହକମୁଖୀ ସେବା ପ୍ରତିବଦ୍ଧତାକୁ ଉଲ୍ଲେଖ କରିଥିଲେ ।ସ୍ଥାନୀୟ ବ୍ୟବସାୟକୁ ସଶକ୍ତ କରିବା, ପ୍ରାଥମିକତା ଭିତ୍ତିକ ଋଣ ବିତରଣକୁ ପ୍ରୋତ୍ସାହିତ କରିବା ଏବଂ ସମଗ୍ର ଅଞ୍ଚଳର ଆର୍ଥିକ ବିକାଶରେ ଇଣ୍ଡିଆନ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ସେମାନେ ନିଜର ବକ୍ତବ୍ୟ ରଖିଥିଲେ ।

କାର୍ଯ୍ୟକ୍ରମ ସମୟରେ ଚୟନିତ ଲାଭାର୍ଥୀମାନଙ୍କୁ ଋଣ ଅନୁମୋଦନ ପତ୍ର (ସାଙ୍କସନ୍‌ଲେଟର) ମଧ୍ୟ ବଣ୍ଟନ କରାଯାଇଥିଲା । ଏହି ଶିବିରରେ ମୋଟ ୭୦ କୋଟିର ଏମ୍.ଏସ.ଏମ.ଇଋଣ ଏବଂ ୩୦ କୋଟିର ବ୍ୟକ୍ତିଗତ (ରିଟେଲ୍) ଋଣ ଅନୁମୋଦନ କରାଯାଇଥିଲା । ବ୍ୟାଙ୍କ କର୍ମକର୍ତ୍ତାମାନେ ଋଣ ଆବେଦନ, ଡକ୍ୟୁମେଣ୍ଟେସନ୍, ଡିଜିଟାଲ୍ ବ୍ୟାଙ୍କିଂ ସେବା ଓ ଆର୍ଥିକ ସଚେତନତା ସମ୍ବନ୍ଧରେ ସ୍ଥଳରେ ସହାୟତା ଯୋଗାଇଥିଲେ । ଏହି ଋଣ ଶିବିର ବ୍ରହ୍ମପୁର ଅଞ୍ଚଳରେ ଗ୍ରାହକ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ସହିତ ଋଣ ବିତରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପ୍ରତି ଇଣ୍ଡିଆନ ବ୍ୟାଙ୍କର ପ୍ରତିବଦ୍ଧତାକୁ ପୁନରୁଚ୍ଚାରଣ କରିଛି । ଶେଷରେ ସମସ୍ତ ଅଂଶଗ୍ରାହୀ, ଗ୍ରାହକ ଓ ସହଯୋଗୀମାନଙ୍କୁ ତାଙ୍କର ମୂଲ୍ୟବାନ ସହଯୋଗ ଓ ସମର୍ଥନ ପାଇଁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରାଯାଇଥିଲା ।

# ବେଦାନ୍ତ ଆଲୁମିନିୟମ୍ ଗ୍ରାମୀଣ ଓଡ଼ିଶାରେ ଶିକ୍ଷାର ପ୍ରସାରକୁ ତ୍ୱରାନ୍ୱିତ କରୁଛି

ଭୁବନେଶ୍ୱର (ସବ୍ୟୁ): ଓଡ଼ିଶାର କଳାହାଣ୍ଡି ଜିଲ୍ଲାର ଏକ ସରକାରୀ ସ୍କୁଲ ଶ୍ରେଣୀଗୃହ ଭିତରେ, ଜଟିଳ ବୈଜ୍ଞାନିକ ଧାରଣାକୁ ଏକ ବଡ଼ ଡିଜିଟାଲ୍ ସ୍କ୍ରିନରେ ସ୍ପଷ୍ଟ ଭାବରେ ଜୀବନ୍ତ ହେଉଥିବା ଦେଖୁଛନ୍ତି । ଯେଉଁ ବିଷୟଗୁଡ଼ିକ ପୂର୍ବରୁ ଚକ୍ ଡାଇଗ୍ରାମ ଏବଂ ପାଠ୍ୟରେ ରୋଟ୍ ବ୍ୟାଖ୍ୟା ପର୍ଯ୍ୟନ୍ତ ସୀମିତ ଥିଲା, ତାହା ଏବେ ଦୃଶ୍ୟମାନ ଭାବରେ ଆକର୍ଷଣୀୟ ଏବଂ ବୁଝିବା ସହଜ । ବେଦାନ୍ତ ଆଲୁମିନିୟମ୍‌ର ସହାୟତା ମାଧ୍ୟମରେ ସମ୍ଭବ ହୋଇଥିବା ନିଷ୍କ୍ରିୟ ଶିକ୍ଷାରୁ ସକ୍ରିୟ କାର୍ଯ୍ୟରେ ଏହି ପରିବର୍ତ୍ତନ ସମଗ୍ର ଗ୍ରାମୀଣ ଓଡ଼ିଶାରେ ଶ୍ରେଣୀଗୃହକୁ ରୂପାନ୍ତରିତ କରୁଛି । କଳାହାଣ୍ଡି, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଭଳି ଜିଲ୍ଲାରେ, ଯେଉଁଠାରେ ସାକ୍ଷରତା ସ୍ତର ଯଥାକ୍ରମେ ପ୍ରାୟ ୫୯%, ୭୩% ଏବଂ ପ୍ରାୟ ୭୯% (୨୦୧୧ ଜନଗଣନା ଅନୁସାରେ), ଛାତ୍ରଛାତ୍ରୀଙ୍କ ଏକ ବଡ଼ ଅଂଶ ପ୍ରଥମ ପିଢ଼ିର ଶିକ୍ଷାର୍ଥୀ, ଏବଂ ଏହି ଅଂଚଳଗୁଡ଼ିକରେ ଶିକ୍ଷାଗତ ପ୍ରବେଶ ମୁଖ୍ୟତଃ ସୀମିତ ଶିକ୍ଷକ ଉପଲବ୍ଧତା, ଦୁର୍ବଳ ମୂଳ ଶିକ୍ଷା ଏବଂ କମ ଶ୍ରେଣୀଗୃହ ଯୋଗଦାନ ଦ୍ୱାରା ବର୍ଣ୍ଣିତ ହୋଇଛି । ବେଦାନ୍ତ ଆଲୁମିନିୟମ ଏହି ଅଭାବକୁ ପର୍ଯ୍ୟାୟକ୍ରମେ ପୂରଣ କରିବା ପାଇଁ କାର୍ଯ୍ୟ କରୁଛି, ପ୍ରଥମେ ଶ୍ରେଣୀଗୃହ-ଭିତିକ ଶିକ୍ଷାଦାନକୁ ସୁଦୃଢ଼ କରିବା, ଏବଂ ତା'ପରେ ଡିଜିଟାଲ ଶିକ୍ଷା ଉପକରଣ ମାଧ୍ୟମରେ ଏହାକୁ ବୃଦ୍ଧି କରିବା, ଏହା ନିଶ୍ଚିତ କରିବା ଯେ ପ୍ରଯୁକ୍ତିବିଦ୍ୟା ଦୃଢ଼ ଶୈକ୍ଷିକ ଭିତିଭୂମିକୁ ବଦଳାଇବା ପରିବର୍ତ୍ତେ ମଜବୁତ ହେବ ।



ବେଦାନ୍ତ ଆଲୁମିନିୟମ ଆଭେଟି ଲର୍ଣ୍ଣିଂ ସହିତ ମିଳିତ ଭାବରେ ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ସିଜିମାଲି ଅଂଚଳରେ ପ୍ରୋଜେକ୍ଟ ଜ୍ଞାନ ଜ୍ୟୋତି ଆରମ୍ଭ କରିଛି । ୬ଟି ସରକାରୀ ସ୍କୁଲକୁ କଭର କରି ଏବଂ ୬୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଉପକୃତ କରି, ଏହି ପଦକ୍ଷେପ ଡିଜିଟାଲ କ୍ଲାସରୁମ, ସୌରଶକ୍ତିଚାଳିତ ଭିତିଭୂମି ଏବଂ ସମ୍ପ୍ରଦାୟ ସହଭାଗିତା ମାଧ୍ୟମରେ ଶିକ୍ଷାକୁ ସମର୍ଥନ କରୁଛି । ୨୦୨୫ ମସିହାରେ ଆରମ୍ଭ ହୋଇଥିବା ପ୍ରୋଜେକ୍ଟ ବିଦ୍ୟା ଅଧୀନରେ, କମ୍ପାନୀର ଧ୍ୟାନ ଶିକ୍ଷକ-ଛାତ୍ର ଅନୁପାତକୁ ଉନ୍ନତ କରିବା ଏବଂ ଗଣିତ, ବିଜ୍ଞାନ ଏବଂ ଇଂରାଜୀରେ ମୂଳ ବିଷୟ ଶିକ୍ଷାକୁ ସୁଦୃଢ଼ କରିବା ଉପରେ ରହିଛି । ୧୭ଟି ସରକାରୀ ସ୍କୁଲରେ ୨୦ ଜଣ ଅତିରିକ୍ତ ଶିକ୍ଷକ ନିୟୋଜନ ମାଧ୍ୟମରେ, ଏହି ପଦକ୍ଷେପ ସୁନ୍ଦରଗଡ ଏବଂ ଝାରସୁଗୁଡାରେ ୧,୮୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସହାୟତା କରିଛି । ଲଖନପୁର ବ୍ଲକରେ ହସ୍ତକ୍ଷେପ କ୍ଷେତ୍ରରେ ଉପସ୍ଥାନ ୬୪% ରୁ ୭୬% ଏବଂ ହେମଗିର ବ୍ଲକରେ ୬୬% ରୁ ୮୨% କୁ ବୃଦ୍ଧି ପାଇଛି, ଯେତେବେଳେ ସାମଗ୍ରିକ ଛାତ୍ର ସଫଳତା ୪୨% ରୁ ୬୪% କୁ ଉନ୍ନତ ହୋଇଛି । ରେଫରେନ୍ସ ପୁସ୍ତକ ମାଧ୍ୟମରେ ଲକ୍ଷ୍ୟଭିତିକ ଶୈକ୍ଷିକ ସହାୟତା, ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ନିକଟ ଭୌଗୋଳିକ ପରିସର ବାହାରେ ସୁଯୋଗ ପାଇବାରେ ସାହାଯ୍ୟ କରୁଛି ।

ହେମଗିରର ଜଣେ ଅଭିଭାବକ ବିନିତା ସୋରେନ ଏହି ପରିବର୍ତ୍ତନ ଉପରେ ପ୍ରତିଫଳିତ ହୋଇ କହିଛନ୍ତି, "ପୂର୍ବରୁ, ଆମେ କେବଳ ଚାହୁଁଥିଲୁ ଯେ ଆମର ପିଲାମାନେ ସ୍କୁଲ ଯାଆନ୍ତୁ । ଏବେ ଆମେ ଚାହୁଁଛୁ ଯେ ସେମାନେ ଭଲ ଭାବରେ ପାଠ ପଢ଼ନ୍ତୁ, ଭଲ ଶିକ୍ଷା ପ୍ରାପ୍ତ କରନ୍ତୁ ଏବଂ ଜୀବନରେ ଆଗକୁ ବଢ଼ନ୍ତୁ । ବେଦାନ୍ତର ପ୍ରକଳ୍ପଗୁଡ଼ିକ ସେମାନେ କେତେ ଆତ୍ମବିଶ୍ୱାସର ସହିତ ଶିଖନ୍ତୁ ଏବଂ କଥା ହୁଅନ୍ତୁ ସେଥିରେ ପାର୍ଥକ୍ୟ ଆଣିଛି । ସ୍କେଲ୍ ଏବଂ ପ୍ରବେଶ ପାଇଁ ଡିଜିଟାଲ୍ ଶିକ୍ଷଣକୁ ସ୍ତର କରିବା; ଏହି ଦୃଢ଼ ଭିତିଭୂମି ଉପରେ ନିର୍ମାଣ କରି, ଝାରସୁଗୁଡାର ପ୍ରୋଜେକ୍ଟ ବିଦ୍ୟାଗ୍ରହ ଡିଜିଟାଲ୍ ଶିକ୍ଷଣକୁ ଏକ ସକ୍ଷମକାରୀ ଭାବରେ ଆରମ୍ଭ କରିଛି । ଏକ ହାଇବ୍ରିଡ୍ ମଡେଲ୍ ଭାବରେ ଡିଜାଇନ୍ କରାଯାଇଥିବା ଏହି ପଦକ୍ଷେପ ପୂର୍ବ-ରେକର୍ଡ କରାଯାଇଥିବା ପାଠ, ଆପ୍-ଆଧାରିତ ପ୍ରବେଶ ଏବଂ ବ୍ୟକ୍ତିଗତ ସନ୍ଦେହ ଦୂରୀକରଣ ଅଧିବେଶନକୁ ମିଶ୍ରଣ କରିଥାଏ, ଯାହା ଶ୍ରେଣୀଗୃହ ସମୟଠାରୁ ଅଧିକ ଶିକ୍ଷାକୁ ବିସ୍ତାର କରିଥାଏ । ୧୦୬ ସରକାରୀ ଉଚ୍ଚ ବିଦ୍ୟାଳୟକୁ କଭର କରି ଏବଂ ୧୨,୦୦୦ ରୁ ଅଧିକ ଛାତ୍ରଛାତ୍ରୀଙ୍କ ନିକଟରେ ପହଂଚି, ଏହା ଶିକ୍ଷାର୍ଥୀମାନଙ୍କୁ ଧାରଣାଗୁଡ଼ିକୁ ପୁନଃ ଦେଖିବା, ନିଜ ଗତିରେ ଅଧ୍ୟୟନ କରିବା ଏବଂ ବୋର୍ଡ ପରୀକ୍ଷା ପାଇଁ ଅଧିକ ପ୍ରଭାବଶାଳୀ ଭାବରେ ପ୍ରସ୍ତୁତ କରିବାକୁ ଅନୁମତି ଦିଏ । ଶିକ୍ଷଣ ପ୍ଲାଟଫର୍ମରେ ୨୬,୦୦୦ ରୁ ଅଧିକ ବିଷୟବସ୍ତୁ ଦୃଶ୍ୟ ସହିତ, ପୂର୍ବରୁ ସଂରଚିତ ଇ-ଶିକ୍ଷଣର ସୀମିତ ଏକ୍ସପୋଜର ଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଡିଜିଟାଲ୍ ଉପକରଣଗୁଡ଼ିକର ବର୍ଦ୍ଧିତ ଗ୍ରହଣକୁ ସୂଚିତ କରେ । ଝାରସୁଗୁଡାର ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ମାଆ କୁନ୍ତି କୁମାରୀ ସେୟାର କରିଛନ୍ତି, "ପୂର୍ବରୁ, ମୋ ପୁଅ ବିଜ୍ଞାନର ଧାରଣାଗୁଡ଼ିକୁ ବୁଝିବା ପାଇଁ ସଂଘର୍ଷ କରୁଥିଲା ।

# ୟୁଏଇରେ ପରମାଣୁ ଶକ୍ତିକେନ୍ଦ୍ର ଉପରେ ଡ୍ରୋନ୍ ଆକ୍ରମଣ

ଆବୁଧାବି: ପଶ୍ଚିମ ଏସିଆରେ ଲାଗି ରହିଥିବା ତୀବ୍ର ଉତ୍ତେଜନା ମଧ୍ୟରେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ର ପରମାଣୁ ଶକ୍ତି କେନ୍ଦ୍ର ଉପରେ ଆଜି ଏକ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ ହୋଇଛି। ଆବୁଧାବିର ଅଲ୍ ଧାଫ୍ରା ଅଞ୍ଚଳରେ ଅବସ୍ଥିତ 'ବାରାକାହ ପରମାଣୁ ଶକ୍ତି କେନ୍ଦ୍ର' ପରିସରକୁ ଟାର୍ଗେଟ୍ କରି ଏହି ଡ୍ରୋନ୍ ମାଡ଼ କରାଯାଇଥିଲା ଏବଂ ଏଥି ଯୋଗୁ ଭୟଙ୍କର ନିଆଁ ଲାଗିଯାଇଛି। ଆମେରିକା-ଇରାନ ଯୁଦ୍ଧ ମଧ୍ୟରେ ଉପସାଗରୀୟ ଅଂଚଳରେ ଏହି ଏକମାତ୍ର ସକ୍ରିୟ ଆଣବିକ ପ୍ରତିଷ୍ଠାନ ଉପରେ ଏହା ହେଉଛି ପ୍ରଥମ




ଆକ୍ରମଣ। ଏହି ଘଟଣା ସାରା ବିଶ୍ୱରେ ପରମାଣୁ ସୁରକ୍ଷାକୁ ନେଇ ଆତଙ୍କ ସୃଷ୍ଟି କରିଛି। ଆବୁଧାବି କର୍ତ୍ତୃପକ୍ଷ ଏବଂ ୟୁଏଇର ପରମାଣୁ ନିୟାମକ ସଂସ୍ଥା ସୂଚନା ଦେଇଛି ଯେ, ଆକ୍ରମଣ ଯୋଗୁ ପ୍ଲାଣ୍ଟ୍ ସଂଲଗ୍ନ ପରିସରରେ କ୍ଷୟକ୍ଷତି ହୋଇଛି ଏବଂ ଏକ ଜେନେରେଟରରେ ନିଆଁ ଲାଗିଯାଇଥିଲା। ଅଗ୍ନିଶମ ବାହିନୀ ତୁରନ୍ତ ଏହାକୁ ଆୟତ୍ତ କରିନେଇଛନ୍ତି। ଏହି ଆକ୍ରମଣରେ କୌଣସି ବ୍ୟକ୍ତି ଆହତ ହୋଇନାହାନ୍ତି ଏବଂ ପରମାଣୁ ବିକିରଣର କୌଣସି ବିପଦ ନାହିଁ। ପ୍ଲାଣ୍ଟର ସମସ୍ତ ୪ଟି ଯାକ ରିଆକ୍ଟର ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ସହ ସ୍ୱାଭାବିକ ଭାବେ କାର୍ଯ୍ୟ କରୁଛି ବୋଲି କୁହାଯାଉଛି। ବର୍ତ୍ତମାନ ସୁଦ୍ଧା କୌଣସି ସଂଗଠନ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାନ୍ତି। ତେବେ ୟୁଏଇ ପକ୍ଷରୁ ନିଜ ସୀମାରେ ଇସ୍ରାଏଲର ଆଇରନ୍ ଡୋମ୍ ପ୍ରତିରକ୍ଷା ବ୍ୟବସ୍ଥା ଏବଂ ସେନା ମୁତୟନ କରାଯାଇଥିବାରୁ ଏହା ପଛରେ ଇରାନର ହାତ ଥିବା ସନ୍ଦେହ କରାଯାଉଛି। ୨୦ ବିଲିୟନ ଡଲାର ବ୍ୟୟରେ ଦକ୍ଷିଣ କୋରିଆ ସହାୟତାରେ ନିର୍ମିତ ଏହି ହାଇ-ଟେକ୍ ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ବିଶ୍ୱ ଶକ୍ତି ବଜାର ଓ ଯୁଦ୍ଧ ବିରତି ଆଲୋଚନାକୁ ବଡ଼ ଝଟକା ଦେଇଛି।

# ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱିଡେନର ସର୍ବୋଚ୍ଚ ସମ୍ମାନ

ଗୋଥେନବର୍ଗ :ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ରବିବାର ସ୍ୱିଡେନର ରୟାଲ୍ ଅର୍ଡର ଅଫ୍ ପୋଲାର୍ ଷ୍ଟାର୍ ପ୍ରଦାନ କରାଯାଇଛି। ଯାହା ସ୍କାଣ୍ଡିନେଭିୟାନ୍ ରାଷ୍ଟ୍ର ଦ୍ୱାରା ସରକାରୀ ମୁଖ୍ୟଙ୍କୁ ପ୍ରଦାନ କରାଯାଉଥିବା ସର୍ବୋଚ୍ଚ ସମ୍ମାନ। ଏହା ପ୍ରଧାନମନ୍ତ୍ରୀ ମୋଦିଙ୍କର ୩୧ତମ ଅନ୍ତର୍ଜାତୀୟ ସମ୍ମାନ। ଏହି ପୁରସ୍କାର ହେଉଛି ଜଣେ ସରକାରୀ ମୁଖ୍ୟଙ୍କୁ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ। ସରକାରୀ ୱେବସାଇଟ୍ ଅନୁଯାୟୀ, ରୟାଲ୍ ଅର୍ଡର ଅଫ୍ ଦ ପୋଲାର୍ ଷ୍ଟାର ୧୭୪୮ ମସିହାରୁ ଆରମ୍ଭ ହୋଇଥିଲା। ସ୍ୱିଡେନ୍ ପାଇଁ କିମ୍ବା ସ୍ୱିଡିସ୍ ସ୍ୱାର୍ଥ ପାଇଁ ବ୍ୟକ୍ତିଗତ ପ୍ରୟାସକୁ, ବିଶେଷକରି ସାର୍ବଜନୀନ କାର୍ଯ୍ୟକଳାପ ମଧ୍ୟରେ, ଏବଂ



ସାର୍ବଜନୀନ କାର୍ଯ୍ୟ ଏବଂ କର୍ତ୍ତବ୍ୟର ସଫଳ ପ୍ରଦର୍ଶନକୁ ସ୍ୱୀକୃତି ଦେବା ପାଇଁ ଉଦ୍ଦିଷ୍ଟ। ମୋଦି ରବିବାର ଦୁଇ ଦିନିଆ ଗସ୍ତ ପାଇଁ ସ୍ୱିଡେନ୍ ପହଞ୍ଚିଥିଲେ। ଗୋଥେନବର୍ଗ ବିମାନବନ୍ଦରରେ ତାଙ୍କର ସ୍ୱିଡିସ୍ ପ୍ରତିପକ୍ଷ ଉଲ୍ଫ କ୍ରିଷ୍ଟରସନ୍ ତାଙ୍କୁ ସ୍ୱାଗତ କରିଥିଲେ।

# ଉଡ଼ାଣ ଭରିବାକୁ ପ୍ରସ୍ତୁତ ପ୍ରଥମ ସ୍ୱଦେଶୀ ଏୟାରବସ୍ ସି-୨୯୫ ବିମାନ

ନୂଆଦିଲ୍ଲୀ : ଭାରତର ପ୍ରତିରକ୍ଷା କ୍ଷେତ୍ର ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛି। ଦେଶରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ଆସେମ୍ବଲ୍ କରାଯାଇଥିବା ପ୍ରଥମ 'ଏୟାରବସ ସି-୨୯୫' ସାମରିକ ପରିବହନ ବିମାନ ନିର୍ମାଣ ଶେଷ ହୋଇଛି। ଗୁଜରାଟର ବରୋଦା (ଭଦୋଦରା) ସ୍ଥିତ ଟାଟା-ଏୟାରବସ ପ୍ଲାଣ୍ଟରେ ଏହି ବିମାନକୁ ପ୍ରସ୍ତୁତ କରାଯାଇଥିବା ବେଳେ ଏହା ଏବେ ନିଜର ପ୍ରଥମ ଉଡ଼ାଣ ପରୀକ୍ଷଣ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛି। କେନ୍ଦ୍ର ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନ ଅଧୀନରେ ପ୍ରତିରକ୍ଷା କ୍ଷେତ୍ରକୁ ସ୍ୱାବଲମ୍ବୀ କରିବା ଏବଂ ସ୍ୱଦେଶୀ ସାମରିକ ବିମାନ ନିର୍ମାଣ କ୍ଷମତା ବୃଦ୍ଧି କରିବା ଦିଗରେ ଏହାକୁ ଏକ ବଡ଼ ସଫଳତା ଭାବେ ଦେଖାଯାଉଛି। ଏହି ଗୌରବମୟ ମୁହୂର୍ତ୍ତରେ ଭାରତୀୟ ବାୟୁସେନା ର ଉପମୁଖ୍ୟ ଏୟାର ମାର୍ଶଲ ଅବଧେଶ କୁମାର ଭାରତୀ ନିକଟରେ ବରୋଦା ସ୍ଥିତ ମେନ୍ ଆସେମ୍ବଲି ଲାଇନ୍ ପରିଦର୍ଶନ କରିଛନ୍ତି। ସେ ସେଠାରେ ଭାରତରେ ନିର୍ମିତ ହେଉଥିବା ଏହି ପ୍ରଥମ C-295 ସାମରିକ ବିମାନର ପ୍ରଗତି ଏବଂ ଏହାର ଯାନ୍ତ୍ରିକ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ବାୟୁସେନାର ଉଚ୍ଚ ପଦାଧିକାରୀଙ୍କ ଏହି ଗସ୍ତ ବିମାନର ଆଗାମୀ ଟେଷ୍ଟିଂ ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିବ। ଭାରତରେ ପ୍ରତିରକ୍ଷା ଉତ୍ପାଦନ ଇତିହାସରେ ଏହା ପ୍ରଥମ ସୁଯୋଗ, ଯେଉଁଠି କୌଣସି ଘରୋଇ ସଂସ୍ଥା ସମ୍ପୂର୍ଣ୍ଣ ସାମରିକ ବିମାନ ନିର୍ମାଣ କାର୍ଯ୍ୟରେ ସାମିଲ ହୋଇଛି। ଟାଟା ଆଡଭାନ୍ସଡ ସିଷ୍ଟମ୍ସ ଏବଂ ଏୟାରବସ ଡିଫେନ୍ସ ମିଳିତ ଭାବେ ଏହି ପ୍ରକଳ୍ପ ଉପରେ କାମ କରୁଛନ୍ତି। ବାୟୁସେନାର ପୁରୁଣା ଆଭ୍ରୋ-୭୪୮ ବିମାନଗୁଡ଼ିକର ସ୍ଥାନ ଏହି ଅତ୍ୟାଧୁନିକ ସି -୨୯୫ ବିମାନ ନେବ। ଏହି ବିମାନ କଠିନ ପରିସ୍ଥିତି ଏବଂ ସୀମିତ ରନୱେ ଥିବା ପାର୍ବତ୍ୟ ଅଞ୍ଚଳରେ ମଧ୍ୟ ସହଜରେ ସେନା ଓ ଭାରୀ ସାମଗ୍ରୀ ପରିବହନ କରିବାରେ ବେଶ୍ ସହାୟକ ହେବ।

# ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ୯୮.୬ ଲକ୍ଷ ଉତ୍ତର ଖାତା ସ୍କାନ କରାଯାଇଥିଲା: ଶିକ୍ଷା ସଚିବ

## ମାର୍କସିଟ୍ ଦେଖିବା ଦେୟ ୧୦୦ ଟଙ୍କା

ନୂଆଦିଲ୍ଲୀ: ସିବିଏସ୍ଇ ଦ୍ୱାଦଶ ପରୀକ୍ଷା ଫଳକୁ ନେଇ ବଢୁଥିବା ବିବାଦ ଓ ନୂଆ 'ଅନ୍-ସ୍କ୍ରିନ୍ ମାର୍କିଂ (ଓଏସ୍ଏମ୍)' ବ୍ୟବସ୍ଥାକୁ ତୀବ୍ର ସମାଲୋଚନା ପରେ ସ୍କୁଲ ଶିକ୍ଷା ସଚିବ ସଞ୍ଜୟ କୁମାର ମୂଲ୍ୟାୟନ ବେଳେ ତ୍ରୁଟି ରହିଥିବା ସ୍ୱୀକାର କରିଛନ୍ତି। ସେ କହିଛନ୍ତି, ମାର୍କସିଟ୍ ମୂଲ୍ୟାୟନ ବେଳେ ତ୍ରୁଟି ମିଳିବା ପରେ ପାଖାପାଖି ୧୩,୦୦୦ ଉତ୍ତର ଖାତାର ଅଫ୍-ଲାଇନରେ ଯାଞ୍ଚ କରାଯାଇଥିଲା। ସିବିଏସ୍ଇ ଦ୍ୱାଦଶ ବୋର୍ଡ ପରୀକ୍ଷା ଫଳ ଆସିବା ପରେ ଅନେକ ଛାତ୍ରଛାତ୍ରୀ ଅଭିଯୋଗ କରିଛନ୍ତି ଯେ ସେମାନଙ୍କ ମାର୍କସିଟ ମୂଲ୍ୟାୟନ ପାଇଁ ବ୍ୟବହୃତ ନୂତନ ଡିଜିଟାଲ ଓଏସ୍ଏମ୍ ବ୍ୟବସ୍ଥା ଯୋଗୁ ସେମାନେ ଆଶାଠାରୁ କମ୍ ମାର୍କ ପାଇଛନ୍ତି। ଛାତ୍ରଛାତ୍ରୀମାନେ କହିଛନ୍ତି ଯେ, ସେମାନେ ଭଲ ପ୍ରଦର୍ଶନ କରିଛନ୍ତି ଓ ୯୦ ରୁ ୯୫ ପ୍ରତିଶତ ମଧ୍ୟରେ ସ୍କୋର କରିବାକୁ ଆଶା କରିଥିଲେ। କିନ୍ତୁ ସେମାନଙ୍କର ମାର୍କ ଯଥେଷ୍ଟ କମ୍ ଥିଲା। ଅନେକ ଛାତ୍ରଛାତ୍ରୀ ସୋସିଆଲ ମିଡିଆରେ ସେମାନଙ୍କର ମାର୍କସିଟ୍ ସେୟାର କରି ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ସ୍କୁଲ ଶିକ୍ଷା ଓ ସାକ୍ଷରତା ସଚିବ ସଞ୍ଜୟ କୁମାର ରବିବାର ଓଏସ୍ଏମ୍ ସିଷ୍ଟମକୁ ନେଇ ରହିଥିବା ଚିନ୍ତା ଦୂର କରିଛନ୍ତି।

ଏକ ସାମ୍ବାଦିକ ସମ୍ମିଳନୀରେ ସଞ୍ଜୟ କୁମାର କହିଛନ୍ତି, ସିବିଏସ୍ଇ ଏଥର ଓଏସ୍ଏମ୍ ଜରିଆରେ ମାର୍କିଂ କରିଥିଲା ଓ ଏହା କିଛି ଚିନ୍ତା ସୃଷ୍ଟି କରିଛି। କିଛି ଛାତ୍ରଛାତ୍ରୀ ଭାବୁଛନ୍ତି ଯେ, ପାସ୍ ହାର ହ୍ରାସ ପାଇଛି। ଗତ ବର୍ଷ ତୁଳନାରେ ଏହା ପ୍ରାୟ ୩% ହ୍ରାସ ପାଇଛି। କେତେକ ଛାତ୍ରଛାତ୍ରୀ ଭାବୁଛନ୍ତି ଯେ ସେମାନଙ୍କୁ ଅଧିକ ମାର୍କ ମିଳିବା କଥା, କିନ୍ତୁ କମ୍ ମିଳିଛି। ତେବେ ଓଏସ୍ଏମ୍ ସିଷ୍ଟମ୍ ନୂଆ ବିଷୟବସ୍ତୁ ନୁହେଁ କି, ପ୍ରଥମ ଥର ଲାଗୁ କରାଯାଇନାହିଁ। ସିବିଏସ୍ଇ ୨୦୧୪ରେ ପ୍ରଥମ ଥର ଓଏସ୍ଏମ୍ ସିଷ୍ଟମ୍ ଆରମ୍ଭ କରିଥିଲା। କିନ୍ତୁ ସେତେବେଳେ ଟେକ୍ନୋଲଜି ଏତେ ବିକଶିତ ହୋଇନଥିଲା। ଏବେ ଏହାକୁ ପୁନଃବ୍ୟବହାର କରାଯାଇଛି। ତେବେ ମୂଲ୍ୟାୟନ ପ୍ରକ୍ରିୟାବେଳେ ତ୍ରୁଟି ଦେଖିବାକୁ ମିଳିଥିଲା ଓ ପାଖାପାଖି ୧୩,୦୦୦ ଉତ୍ତର ଖାତା ଅଫଲାଇନରେ ମାର୍କିଂ ହୋଇଥିଲା। ଶିକ୍ଷା ସଚିବ ସଞ୍ଜୟ କୁମାର କହିଥିଲେ, ଏଥର ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ୯୮.୬ ଲକ୍ଷ ଉତ୍ତର ଖାତା ସ୍କାନ କରାଯାଇଥିଲା ଓ ପିଡିଏଫ୍ କପି ତିଆରି କରାଯାଇଥିଲା। ସ୍କାନିଂ ସମୟରେ ତିନି ସ୍ତରର ସୁରକ୍ଷା କାର୍ଯ୍ୟକାରୀ କରାଯାଇଥିଲା। ତେବେ ସଂଶୋଧନ ଚାହୁଁଥିବା ଛାତ୍ରଛାତ୍ରୀଙ୍କ ପାଇଁ ସିବିଏସ୍ଇ ଏକ ବହୁ-ସ୍ତରୀୟ ସମୀକ୍ଷା ବ୍ୟବସ୍ଥା ଘୋଷଣା କରିଛି। ମେ ୧୯ ରୁ ମେ ୨୨ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ଯାଞ୍ଚ କିମ୍ବା ପୁନଃମୂଲ୍ୟାୟନ ଅନୁରୋଧ କରିବା ପୂର୍ବରୁ ମୂଲ୍ୟାଙ୍କିତ ମାର୍କସିଟର ସ୍କାନ କପି ପାଇଁ ଆବେଦନ କରିପାରିବେ। କପି ପ୍ରତି ୧୦୦ ଟଙ୍କା ଫି ଓ ପ୍ରତି ପ୍ରଶ୍ନ ପାଇଁ ୨୫ ଟଙ୍କା ଫି ବ୍ୟବସ୍ଥା କରାଯାଇଛି। ସମୀକ୍ଷା ପରେ ମାର୍କ ବୃଦ୍ଧି ହେଲେ ଛାତ୍ରଛାତ୍ରୀଙ୍କ ଫି ଫେରସ୍ତ କରାଯିବ ବୋଲି ସଞ୍ଜୟ କୁମାର କହିଛନ୍ତି।

# ଏବର୍ଷ ମୌସୁମୀ ଶୀଘ୍ର ଆସୁଛି



ନୂଆଦିଲ୍ଲୀ : ଏ ବର୍ଷ ମୌସୁମୀର ଆଗମନ ଶୀଘ୍ର ହେଉଛି। ଆଗୁଆ ମୌସୁମୀ ଦକ୍ଷିଣ ଭାରତରେ ପହଞ୍ଚିଯାଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସହିତ ଜଡ଼ିତ ଉପର ସ୍ତରର ପୂର୍ବ ବାୟୁ ବର୍ତ୍ତମାନ କର୍ଣ୍ଣାଟକ, କେରଳ, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ଆନ୍ଧ୍ର ପ୍ରଦେଶ, ଦକ୍ଷିଣ ବଙ୍ଗୋପସାଗର ଓ ଦକ୍ଷିଣ ଆରବ ସାଗରରେ ବ୍ୟାପିଛି। ଏହା ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ମୌସୁମୀକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବ। ପାଣିପାଗ ବିଭାଗର କହିବା ଅନୁସାରେ ଏବର୍ଷ ମୌସୁମୀ ଶୀଘ୍ର ଆସୁଛି। ମୌସୁମୀ ଋତୁରେ ପବନର ଏକ ଶକ୍ତିଶାଳୀ ସ୍ରୋତ ୧୩ରୁ ୧୪ କିଲୋମିଟର ଉପରେ ପୂର୍ବରୁ ପଶ୍ଚିମ ଆଡକୁ ପ୍ରବାହିତ ହେଉଛି। ବୈଜ୍ଞାନିକମାନେ ଏହାକୁ ଟ୍ରପିକାଲ ଇଷ୍ଟରଲି ଜେଟ୍ (ଟିଇଜେ) କହନ୍ତି। ଯେତେବେଳେ ଟିଇଜେ ସକ୍ରିୟ ହୁଏ, ଉପର ସ୍ତରରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ସବୁଆଡ଼େ ବ୍ୟାପିଯାଏ। ଏକ ଶକ୍ତିଶାଳୀ ଟିଇଜେ ଭଲ ମୌସୁମୀ ବର୍ଷା ସୃଷ୍ଟି କରେ। ଏହା ମଧ୍ୟ ବଙ୍ଗୋପସାଗର ଉପରେ ଲଘୁଚାପ ଓ ଅବପାତ ସୃଷ୍ଟି କରେ। ଏହା ଉତ୍ତର ଆଡ଼କୁ ଗତି କରି ବ୍ୟାପକ ଅଞ୍ଚଳରେ ବର୍ଷା କରାଏ। ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ, ମେ ୨୬ରେ କେରଳରେ ମୌସୁମୀ ଆରମ୍ଭ ହେବ, ଯାହା ଜୁନ୍ ୧ର ଦୀର୍ଘକାଳୀନ ହାରାହାରିଠାରୁ ପ୍ରାୟ ଏକ ସପ୍ତାହ ପୂର୍ବରୁ ଘଟିବାକୁ ଯାଉଛି।

# ରୁଷ ଉପରେ ୫୦୦ରୁ ଅଧିକ ଡ୍ରୋନ୍ ଆକ୍ରମଣ

ମସ୍କୋ : ରୁଷ ଉପରେ ୟୁକ୍ରେନ ସବୁଠାରୁ ବଡ଼ ଡ୍ରୋନ୍ ଆକ୍ରମଣ କରିଛି। ରାତିସାରା ହୋଇଥିବା ଏହି ଆକ୍ରମଣରେ ମସ୍କୋ ସମେତ ରୁଷର ଅନେକ ଅଞ୍ଚଳକୁ ଟାର୍ଗେଟ କରାଯାଇଥିଲା। ରୁଷ ଅଧିକାରୀଙ୍କ ଅନୁଯାୟୀ, ଆକ୍ରମଣରେ ୫୦୦ ରୁ ଅଧିକ ଡ୍ରୋନ୍ ବ୍ୟବହାର କରାଯାଇଥିଲା। ଅଧିକାରୀମାନେ ଏହି ଆକ୍ରମଣକୁ ରୁଷ ରାଜଧାନୀରେ ଏକ ବର୍ଷରୁ ଅଧିକ ସମୟ ମଧ୍ୟରେ ସବୁଠାରୁ ଭୟଙ୍କର ଆକ୍ରମଣ ବୋଲି ବର୍ଣ୍ଣନା କରିଛନ୍ତି। ଏଥିରେ ଚାରି ଜଣ ଲୋକ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରୁ ମସ୍କୋ ଅଞ୍ଚଳରେ ତିନି ଜଣ ଏବଂ ୟୁକ୍ରେନୀୟ ସୀମା ନିକଟରେ ଥିବା ବେଲଗୋରୋଡ ଅଞ୍ଚଳର ଜଣେ ରହିଛନ୍ତି। ବିଭିନ୍ନ ଅଞ୍ଚଳରେ ଆବାସିକ କୋଠା ଏବଂ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଛି। ରୁଷର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ରାତିସାରା ହୋଇଥିବା ଆକ୍ରମଣ ସମୟରେ ଏହାର ବାୟୁ ପ୍ରତିରକ୍ଷା ଏକ ଡଜନରୁ ଅଧିକ ଅଞ୍ଚଳରେ ୫୫୬ଟି ୟୁକ୍ରେନୀୟ ଡ୍ରୋନ୍କୁ ଅଟକାଇ ଧ୍ୱଂସ କରିଛି। ମସ୍କୋ ଅଞ୍ଚଳର ରାଜ୍ୟପାଳ ଆନ୍ଦ୍ରେ ଭୋରୋବୟୋଭ କହିଛନ୍ତି, ଏକ ଘରୋଇ ଆବାସିକ କୋଠାରେ ଡ୍ରୋନ୍ ଆକ୍ରମଣ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଯେତେବେଳେ ଅନ୍ୟ ଜଣେ ବ୍ୟକ୍ତି ଉଦ୍ଧାର କାର୍ଯ୍ୟ ସମୟରେ ଘଣ୍ଟା ଘଣ୍ଟା ଧରି ଭଗ୍ନାବଶେଷ ତଳେ ଫସି ରହିଥିଲେ। ଆକ୍ରମଣ ସହିତ ଜଡିତ ପୃଥକ ଘଟଣାରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିବା ମଧ୍ୟ ରିପୋର୍ଟ ହୋଇଛି। ଆକ୍ରମଣ ଭୋର ୩ଟା ଠାରୁ ଆରମ୍ଭ ହୋଇଥିଲା ଏବଂ ରୁଷିଆନ ବାୟୁ ପ୍ରତିରକ୍ଷା ୟୁନିଟ୍ ଅପରେସନ୍ ଆରମ୍ଭ କରିଥିଲା।

ଯଦିଓ ମସ୍କୋ ଏବଂ ଆଖପାଖ ଅଞ୍ଚଳଗୁଡ଼ିକୁ ପୂର୍ବରୁ ୟୁକ୍ରେନୀୟ ଡ୍ରୋନ୍ ଦ୍ୱାରା ଟାର୍ଗେଟ କରାଯାଇଥିଲା। ତେବେ ରୁଷ ରାଜଧାନୀରେ ସିଧାସଳଖ ଆକ୍ରମଣ କମ୍ ରହିଥିଲା। ରୁଷ ଅଧିକାରୀମାନେ ତୁରନ୍ତ ଭିତ୍ତିଭୂମି କ୍ଷତିର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିନାହାନ୍ତି, କିନ୍ତୁ ଅଧିକାରୀମାନେ ସୂଚିତ କରିଛନ୍ତି ଯେ, ଆବାସିକ ଅଞ୍ଚଳ ଏବଂ ରଣନୈତିକ ସ୍ଥାନଗୁଡ଼ିକ ମୁଖ୍ୟ ଟାର୍ଗେଟ ଥିଲା। ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସ୍କି କିଭରେ ଏକ ବଡ଼ ରୁଷିଆ ଆକ୍ରମଣ ପରେ ପ୍ରତିଶୋଧ ନେବାକୁ ପ୍ରତିଶ୍ରୁତି ଦେବାର କିଛି ଦିନ ପରେ ଏହି ଆକ୍ରମଣ ହୋଇଛି। ରୁଷ ଆକ୍ରମଣରେ ୨୪ ଜଣ ୟୁକ୍ରେନବାସୀଙ୍କ ଜୀବନ ଯାଇଥିଲା। ୟୁକ୍ରେନୀୟ ସହର ଏବଂ ସାଧାରଣ ନାଗରିକଙ୍କ ଉପରେ ଲଗାତାର ଆକ୍ରମଣ ପାଇଁ ମସ୍କୋ ପରିଣାମ ଭୋଗ କରିବ ବୋଲି ଜେଲେନ୍ସ୍କି ଚେତାବନୀ ଦେଇଥିଲେ। ଗତ କିଛି ଦିନ ମଧ୍ୟରେ, କଏଦୀ ବିନିମୟ ସମାପ୍ତ ହେବା ଏବଂ ଏହି ସପ୍ତାହରେ ଶେଷ ହୋଇଥିବା ଅସ୍ଥାୟୀ ତିନି ଦିନିଆ ଅସ୍ତ୍ରବିରତି ଭଙ୍ଗ ହେବା ପରେ ମସ୍କୋ ଏବଂ କିଭ ମଧ୍ୟରେ ବିମାନ ଆକ୍ରମଣ ଜୋରଦାର୍ ହୋଇଛି।

# ହାଇଦ୍ରାବାଦ ଆସୁଥିବା ନେଦରଲାଣ୍ଡସ୍ ବିମାନକୁ ବୋମାରେ ଉଡ଼ାଇବାକୁ ଧମକ

ହାଇଦ୍ରାବାଦ : ରବିବାର ଦିନ ନେଦରଲ୍ୟାଣ୍ଡର ଆମଷ୍ଟରଡମରୁ ଉଡ଼ାଣ କରୁଥିବା ଏକ ବିମାନକୁ ଇମେଲ୍ ମାଧ୍ୟମରେ ବୋମାରେ ଉଡ଼ାଇବା ଧମକ ମିଳିବା ପରେ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରକୁ ହାଇ ଆଲର୍ଟରେ ରଖାଯାଇଥିଲା। ବିମାନବନ୍ଦରର ଗ୍ରାହକ ସେବାକୁ ରବିବାର ଭୋର ସମୟରେ ଜଣେ ଅଜଣା ବ୍ୟକ୍ତିଙ୍କଠାରୁ ଏକ ଇମେଲ୍ ମିଳିଥିଲା। ଇମେଲରେ ଦାବି କରାଯାଇଥିଲା ଯେ ଆମଷ୍ଟରଡାମରୁ ଶମଶାବାଦରେ ପହଞ୍ଚିବାକୁ ଥିବା କ୍ୱାଲାଲମ୍ପୁର ଏୟାରୱେଜ୍ର ଏକ ବିମାନରେ ଏକ ମାନବହୀନ ବୋମା ରଖାଯାଇଛି। ଏଥିରେ ଉଲ୍ଲେଖ କରାଯାଇଥିଲା, ଯେକୌଣସି ସମୟରେ ଗନ୍ତବ୍ୟସ୍ଥଳରେ ପହଞ୍ଚିବାର ପୂର୍ବରୁ ବିସ୍ଫୋରଣ ହୋଇପାରେ। ତେବେ ବିମାନଟି ସୁରକ୍ଷିତ ଭାବରେ ଅବତରଣ



କରିଥିଲା। ବିମାନବନ୍ଦର କର୍ତ୍ତୃପକ୍ଷ ବିମାନକୁ ଶୀଘ୍ର ଆଇସୋଲେସନ ବେକୁ ସ୍ଥାନାନ୍ତରିତ କରିଥିଲେ। ବିମାନବନ୍ଦର କର୍ତ୍ତୃପକ୍ଷ ଏବଂ ସୁରକ୍ଷା ବାହିନୀ ଏହାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରୁଛନ୍ତି।

ଏହାକୁ ମିଶାଇ ତୃତୀୟ ଥର ପାଇଁ ଶମଶାବାଦ ବିମାନବନ୍ଦରକୁ ବୋମା ଧମକ ମିଳିଛି। ଗତ ଦୁଇ ଦିନ ମଧ୍ୟରେ କର୍ତ୍ତୃପକ୍ଷଙ୍କୁ ଇମେଲ୍ ମାଧ୍ୟମରେ ସମାନ ଧମକ ମିଳିବା ପରେ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା। ଶନିବାର ଦିନ, ଜଣେ ଅଜଣା ବ୍ୟକ୍ତି ଏକ ଇମେଲ୍ ପଠାଇ ଦାବି କରିଥିଲେ ଯେ ମାଲେସିଆରୁ ବିମାନବନ୍ଦରକୁ ଆସିବାକୁ ଥିବା ଏୟାର ଏସିଆ ବିମାନରେ ଏକ ବୋମା ଅଛି। ହାଇଦ୍ରାବାଦରେ ଅବତରଣ କରିବା ପୂର୍ବରୁ ବିମାନକୁ ଉଡ଼ାଇ ଦିଆଯାଇପାରେ ବୋଲି ସେ ଚେତାବନୀ ଦେଇଥିଲେ। କର୍ତ୍ତୃପକ୍ଷ ତୁରନ୍ତ ସୁରକ୍ଷା ଏଜେନ୍ସିଗୁଡ଼ିକୁ ସୂଚନା ଦେଇଥିଲେ ଏବଂ ଜରୁରୀକାଳୀନ ସୁରକ୍ଷା ପ୍ରୋଟୋକଲକୁ ସକ୍ରିୟ କରାଯାଇଥିଲା। ଯାତ୍ରୀ ଏବଂ ବିମାନବନ୍ଦର କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ, ଅଧିକାରୀମାନେ ଯାତ୍ରୀଙ୍କ ଯାଞ୍ଚ, ବ୍ୟାଗେଜ୍ ଯାଞ୍ଚ ଏବଂ ନିରୀକ୍ଷଣ ପ୍ରକ୍ରିୟାକୁ କଡ଼ାକଡ଼ି କରିଥିଲେ। ଏହା ସହିତ ସମଗ୍ର ବିମାନବନ୍ଦରର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଯାଞ୍ଚ କରିବା ପାଇଁ ବୋମା ଚିହ୍ନଟ ଏବଂ ନିଷ୍କ୍ରିୟ ସ୍କ୍ୱାଡ୍ ସହ ଯୋଗାଯୋଗ କରିଥିଲେ।

# ଅଷ୍ଟ୍ରେଲିଆରେ ଭାରତୀୟ ବଂଶୋଦ୍ଭବ ମସାଜ୍ ଥେରାପିଷ୍ଟଙ୍କୁ ୧୪ ବର୍ଷ ଜେଲ୍

ଆଡିଲେଡ୍ : ଅଷ୍ଟ୍ରେଲିଆର ଆଡିଲେଡ୍ ସହରରେ ଜଣେ ୩୯ ବର୍ଷୀୟ ଭାରତୀୟ ବଂଶୋଦ୍ଭବ ମସାଜ୍ ଥେରାପିଷ୍ଟ ସୁମିତ ସତୀଶ ରସ୍ତୋଗୀଙ୍କୁ ୧୩ ବର୍ଷ ୧୦ ମାସ ଜେଲ୍ ଦଣ୍ଡାଦେଶ ଶୁଣାଯାଇଛି। ଏକ ସ୍ଥାନୀୟ ମସାଜ୍ ପାର୍ଲରରେ ୬୧ ଜଣ ମହିଳାଙ୍କୁ ଯୌନ ଶୋଷଣ ଓ ବେଆଇନ ଭାବେ ଗୁପ୍ତ ଭିଡିଓ ସୁଟିଂ କରିବା ମାମଲାରେ ଜିଲ୍ଲା ଅଦାଲତର ବିଚାରପତି କାର୍ମେନ୍ ମାଟିଓ ଏହି କଠୋର ସଜା ଶୁଣାଇଛନ୍ତି। ବିଚାରପତି ରାସ୍ତୋଗୀଙ୍କ ଏହି କାର୍ଯ୍ୟକୁ



ଅତ୍ୟନ୍ତ "ଶୋଷଣମୂଳକ" ଓ "ନିୟନ୍ତ୍ରଣ ବାହାରେ" ବୋଲି କହିଛନ୍ତି। ଅକ୍ଟୋବର ୨୦୨୧ ରୁ ଜୁଲାଇ ୨୦୨୨ ମଧ୍ୟରେ କରାଯାଇଥିବା ଏହି ଅପରାଧ ପାଇଁ ତାଙ୍କ ବିରୋଧରେ ୫୫ଟି ଅଶ୍ଳୀଳ ଭିଡିଓ ସୁଟିଂ ଏବଂ ୪୨ଟି ଗୁରୁତର ଅସଦାଚରଣ ସହ ମୋଟ ୯୭ଟି ମାମଲା ରୁଜୁ ହୋଇଥିଲା, ଯାହାକୁ ସେ କୋର୍ଟରେ ସ୍ୱୀକାର କରିଛନ୍ତି।

**ଗୁପ୍ତରେ ଭିଡିଓ ସୁଟିଂ ସହ କରୁଥିଲେ ଅସଦାଚରଣ**

୨୦୧୧ ମସିହାରେ ଦିଲ୍ଲୀରୁ ଆଡିଲେଡ୍ ଆସିଥିବା ରସ୍ତୋଗୀ କୌଣସି ଆନୁଷ୍ଠାନିକ ଯୋଗ୍ୟତା ନଥାଇ ମଧ୍ୟ ମସାଜ୍ ସେବା ଯୋଗାଉଥିଲେ ଏବଂ ଜୁଲାଇ ୨୦୨୨ରେ ତାଙ୍କୁ ଗିରଫ କରାଯାଇଥିଲା। ଶୁଣାଣି ସମୟରେ ପୀଡ଼ିତା ମହିଳାମାନେ ସେମାନଙ୍କର ଗଭୀର ମାନସିକ ଆଘାତ ବିଷୟରେ କୋର୍ଟଙ୍କୁ ଜଣାଇଥିଲେ। ଆଡିଲେଡ୍ କୋର୍ଟ କହିଲେ "ନିୟନ୍ତ୍ରଣ ବାହାରେ ଥିଲା ଆଚରଣ"

**ବିନା ଯୋଗ୍ୟତାରେ ଚଳାଉଥିଲେ ପାର୍ଲର**

ଜଣେ ମହିଳା କହିଛନ୍ତି ଯେ ତାଙ୍କ ହନିମୁନ୍ ସମୟରେ ଏହି ଘଟଣା ଘଟିଥିଲା, ଯାହା ତାଙ୍କ ଜୀବନର ସବୁଠାରୁ ଖୁସିର ମୁହୂର୍ତ୍ତକୁ ଏକ ଭୟଙ୍କର ସ୍ମୃତିରେ ପରିଣତ କରିଦେଇଛି। ମାନସିକ ରୋଗ ବିଶେଷଜ୍ଞଙ୍କ ଅନୁସାରେ ରସ୍ତୋଗୀ "ଭୋୟରିଷ୍ଟିକ୍ ଡିସଅର୍ଡର" ନାମକ ଏକ ମାନସିକ ରୋଗରେ ପୀଡ଼ିତ, ଯେଉଁଥିରେ ଅଜାଣତରେ ଅର୍ଦ୍ଧନଗ୍ନ ମହିଳାଙ୍କୁ ଦେଖି ଯୌନ ଉତ୍ତେଜନା ସୃଷ୍ଟି ହୋଇଥାଏ। ଅଦାଲତ ତାଙ୍କ ପାଇଁ ୧୦ ବର୍ଷ ୧୦ ମାସର ଅଣ-ପାରୋଲ ଅବଧି ଧାର୍ଯ୍ୟ କରିଛନ୍ତି, ଯାହାଦ୍ୱାରା ସେ ୨୦୩୫ ସୁଦ୍ଧା ଜେଲରୁ ମୁକୁଳିବାକୁ ଯୋଗ୍ୟ ହେବେ। ଜେଲ୍ ଦଣ୍ଡ ସରିବା ପରେ ତାଙ୍କୁ ଅଷ୍ଟ୍ରେଲିଆରୁ ଭାରତକୁ ଦେଶାନ୍ତର କରାଯିବାର ସମ୍ଭାବନା ରହିଛି।

# ତାଇୱାନ ଉପରେ ଆକ୍ରମଣ କରିପାରେ ଚୀନ୍ !

ୱାସିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ବେଜିଂ ଗସ୍ତ କରି ତାଙ୍କ ଚୀନ୍ ପ୍ରତିପକ୍ଷ ସି ଜିନ୍ପିଙ୍ଗଙ୍କୁ ଭେଟିଥିଲେ। ଆମେରିକାର ରିପବ୍ଲିକାନ ପାର୍ଟି ରାଷ୍ଟ୍ରପତିଙ୍କ ଦ୍ୱାରା ଚୀନ୍ ରାଷ୍ଟ୍ରପତିଙ୍କ ସହିତ ଏହି ସମ୍ମିଳନୀ ଖୁବ୍ ସଫଳ ଭାବେ ଗ୍ରହଣ କରାଯାଇଛି। କିନ୍ତୁ ରୁଦ୍ଧ ଦ୍ୱାର ବାହାରେ ଟ୍ରମ୍ପଙ୍କ ନିଜ ପରାମର୍ଶଦାତା ଏହି ସମ୍ମିଳନୀକୁ ତାଇୱାନ ପ୍ରତି ଅଧିକ ବିପଜ୍ଜନକ ହୋଇଛି ବୋଲି କହିଛନ୍ତି। ତାଇୱାନ ଦଶନ୍ଧି ଦଶନ୍ଧି ସାମ୍ନା କରୁଥିବା ବିପଦ ଆଡ଼େ ଆଉ ଅଧିକ ଗୋଟିଏ ପାଦ ଅଗ୍ରସର ହୋଇଛି ବୋଲି ସେମାନେ କହିଛନ୍ତି। ଆମେରିକାର ନ୍ୟୁଜ୍ ଆଉଟଲେଟ୍ 'ଆକ୍ସିଓସ୍'ର ଏକ ରିପୋର୍ଟ ଅନୁଯାୟୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବରିଷ୍ଠ ପରାମର୍ଶଦାତାମାନେ ବ୍ୟକ୍ତିଗତ ଭାବରେ ଆଶଙ୍କା ବ୍ୟକ୍ତ କରିଛନ୍ତି ଯେ, ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାମ୍ପ୍ରତିକ ଶିଖର ସମ୍ମିଳନୀର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫଳାଫଳ ହେଉଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଚୀନ୍ ତାଇୱାନ ବିରୋଧରେ ପଦକ୍ଷେପ ନେବାର ବିପଦ ବୃଦ୍ଧି ପାଇଛି। ଟ୍ରମ୍ପ ଓ ଜିନ୍ପିଙ୍ଗଙ୍କ ଶିଖର ସମ୍ମିଳନୀରେ ଉଷ୍ମ ପରିବେଶ ରହିଥିଲେ ମଧ୍ୟ ଆମେରିକା ରାଷ୍ଟ୍ରପତିଙ୍କ ଘନିଷ୍ଠମାନେ ବେଜିଂର ଉଦ୍ଦେଶ୍ୟକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଟ୍ରମ୍ପଙ୍କ ଜଣେ ପରାମର୍ଶଦାତା 'ଆକ୍ସିଓସ୍'କୁ



କହିଛନ୍ତି ଯେ, ଜିନ୍ପିଙ୍ଗ୍ ବିଶ୍ୱ ମଞ୍ଚରେ ଚୀନକୁ ପୁନଃସ୍ଥାନିତ କରୁଥିବା ପରି ମନେ ହେଉଛି। ସମ୍ମିଳନୀବେଳେ ଜିନ୍ପିଙ୍ଗ୍ ଆମେରିକାକୁ କହିଥିଲେ ଯେ, ଆମେ ଏକ ଉଦୀୟମାନ ଶକ୍ତି ନୁହେଁ, ଆମେ ତୁମ ସହିତ ସମାନ ଓ ତାଇୱାନ ମୋର। ଏହି ଗସ୍ତ ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ତାଇୱାନ ପ୍ରସଙ୍ଗ ଆଲୋଚନା ଟେବୁଲରେ ରହିବାର ସମ୍ଭାବନାକୁ ଯଥେଷ୍ଟ ବୃଦ୍ଧି କରୁଛି ବୋଲି ସେ କହିଛନ୍ତି। ଚୀନ୍ ରାଷ୍ଟ୍ରପତିଙ୍କ ମନ୍ତବ୍ୟ ଟ୍ରମ୍ପଙ୍କ ଆଭ୍ୟନ୍ତରୀଣ ଗୋଷ୍ଠୀ ଓ ତାଇୱାନରେ ଚିନ୍ତା ବୃଦ୍ଧି କରିଛି। ଟ୍ରମ୍ପଙ୍କ ଚୀନ୍ ଗସ୍ତ ଶେଷ ହେବା ପରେ ଫକ୍ସ ନ୍ୟୁଜରେ ପ୍ରସାରିତ ତାଙ୍କର ଏକ ସାକ୍ଷାତକାରରେ ତାଇୱାନ ପାଇଁ ଦୀର୍ଘ ଦିନ ହେଲା ବିଳମ୍ବିତ ହେଉଥିବା ୧୪ ବିଲିୟନ ଡଲାରର ଅସ୍ତ୍ରଶସ୍ତ୍ର ଚୁକ୍ତିକୁ ଅନୁମୋଦନ କରିବେ କି ବୋଲି ପଚରାଯିବାରୁ ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ, ମୁଁ ଏହାକୁ ସ୍ଥଗିତ ରଖିଛି ଓ ଏହା ଚୀନ ଉପରେ ନିର୍ଭର କରେ। ତେବେ ତାଇୱାନ ପାଇଁ ୧୧ ବିଲିଅନ ଡଲାରର ଏକ ଅସ୍ତ୍ରଶସ୍ତ୍ର ପ୍ୟାକେଜକୁ ଟ୍ରମ୍ପ ଓ ଆମେରିକା କଂଗ୍ରେସ ପକ୍ଷରୁ ଡିସେମ୍ବରରେ ଅନୁମୋଦନ ମିଳିସାରିଛି। ବେଜିଂ ତାଇୱାନ ଚାରି ପାଖରେ ଲାଇଭ୍-ଫାୟାର ସାମରିକ ଅଭ୍ୟାସ କରି ଏହାର ଜବାବ ଦେଇଥିଲା। ନିକଟରେ ଶେଷ ହୋଇଥିବା ସମ୍ମିଳନୀରେ ଚୀନ୍ ଅନୁଷ୍ଠାନିକ ଭାବେ ତାଇୱାନକୁ ଆମେରିକା-ଚୀନ୍ ସମ୍ପର୍କରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ବୋଲି କହିଥିଲା। ଟ୍ରମ୍ପ ମଧ୍ୟ ତାଇୱାନର ପ୍ରମୁଖ ମାଇକ୍ରୋଚିପ୍ ଶିଳ୍ପକୁ ଆମେରିକା ସ୍ଥାନାନ୍ତର କରିବାକୁ ଆହ୍ୱାନ କରି ମଧ୍ୟ ତାଇୱାନ ଲୋକଙ୍କ ଭ୍ରୂକୁଞ୍ଚନ ସୃଷ୍ଟି କରିଥିଲେ। ତାଇୱାନରେ ଚିପ୍ ତିଆରି କରୁଥିବା ସବୁ ଲୋକ ଆମେରିକା ଚାଲି ଆସନ୍ତୁ ବୋଲି ମୁଁ ଚାହେଁ ବୋଲି ଟ୍ରମ୍ପ କହିଥିଲେ। ତାଇପେଇ ମଧ୍ୟ ତୁରନ୍ତ ଏହାର ଜବାବ ରଖିଥିଲା। ଶନିବାର ତାଇୱାନ ଆମେରିକାର ମନ୍ତବ୍ୟର ଜବାବରେ କହିଥିଲା ତାଇୱାନ ପ୍ରତି ଆମେରିକା ନୀତି ଓ ସ୍ଥିତି ଅପରିବର୍ତ୍ତିତ ରହିଛି। ତାଇୱାନ ରାଷ୍ଟ୍ରପତି କାର୍ଯ୍ୟାଳୟର ପ୍ରବକ୍ତା କରେନ୍ କ୍ୟୁ କହିଛନ୍ତି, ଚୀନ ଗଣରାଜ୍ୟ (ତାଇୱାନ ସରକାରୀ ନାମ) ଏକ ସାର୍ବଭୌମ୍ୟ, ସ୍ୱାଧୀନ ଓ ଗଣତାନ୍ତ୍ରିକ ଦେଶ, ଏହା ସ୍ୱୟଂ ସ୍ପଷ୍ଟ ଓ ବେଜିଂର ଦାବିର କୌଣସି ମୂଲ୍ୟ ନାହିଁ। ସେ ଆହୁରି କହିଛନ୍ତି, ଟ୍ରମ୍ପଙ୍କ ସମର୍ଥନ ପାଇଁ ତାଇୱାନ କୃତଜ୍ଞ ଓ ଉଲ୍ଲେଖ କରିଛନ୍ତି ଯେ ଆମେରିକାର ଆଇନ ଅନୁଯାୟୀ ଦ୍ୱୀପକୁ ଆମେରିକାର ଅସ୍ତ୍ରଶସ୍ତ୍ର ବିକ୍ରୟ ଆବଶ୍ୟକ। ଟ୍ରମ୍ପ ଫକ୍ସ ନ୍ୟୁଜକୁ ଦେଇଥିବା ମନ୍ତବ୍ୟର ଜବାବରେ ତାଇୱାନ ଏହା କହିଥିଲା। ଟ୍ରମ୍ପ କହିଥିଲେ ଯେ, ତାଇୱାନକୁ ସେ ଆନୁଷ୍ଠାନିକ ଭାବେ ସ୍ୱାଧୀନ ରାଷ୍ଟ୍ର ଘୋଷଣା କରିବାକୁ ଚାହୁନାହାନ୍ତି। ଆମକୁ ଏଥିପାଇଁ ଯୁଦ୍ଧ କରିବାକୁ ୯,୫୦୦ ମାଇଲ ଆସିବାକୁ ପଡ଼ିବ ଓ ମୁଁ ଏହା ଚାହୁଁନାହିଁ। ସୂଚନାଯୋଗ୍ୟ, ଆମେରିକା ତାଇୱାନକୁ ଆନୁଷ୍ଠାନିକ ଭାବେ ସ୍ୱାଧୀନ ରାଷ୍ଟ୍ର ଭାବେ ସ୍ୱୀକାର କରେ ନାହିଁ। କିନ୍ତୁ ସନ୍ତୁଳନ ରକ୍ଷା କରି ଏହା ତାଇୱାନର ସ୍ୱାଧୀନତାକୁ ବିରୋଧ କରୁଥିବା ମଧ୍ୟ କହିବାକୁ ଚାହିଁ ନଥିଲେ।

**ଆଇପିଏଲ ମହାସମର**

# ପ୍ଲେ ଅଫ୍ସରେ ବେଙ୍ଗାଲୁରୁ




ଧର୍ମଶାଳା, ୧୭।୫(ଏଜେନ୍ସି) : ଚଳିତ ଆଇପିଏଲରେ ପ୍ରଥମ ଦଳ ଭାବେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ଲେ ଅଫ୍‌ସରେ ପ୍ରବେଶ କରିଛି । ରବିବାର ଧର୍ମଶାଳାରେ ଅନୁଷ୍ଠିତ ମ୍ୟାଚରେ ବେଙ୍ଗାଲୁରୁ ୨୩ ରନ ବ୍ୟବଧାନରେ ପଞ୍ଜାବ କିଙ୍ଗସକୁ ଧରାଶାୟୀ କରି ଏହି ସଫଳତା ଲାଭ କରିଛି । ୪୦ ବଲରୁ ୭୩ ରନର ଅପରାଜିତ ଇନିଂସ ପାଇଁ ବେଙ୍ଗାଲୁରୁର ଭେଙ୍କଟେସ୍ ଆୟରଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା । ଏହି ମ୍ୟାଚରେ ବେଙ୍ଗାଲୁରୁ ୨୦ ଓଭରରେ ୪ ୱିକେଟ ହରାଇ ୨୨୨ ରନର ବିଶାଳ ସ୍କୋର କରିଥିଲା । ଜବାବ୍‌ରେ ପଞ୍ଜାବ କିଙ୍ଗସ ୨୨୩ ରନର ବିଜୟ ଲକ୍ଷ୍ୟକୁ ପିଛା କରି ୨୦ ଓଭରରେ ୮ ୱିକେଟ ହରାଇ ୧୯୯ ରନ କରିଥିଲା । ବେଙ୍ଗାଲୁରୁର ବିରାଟ କୋହଲି ଓ ଭେଙ୍କଟେସ ଆୟର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଏହି ଜମାଣିଆ ବିଜୟ ସହ ବେଙ୍ଗାଲୁରୁ ୧୩ ମ୍ୟାଚରୁ ୧୮ ପଏଣ୍ଟ ହାସଲ କରି ଟେବୁଲର ଶୀର୍ଷ ସ୍ଥାନ ସହ ପ୍ଲେ ଅଫ୍‌ସରେ ସ୍ଥାନ ସୁରକ୍ଷିତ କରିଛି । ପରାଜିତ ପଞ୍ଜାବ କିଙ୍ଗସ ପାଇଁ ପ୍ଲେ ଅଫ୍‌ସ ଆଶା ମୌଳିବାରେ ଲାଗିଛି । ଦଳ ୧୩ ମ୍ୟାଚରୁ ୬ ଟି ବିଜୟ ସହ ୧୩ ପଏଣ୍ଟହାସଲ କରି ଚତୁର୍ଥ ସ୍ଥାନରେ ରହିଛି । ଲିଗ୍ ପର୍ଯ୍ୟାୟରେ ପଞ୍ଜାବ କିଙ୍ଗସ ଆଉ ଗୋଟିଏ ମ୍ୟାଚ ଖେଳିବ । ଏହି ମ୍ୟାଚ ଜିତିଲେ ଦଳ ୧୫ ପଏଣ୍ଟ ପାଇବ । ଏହା ସତ୍ତ୍ୱେ ପ୍ଲେ ଅଫ୍‌ସ ଖେଳିବା ଆଶ କ୍ଷୀଣ ହୋଇଛି ।

ପ୍ରଥମେ ବ୍ୟାଟିଂ କରିବା ରୟାଲ୍ସ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ ପାଇଥିଲା । ଅଭିଜ୍ଞ ବିରାଟ କୋହଲିଙ୍କ ଜାକବ ବେଥେଲ ଇନିଂସ ଓପନ କରିଥିଲେ । ପ୍ରଥମ ୱିକେଟ ପାଇଁ ଉଭୟଙ୍କ ମଧ୍ୟରେ ୨୧ ରନର ପାର୍ଟନରସିପ ହୋଇଥିଲା । ବେଥେଲ୍ ୭ ବଲରୁ ୧୧ ରନ କରି ହରପ୍ରିତ ବ୍ରାରଙ୍କ ଶିକାର ହୋଇଥିଲେ । କିନ୍ତୁ ବିରାଟ କୋହଲିଙ୍କ ବ୍ୟାଟରୁ ଆଉ ଏକ ଅର୍ଦ୍ଧଶତକ ଇନିଂସ ଦେଖିବାକୁ ମିଳିଥିଲା । କୋହଲି ୪ ଟି ଚୌକା ଓ ୩ ଟି ଛକା ସହାୟତାରେ ୩୭ ବଲରୁ ୫୮ ରନ କରିଥିଲେ । କୋହଲିଙ୍କ ପରେ ଦେବଦୃତ୍ତ ପଡିକାଲ ୨୫ ବଲରୁ ୪୫ ରନ କରିଥିଲେ । ତାଙ୍କର ଏହି ଇନିଂସରେ ୪ ଟି ଚୌକା ଓ ୩ ଟି ଛକା ସାମିଲ ଥିଲା । ତେବେ ଭେଙ୍କଟେସ ଆୟରଙ୍କ ଇନିଂସ ଦଳ ପାଇଁ ସଞ୍ଜିବନୀ ସାବ୍ୟସ୍ତ ହୋଇଥିଲା । ଭେଙ୍କଟେସ୍ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୪୦ ବଲରୁ ୮ ଚୌକା ଓ ୪ ଛକା ସହାୟତାରେ ୭୩ ରନ କରିଥିଲା । ତାଙ୍କ ଯୋଗୁଁ ଦଳୀୟ ସ୍କୋର ୨୨୨/୪ରେ ପହଞ୍ଚିପାରିଥିଲା । ଶେଷ ଭାଗରେ ଟିମ୍ ଡେଭିଡ୍ ୧୨ ବଲରୁ ୨୮ ରନ କରି ବହୁ ମୂଲ୍ୟ ଯୋଗଦାନ ଦେଇଥିଲେ । ବୋଲିଂରେ ପଞ୍ଜାବର ହରପ୍ରିତ ବ୍ରାର ୨ ଟି, ଅର୍ଶଦୀପ ସିଂ ଓ ୟୁଜଭେନ୍ଦ୍ର ଚହଲ ଗୋଟିଏ ଲେଖାଏଁ ୱିକେଟ ସଫଳତା ହାସଲ କରିଥିଲେ ।

୨୨୩ ରନର ବିଜୟ ଲକ୍ଷ୍ୟ ପଞ୍ଜାବ କିଙ୍ଗସ ପାଇଁ କଷ୍ଟସାଧ୍ୟ ଥିଲା । ଚାପ ଏପରି ଥିଲା ଦଳୀୟ ସ୍କୋର ୧୯ ରନ ବେଳେ ୩ ୱିକେଟ ହରାଇଥିଲା ପଞ୍ଜାବ । ବେଙ୍ଗାଲୁରୁର ସାଣିତ ବୋଲିଂ ଆଗରେ ପଞ୍ଜାବ ବ୍ୟାଟର ଚାପି ହୋଇଯାଇଥିଲେ । ଓପନର ପ୍ରିଙ୍ଗଶ ଆର୍ଯ୍ୟ ଖାତା ଖୋଲିପାରିନଥିଲେ । ପ୍ରଭସିମରନ ସିଂ ୨ ରନ ଓ ଅଧିନାୟକ ଶ୍ରେୟାସ ଆୟର ୧ ରନ କରି ପାଭିଲିୟନ ଫେରିଥିଲେ । ଶୀଘ୍ର ୩ ୱିକେଟ ପତନ ଯୋଗୁଁ ବଡ ଟାର୍ଗେଟକୁ ପିଛା କରୁଥିବା ପଞ୍ଜାବ ଲକ୍ଷ୍ୟ ସ୍ଥଳରେ ପହଞ୍ଚିପାରିବ ନାହିଁ ବୋଲି ପ୍ରତିୟମାନ ହେଉଥିଲା । କିନ୍ତୁ ମଧ୍ୟ ଭାଗରେ କୁପର କୋନୋଲି ୩୭ ରନ , ସୂର୍ଯ୍ୟାଂଶ ସେଗଡେ ୩୫ ରନ, ମାର୍କସ ଷ୍ଟୋଇନିସ ୩୭, ଶଶାଙ୍କ ସିଂ ୫୬ ଓ ଅଜମତୁଲା ଓମାରଜାଇ ୧୪ ରନ କରିଥିଲେ । ଏହା ସତ୍ତ୍ୱେ ପଞ୍ଜାବ ୨୦ ଓଭରରେ ୧୯୯/୮ ରନ କରିବାକୁ ସକ୍ଷମ ହୋଇଥିଲା । ପଞ୍ଜାବର ରସିକ ସଲାମ ୩ ଟି, ଭୁବନେଶ୍ୱର କୁମାର ୨ ଟି, ଜୋସ୍ ହାଜଲେଉଡ୍, ସୁୟାଶ ଶର୍ମା ତଥା ରୋମାରିଓ ସେଫର୍ଡ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

## ଧର୍ମଶାଳାରେ ଭୁବନେଶ୍ୱରଙ୍କ ଚମକ




ଧର୍ମଶାଳା, ୧୭।୫(ଏଜେନ୍ସି) : ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚରେ ବେଙ୍ଗାଲୁରୁ ଦ୍ରୁତ ବୋଲର ଭୁବନେଶ୍ୱର କୁମାର ଚମତ୍କାର ବୋଲିଂ ବଳରେ ଏକାଧିକ ରେକର୍ଡ କରିଛନ୍ତି । ମ୍ୟାଚର ପ୍ରଥମ ଓଭରରୁ ହିଁ ଭୁବନେଶ୍ୱର ନିଜର ସୁଇଙ୍ଗ ଯାଦୁ ଦେଖାଇଥିଲେ । ପ୍ରଥମ ଓଭରର ତୃତୀୟ ବଲରେ ପଞ୍ଜାବର ଓପନିଂ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟଙ୍କୁ ଆଉଟ୍ କରି ଦଳକୁ ପ୍ରଥମ ସଫଳତା ଦେଇଥିଲେ । ଦିଲ୍ଲୀର ଏହି ବାମହାତୀ ଓପନର ଭୁବିଙ୍କ ୩ ଟି ବଲର ସାମ୍ନା କରିଥିଲେ ମଧ୍ୟ ଗୋଟିଏ ହେଲେ ରନ ସଂଗ୍ରହ କରିବାକୁ ସଫଳ ହୋଇନଥିଲେ । ପାଳିର ତୃତୀୟ ଓଭରର ଶେଷ ବଲରେ ଭୁବି ପଞ୍ଜାବର ଦ୍ୱିତୀୟ ଓପନର ପ୍ରଭସିମରନ ସିଂଙ୍କୁ ଆଉଟ୍ କରି ପାଭିଲିୟନ ପଠାଇଥିଲେ । ଏହି ୱିକେଟ ହାସଲ କରିବା ସହିତ ଭୁବନେଶ୍ୱର କୁମାର ଆଇପିଏଲ ଇତିହାସରେ ଭାରତର ଦୁଇ ପୂର୍ବତନ ବୋଲର ଆଶିଷ ନେହେରା ଏବଂ ଅନିଲ କୁମ୍ବଲେଙ୍କୁ ପଛରେ ପକାଇ ଏକ ବଡ ରେକର୍ଡ ନିଜ ନାଁରେ କରିଛନ୍ତି । ଭୁବି ପୁଣି ଥରେ ପ୍ରମାଣ କରିଛନ୍ତି ଯେ, ଟି -୨୦ କ୍ରିକେଟରେ ସେ ଅନ୍ୟତମ ଶ୍ରେଷ୍ଠ ବୋଲର ।

## ବିରାଟଙ୍କ ନାଁରେ ନୂଆ ରେକର୍ଡ



ନୂଆଦିଲ୍ଲୀ, ୧୭।୫(ଏଜେନ୍ସି) : ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ତାରକା ବିରାଟ କୋହଲି ରବିବାର ନୂଆ ଇତିହାସ ରଚିଛନ୍ତି । ଧର୍ମଶାଳରେ ଅନୁଷ୍ଠିତ ମ୍ୟାଚରେ ରେକର୍ଡକରିଛନ୍ତି ବିରାଟ । ସେ ଏକମାତ୍ର ବ୍ୟାଟର ଭାବେ ଗୋଟିଏ ଫ୍ରାଞ୍ଚାଇଜ୍ ପାଇଁ ଓପନର ଭାବେ ୫୫୦୦ ରନ କରିଛନ୍ତି । ରବିବାର ମ୍ୟାଚ ପୂର୍ବରୁ କୋହଲି କୀର୍ତ୍ତିମାନ ସ୍ଥାପନ ପାଇଁ ମାତ୍ର ୭ ରନ ପଛରେ ଥିଲେ । ଅଜମତୁଲା ଓମାରଜାଇଙ୍କ ବଲରେ ଗୋଟିଏ ଛକା ମାରି ଏହି ସଫଳତା ହାସଲ କରିଥିଲେ । ମୋଟାମୋଟି ଭାବେ ଦେଖିବାକୁ ଗଲେ ଆଉ ଦୁଇଜଣ ବ୍ୟାଟର ଶିଖର ଧାୱନ ଓ ଡେଭିଡ ୱାର୍ଣ୍ଣର ଆଇପିଏଲରେ ଓପନର ଭାବେ ୫୫୦୦ ରନ କରିଛନ୍ତି । କିନ୍ତୁ ଏହି ଦୁଇ କ୍ରିକେଟ୍‌ର ଏକାଧିକ ଫ୍ରାଞ୍ଚାଇଜ ପାଇଁ ଏହି ରନ ସଂଗ୍ରହ କରିଛନ୍ତି । ବିରାଟ କୋହଲି ଆଇପିଏଲ ଆରମ୍ଭରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପାଇଁ ଖେଳିଆସୁଛନ୍ତି । ସେ ବେଙ୍ଗାଲୁରୁ ପକ୍ଷରୁ ୯ ହଜାରରୁ ଅଧିକ ରନ ସଂଗ୍ରହ କରିସାରିଲେଣି । ୨୭୯ ରନ ଖେଳି ୯୧୩୫ ରନ କରିଛନ୍ତି । ଏହା ସହିତ ଆଇପିଏଲ ଇତିହାସରେ ସର୍ବାଧିକ ରନ ସଂଗ୍ରହ କରିବାର ରେକର୍ଡ ତାଙ୍କ ନାଁରେ ରହିଛି । ଆଇପିଏଲରେ ଏପର୍ଯ୍ୟନ୍ତ ସେ ୯ ଟି ଶତକ ଓ ୬୬ ଟି ଅର୍ଦ୍ଧଶତକ ମାରିଛନ୍ତି । ପଞ୍ଜାବ କିଙ୍ଗସ ବିପକ୍ଷରେ ସେ ୩୭ ବଲରୁ ୫୮ ରନର ଜମାଣିଆ ଇନିଂସ ଖେଳିଥିଲେ ।

# ରାଜସ୍ଥାନକୁ ହରାଇଲା ଦିଲ୍ଲୀ

ନୂଆଦିଲ୍ଲୀ, ୧୭।୫(ଏଜେନ୍ସି) : ଆଇପିଏଲର ୬୨ତମ ଲିଗ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ବିପର୍ଯ୍ୟୟ ଘଟାଇଛି । ପ୍ଲେ ଅଫ ଆଶା ବାନ୍ଧିଥିବା ରାଜସ୍ଥାନ ରୟାଲ୍ସକୁ ୫ ୱିକେଟରେ ଦିଲ୍ଲୀ ପରାଜିତ କରିଛି । ଫଳରେ ରାଜସ୍ଥାନର ପ୍ଲେ ଅଫ ଆଶା ମଉଳିବାରେ ଲାଗିଛି । ରାଜସ୍ଥାନ ୧୨ ମ୍ୟାଚରୁ ୧୨ ପଏଣ୍ଟ ସହ ଷଷ୍ଠ ସ୍ଥାନକୁ ଖସିଥିବାବେଳେ ଦିଲ୍ଲୀ କ୍ୟାପିଟାଲ୍ସ ୧୩ ମ୍ୟାଚରୁ ୧୨ ପଏଣ୍ଟ ସହ ସପ୍ତମରେ ରହିଛି । ଏହି ମ୍ୟାଚରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୮ ୱିକେଟ ହରାଇ ୧୯୩ ରନ କରିଥିଲା । ଦଳ ପକ୍ଷରୁ ବୈଭବ ସୂର୍ଯ୍ୟବଂଶୀ ୪୬, ଧ୍ରୁବ ଜୁରେଲ ୫୩, ଅଧିନାୟକ ରିୟାନ ପରାଗ ୫୧ ରନ କରିଥିଲେ । ଦିଲ୍ଲୀର ମିଚେଲ ଷ୍ଟାର୍କଙ୍କୁ ସର୍ବାଧିକ ୪ ୱିକେଟ ସଫଳତା ମିଳିଥିଲା । ଜବାବରେ ଦିଲ୍ଲୀ ୧୯୪ ରନକୁ ପିଛା କରି ୧୯.୨ ଓଭରରେ ୧୯୭/୫ ରନ କରିଥିଲା । ଅଭିଶେକ୍ ପୋରେଲ ୫୧, ଲୋକେଶ ରାହୁଲ ୫୬, ଅକ୍ଷର ପଟେଲ ୩୪ ଏବଂ ଆଶୁତୋଷ ଶର୍ମା ୧୮ ରନ କରି ମ୍ୟାଚ ଜିତାଇଥିଲେ ।

### ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ବେଙ୍ଗାଲୁରୁ | ୧୩ | ୯ | ୪ | ୧୮ |
| ଗୁଜରାଟ | ୧୩ | ୮ | ୫ | ୧୬ |
| ସନରାଇଜର୍ସ | ୧୨ | ୭ | ୫ | ୧୪ |
| ପଞ୍ଜାବ | ୧୩ | ୬ | ୬ | ୧୩ |
| ରାଜସ୍ଥାନ | ୧୨ | ୬ | ୬ | ୧୨ |
| ଦିଲ୍ଲୀ | ୧୩ | ୬ | ୭ | ୧୨ |
| ଚେନ୍ନାଇ | ୧୨ | ୬ | ୬ | ୧୨ |
| କୋଲକାତା | ୧୨ | ୫ | ୬ | ୧୧ |
| ମୁମ୍ବାଇ | ୧୨ | ୪ | ୮ | ୮ |
| ଲକ୍ଷ୍ନୌ | ୧୨ | ୪ | ୮ | ୮ |

### ଆଜିର ମ୍ୟାଚ

- ଚେନ୍ନାଇ-ହାଇଦ୍ରାବାଦ
- ସ୍ଥାନ- ଚେନ୍ନାଇ
- ସମୟ- ରାତି ୭.୩୦
- ପ୍ରସାରଣ- ଷ୍ଟାର ନେଟୱାର୍କ

## ରାଜ୍ୟସ୍ତରୀୟ ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପାଇଁ ମୟୂରଭଞ୍ଜ ଦଳ ଘୋଷିତ

ବାରିପଦା, (ସବ୍ୟୁ) : ଓଡିଶା କ୍ରିକେଟ ଏସୋସିଏସନ ଆନୁକୂଲ୍ୟରେ କଟକ ଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ୧୯ବର୍ଷରୁ କମ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଦଳ ଘୋଷିତ ହୋଇଯାଇଛି। ଦଳରେ ବ୍ରିଜେଶ ମିଶ୍ର (ଅଧିନାୟକ), ରୋଶନ ଚୌଧୁରୀ (ଉପ ଅଧିନାୟକ), ସାହିଲ କୁମାର ମହାନ୍ତ, ସୁରେଇ ହେମ୍ବ୍ରମ, ଜି.ଏନ ବିଶ୍ୱପ୍ରକାଶ ସାହୁ, ପ୍ରିୟଙ୍କ ପଟ୍ଟନାୟକ, ରୁଚିକା ମଣ୍ଡଳ, ଦେବଶକ୍ତି ଗିରି, ଶୁଭମ ମହାନ୍ତ, ମହେନ୍ଦ୍ର ଦେ, ଗମ୍ଭୀର ମହାନ୍ତ, ଆଲୋକ ରଞ୍ଜନ ନାୟକ, ଅବିନାଶ ଦାସ, ଶମ୍ଭୁନାଥ ମୁଣ୍ଡା, ଆୟୁଷ ଗିରି, ସନ୍ଦୀପ ଶିବ ହାଁସଦାଃ, ରୋହିତ ପିଙ୍ଗୁଆ, ତନ୍ମୟ ସାହୁ, ଅବତାର ମହାପାତ୍ର ଓ ହିମାଂଶୁ ନାୟକ ସାମିଲ ଅଛନ୍ତି ବୋଲି କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ଜଣାଇଛନ୍ତି। ପୂର୍ବତନ ରାଜ୍ୟସ୍ତରୀୟ କ୍ରିକେଟ ଖେଳାଳି, ସୁନୀଲ କୁମାର ଜେନା, ସଞ୍ଜୟ ମାଇତି, ପ୍ରଭାସ ଚନ୍ଦ୍ର ଘଡେଇ, ମୟୂରଭଞ୍ଜ ଏଥଲେଟିକ ଏସୋସିଏସନର କୋଷାଧ୍ୟକ୍ଷ ଅମିତାଭ ଦାସ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ଅମ୍ବିକା ରାଉତ ତଥା କ୍ରିକେଟ ସମ୍ପାଦକ ପ୍ରସନ୍ନଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ଟୁର୍ଣ୍ଣାମେଣ୍ଟରେ ଦଳର ସଫଳତା କାମନା କରିଥିଲେ। ମୟୂରଭଞ୍ଜ ତାର ପ୍ରଥମ ମ୍ୟାଚ ମାଲକାନଗିରି ସହିତ ଚଳିତ ମାସ ୨୦ତାରିଖ ଦିନ ଖେଳିବ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଜଣାଇବା ସହ ଦଳର ସଫଳତା କାମନା କରିଛନ୍ତି ।

**ଥାଇଲାଣ୍ଡ ଓପନ**

## ସାତ୍ତ୍ୱିକ -ଚିରାଗଙ୍କୁ ରୌପ୍ୟ

ପାଟୁମୱାନ(ଥାଇଲାଣ୍ଡ), ୧୭।୫(ଏଜେନ୍ସି) : ଥାଇଲାଣ୍ଡ ଓପନରେ ଭାରତୀୟ ଯୁଗଳ ସାତ୍ତ୍ୱିକ ସାଇରାଜ ରଣକୀରେଡ୍ଡୀ ଓ ଚରାଗ ସେଟୀଙ୍କ ଯୋଡି ରୌପ୍ୟ ପଦକ ଜିତିଛନ୍ତି । ରବିବାର ଅନୁଷ୍ଠିତ ପୁରୁଷ ଡବଲ୍ସ ଫାଇନାଲରେ ସାତ୍ତ୍ୱିକ ଓ ଚିରାଗଙ୍କ ଯୋଡି ଇଣ୍ଡୋନେସିଆର ଲିଓ ରୋଲି କାର୍ନାଣ୍ଡୋ ଏବଂ ଡାନିଏଲ ମାର୍ଟିନଙ୍କ ନିକଟରୁ ୨୧-୧୨, ୨୫-୨୩ ଗେମରେ ପରାଜିତ ହୋଇଥିଲେ । ଫାଇନାଲ ମ୍ୟାଚ ୫୩ ମିନିଟ୍ ଖେଳାଯାଇଥିଲା । ପ୍ରଥମ ଗେମ୍‌ରେ ସାତ୍ତ୍ୱିକ -ଚିରାଗ ୨୧-୧୨ ଗେମରେ ହାରିଯାଇଥିଲେ । କିନ୍ତୁ ଦ୍ୱିତୀୟ ଗେମରେ ଦୁହେଁ ପ୍ରତ୍ୟାବର୍ତ୍ତନ କରିବାକୁ ଦୀର୍ଘ ସମୟ ଲଢିଥିଲେ । ଏପରିକି ଏହି ମ୍ୟାଚ ୨୫-୨୩ ଗେମ ପର୍ଯ୍ୟନ୍ତ ଯାଇଥିଲା ।

## ମାନସ ସିଂ ହ୍ୟାଣ୍ଡବଲ ଆସୋସିଏସନ ଇଣ୍ଡିଆ ଉପସଭାପତି

ଭୁବନେଶ୍ୱର, ୧୭।୫(ସବ୍ୟୁ) : ଲକ୍ଷ୍ନୌର ବାବୁ ବନାରସୀ ଦାସ ଷ୍ଟାଡିୟମରେ ଅନୁଷ୍ଠିତ ହ୍ୟାଣ୍ଡବଲ ଆସୋସିଏସନ ଇଣ୍ଡିଆର ସାଧାରଣ ପରିଷଦ ବୈଠକରେ ଓଡିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ମାନସ ସିଂଙ୍କୁ ଜାତୀୟ ସଂଘର ଉପସଭାପତି ତଥା ପୂର୍ବାଞ୍ଚଳ ହ୍ୟାଣ୍ଡବଲ ସଂଘର ଚେୟାରମ୍ୟାନ ଭାବେ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ଅବସରରେ ହ୍ୟାଣ୍ଡବଲ ସିଇଓ ଆନନ୍ଦେଶ୍ୱର ପାଣ୍ଡେ, ସଭାପତି ଅଳକା ଦାସ ଓ ସାଧାରଣ ସମ୍ପାଦକ ତେଜରାଜ ସିଂଙ୍କୁ ନୂଆ ଉପସଭାପତି ମାନସ ସିଂ କୃତଜ୍ଞତା ଜଣାଇବା ସହ ହ୍ୟାଣ୍ଡବଲର ବିକାଶ ପାଇଁ ସେ ସର୍ବଦା ଉଦ୍ୟମ କରିବେ ବୋଲି କହିଛନ୍ତି । ମାନସ ସିଂଙ୍କ ନୂତନ ଦାୟିତ୍ୱ ପାଇଁ ଓଡିଶା ରାଜ୍ୟ ହ୍ୟାଣ୍ଡବଲ ସଂଘର ସଭାପତି ଓ ସମସ୍ତ କର୍ମକର୍ତ୍ତା ଅଭିନନ୍ଦନ ଜଣାଇଛନ୍ତି ।




**ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ୍**

## ଆରିସନନ୍ଦ ଗୋସ୍ୱାମୀ ବିଜେତା

ଭୁବନେଶ୍ୱର, ୧୭।୫(ସବ୍ୟୁ) : କଳିଙ୍ଗନଗର ଡିଏଭି ପବ୍ଲିକ ସ୍କୁଲ ପ୍ରାଙ୍ଗଣରେ ୨୬ତମ ରାଜ୍ୟ ସ୍କୁଲ ଓପନ ଚେସ୍ ଚାମ୍ପିଅନସିପ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଆରିସ ନନ୍ଦ ଗୋସ୍ୱାମୀ ୪.୫ ପଏଣ୍ଟ ସହ ବିଜେତା ହୋଇଛନ୍ତି । ୫ ରନ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଆରିସ ୪ ଟି ବିଜୟ ଓ ଗୋଟିଏ ଡ୍ର ସହ ୪.୫ ପଏଣ୍ଟ ହାସଲ କରିଥିଲେ । ସେ ୟୁନିଟ୍ ଡିଏଭି ପବ୍ଲିକ ସ୍କୁଲର ଛାତ୍ର । କେନ୍ଦ୍ରୀୟ ବିଦ୍ୟାଳୟ ୧ ର ଶ୍ୱସ୍ତିକ ତ୍ରିପାଠୀ ଦ୍ୱିତୀୟ, କଳିଙ୍ଗନଗର ଡିଏଭିର ଆଦିତ୍ୟ ଜେନା ତୃତୀୟ, କଟକର ସିଡିଏ ଡିଏଭିର ପ୍ରିୟଦର୍ଶନ ରାୟ ଚତୁର୍ଥ ଏବଂ ୟୁନିଟ୍ ୮ ଡିଏଭିର ନମନ ପତି ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି । ବିଭିନ୍ନ ବୟସ ବର୍ଗରେ ୧୦ ଜଣଙ୍କୁ ତଥା ୭ ଜଣଙ୍କୁ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯାଇଥିଲା । ୩ ବର୍ଷର କୁନି ପ୍ରତିଭା କ୍ରିଷ୍ଟା କେଡିଆଙ୍କୁ ସର୍ବକନିଷ୍ଠ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଓଡିଶା ରାଜ୍ୟ ଚେସ୍ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, କଳିଙ୍ଗନଗର ଡିଏଭିର ଏକାଡେମୀକ୍ ସୁପର ଭାଇଜର ସର୍ମିଳା ଦାଶ ଏବଂ ବରିଷ୍ଠ କ୍ରୀଡା ଶିକ୍ଷକ ରବି ଶଙ୍କର ଉପସ୍ଥିତ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ ।

**ସୂଚନା**

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

## ରାଜ୍ୟ ସିନିୟର ସୁଇମିଂ ଚାମ୍ପିଅନସିପ୍ ଉଦ୍‌ଯାପିତ

## ପୁରୁଷରେ ଅଭିନବ, ମହିଳାରେ ପ୍ରତ୍ୟାଶା -ସ୍ରିଷ୍ଟି ବିଜେତା

ଭୁବନେଶ୍ୱର, ୧୭।୫(ସବ୍ୟୁ) : ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମର ଅକ୍ୱାଟିକ ସେଣ୍ଟର ଠାରେ ୧୬ ତାରିଖରୁ ଆରମ୍ଭ ହୋଇଥିବା ୬୬ତମ ଓଡିଶା ରାଜ୍ୟ ସିନିୟର ସୁଇମିଂ ଚମ୍ପିୟାନସିପ୍ ଉଦ୍ଯାପିତ ହୋଇଯାଇଅଛି । ଆଜିର ଉଦ୍‌ଯାପନି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଓଡିଶା ଅଲମ୍ପିକ ଏସୋସିଏସନର ସଭାପତି ସମୀର ମହାନ୍ତି ମୁଖ୍ୟ ଅତିଥି ଭାବରେ ଏବଂ ସମ୍ମାନିତ ଅତିଥି ଭାବରେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ ଯୋଗ ଦେଇ କୃତି ପ୍ରତିଯୋଗିମାନଙ୍କୁ ପୁରସ୍କୃତ କରିଥିଲେ । ଦ୍ୱିତୀୟ ଦିନ ଖେଳ ସମାପ୍ତ ସୁଦ୍ଧା ଖୋର୍ଦ୍ଧାର ଅଭିନବ କୁମାର ସିଂହ ପୁରୁଷ ବ୍ୟକ୍ତିଗତ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛନ୍ତି । ମହିଳା ବର୍ଗରେ ଖୋର୍ଦ୍ଧାର ପ୍ରତ୍ୟାଶା ରାଏ ଓ ସ୍ରିଷ୍ଟି ଉପାଧ୍ୟାୟ ପ୍ରତିଯୋଗିତାରେ ଯୁଗ୍ମ ଚମ୍ପିୟାନ ଆଖ୍ୟା ଅର୍ଜନ କରିଛନ୍ତି । ଓଭରଅଲ ଚମ୍ପିୟାନ ଭାବରେ ଖୋର୍ଦ୍ଧା ଜିଲ୍ଲା ଚାମ୍ପିଅନ ହୋଇଥିବା ବେଳେ ବରଗଡ ରନର୍ସ-ଅପ ଆଖ୍ୟା ଅର୍ଜନ କରିଛି । ଦ୍ୱିତୀୟ ଦିନ ପ୍ରତିଯୋଗିତାରେ ୮୦୦ ମି. ପୁରୁଷ ଫ୍ରିଷ୍ଟାଇଲ ରେ ଖୋର୍ଦ୍ଧାର ଅଭିନବ କୁମାର ସିଂହ ପ୍ରଥମ, ସମ୍ବଲପୁର ର ପିୟୁସ ଠାକୁର ଦ୍ୱିତୀୟ, ଖୋର୍ଦ୍ଧାର ଅଭିନାଶ ଦାଶ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଇଭେଣ୍ଟର ମହିଳା ବର୍ଗରେ ଖୋର୍ଦ୍ଧାର ଧାନଭି ଭୌମିକ, ଆୟୁଶ୍ରୀ ଦତ୍ତ, ଚିନ୍ମୟୀ ବେହେର ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅର୍ଜନ କରିଛନ୍ତି । ୪୦୦ ମିଟର ପୁରୁଷ ଇଣ୍ଡିଭିଜୁଏଲ ମିଡଲେ ରେ ଖୋର୍ଦ୍ଧାର ସାଇ ସ୍ୱରୁପ ସ୍ୱାଇଁ ପ୍ରଥମ, କିସ କିଟ ର ସାହିଲ ମାଝି ଦ୍ୱିତୀୟ, ସମ୍ବଲପୁରର ପୁୟୁଷ ଠାକୁର ତୃତୀୟ ସ୍ଥାନ ଅର୍ଜନ କରିଛନ୍ତି । ଏହି ଇଭେଣ୍ଟର ମହିଳା ବିଭାଗ ରେ ଖୋର୍ଦ୍ଧାର ପ୍ରତ୍ୟାଶା ରାଏ ପ୍ରଥମ, ଅନୁଶ୍ରୀ ଦତ୍ତା ଦ୍ୱିତୀୟ, ସମ୍ବଲପୁରର ଅଞ୍ଜଳ ବାଗ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପୁରୁଷ ୧୦୦ମିଟର ବଟରଫ୍ଲାଏ ରେ ଗଞ୍ଜାମର ସୁଭ୍ରନ୍ତ ପାତ୍ର ପ୍ରଥମ, ବରଗଡ ର ଅଂଶୁମାନ ବଶିଷ୍ଠ ଦ୍ୱିତୀୟ, ଖୋର୍ଦ୍ଧାର ସ୍ୱତିରଂଜନ ପଟଲ ସିଂହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଇଭେଣ୍ଟର ମହିଳା ବିଭାଗରେ ଖୋର୍ଦ୍ଧାର ସ୍ରିଷ୍ଟି ଉପାଧ୍ୟାୟ ପ୍ରଥମ, ଖୋର୍ଦ୍ଧାର ସୋନିଆ ପଟେଲ ଦ୍ୱିତୀୟ, କଟକର ପ୍ରତିକ୍ଷା ନନ୍ଦି ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ପୁରୁଷ ୧୦୦ ମିଟର ବେକ ଷ୍ଟ୍ରୋକରେ ଖୋର୍ଦ୍ଧାର ଅଭିନବ କୁମାର ସିଂହ ପ୍ରଥମ ଓ ବଲାଙ୍ଗିରର ଦୟାସାଗର କଠାର ଏବଂ ସ୍ୱାଗତ ସେଠ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ଏହି ଇଭେଣ୍ଟର ମହିଳା ବିଭାଗରେ ଖୋର୍ଦ୍ଧାର ପ୍ରତ୍ୟାଶା ରାଏ ପ୍ରଥମ ଏବଂ ଧନଭି ଭୌମିକ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ କିସ କିଟର ଅଞ୍ଜଳି ମୁଣ୍ଡା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ୫୦ ମିଟର ପୁରୁଷ ବେକଷ୍ଟ୍ରୋକରେ ବଲାଙ୍ଗିର ର ସୌରଭ ପୁଟେଲ ପ୍ରଥମ, ଖୋର୍ଦ୍ଧାର ସାଇ ସ୍ୱରୁପ ସ୍ୱାଇଁ ଦ୍ୱିତୀୟ, କଟକର ଅରିଷ୍ଟୋ ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଇଭେଣ୍ଟର ମହିଳା ବର୍ଗରେ କଟକର ଦିବ୍ୟାଙ୍କା ଦିବ୍ୟଜ୍ୟୋତି ପ୍ରଧାନ ପ୍ରଥମ, ଖୋର୍ଦ୍ଧାର ଅଂଶିକା ଆରାଧନା ସାହୁ ଦ୍ୱିତୀୟ, କିସ ଓ କିଟର ଅଞ୍ଜଳି ମଲ୍ଲିକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଓଡିଶା ରାଜ୍ୟ ସୁଇମିଂ ସଂଘ ସଭାପତି ପ୍ରଦୀପ କୁମାର ପାଢୀଙ୍କ ସଭାପତିତ୍ୱରେ ଉଦ୍ଘାପନି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓଡିଶା ଅଲମ୍ପିକ ଏସୋସିଏସନ ସଭାପତି ସମୀର ମହାନ୍ତି ଓ ସମ୍ମାନିତ ଅତିଥି ପାଟଣା ବିଧାୟକ ଙ୍କ ସହିତ ଅଖିଳ ଚନ୍ଦ୍ର ନାଏକ ସହ ସର୍ବ ଭାରତୀୟ ସୁଇମିଂ ସଂଘ ଯୁଗ୍ମ ସଂପାଦକ ଲକ୍ଷ୍ମୀ ଚନ୍ଦ୍ର ମହାକୁର, ରାଜ୍ୟ ସୁଇମିଂ ସଂଘ ସାଧାରଣ ସଂପାଦକ ଗୋଲାପ ମଣି ମହନ୍ତ, ରାଜ୍ୟ କୋଷାଧ୍ୟକ୍ଷ ବିଜୟ କୁମାର ଦିକ୍ଷିତ, ପ୍ରତିଯୋଗିତା ର ସମସ୍ତ ଟେକନିକାଲ ଅଫିସଆଲ ଓ ସୁଇମିଂ ସଂଘ କର୍ମକର୍ତ୍ତା ଉପସ୍ଥିତ ଥିଲେ ।




ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି